(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 27/2023 Page 20 ₹ 7.00

୪୯ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 272 ମୂଲ୍ୟ₹୭/-

## ୨ରେ ଲଘୁଚାପ

ଭୁବନେଶ୍ୱର,୨୬।୮(ଅନିଲ ଦାସ)

ଆସନ୍ତା ୩୦ ତାରିଖରେ ଉତ୍ତର-ପୂର୍ବ ବାଲାଂଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ବେଳକୁ ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସମ୍ଭାବ୍ୟ ଲଘୁଚାପ ରାଜ୍ୟର ବର୍ଷାଭାବକୁ ଦୂରକରିବା ସମ୍ଭାବନା କ୍ଷୀଣ। ଉତ୍ତର ଓଡ଼ିଶାର କିଛି ଜିଲାରେ ବର୍ଷା ହେଲେ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏହା ପ୍ରଭାବହୀନ ରହିବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଦୁର୍ବଳ ମୌସୁମୀ ଯୋଗୁ ରାଜ୍ୟର ୧୧ ଜିଲାରେ ପରିସ୍ଥିତି ସଙ୍ଗିନ ହୋଇଛି । ପାଣିପାଗ ବିଭାଗ ହିସାବ ଅନୁଯାୟୀ, ଜୁନ୍ ପହିଲାରୁ ଅଗଷ୍ଟ ୨୬ ଯାଏ ରାଜ୍ୟରେ ୮୫୬.୭ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୭୭୮.୪ ମିଲିମିଟର। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ମହାକାଶରେ ପ୍ରଗତି

**ଆଜିର ମନ୍ତବ୍ୟ**

“ଲାଲ ଡାଏରିରେ ରାଜସ୍ଥାନ ସରକାରଙ୍କ କଳା କାରନାମା ଓ ଦୁର୍ନୀତି ଲୁଚି ରହିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଇସ୍ତଫା ଦିଅନ୍ତୁ।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

# ନବୀନ ପୁଣି ନଂ.୧ ମୁଖ୍ୟମନ୍ତ୍ରୀ

## ୨୩ ବର୍ଷ ଶାସନ ପରେ ବି ସର୍ବାଗ୍ରେ

**ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ ବର୍ଷ କ୍ଷମତାରେ ରହିବା ପରେ ବି ଲୋକପ୍ରିୟତାର ଶୀର୍ଷରେ ରହିଛନ୍ତି। ରାଜ୍ୟର ୬୧.୩% ଲୋକ ନବୀନଙ୍କୁ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରୂପେ ଭୋଟ ଦେଇଥିବା ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରୁ ଜଣାପଡ଼ିଛି। ଏହି କ୍ଷେତ୍ରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ୫୯.୧% ସମର୍ଥନ ସହ ଦେଶର ଦ୍ୱିତୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମାନ୍ୟତା ଲାଭ କରିଛନ୍ତି। ଅରବିନ୍ଦ କେଜ୍‌ରିୱାଲ(ଦିଲ୍ଲୀ) ୫୭.୭%, ଭୂପେନ୍ଦ୍ର ପଟେଲ (ଗୁଜରାଟ) ୫୫.୩% ଏବଂ ହିମନ୍ତ ବିଶ୍ୱଶର୍ମା (ଆସାମ) ୪୯.୨% ଭୋଟ ପାଇ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି।**



ଭୁବନେଶ୍ୱର,୨୬।୮(ଅନିଲ ଦାସ)

୫ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ପରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ଛବି ଅମଳିନ ରହିଛି। ରାଜ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପୁଣିଥରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ସର୍ଭେରେ ନବୀନ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସ୍ଥାନ ବଜାୟ ରଖିଛନ୍ତି । ସର୍ଭେରେ ମୋଟ ୩୭୬୦ ଜଣଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେଥିରେ ନବୀନ ରାଜ୍ୟରେ ୬୧.୩ ପ୍ରତିଶତ ସମର୍ଥନ ପାଇ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୦୦ ମସିହାରୁ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଭାବେ ସୁଶାସନ, ବିକାଶ, ଜନହିତକର କାର୍ଯ୍ୟ ଯୋଗାଇ ଜାତୀୟ ସ୍ତରରେ ବାରମ୍ବାର ଏକ ନମ୍ବର ହୋଇଆସୁଛନ୍ତି। ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, କ୍ରୀଡ଼ା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରି ନବୀନ ରାଜ୍ୟବାସୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ମୋ ସରକାର, ୫-ଟି ରୂପାନ୍ତରଣ ଜରିଆରେ ଓଡ଼ିଶାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ନବୀନ ସଫଳ ହୋଇଛନ୍ତି। ତେବେ ଗତବର୍ଷ ସର୍ଭେରେ ନବୀନଙ୍କୁ ୭୮ ପ୍ରତିଶତ ସମର୍ଥନ ମିଳିଥିବା ବେଳେ ଚଳିତ ସର୍ଭେରେ ଏହା ୬୧.୩ ପ୍ରତିଶତକୁ ଖସି ଆସିଥିବା ରିପୋର୍ଟରେ କୁହାଯାଇଛି। ସେହିପରି ଇଣ୍ଡିଆ ଟୁଡେ ସର୍ଭେ ତାଲିକାର ଦ୍ୱିତୀୟ ସ୍ଥାନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ରହିଛନ୍ତି। ତାଙ୍କୁ ୫୯. ୧ ପ୍ରତିଶତ ସମର୍ଥନ ମିଳିଛି। ତୃତୀୟ ସ୍ଥାନରେ ରହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ତାଙ୍କୁ ୫୭.୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ସେହିପରି ଚତୁର୍ଥ ସ୍ଥାନରେ ରହିଛନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ। ତାଙ୍କ କାର୍ଯ୍ୟଶୈଳୀକୁ ୫୫.୩ ପ୍ରତିଶତ ସମର୍ଥନ ମିଳିଛି। ପଞ୍ଚମ ସ୍ଥାନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରହିଛନ୍ତି। ତାଙ୍କ କାମରେ ୪୯.୨ ପ୍ରତିଶତ ଲୋକ ଖୁସିଥିବା ରିପୋର୍ଟରେ ଦର୍ଶାଯାଇଛି।

ସେହିପରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶରେ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସର୍ଭେ ପକ୍ଷରୁ ସମଗ୍ର ଦେଶରୁ ୧,୩୪,୪୮୭ ଜଣଙ୍କଠାରୁ ମତାମତ ନିଆଯାଇଥିଲା। ଦେଶର ୪୮% ଲୋକ ଯୋଗୀଙ୍କ କାର୍ଯ୍ୟଶୈଳୀକୁ ପସନ୍ଦ କରିଛନ୍ତି। ସେହିପରି ଦେଶରେ ଅରବିନ୍ଦ କେଜ୍‌ରିୱାଲ ଦ୍ୱିତୀୟ ଜନପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ରହିଥିବା ବେଳେ ତୃତୀୟ ସ୍ଥାନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ୪ର୍ଥ ସ୍ଥାନରେ ରହିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ।






## ସଂକ୍ଷେପରେ

### ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଭୋପାଳ,୨୬।୮:** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶନିବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି। ଭାଜପାର ୩ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ମନ୍ତ୍ରୀ ପରିଷଦରେ ଜାତି ଓ ଅଞ୍ଚଳ ସମୀକରଣରେ ସନ୍ତୁଳନ ପାଇଁ ସମ୍ପ୍ରସାରଣ କରାଯାଇଥିବା କୁହାଯାଉଛି। ୩ ନୂଆ ମନ୍ତ୍ରୀଙ୍କ ମଧ୍ୟରୁ ରାଜେନ୍ଦ୍ର ଶୁକ୍ଳା ବ୍ରାହ୍ମଣ ହୋଇଥିବାବେଳେ ଗୌରୀଶଙ୍କର ବିସେନ୍ ଏବଂ ରାହୁଲ ଲୋଧି ଅନ୍ୟାନ୍ୟ ପଛୁଆ ବର୍ଗର। ସେମାନଙ୍କୁ ମିଶାଇ ଶିବରାଜଙ୍କ କ୍ୟାବିନେଟର ମନ୍ତ୍ରୀ ସଂଖ୍ୟା ୩୪ରେ ପହଞ୍ଚିଛି। ରାଜ୍ୟପାଳ ମଙ୍ଗୁଭାଇ ପଟେଲ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

### ଅଦାଲତ ଭାଷାରେ ଚାର୍ଜଶିଟ୍ ଦାଖଲ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୮(ପି.ଟି.):** ତଦନ୍ତକାରୀ ସଂସ୍ଥା ଅଦାଲତି ଭାଷାରେ ଚାର୍ଜଶିଟ୍ ଦାଖଲ କରିବା ଅନିବାର୍ଯ୍ୟ ନୁହେଁ। ଏଥିପାଇଁ କ୍ରିମିନାଲ ପ୍ରୋସିଜିଓର କୋଡ୍ (ସିଆର୍‌ପିସି)ରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ଥିବା ସୁପ୍ରିମକୋର୍ଟ କହିଛନ୍ତି। ସିଆର୍‌ପିସିର ଧାରା ୨୭୨ରେ କୋର୍ଟରେ କେଉଁ ଭାଷା ବ୍ୟବହାର କରାଯିବ ତାହା ଉଲ୍ଲେଖ ରହିଛି। ହାଇକୋର୍ଟ ଭିନ୍ନ ରାଜ୍ୟର ଅନ୍ୟ ଅଦାଲତଗୁଡ଼ିକରେ କ'ଣ ଭାଷା ବ୍ୟବହାର କରାଯିବା ସେ ନେଇ ସମ୍ପୃକ୍ତ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଏଥିରେ କୁହାଯାଇଛି। ବ୍ୟାପମ ଦୁର୍ନୀତି ମାମଲାରେ ଚାର୍ଜଶିଟ୍‌ର ନକଲ ହିନ୍ଦୀ ଭାଷାରେ ଦେବା ଲାଗି ମଧ୍ୟପ୍ରଦେଶ ହାଇକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସିବିଆଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଉକ୍ତ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ଉପରୋକ୍ତ ରୁଲିଂ ଦେଇଛନ୍ତି।

### ସ୍ତ୍ରୀଙ୍କୁ ଛାଡ଼ି ଅଲଗା ରହିବା ଛାଡ଼ପତ୍ର ନୁହେଁ: ହାଇକୋର୍ଟ

**ପାଟନା,୨୬।୮:** ସ୍ତ୍ରୀଙ୍କୁ ଛାଡ଼ି ଜଣେ ଲୋକ ଆର୍‌ଏସ୍‌ଏସ୍ ଅଫିସରେ ରହୁଥିଲେ। ତଳକୋର୍ଟ ସେମାନଙ୍କୁ ଛାଡ଼ପତ୍ର ପାଇଁ ଅନୁମତି ଦେଇଥିଲେ। ରାୟ ବିରୋଧରେ ମହିଳା ଜଣକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାରକରି ତଳ କୋର୍ଟର ରାୟକୁ ରଦ୍ଦ କରିଛନ୍ତି। ଜଷ୍ଟିସ୍ ପି.ବି. ବଜନ୍ତ୍ରି ଏବଂ ଜିତେନ୍ଦ୍ର କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଶା ଗୁପ୍ତାଙ୍କ ପିଟିଶନର ଶୁଣାଣି କରିଥିଲେ। ୨୦୧୭ ଅକ୍ଟୋବର ୭ରେ ନାଳନ୍ଦା ପରିବାର ଅଦାଲତ ଦ୍ୱାରା ଦିଆଯାଇଥିବା ରାୟକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଭିଯୁକ୍ତ ଉଦୟ ଚାନ୍ଦ ଗୁପ୍ତା, ନିଶାଙ୍କୁ ୧୯୮୭ରେ ବିବାହ କରିଥିଲେ ଏବଂ ସେମାନଙ୍କର ୨ଟି ପୁଅ ଅଛନ୍ତି। ହେଲେ ଅଭିଯୁକ୍ତ ଜଣକ ତାଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଥିବା ଅଭିଯୋଗ କରି ଛାଡ଼ପତ୍ର ଦେବା ପାଇଁ ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ହାଇକୋର୍ଟ କହିଥିଲେ, ବୈବାହିକ ଜୀବନରେ ଛୋଟ ବଡ଼ କଳି ହୋଇଥାଏ, ତେବେ ଏଠାରେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ନିର୍ଯାତନା ଦେଉଥିବାର କୌଣସି ଠିକ୍ ପ୍ରମାଣ ମିଳିନାହିଁ। ସେହିପରି ପୀଡ଼ିତା ଜଣକ ବର୍ତ୍ତମାନ ସୁଦ୍ଧା ତାଙ୍କ ଦୁଇ ପୁଅ ସହିତ ଶାଶୁଘରେ ରହି ଆସୁଥିବାବେଳେ ଅଭିଯୁକ୍ତ ସ୍ୱାମୀ ଘରେ ରହିବା ବଦଳରେ ଆର୍‌ଏସ୍‌ଏସ୍ ଅଫିସରେ ରହୁଛନ୍ତି। ଏଭଳି ସ୍ଥିତିରେ ଛାଡ଼ପତ୍ର ମାମଲାକୁ ରଦ୍ଦ କରାଯାଉଛି ବୋଲି ଖଣ୍ଡପୀଠ କହିଛନ୍ତି।



ଚେନ୍ନାଇର ଏଡ୍‌ୱାର୍ଡ ଏଲିଅଟ୍ସ ବେଳାଭୂମିରେ ଲୋକମାନେ ଭ୍ରମଣ କରୁଛନ୍ତି।

# ମୁସଲମାନ ଛାତ୍ରଙ୍କୁ ମାଡ଼ ମରାଇଲେ ଶିକ୍ଷୟିତ୍ରୀ

## ମାମଲା ରୁଜୁ

**ମୁଜାଫରପୁର,୨୬।୮ (ପି.ଟି.)**

ଉତ୍ତରପ୍ରଦେଶ ମୁଜାଫରପୁରରେ ଜଣେ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସହପାଠୀମାନେ ଦ୍ୱିତୀୟ ଶ୍ରେଣୀର ଜଣେ ମୁସଲମାନ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଶିକ୍ଷୟିତ୍ରୀ ଜଣକ ସାମ୍ପ୍ରଦାୟିକ ମନ୍ତବ୍ୟ ଦେବା ସହ ଛାତ୍ରମାନଙ୍କୁ ଚାପୁଡ଼ା ମାରିବା ପାଇଁ ନିର୍ଦ୍ଦେଶ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀଙ୍କ ବିରୋଧରେ ଶନିବାର ମୁଜାଫରନଗର ପୋଲିସ ମାମଲା ରୁଜୁ କରିଛି। ଖୁବାପୁର ଗ୍ରାମର ନେହା ପବ୍ଲିକ୍ ସ୍କୁଲ୍‌ରେ ଏହି ଘଟଣା ଘଟିଛି। ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ରାଜନେତାମାନେ ଏହାକୁ ଭାଜପାର ଘୃଣା ରାଜନୀତି କହି କଡ଼ା ସମାଲୋଚନା କରିଛନ୍ତି। ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଏନ୍‌ସିପି-ସିଆର୍ ନେତା ଏବଂ ଶିଶୁ ଅଧିକାରୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଛାତ୍ରଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ତ୍ୟାଗୀଙ୍କ ବିରୋଧରେ ଆଇପିସିର ଧାରା ୩୨୩ ଏବଂ ୫୦୪ରେ ମାମଲା ରୁଜୁ ହୋଇଛି। ଏହା ଜାମିନଯୋଗ୍ୟ ଦଫା ହୋଇଥିବାରୁ ଶିକ୍ଷୟିତ୍ରୀ ଗିରଫ ହୋଇ ନ ପାରନ୍ତି।



ଅଭିଯୁକ୍ତ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀ।



ଛାତ୍ରଙ୍କୁ ସହପାଠୀ ଚାପୁଡ଼ା ମାରୁଥିବାର ଭିଡ଼ିଓ।

ଅନ୍ୟପକ୍ଷରେ ଅଭିଯୁକ୍ତ ଶିକ୍ଷୟିତ୍ରୀ ତ୍ୟାଗୀ କହିଛନ୍ତି, ଉତ୍ତେଜନା ସୃଷ୍ଟି ଲାଗି ଭିଡିଓକୁ ଜାଲିଆତି କରାଯାଇଛି। ପୀଡ଼ିତ ଛାତ୍ରଙ୍କ ଜଣେ ଦାଦା ଉକ୍ତ ଭିଡିଓ ଶୁଟ୍ କରିଥିଲେ ବୋଲି ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଛାତ୍ର ଜଣକ ପାଠପଢ଼ା କରି ନ ଥିବାରୁ ତାଙ୍କୁ ଦଣ୍ଡ ଦେବା ଆବଶ୍ୟକ ଥିଲା। ତେବେ ଶିକ୍ଷୟିତ୍ରୀ ଜଣେ ଭିନ୍ନକ୍ଷମ ଏବଂ ସେ ଛିଡ଼ାହୋଇ ଛାତ୍ରଙ୍କ ପାଖକୁ ଯିବାକୁ ସମର୍ଥ ନ ଥିବାରୁ ଚାପୁଡ଼ା ମାରିବା ପାଇଁ ସେ ଅନ୍ୟ ଛାତ୍ରଙ୍କୁ କହିଥିଲେ ବୋଲି ସଫେଇ ଦେଇଛନ୍ତି। ମୁଜାଫରନଗରର ମୌଳିକ ଶିକ୍ଷା ଅଧିକାରୀ ଶୁଭମ୍ ଶୁକ୍ଳା ସ୍କୁଲ୍ ପରିଚାଳନା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ପଠାଇଛନ୍ତି। ଉକ୍ତ ସ୍କୁଲ୍‌କୁ ସରକାରୀ ସ୍ୱୀକୃତି କାହିଁକି ବାତିଲ କରା ନ ଯିବ ଅଗଷ୍ଟ ୨୮ ସୁଦ୍ଧା ଜବାବ ଦେବାକୁ କୁହାଯାଇଛି।

### ଭାଜପା ଘୃଣା ରାଜନୀତି କରୁଛି: ବିରୋଧୀ

ଶିକ୍ଷୟିତ୍ରୀ ସାମ୍ପ୍ରଦାୟିକ ମନ୍ତବ୍ୟ ଦେବା ଓ ଜଣେ ମୁସଲମାନ ଛାତ୍ର ହୋମ୍‌ୱାର୍କ କରି ନ ଥିବାରୁ ଅନ୍ୟ ପିଲାଙ୍କ ଦ୍ୱାରା ତାଙ୍କୁ ମାଡ଼ ମରାଇବା ଘଟଣା ଏବେ ରାଜନୈତିକ ରୂପ ନେଇଛି। ଧର୍ମୀୟ ପାତରଅନ୍ତର ଯୋଗୁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଯେଭଳି ଅନ୍ୟ ପିଲାଙ୍କ ଦ୍ୱାରା ମାଡ଼ ମରାଇଲେ, ତାହା ଭାଜପା-ଆର୍‌ଏସ୍‌ଏସ୍‌ର ଘୃଣାପୂର୍ଣ୍ଣ ରାଜନୀତିର ପରିଣାମ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଭଳି ଘଟଣା ସାରା ବିଶ୍ୱରେ ଆମ ଛବିକୁ ମଳିନ କରିବ। ଏହା ସମ୍ବିଧାନ ବିରୋଧୀ ବୋଲି ଖାର୍ଗେ ଏକ୍ସରେ ପୋଷ୍ଟ କରିଛନ୍ତି। ଗତ ମାସ ୩୧ରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ଜଣେ ଯବାନ ଧର୍ମ ନାମରେ ଟ୍ରେନ୍ ଭିତରେ ନିଜର ଉପରିସ୍ଥ ଅଧିକାରୀ ଓ ୩ ଜଣ ଯାତ୍ରୀଙ୍କୁ ଗୁଳିକରି ହତ୍ୟା କରିଥିଲେ ବୋଲି ଖାର୍ଗେ କହିଛନ୍ତି।

ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାହିଁକି ଦୁର୍ବଳ ଧାରା ଲାଗୁ କରାଗଲା ବୋଲି ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୃଣା କାରଖାନାର ପରିଚାଳକ ବୋଲି ଡେରେକ୍ ଅଭିଯୋଗ କରିଛନ୍ତି। ଏହା ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଘୃଣା ରାଜନୀତି ବୋଲି ସମାଜବାଦୀ ପାର୍ଟି କହିଛି। ସମ୍ପୃକ୍ତା ଶିୟୟିତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯିବା ସହ ତାଙ୍କୁ ଶିକ୍ଷକ ସମାଜର କଳଙ୍କ କୁହାଯାଉ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଲୋକ ଦଳ ଅଧ୍ୟକ୍ଷ ଜୟନ୍ତ ଚୌଧରୀ ପୀଡ଼ିତ ଛାତ୍ରଙ୍କ ବାପା ଇର୍ଶାଦଙ୍କ ସହ କଥା ହୋଇ ତାଙ୍କୁ ସୁନିଶ୍ଚିତ ନ୍ୟାୟ ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ଅନ୍ୟ ପିଲାଙ୍କ ଦ୍ୱାରା ଶିକ୍ଷୟିତ୍ରୀ ଜଣେ ମୁସଲମାନ ଛାତ୍ରଙ୍କୁ ମାଡ଼ ମରାଇବା ଘଟଣା ଲଜ୍ଜାଜନକ ବୋଲି ପିଲିଭିଟ୍ ଭାଜପା ଏମ୍‌ପି ବରୁଣ ଗାନ୍ଧୀ କହିଛନ୍ତି।

## ନାସାର ୬ ମାସିଆ ମିଶନ

**କେପ୍ କାନାଭେରାଲ,୨୬।୮**

୪ ଦେଶରୁ ୪ଜଣ ମହାକାଶ ବିଜ୍ଞାନୀ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଅଭିମୁଖେ ଶନିବାର ଯାତ୍ରା କରିଛନ୍ତି। ରବିବାର ସେମାନେ ଗବେଷଣାକେନ୍ଦ୍ରରେ ପହଞ୍ଚିବା ସହ ଗତ ମାର୍ଚ୍ଚରୁ ସେଠାରେ ରହି ଆସୁଥିବା ଅନ୍ୟ ମହାକାଶ ବିଜ୍ଞାନୀଙ୍କ ସ୍ଥାନ ନେବେ। ଏହି ୪ ଜଣିଆ ମହାକାଶ ବିଜ୍ଞାନୀଙ୍କ ଦଳରେ ନାସା ସମେତ ଡେନ୍‌ମାର୍କ, ଜାପାନ ଏବଂ ରୁଷିଆର ବୈଜ୍ଞାନିକ ଅଛନ୍ତି। ଆମେରିକା ଦ୍ୱାରା ଆରମ୍ଭ ହୋଇଥିବା ଏହି ମିଶନରେ ପ୍ରଥମ ଥର ଲାଗି ୪ ଦେଶର ମହାକାଶ ବିଜ୍ଞାନୀ ଏକାଠି ଯାତ୍ରା କରିଛନ୍ତି। ଏହି ମିଶନରେ ୟୁରୋପୀୟ ମହାକାଶ ସଂସ୍ଥାର ଆଣ୍ଡେରସ୍ ମୋଗେନସନ୍, ଜାପାନର ସତୋଶୀ ଫୁରୁକାୱା ଏବଂ ରୁଷିଆର କୋନଷ୍ଟାନଟିନ୍ ବୋରିସଭ୍ ସାମିଲ ଅଛନ୍ତି। ମହାକାଶ ବିଷୟରେ ଅଧିକ ଗବେଷଣା କରିବାକୁ ହେଲେ ଆମକୁ ଏକାଠି କାମ କରିବାକୁ ପଡ଼ିବ ବୋଲି ୟୁରୋପୀୟନ ମହାକାଶ ସଂସ୍ଥାର ମହାନିର୍ଦ୍ଦେଶକ ଜେସେଫ୍ ଆସବାଚେର୍ କହିଛନ୍ତି। ସେହିପରି ନାସାର ଆଉ ଜଣେ ମହାକାଶ ବିଜ୍ଞାନୀ ଦୁଇ ରୁଷିଆ ବିଜ୍ଞାନୀଙ୍କ ସହ ମିଶି ସେପ୍ଟେମ୍ବରରେ କାଜାଖସ୍ତାନ୍ ମହାକାଶ ବିଜ୍ଞାନ କେନ୍ଦ୍ରରୁ ଯାତ୍ରା ଆରମ୍ଭ କରିବେ।

### ୪ ଦେଶର ମହାକାଶ ବିଜ୍ଞାନୀ ସାମିଲ



## ସେପ୍ଟେମ୍ବର ୨ରେ ଇସ୍ରୋର ସୂର୍ଯ୍ୟ ଅଭିଯାନ

**ବେଙ୍ଗାଲୁରୁ,୨୬।୮**

ଚନ୍ଦ୍ରୟାନ-୩ ସଫଳ ହେବା ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୂର୍ଯ୍ୟ ଅଭିଯାନ ଆରମ୍ଭ ଲାଗି ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ପାଇଁ ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍୧କୁ ଲଞ୍ଚ କରିବା ଲାଗି ଯୋଜନା ହୋଇଛି। ଏହି ମହାକାଶ ଯାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଏଲ୍୧ (ସୂର୍ଯ୍ୟ-ପୃଥିବୀର ଲାଗ୍ରାନ୍‌ଜିଆନ୍ ପଏଣ୍ଟ)ରୁ ସୋଲାର କରୋନା ଏବଂ ସୋଲାର ୱିଣ୍ଡର ଅନୁଧ୍ୟାନ କରିବ। ସୂର୍ଯ୍ୟଙ୍କ ଉପରେ ଅନୁଧ୍ୟାନ କରିବାରେ ଏହା ଭାରତର ପ୍ରଥମ ସ୍ପେସ୍ ମିଶନ ହେବ। ଏଲ୍୧ ଚତୁଃପାର୍ଶ୍ୱରେ ଥିବା କକ୍ଷରୁ ଆଦିତ୍ୟ-ଏଲ୍୧ ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ଚଳାଇବ। ସୂର୍ଯ୍ୟଙ୍କ ଫଟୋସ୍ପିୟର, କ୍ରୋମୋସ୍ପିୟର ଏବଂ ବାହ୍ୟ ସ୍ତର କରୋନାର ଅନୁଧ୍ୟାନ ଲାଗି ଉକ୍ତ ମହାକାଶ ଯାନରେ ବିଭିନ୍ନ ୱେଭ୍ ବ୍ରାଣ୍ଡର ୭ଟି ପ୍ଲେଲୋଡ୍ ରହିବ। ଆଦିତ୍ୟ-ଏଲ୍୧ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ଏହାର ଭିଜିବଲ୍ ଏମିଶନ ଲାଇନ କରୋନାଗ୍ରାଫ୍ ପ୍ଲେଲୋଡ୍ ପ୍ରସ୍ତୁତ କରିବାରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ(ଆଇଆଇଏ) ମୁଖ୍ୟ ଅନୁଷ୍ଠାନ। ସେହିପରି ପୁଣେର ଇଣ୍ଟରୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ ମିଶନ ପାଇଁ ସୋଲାର ଅଲ୍‌ଟ୍ରାଭାଓଲେଟ୍ ଇମେଜର ପ୍ଲେଲୋଡ୍ ବିକଶିତ କରିଛି।



## ବର୍ଷୀୟାନ ବଲିଉଡ୍ ଗୀତିକାର ଦେବ କୋହଲିଙ୍କ ପରଲୋକ



**ମୁମ୍ବାଇ,୨୬।୮**

ବଲିଉଡ୍ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଗୀତିକାର ଦେବ କୋହଲିଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ମୈନେ ପ୍ୟାର କିୟା, ବାଜିଗର, ଜୁଡ୍‌ୱା-୨, ମୁସାଫିର, ଶୁଟ୍ ଆଉଟ୍ ଆଟ୍ ଲୋଖଣ୍ଡୱାଲା ଭଳି ଶତାଧିକ ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଥିଲେ। ସେ ସଙ୍ଗୀତ ନିର୍ଦ୍ଦେଶକ ଅନୁ ମଲିକ, ରାମଲକ୍ଷ୍ମଣ, ଆନନ୍ଦ ରାଜ ଆନନ୍ଦ, ଆନନ୍ଦ ମିଲିନ୍ଦଙ୍କ ସହ କାମ କରିଛନ୍ତି। କୋହଲି କିଛି ମାସ ହେବ ଅସୁସ୍ଥ ଥିଲେ। ସେ ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ଭର୍ତ୍ତି ହୋଇ ୧୦ ଦିନ ପୂର୍ବରୁ ଘରକୁ ଫେରିଥିଲେ। ପାକିସ୍ତାନର ରାୱଲପିଣ୍ଡିରେ ଏକ ଶିଖ୍ ପରିବାରରେ ଜନ୍ମିତ କୋହଲି ଦେଶ ବିଭାଜନ ବେଳେ ଡେରାଡୁନ୍ ଚାଲିଆସିଥିଲେ। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

## ମଣିପୁର ହିଂସା: ସିବିଆଇ ମାମଲା ଆସାମ ଗଲା

**ନୂଆଦିଲ୍ଲୀ, ୨୬।୮**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତାଧୀନ ମଣିପୁର ହିଂସାର ୧୭ଟି ମାମଲା ପଡ଼ୋଶୀ ଆସାମକୁ ସ୍ଥାନାନ୍ତର କରିଛନ୍ତି। ସେଥିମଧ୍ୟରୁ ଦୁଇ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବା ନେଇ ଭାଇରାଲ ହୋଇଥିବା ଭିଡିଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ମାମଲାଗୁଡ଼ିକର ଶୁଣାଣି ପାଇଁ ଜଣେ କିମ୍ବା ଏକାଧିକ ବିଚାରପତିଙ୍କୁ ମନୋନୀତ କରିବା ସକାଶେ ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। କୋର୍ଟଦ୍ୱାରା ପୀଡ଼ିତା ପୀଡ଼ିତ ଏବଂ ସାକ୍ଷୀମାନଙ୍କ ଭର୍ଚୁଆଲ ଜବାବ ସୁଆଲ ସମେତ ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସାମକୁ ସିବିଆଇ ମାମଲା ସ୍ଥାନାନ୍ତର ବିରୋଧରେ ଅନେକ ଓକିଲ ବାଢ଼ିଥିବା ଯୁକ୍ତିକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। କେନ୍ଦ୍ର ଏବଂ ମଣିପୁର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର୍ ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଆସାମରେ ଉନ୍ନତ ଇଣ୍ଟରନେଟ ସଂଯୋଗ ଥିବାରୁ ଏପରି ପ୍ରସ୍ତାବ ଦିଆଯାଇଥିଲା। ଉଭୟ ପକ୍ଷ(କୁକି ଓ ମେଇତି)କ୍ଷତିଗ୍ରସ୍ତ ହୋଇଛନ୍ତି। ଉପତ୍ୟକା ଓ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଏହି ସମ୍ପ୍ରଦାୟର ଲୋକେ ଗୋଟିଏ ସ୍ଥାନରେ ଶୁଣାଣି ହେଲେ ପହଞ୍ଚିବା କଷ୍ଟକର ହୋଇଯିବ।

## ନୁହରେ ପୁଣି ୧୪୪ ଧାରା ଜାରି

**ଚଣ୍ଡିଗଡ଼,୨୬।୮**

ଆସନ୍ତା ୨୮ ତାରିଖରେ ହରିୟାଣାର ନୁହ ଜିଲାରେ ପୁଣିଏକ ଧାର୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ନୁହ ଜିଲାରେ ପୁନର୍ବାର ଇଣ୍ଟରନେଟ୍ ଓ ମୋବାଇଲ୍ ସେବା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ୨୮ ତାରିଖ ରାତି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି। ଶୋଭାଯାତ୍ରାବେଳେ ପୁନର୍ବାର ହିଂସାକାଣ୍ଡ ଘଟିବା ଆଶଙ୍କା କରି ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୨୮ରେ ହେବାକୁ ଥିବା ଧାର୍ମିକ ଶୋଭାଯାତ୍ରା ଲାଗି ନୁହ ପ୍ରଶାସନ କିଛି ଦିନ ତଳେ ଅନୁମତି ଦେଇଥିଲେ। କିନ୍ତୁ ଜୁଲାଇ ମାସରେ ଘଟିଥିବା ହିଂସାକାଣ୍ଡ ଦୃଷ୍ଟିରୁ ପ୍ରଶାସନ ଅଧିକ ସଜାଗ ରହିବାକୁ ସ୍ଥିର କରିଥିଲେ। ଶନିବାର ରାତିରୁ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ବନ୍ଦ ରହିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ) ଟିଭିଏସ୍‌ଏନ୍ ପ୍ରସାଦ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ସାରା ଜିଲାରେ ୧୪୪ ଧାରା ଲାଗୁ କରାଯାଇଛି। ଏହା ୨୬ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ମାସରେ ହୋଇଥିବା ହିଂସାକାଣ୍ଡ ଦୃଷ୍ଟିରୁ ପୂର୍ବରୁ ମଧ୍ୟ ରାଜ୍ୟ ସରକାର ଏଭଳି ମୋବାଇଲ୍,ଇଣ୍ଟରନେଟ, ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଥିଲେ। ନୁହରେ ଘଟିଥିବା ଏହି ସାମ୍ପ୍ରଦାୟିକା ଦଙ୍ଗାରେ ଦୁଇ ହୋମ୍‌ଗାର୍ଡଙ୍କ ସମେତ ଛଅ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ତେଣୁ ପ୍ରଶାସନ ଚଳିତ ଥର ଆଗୁଆ ସତର୍କ ହେବା ସହ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

## ୨୦୩୦ ସୁଦ୍ଧା ଭାରତରେ କର୍ମଜୀବୀଙ୍କ ସଂଖ୍ୟା ସର୍ବାଧିକ ହେବ

**ନୂଆଦିଲ୍ଲୀ,୨୬।୮**

ଭାରତ ବର୍ତ୍ତମାନ ବିଶ୍ୱର ଏକ ନମ୍ବର ଜନବହୁଳ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି। ଏଥିରେ ଯୁବକଙ୍କ ସଂଖ୍ୟା ଅଧିକ। ଏଭଳି ସ୍ଥିତିରେ ଆଗାମୀ ଦିନରେ ଭାରତର ଅର୍ଥନୈତିକ ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଅଧିକ ରହିବା ଆଶା କରାଯାଉଛି। ଜି-୨୦ ଦେଶ ସମୂହରେ ଥିବା ଭାରତ, ଚାଇନା ଓ ଇଣ୍ଡୋନେସିଆରେ ୨୦୩୦ ସୁଦ୍ଧା କର୍ମଜୀବୀଙ୍କ ସଂଖ୍ୟା ଅଧିକ ଥିବ। ଜି-୨୦ ରାଷ୍ଟ୍ରଗୁଡ଼ିକର ଅର୍ଥନୈତିକ ବିକାଶ ଉପରେ ଆଧାରିତ ଏକ ରିପୋର୍ଟ ଶନିବାର ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଭବିଷ୍ୟତରେ ବିଶ୍ୱ ପୂର୍ବାଞ୍ଚଳ ଦେଶଗୁଡ଼ିକର ଅର୍ଥନୈତିକ ବିକାଶ ହେଉଥିବା ଦେଖିବ। ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏବେ ପରସ୍ପର ଉପରେ ନିର୍ଭରଶୀଳ। ଜ୍ଞାନର ଆଦାନ ପ୍ରଦାନଠାରୁ ଆରମ୍ଭ କରି ତୈଳ, ଡିଜିଟାଲ ଡେଟା ଆଦାନ ପ୍ରଦାନ ଭଳି ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟେକ ଦେଶ ଅନ୍ୟ ଦେଶକୁ ସହାୟତା କରି ଆସୁଛି ବୋଲି ମେକିନ୍‌ସେ କହିଛନ୍ତି। ବିଶ୍ୱ ବର୍ତ୍ତମାନ ଅର୍ଥନୀତିର ନୂଆ ଯୁଗ ଆଡ଼କୁ ଅଗ୍ରଗତି କରୁଛି। ତେବେ ଅର୍ଥନୈତିକ ବିକାଶର ଧାରା ବର୍ତ୍ତମାନ ପୂର୍ବାଞ୍ଚଳ ଦେଶ ସମୂହ ଆଡ଼କୁ ଢ଼ଳିବାରେ ଲାଗିଛି।

ଏକ ରିପୋର୍ଟ ଅନୁସାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ବିଶ୍ୱର ଋଣ ସ୍ଥିତି ବର୍ତ୍ତମାନ ସର୍ବୋଚ୍ଚ ସ୍ତରରେ ରହିଛି। ଜି-୨୦ ରାଷ୍ଟ୍ର ସମୂହର ଋଣଠାରୁ ଜିଡିପି ଅନୁମାତ ବର୍ତ୍ତମାନ ୩୦୦%ରୁ ଅଧିକ। ବର୍ତ୍ତମାନ ଦେଶର ୧୦% ଲୋକଙ୍କ ପାଖରେ ଅଧିକ ଧନ ଥିବା ବେଳେ ୫୦% ଲୋକ ସେମାନଙ୍କ ତଳେ ରହିଛନ୍ତି। ଏହି ଧାରା ବିଂଶ ଶତାବ୍ଦୀ ଆରମ୍ଭରୁ ଦେଖାଦେଇଛି। ଚାଇନା ଏବଂ ଭାରତ ଜି-୨୦ ଲାଗି ବିକାଶର ଇଞ୍ଜିନ ଭାବେ ଉଭା ହୋଇଛନ୍ତି। ସେହିପରି ଜାପାନ ଓ କୋରିଆ ଭଳି ୟୁରୋପୀୟ ଦେଶର ଅର୍ଥନୈତିକ ବିକାଶ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।

### ଜି-୨୦ ବୈଠକରେ ମାକିନ୍‌ସେ ରିପୋର୍ଟ



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ | Bhubaneswar, Sunday, August 27/2023 | ପୃଷ୍ଠା-୧



**ମିକାଏଲ ୟମେରଙ୍କ ଅବସର**
ସ୍ୱିଡିଶ ଟେନିସ ଖେଳାଳି ମିକାଏଲ୍ ୟମେର୍ ଅଚାନକ ଟେନିସରୁ ଅବସର ଘୋଷଣା କରିଛନ୍ତି।
୧୦

୦୮
**ସୁଶାନ୍ତଙ୍କ ଫ୍ଲାଟ୍ କିଣିଲେ ଅଦା ଶର୍ମା**
ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପୂର୍ବରୁ ସେ ରହୁଥିବା ମୁମ୍ବାଇସ୍ଥିତ ଫ୍ଲାଟ୍‌କୁ ଅଭିନେତ୍ରୀ ଅଦା ଶର୍ମା କିଣିଛନ୍ତି।



# ମହାକାଶ ଯିବ ମହିଳା ରୋବୋ

**ଚନ୍ଦ୍ରୟାନ-୩ର ସଫଳତା ପରେ ମହାକାଶ ମିଶନ ପାଇଁ ପ୍ରସ୍ତୁତି ଚଳାଇଛି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଗଗନୟାନ ମିଶନର ଟ୍ରାଏଲ୍ ହେବ। ଏଥିରେ ସ୍ପେସ୍‌କୁ ଏକ ଫିମେଲ ରୋବୋ 'ବ୍ୟୋମମିତ୍ର'କୁ ପଠାଯିବ। ଏହି ମିଶନ ସଫଳ ହେଲେ ମହାକାଶକୁ ମାନବ ପ୍ରେରଣ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।**

## ଗଗନୟାନରେ ବ୍ୟୋମମିତ୍ର



ଫିମେଲ୍ ରୋବୋର ପ୍ରତୀକାତ୍ମକ ଚିତ୍ର।

ନୂଆଦିଲ୍ଲୀ,୨୬।୮

ଭାରତ ଏହାର ଗଗନୟାନ ମିଶନରେ ମହାକାଶକୁ ଏକ ଫିମେଲ୍ ରୋବୋ 'ବ୍ୟୋମମିତ୍ର' ପଠାଇବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଶନିବାର ଏହା ଘୋଷଣା କରିଛନ୍ତି। ମହାକାଶକୁ ମାନବ ପଠାଇବା ପାଇଁ ଗଗନୟାନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ତେବେ କୋଭିଡ୍ ମହାମାରୀ ଯୋଗୁ ଏହି ପ୍ରକଳ୍ପ ବିଳମ୍ବିତ ହୋଇଛି। ଏବେ ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହାର ପ୍ରଥମ ପରୀକ୍ଷାମୂଳକ ମିଶନ ପାଇଁ ଯୋଜନା ହୋଇଛି। ମହାକାଶଯାତ୍ରୀମାନଙ୍କୁ ସ୍ପେସ୍‌କୁ ପଠାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ସେମାନଙ୍କୁ ଫେରାଇ ଆଣିବା ସେହିଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ଜିତେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଗଗନୟାନର ଦ୍ୱିତୀୟ ମିଶନରେ ଫିମେଲ୍ ରୋବୋକୁ ମହାକାଶକୁ ପଠାଯିବ। ଉକ୍ତ ରୋବୋ ସମସ୍ତ ମାନବ କାର୍ଯ୍ୟକଳାପ କରିବ। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଗଗନୟାନ କାର୍ଯ୍ୟକ୍ରମ ପାଇଁ ଆମେ ଆଗେଇବୁ। ଏଥିପାଇଁ ଅର୍ବିଟାଲ ମଡ୍ୟୁଲ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ପରୀକ୍ଷାମୂଳକ ଅଭିଯାନ ପାଇଁ ସେଗୁଡ଼ିକୁ କମିଶନ କରାଯାଇଛି ଏବଂ ଲଞ୍ଚ୍‌ପ୍ୟାଡ୍ ବଢ଼ାଇବା କାର୍ଯ୍ୟ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି। ଇସ୍ରୋ ଚୂଡ଼ାନ୍ତ ମାନବ ମିଶନ ପୂର୍ବରୁ ଦୁଇଥର ମାନବ ସଦୃଶ ବ୍ୟୋମମିତ୍ରଙ୍କୁ ନେଇ ମିଶନ କରିବାକୁ ଯୋଜନା କରିଛି। ଏହା ୨୦୨୪ କିମ୍ବା ୨୦୨୫ରେ ହେବ। ଗଗନୟାନ ମିଶନ ସଫଳ ହେଲେ ମହାକାଶକୁ ମାନବ ପଠାଇବାରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହେବ। ପୂର୍ବରୁ ଆମେରିକା, ରୁଷିଆ ଏବଂ ଚାଇନା ହ୍ୟୁମ୍ୟାନ୍ ସ୍ପେସ୍‌ଫ୍ଲାଇଟ୍ ମିଶନରେ ସଫଳ ହୋଇଛନ୍ତି।

## ଅଗଷ୍ଟ ୨୩ ମହାକାଶ ଦିବସ

### ଚନ୍ଦ୍ରୟାନ-୩ର ଅବତରଣ ସ୍ଥାନ ନାଁ ଶିବଶକ୍ତି: ମୋଦି

ବେଙ୍ଗାଲୁରୁ,୨୬।୮

ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଅବତରଣ କରିଥିବା ସ୍ଥାନର ନାଁ 'ଶିବଶକ୍ତି' ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଘୋଷଣା କରିଛନ୍ତି। ସେହିପରି ଚନ୍ଦ୍ରୟାନ-୨ ଲ୍ୟାଣ୍ଡର ଯେଉଁଠି ଖସିପଡ଼ିଥିଲା, ତାହାର ନାଁ ତ୍ରିରଙ୍ଗା ରହିବ। ପ୍ରଧାନମନ୍ତ୍ରୀ ଗ୍ରୀସ୍ ଗସ୍ତରୁ ଫେରି ଶନିବାର ସକାଳେ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱାର୍କ(ଇଷ୍ଟ୍ରାକ୍)ରେ ପହଞ୍ଚିବା ପରେ ଉପରୋକ୍ତ ଘୋଷଣା କରିଛନ୍ତି। ସେହିପରି ଚନ୍ଦ୍ରୟାନ-୩ର ସଫଳ ଅବତରଣ ଦିନକୁ ମନେରଖିବା ଲାଗି ଅଗଷ୍ଟ ୨୩କୁ ମହାକାଶ ଦିବସ ଭାବେ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଥିଲେ, ରୋଭର ପ୍ରଜ୍ଞାନ ଶନିବାର ସକାଳେ ଚନ୍ଦ୍ରପୃଷ୍ଠରେ ୧୨ ମିଟର ଗତି କରିବା ସହ ସେଠାରୁ ଅନେକ ଫଟୋ ଶେୟାର କରିଛି। ଖୁବ୍‌ଶୀଘ୍ର ପ୍ରଜ୍ଞାନ ବିକ୍ରମର ଫଟୋ ପଠାଇବ ବୋଲି ସେ କହିଛନ୍ତି। ଆମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ 'ଅଙ୍ଗଦ' ଭଳି ଦୃଢ଼ ଭାବେ ପାଦ ପକାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ବେଙ୍ଗାଲୁରୁରେ ମୋଦି ଇସ୍ରୋ ବୈଜ୍ଞାନିକମାନଙ୍କୁ ଭେଟିଥିଲେ। ସାରା ବିଶ୍ୱ ଭାରତର ବୈଜ୍ଞାନିକ ଭାବନା, ପ୍ରଯୁକ୍ତି ଏବଂ ମନୋଭାବକୁ ସ୍ୱୀକୃତି ଦେଇଛି। ଚନ୍ଦ୍ରୟାନ-୩ର ସଫଳତା କେବଳ ଭାରତର ସଫଳତା ନୁହେଁ, ଏହା ସମଗ୍ର ମାନବ ଜାତିର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମାଲକାନଗିରିରୁ ଇସ୍ରୋ ବୈଜ୍ଞାନିକ

### ଚନ୍ଦ୍ରୟାନ-୩ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିଲେ ଜୟନ୍ତ

ମାଲକାନଗିରି,୨୬।୮

(ନୃସିଂହ ଚରଣ ମହାନ୍ତି)- ମାଲକାନଗିରି ଜିଲା ପୋଟେରୁର ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲ୍‌ଦାର କେରଳ ଥିରୁଭାନନ୍ତପୁରମ୍ ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର ମେକାନିଜମ୍ ବିଭାଗରେ ବରିଷ୍ଠ ବୈଜ୍ଞାନିକ ଭାବେ କାମ କରୁଛନ୍ତି। ଚନ୍ଦ୍ରୟାନ- ୩ ପ୍ରକଳ୍ପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ବରିଷ୍ଠ ମେକାନିକ୍ ବୈଜ୍ଞାନିକ ଭାବେ ଯୋଗଦେଇ ଚନ୍ଦ୍ରୟାନ-୩ ପ୍ରକଳ୍ପର ରକେଟ ପେଲୋଡ୍ ଫେରିଙ୍ଗ ଡିଭିଜନର ଦାୟିତ୍ୱରେ ଥିଲେ ଜୟନ୍ତ ଓ ତାଙ୍କ ଟିମ୍। ମାଲକାନଗିରି ଜିଲାରେ ତାଙ୍କ ବାପା ସ୍ୱର୍ଗତ ଜୟଦେବ ହାଲ୍‌ଦାର ଶିକ୍ଷକତା କରୁଥିଲେ । ଜୟନ୍ତ ପୋଟେରୁ ସରକାରୀ ବିଦ୍ୟାଳୟରେ ପଞ୍ଚମ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ଷଷ୍ଠରୁ କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟରେ ପାଠପଢି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଆଇଆଇଏସ୍‌ଟି) ଅନୁଷ୍ଠାନରେ ବିଟେକ ଏରୋସ୍ପେସ୍ ଇଞ୍ଜିନିୟରିଂ କରିବା ଲାଗି ସୁଯୋଗ ପାଇଥିଲେ। ୨୦୧୨ରେ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଉତ୍ତୀର୍ଣ୍ଣ ହେବା ପରେ ଇସ୍ରୋରେ ଯୁବ ବୈଜ୍ଞାନିକ ଭାବେ କାମ କରୁଥିଲେ। ପ୍ରଥମେ ୨୦୧୨ରୁ ୨୦୧୮ ଯାଏ ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ର କ୍ରାୟୋଜେନିକ ପ୍ରୋପେଲର ବିଭାଗରେ କାମ କରୁଥିଲେ।



ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲ୍‌ଦାର




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ଖାଇବ ନା ମାଛି ହୁରୁଡ଼େଇବା।**

ଜଣେ ବ୍ୟକ୍ତି ଏକ ସମୟରେ ଦୁଇଟି କାର୍ଯ୍ୟ କରିପାରନ୍ତି ନାହିଁ। ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ ପାଇଁ ତାକୁ ସେତିକି ନିଷ୍ଠା ଓ ଦାୟିତ୍ୱ ସହ ସମୟ ଦେବାକୁ ପଡ଼ିଥାଏ। ତେଣୁ ଦୁଇଟି କାର୍ଯ୍ୟ ଏକା ସାଙ୍ଗରେ କରିବା ନିହାତି କଷ୍ଟସାଧ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଗିଥିବ ଭଗିଆ, ମାରି ନେ ଭଗିଆ।।**

ଆଜିର ସ୍ୱାର୍ଥସର୍ବସ୍ୱ ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ। 'ଦୀପ ତେଜିଲେ ହାତ ଚିକ୍କଣ' ନ୍ୟାୟରେ ଯେ ଜଗିବା ଦାୟିତ୍ୱ ନେବ ତା'ର ମଧ୍ୟ ଲାଭ ହେବ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମାଙ୍କଡ଼ ଗୋଡ଼ାଇବାରୁ ପୋଖରୀକୁ ଡେଇଁପଡ଼ିଲେ

# ଝିଅ ମୃତ, ମା' ଉଦ୍ଧାର

ରାସୋଳ, ୨୬।୮ (ସରୋଜ ମିଶ୍ର)

ଗାଧୋଇବାକୁ ଯାଉଥିବାବେଳେ ଆକ୍ରମଣ କରିବାକୁ ଗୋଡ଼ାଇଲେ ମାଙ୍କଡ଼ ପଲ। ଜୀବନ ବଞ୍ଚାଇବା ଲାଗି ଆଗପଛ ବିଚାର ନ କରି ପୋଖରୀକୁ ଡେଇଁ ପଡ଼ିଲେ ମା' ଏବଂ ଝିଅ। ଏଥିରେ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ମା'ଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି ପାଖପଡ଼ୋଶୀ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଧୀନ କଳିଙ୍ଗାପାଳ ଗ୍ରାମରେ ଶନିବାର ସକାଳେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତା ନାବାଳିକା ହେଲେ ସୁମିତ୍ରା ସର (୧୩)।



ମୃତ ସୁମିତ୍ରା ସର

ଘଟଣାରୁ ଜଣାପଡ଼ିଛି, କଳିଙ୍ଗାପାଳ ଗ୍ରାମ ସରସାହିର ବଳରାମ ସରଙ୍କ ସ୍ତ୍ରୀ ଉର୍ମିଳା ଏବଂ ବଡ଼ ଝିଅ ସୁମିତ୍ରା ସକାଳେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଏକ ମାଙ୍କଡ଼ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ପଲରୁ କେତେକ ମାଙ୍କଡ଼ ମା'ଝିଅଙ୍କୁ କାମୁଡ଼ିବାକୁ ଗୋଡ଼ାଇବାରୁ ଉଭୟେ ଭୟଭୀତ ହୋଇ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଉର୍ମିଳାଙ୍କୁ ଉଦ୍ଧାର କରିଥିବାବେଳେ ସୁମିତ୍ରା ଗଭୀର ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ତାଙ୍କୁ ଉଦ୍ଧାର କରି ଏକ ବାଇକ୍‌ରେ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ରାସୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଏହି ଘଟଣାରେ ମୃତ ନାବାଳିକାଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି। ସୂଚନା ଦେବା ସତ୍ତ୍ୱେ ବିଳମ୍ବରେ ପହଞ୍ଚିବାରୁ ନାବାଳିକାଙ୍କ ଜୀବନ ବଞ୍ଚାଯାଇ ପାରିଲାନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବଳରାମ ଜଣେ ସାଇକେଲ ମେକାନିକ୍। ୩ ଝିଅଙ୍କ ମଧ୍ୟରୁ ବଡ଼ ଝିଅ ସୁମିତ୍ରା ଗାଁ ପାଖ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ୮ମ ଶ୍ରେଣୀରେ ପଢୁଥିଲେ। ମେଧାବୀ ସୁମିତ୍ରାଙ୍କ ଏଭଳି ଅକାଳ ବିୟୋଗ ଶିକ୍ଷାନୁଷ୍ଠାନ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ବରିଷ୍ଠ କଂଗ୍ରେସ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ପରଲୋକ

ନୟାଗଡ଼, ୨୬।୮ (ଲୋକନାଥ ମିଶ୍ର)

ନୟାଗଡ଼ ସହର ପିତଝୁଡି ଗଳିର ବରିଷ୍ଠ କଂଗ୍ରେସ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ଭୁବନେଶ୍ୱର ବାସଭବନରେ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ, ପ୍ରଦେଶ ଶୃଙ୍ଖଳା କମିଟି ଅଧ୍ୟକ୍ଷା, ନୟାଗଡ଼ ଜିଲା ମହିଳା କଂଗ୍ରେସର ପ୍ରଥମ ସଭାନେତ୍ରୀ ଭାବେ କାମ କରି ବେଶ ଲୋକପ୍ରିୟ ହୋଇପାରିଥିଲେ। ଏଥିସହ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କାମ କରି ନାରୀଶିକ୍ଷାର ପ୍ରଚାର ପ୍ରସାରରେ ଲାଗି ପଡିଥିଲେ। ୨୦୦୯ରେ ନୟାଗଡ଼ ବିଧାନସଭା ଆସନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ।



ମହାପାତ୍ରଙ୍କ ପରଲୋକରେ ନୟାଗଡ଼ ଜିଲା ସମେତ ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ବରିଷ୍ଠ କଂଗ୍ରେସ ନେତା ସରୋଜ ପରିଡ଼ା, ହୁସେନ ଖାନ, ଫକୀର ମଲ୍ଲ, ମନୋଜ ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା ଜେନା, ବିନୋଦିନୀ ମହାନ୍ତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। କଂଗ୍ରେସ ଜଣେ ଦକ୍ଷ ମହିଳା ନେତ୍ରୀ, ସଙ୍ଗଠକଙ୍କୁ ହରାଇଲା ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨ରେ ଲଘୁଚାପ...

ରାଜ୍ୟର ୧୧ ଜିଲାରେ ବର୍ଷା ନିଅଣ୍ଟିଆ ହୋଇଛି। ନବରଙ୍ଗପୁର ଜିଲାରେ ଏହି ସମୟ ମଧ୍ୟରେ ୩୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୪, ଗଞ୍ଜାମ ୩୧, କଳାହାଣ୍ଡି ୩୪, ରାୟଗଡ଼ା ୨୨, ପୁରୀ ୨୨, ଯାଜପୁର ୨୪, ଜଗତ୍‌ସିଂହପୁର ୨୪, କଟକ ୨୧, କୋରାପୁଟ ୨୦ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୩ ପ୍ରତିଶତ କମ୍ ବର୍ଷା ହୋଇଛି। ମୌସୁମୀ ଦୁର୍ବଳ ଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୋପାଳପୁରରେ ୩୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୩୩.୬, ରାୟଗଡ଼ା ୨୫.୪, ନବରଙ୍ଗପୁର ୨୫.୬, ପୁରୀ ୧୬.୪, କୋରାପୁଟରେ ୧୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଆଦି ଜିଲାରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା

## ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ



ପୁରୀର ରାଧେଶ୍ୟାମ ମଠରେ ଝୁଲଣ କୁଞ୍ଜରେ ବିରାଜିତ ରାଧାକୃଷ୍ଣ।

ପୁରୀ, ୨୬।୮ (ଅଜିତ ମହାନ୍ତି)

ଶ୍ରାବଣ ମାସ ଶୁକ୍ଲପକ୍ଷ ଦଶମୀ ତିଥି ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଯାଇଛି ମହାପ୍ରଭୁଙ୍କ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଝୁଲଣ ଯାତ୍ରା ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠରେ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମୁକ୍ତିମଣ୍ଡପଠାରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଶ୍ରୀଦେବୀ ଭୂଦେବୀ ଏବଂ ଶ୍ରୀମଦନମୋହନ ଉପବେସନ କରି କୁଞ୍ଜରେ ଝୁଲିଛନ୍ତି। ସେହିପରି ବିଭିନ୍ନ ମଠ ବାଡିରେ ଝୁଲଣ କୁଞ୍ଜରେ ବସି ରାଧାକୃଷ୍ଣ ଝୁଲୁଛନ୍ତି। ଭାଦ୍ରବ କୃଷ୍ଣ ପ୍ରତିପ୍ରଦା ତଥା ୭ ଦିନ ଧରି ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ମୁତାବକ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ମୁକ୍ତିମଣ୍ଡପଠାରେ ସଜ୍ଜିତ ହୋଇଥିବା ଝୁଲଣ କୁଞ୍ଜରେ ବିରାଜମାନ କରିଥାନ୍ତି। ଝୁଲଣ ଯାତ୍ରା ପାଇଁ ମୁକ୍ତି ମଣ୍ଡପରେ ଆକର୍ଷଣୀୟ ଭାବେ ନିର୍ମାଣ କରାଯାଇଥିବା ଝୁଲଣକୁଞ୍ଜରେ ପ୍ରଭୁ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ଉପବେସନ କରିବା ସହ କୁଞ୍ଜରେ ଝୁଲିଥାନ୍ତି। କେବଳ ଶ୍ରୀମନ୍ଦିର ନୁହେଁ ଶ୍ରୀମନ୍ଦିର ସହ ଜଡ଼ିତଥିବା ମଠ ମନ୍ଦିରରେ ମଧ୍ୟ ଏହି ଝୁଲଣ ପର୍ବ ଆରମ୍ଭ ହୋଇଛି।

ଝୁଲଣ ମହୋତ୍ସବ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ହୋଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନି ବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହୋଇଥିଲେ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ ଭୂଦେବୀଙ୍କୁ ଏବଂ ଦକ୍ଷିଣ ଘରୁ ମଦନମୋହନଙ୍କୁ ଆଣି ଖଟ ଶେଯରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବାପରେ ତିନିବାଡ଼ରେ ସନ୍ଧ୍ୟା ଆଳତି ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞା ମାଳ ପାଇ ତିନି ମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ବିଜେ କରିଥିଲେ। ପରେ ବିଡ଼ିଆ ପାନ ମଣହି କରାଯିବା ପରେ ମନ୍ଦିରରେ ସନ୍ଧ୍ୟା ଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ଝୁଲଣ ମଣ୍ଡପଠାରେ ଠାକୁରଙ୍କୁ ପଞ୍ଚ ଉପଚାରରେ ପୂଜା ଓ ଭୋଗ କରାଯାଇଥିଲା। ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନଙ୍କୁ ଦକ୍ଷିଣଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭ ଗୃହକୁ ବିଜେ କରାଇଥିଲେ। ଏହି କୁଞ୍ଜରେ କେବଳ ଦେବାଦେବୀ ନୁହନ୍ତି ସଖୀ, ପଶୁ, ପକ୍ଷୀ ତଥା ବିଭିନ୍ନ ଗଛଲତା ସହ ସୁବାସିତ ଫୁଲ ଓ ଫଳମୂଳକୁ ମଧ୍ୟ ସ୍ଥାନ ଦିଆଯାଏ। ଯାହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ସେହିପରି ବିଭିନ୍ନ ମଠରେ, ସ୍ୱତନ୍ତ୍ର ଶୈଳୀରେ ଚାଳି ତିଆରି ହୋଇ ପଛପାର୍ଶ୍ୱରେ ଝୁଲଣ କୁଞ୍ଜ ତିଆରି ହୋଇଛି। ମେଢଫୁଲ, ଜରି ଜମ୍ବୁରା ଓ ସୋଲର ଆକର୍ଷଣୀୟ କାରୁକାର୍ଯ୍ୟରେ ଝୁଲଣ କୁଞ୍ଜ ତିଆରି ହୋଇଛି। ପୁରାଣରେ ବର୍ଣ୍ଣନା ଅନୁଯାୟୀ, ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧାରାଣୀ ଝୁଲଣ କୁଞ୍ଜର ରାସଲୀଳାକୁ ସ୍ମରଣ କରି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସହ ବିଭିନ୍ନ ମଠରେ ଏହି ପରମ୍ପରା ପ୍ରଚଳିତ ହୋଇ ଆସୁଛି। ତେବେ ଗଜପତି ମହାରାଜ ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଝୁଲଣ ଯାତ୍ରା ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ସୂଚନା ମିଳେ। ଝୁଲଣ କୁଞ୍ଜରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲିକ୍ଷିତ ହୁଏ। ସେହିପରି ବିଭିନ୍ନ ମଠ, ମନ୍ଦିରଗୁଡ଼ିକରେ ଝୁଲଣ ଯାତ ହେବା ସହ ଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଗୋଲ୍ଡେନ ବାବାଙ୍କ ୧.୫୩ କୋଟି ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର, ୨୬।୮ (ସୂର୍ଯ୍ୟକାନ୍ତ ବେହେରା)

**ଋଣ କରାଇଦେବା ନାଁରେ ବ୍ୟବସାୟୀଙ୍କଠାରୁ ୫.୫୦କୋଟି ଟଙ୍କା ଠକେଇ ମାମଲା**

ବିଭିନ୍ନ ଠକେଇ ମାମଲାରେ ଫେରାର ଥିବା ଗୋଲ୍ଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କ ୧.୫୩ କୋଟି ସମ୍ପତ୍ତି ଆଟାଚ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହାପୂର୍ବରୁ ବାବାଙ୍କ ୪ଟି ଦାମୀ କାର୍ ଓ ୨ରୁ ଅଧିକ ବିଳାସମୟ ଘର ଜବତ କରିସାରିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପାଇଁ ମଧ୍ୟ ଗୋଲ୍ଡେନ ବାବା ୱାଣ୍ଟେଡ ଅଛନ୍ତି। ଓଡ଼ିଶାର ବ୍ୟବସାୟୀମାନଙ୍କୁ ଲୋନ୍ ଦେବା ନାଁରେ ୫.୫୦ କୋଟି ଟଙ୍କା ଠକେଇ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି। ଏହି ଠକେଇ ଘଟଣାରେ ଇଡି ବାବାଙ୍କ ବିରୋଧରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜ୍ୟୋତି ଟ୍ରେଡିଙ୍ଗ ଆଣ୍ଡ୍ କୋ.ର ମାଲିକ ଗୋଲ୍ଡେନ ବାବାଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୯ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିମଧ୍ୟରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଶହୀଦନଗର ଆଦି ଥାନାରେ ୮ରୁ ଊର୍ଦ୍ଧ୍ୱ ଠକେଇ ମାମଲା ରହିଛି। ଏମ୍‌ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ ନାମକ ଏକ ଖଣି କମ୍ପାନୀକୁ ୧୨.୪ କୋଟି ଟଙ୍କା ଠକେଇ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨୦୧୮ ଡିସେମ୍ବର ୩୧ରେ ଗୋଲ୍ଡେନ ବାବାଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରେ ସେ ବେଲରେ ଆସି ଫେରାର ହୋଇଯାଇଥିଲେ। ଏହାପରେ ଇଓଡବ୍ଲ୍ୟୁରେ ବାବାଙ୍କ ନାମରେ ବହୁ ଠକେଇ ଅଭିଯୋଗ ହୋଇଥିଲା। ଏନେଇ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୦୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଗୋଲ୍ଡେନ ବାବାଙ୍କୁ ଖୋଜାଖୋଜି କରି ପାଇ ନ ଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ଇଡି ତାଙ୍କ ଆକାଉଣ୍ଟରୁ ପ୍ରାୟ ୫୧ ଲକ୍ଷ ଟଙ୍କା ମଧ୍ୟ ଫ୍ରିଜ କରିବା ସହ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।



ଜ୍ୟୋତିରଞ୍ଜନ ବେଉରା

# ସ୍ୱାଭିମାନ ଅଞ୍ଚଳରେ ଆଉ ୧୦ ପଞ୍ଚାୟତ ସାମିଲ




ଧନ୍ୟବାଦ ଜ୍ଞାପନ ସଭାରେ ବିଧାୟକ ଓ ଅନ୍ୟମାନେ।

ଚିତ୍ରକୋଣ୍ଡା, ୨୬।୮ (କ୍ଷୀରୋଦ ବେହେରା)

## ମାଲକାନଗିରି ଜିଲା

- ୩ ସେତୁ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ
- ଧନ୍ୟବାଦ ଜଣାଇଲେ ସ୍ୱାଭିମାନ ଅଞ୍ଚଳବାସୀ

ମାଲକାନଗିରି ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ସେତୁ ମଞ୍ଜୁର କରିବା ସହ ସ୍ୱାଭିମାନ ଅଞ୍ଚଳରେ ଆଉ ୧୦ ପଞ୍ଚାୟତକୁ ସାମିଲ କରିଛନ୍ତି। ଫଳରେ ୧୯ ପଞ୍ଚାୟତକୁ ନେଇ ସ୍ୱାଭିମାନ ଅଞ୍ଚଳ ହୋଇଛି। ଏ ନେଇ ଶନିବାର ଚିତ୍ରକୋଣ୍ଡା ବ୍ଲକ ଶିବ ମନ୍ଦିରଠାରେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଧନ୍ୟବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ଓ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଯୋଗଦେଇଥିଲେ। ଏଥିରେ ସ୍ୱାଭିମାନ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଆଗରୁ ସ୍ୱାଭିମାନ ଅଞ୍ଚଳରେ ଚିତ୍ରକୋଣ୍ଡା ବ୍ଲକର ୯ ପଞ୍ଚାୟତ ବଡପଡା, ପାପରମେଟେଲା, ରାଲେଗାଡା, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ, ଯନ୍ତ୍ରୀ, ଅଣ୍ଡିରାପାଲି ଓ ଗାଜୁଲୁମାମୁଡି ଥିବାବେଳେ ବର୍ତ୍ତମାନ ଆଉ ୧୦ ପଞ୍ଚାୟତକୁ ସାମିଲ କରାଯାଇଛି। ସେଗୁଡିକ ହେଲା ବଡପଦର, ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଠାୱାଡା, କପାଟୁଟି, ଟନେଲକ୍ୟାମ୍ପ, କୁରୁମାନୁର ଓ ପାପୁଲୁର ଏବଂ କୋରୁକୋଣ୍ଡା ବ୍ଲକର ନାକାମାମୁଡି। ଫଳରେ ମୋଟ ୧୯ ପଞ୍ଚାୟତ ସ୍ୱାଭିମାନ ଅଞ୍ଚଳ ଭାବେ ନାମିତ ହୋଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱାଭିମାନ ଅଞ୍ଚଳକୁ ୩ ସେତୁ ନିମନ୍ତେ ଅର୍ଥ ମଞ୍ଜୁର କରିଥିବାରୁ ଆୟୋଜିତ ସଭାରେ ସ୍ୱାଭିମାନ ଅଞ୍ଚଳର ୧୯ ପଞ୍ଚାୟତ ତରଫରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ଖଲିଆଗଡ ନାଳ ଉପରେ ଯନ୍ତ୍ରୀଠାରୁ ଧାକଡପଦର ରାସ୍ତା ପର୍ଯ୍ୟନ୍ତ ୧୧୧ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ପଣସପୁଟ ଓ ଯନ୍ତ୍ରୀ ପଞ୍ଚାୟତ ଲୋକମାନେ ଏହାଦ୍ୱାରା ଉପକୃତ ହେବେ। କମୁଡାଗୁଡା ନଦୀ ଉପରେ ଘନବେଢାଠାରୁ କୋଡଗନ୍ଧି ରାସ୍ତା ପର୍ଯ୍ୟନ୍ତ ସେତୁ ନିର୍ମାଣ କରାଯିବ। ମାଛକୁଣ୍ଡ ନଦୀ ଉପରେ ବିଶୋଇଗୁଡାଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ୩୭୨ ମିଟର ସେତୁ ନିର୍ମାଣ କରାଯିବ, ଯାହାର ବ୍ୟୟ ଅଟକଳ ରହିଛି ୫୪ କୋଟି ଟଙ୍କା।

ଗୁରୁପ୍ରିୟା ସେତୁ ନିର୍ମାଣ ପରଠାରୁ ସାଭିମାନ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଟେଲି ଯୋଗାଯୋଗ ଆଦି ବିଭିନ୍ନ ମୌଳିକ ସେବା ସୁବିଧାରେ ଉପଲବ୍ଧ ହେଉଛି। ଏଥିସହ ସ୍ୱାଭିମାନ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସେହି ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ଆହୁରି ଆଗକୁ ନେଇ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିତ୍ରକୋଣ୍ଡା ବ୍ଲକର ୩ଟି ବୃହତ୍ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେବା ସହ ୧୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳର ୩୫ ହଜାର ଲୋକ ଉପକୃତ ହେବେ। ଗମନାଗମନ ସୁବିଧା ସହିତ ସାମାଜିକ ସୁବିଧାସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମାର୍ଚ୍ଚ ୨୯ରେ ମାଲକାନଗିରି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାରେ ୩ ନୂତନ ସେତୁ ନିର୍ମାଣ ପାଇଁ ୧୦୧ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ଅଷ୍ଟମ ଚନ୍ଦ୍ର ହେତୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ତଥାପି ସମସ୍ୟା ଥିଲେ ମଧ୍ୟ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଆବଶ୍ୟକତାନୁସାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ବୃଷ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ସ୍ୱଗୃହୀ ରବି ଓ ବୁଧ ହେତୁ ପରିବାର ମଧ୍ୟରେ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିହିତ ପଦକ୍ଷେପ ନେବା ଭଲ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆପଣଙ୍କୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି।

**ମିଥୁନ** – ତୃତୀୟସ୍ଥ ବୁଧାଦିତ୍ୟ ହେତୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସମସ୍ୟା ଲାଗି ରହିବା କାରଣରୁ ବ୍ୟବସାୟକୁ ସଙ୍କୁଚିତ କରି ନେଇ ପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପରିସ୍ଥିତିକୁ ଲାଘବ କରିବେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ଉନ୍ନତି କରିବାର ସୂଚନା ରହିଛି।

**କର୍କଟ** – ଭାଗ୍ୟସ୍ଥାନ ପ୍ରତି ମଙ୍ଗଳଙ୍କ ଦୃଷ୍ଟି କାରଣରୁ ସଫଳତାରେ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ତର୍କ ଓ ବିବାଦକୁ କେନ୍ଦ୍ର କରି ଟଣାଓଟରା ଦେଖାଦେଇପାରେ। ଆପଣ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, କିନ୍ତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** – ଚନ୍ଦ୍ରଙ୍କ ଶୁଭଦୃଷ୍ଟିଜନିତ ନିଜ ପରିସରରେ ରହୁଥିବା ବ୍ୟକ୍ତିମାନଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ହଠାତ୍ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ଛୋଟ ଛୋଟ ଘଟଣାକୁ ଅସାଧାରଣ ମନେ କରି ବ୍ୟସ୍ତ ହୁଅନ୍ତୁ ନାହିଁ। କୋର୍ଟକାର୍ଯ୍ୟ ଅନୁକୂଳ ହୋଇପାରେ।

**କନ୍ୟା** – ପାପଗ୍ରହଯୁକ୍ତ ବୃହସ୍ପତି ହେତୁ ଆପଣଙ୍କ ସରଳତାର ସୁଯୋଗ ନେଇ କେହି କ୍ଷତି ସାଧନ କରିପାରେ। ଅନ୍ୟକୁ ଦେଇଥିବା ଟଙ୍କା ଫେରି ପାଇବା ପାଇଁ ବିବାଦ ଭିତରକୁ ଟାଣି ହେବାକୁ ପଡ଼ିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** – ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବା ସାଙ୍ଗକୁ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ମଙ୍ଗଳଙ୍କ ଦ୍ୱାଦଶାବସ୍ଥାନ ଜନିତ ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇ ନ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ୍ୟ ବିଶେଷ ଭଲ ରହି ନ ପାରେ।

**ବିଛା** – ଦୁଃସ୍ଥାନସ୍ଥ କେତୁ ପ୍ରଭାବରେ ଅତୀତ ଦିନର କେତେକ କଥା ମନକୁ ଆଲୋଡ଼ିତ କରିପାରେ। ନିଜର ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚ ବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** – କର୍ମସ୍ଥ ମଙ୍ଗଳଜନିତ ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଏହା ସାଙ୍ଗକୁ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅଭାବ ପୂର୍ଣ୍ଣତା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମକର** – ଚତୁର୍ଥଭାବ ପାପଗ୍ରସ୍ତ ହେତୁ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ଏହା ସାଙ୍ଗକୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ କଥାରେ ବିଶ୍ୱାସୀ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** – ତୃତୀୟ ଭାବର ଅଶୁଭତ୍ୱ କାରଣରୁ ବନ୍ଧୁବାନ୍ଧବଙ୍କ ସମ୍ପର୍କରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆଜି ଆୟ ତୁଳନାରେ ବ୍ୟୟ ବଢ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ, ଅବଶ୍ୟ ଉପକୃତ ହେବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ** – ଚନ୍ଦ୍ର କ୍ଷେତ୍ରସ୍ଥ ଶୁକ୍ରଜନିତ ପଡ଼ୋଶୀଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଦୀର୍ଘ ଦିନରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରି ଚିନ୍ତିତ ରହିବେ। ପୂର୍ବ ଆଲୋଚନା ଅନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଆକସ୍ମିକ ଭାବରେ ଦୂରଯାତ୍ରାର ମସୁଧା କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଲପକ୍ଷ ସର୍ବସମ୍ମତ ପୁତ୍ରଦା ଏକାଦଶୀ ରବିବାର, ରବିନାରାୟଣ ବ୍ରତ, ଅଗଷ୍ଟ ୨୭ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, ଅଗଷ୍ଟ ୨୭ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୯ ଗତେ ଘ.୦୬।୦୨ ମଧ୍ୟେ ରାହୁକାଳ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୭ ଅଗଷ୍ଟ, ୨୦୨୩






# 'ମାମଲା ଦୁର୍ବଳ କରିବାକୁ ସମୟ ଗଡ଼ାଅ'

■ ଅଭିଯୁକ୍ତ-ଭିଜିଲାନ୍ସ ବିଭାଗ କର୍ମଚାରୀଙ୍କ ଅଡିଓ ଭାଇରାଲ
■ ମହିଳା କର୍ମଚାରୀ ବାଲେଶ୍ୱର ମୁଖ୍ୟାଳୟକୁ ବଦଳି

କେନ୍ଦୁଝର,୨୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଚାରପତି ବଦଳିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। କେସ୍‌କୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରିବା ଏବଂ ପିପିଙ୍କୁ କିଛି ଦେଇ ସମୟ ବଢାଇବାକୁ ପଡ଼ିବ। ଏହି ବାର୍ତ୍ତାଳପ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଓ ବିଭାଗ ହାତରେ ଧରାପଡ଼ିଥିବା ଜଣେ ଅଭିଯୁକ୍ତଙ୍କ ମଧ୍ୟରେ ହୋଇଛି। ଯାହାର ଅଡିଓ କ୍ଲିପ୍ ଏବେ ଭାଇରାଲ ହେବାରେ ଲାଗିଛି। ମହିଳା କର୍ମଚାରୀ କେସ୍‌କୁ କୋହଳ କରିବା ପାଇଁ ତଥ୍ୟ ଯୋଗାଇବା ଏବଂ ସେ ବାବଦକୁ ଲାଞ୍ଚ ମାଗୁଥିବା ଭାଇରାଲ ଅଡିଓରୁ ସ୍ପଷ୍ଟ ଭାବେ ଜଣାପଡ଼ିଛି। ଅଡିଓ କେବେ ରେକର୍ଡ ହୋଇଛି, ଅଭିଯୁକ୍ତ କିଏ ଏବଂ କିପରି ଅଡିଓ ଭାଇରାଲ ହେଲା ସେ ନେଇ ଠିକ୍ ଭାବେ ଜଣାପଡ଼ି ନ ଥିଲେ ହେଁ ମହିଳା କର୍ମଚାରୀଙ୍କ ଜଣଙ୍କ ଭିଜିଲାନ୍ସ ମହିଳା କନଷ୍ଟେବଲ ସାଗରିକା ବାରିକ। ଘଟଣା ପରେ ତାଙ୍କୁ ବାଲେଶ୍ୱର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

ପ୍ରକାଶ ଯେ, ମହିଳା କର୍ମଚାରୀ ସାଗରିକାଙ୍କ ସହ ଅଭିଯୁକ୍ତଙ୍କ ବିଭିନ୍ନ ସମୟର କଥାବର୍ତ୍ତାର ଅନେକ ଅଡିଓ ଭାଇରାଲ ହୋଇଛି। ସବୁଥିରେ କର୍ମଚାରୀ ଜଣଙ୍କ କିପରି ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ସେନେଇ ଅଭଯୁକ୍ତଙ୍କୁ ଉପାୟ ବତାଇଛନ୍ତି। ଅନ୍ୟ ଏକ କ୍ଲିପ୍‌ରେ ସେ କହିଛନ୍ତି ଯେ, ପିପି ରାଗି କି ସାକ୍ଷୀ ପକାଇବାକୁ କହୁଛନ୍ତି। ଏଣୁ ପିପିଙ୍କୁ କିଛି ଦେବାକୁ ପଡ଼ିବ। ଅନ୍ୟ ଏକ ଅଡିଓରେ ହାତୁଡ଼ିରେ ପିଟିବା ଅପେକ୍ଷା ବାଡିରେ ପିଟିବା ଭଲ ଭଳି କେସ୍‌କୁ ଧୀରେ ଧୀରେ ଆଗକୁ ଗଡ଼ାଇଲେ ଦୁର୍ବଳ ହୋଇଯିବ ବୋଲି କହୁଛନ୍ତି। ଏ ନେଇ କେନ୍ଦୁଝର ଭିଜିଲାନ୍ସ ଏସ୍‌ପି ନରହରି ନାଏକ କହିଛନ୍ତି, ଘଟଣାରେ ମହିଳା କନଷ୍ଟେବଲଙ୍କୁ ବାଲେଶ୍ୱର ଭିଜିଲାନ୍ସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭିଜିଲାନ୍ସ କୋର୍ଟର ପିପି ଦେବଦତ୍ତ ବିଶ୍ୱାଳ କହିଛନ୍ତି, ସେ ଏ ସମ୍ପର୍କରେ ଅବଗତ ନୁହନ୍ତି। ଯଦି କେହି ତାଙ୍କ ନାମ ଧରିଥିବେ, ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ପରେ ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଥିବା ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଘଟଣାର ଠିକ୍ ତଦନ୍ତ ହେଲେ ସବୁ କିଛି ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ଏସ୍‌ଏଚ୍‌ଜିକୁ ବିନା ସୁଧରେ ୧୦ଲକ୍ଷ ଋଣ ମିଳିବ



ଭଞ୍ଜନଗର ସଭାସ୍ଥଳରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି ।

■ ୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତର ଦ୍ୱିତୀୟ ଦିନ
■ ୩ ସୁଦ୍ଧା ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଖୁସି ଖବର ଦେବେ

ଭଞ୍ଜନଗର,୨୬।୮ (ବାବୁଲା ପ୍ରଧାନ)

୫-ଟି ସଚିବ ଭି.କେ.ପାଣ୍ଡିଆନ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଥିବା ବେଳେ ଶନିବାର ଦ୍ୱିତୀୟ ଦିନରେ ଭଞ୍ଜନଗର, ସୋରଡ଼ା, ଆସିକା, ପୋଲସରା, ଖଲ୍ଲିକୋଟରେ ଜନ ସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ସହ ବିଭିନ୍ନ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଛନ୍ତି।

୫-ଟି ସଚିବ ପୂର୍ବାହ୍ନରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ଫସଲ ବୀମା ପ୍ରିମିୟମ ଛାଡ଼ କରିଛନ୍ତି। ଏହାଦ୍ୱାରା ଗଞ୍ଜାମ ଜିଲାର ୧ଲକ୍ଷ ୨୫ ହଜାର ଚାଷୀ ଲାଭବାନ ହୋଇଛନ୍ତି। ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୨୦୦୧ରେ ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କଲେ। ବର୍ତ୍ତମାନ ୭୦ଲକ୍ଷ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ଅଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଉଛି। ଗଞ୍ଜାମ ଜିଲାରେ ମହିଳାମାନେ ସାଢ଼େ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରୁଛନ୍ତି। ବଳକା ଦେଢ଼ଲକ୍ଷ ବ୍ୟାଙ୍କରେ ରହିଯାଉଛି । ମା'ମାନେ ୫ଲକ୍ଷ ଟଙ୍କା ପୂରା ଋଣ ନେଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ବ୍ୟବସ୍ଥା କରିବେ। ଗତବର୍ଷ ରାଜ୍ୟରେ ଏସ୍‌ଏଚ୍‌ଜିକୁ ୧୧ହଜାର ୩ଶହ କୋଟି ଟଙ୍କା ଋଣ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ୧୧୧୩ କୋଟି ଟଙ୍କା ଋଣ ଦିଆଯାଇଛି। ଧର୍ମାନୁଷ୍ଠାନଗୁଡିକର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । ମୁଖ୍ୟମନ୍ତ୍ରୀ ଆସନ୍ତା ୩ ତାରିଖ ସୁଦ୍ଧା ରାଜ୍ୟବାସୀଙ୍କୁ ଏକ ଖୁସି ଖବର ଦେବେ ବୋଲି ୫-ଟି ସଚିବ ସଭାରେ ଘୋଷଣା କରିଥିଲେ। ହାଇସ୍କୁଲ ଭଳି କଲେଜଗୁଡ଼ିକୁ ରୂପାନ୍ତରଣ କରାଯାଉଛି। ୧୫ଦିନ ମଧ୍ୟରେ କାମ ଆରମ୍ଭ ହୋଇ ୬ ମାସ ମଧ୍ୟରେ ସରିବ। ଛାତ୍ରୀଛାତ୍ରମାନେ ସ୍ମାର୍ଟ ଶ୍ରେଣୀ କକ୍ଷରେ ବସି ପାଠ ପଢ଼ିବେ। ଇ-ଲାଇବ୍ରେରୀ, କମନ୍ ରୁମ୍ ଆଦି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ କଲେଜ ଅଧ୍ୟାପକ ଏବଂ ଅନ୍ୟମାନଙ୍କ କଥା ମଧ୍ୟ ବିଚାରକୁ ନେବେ ବୋଲି ସଚିବ କହିଥିଲେ। ସ୍ମାର୍ଟ କଲେଜ କାର୍ଯ୍ୟ ଚାଲିବା ସମୟରେ ଏହା ସାମାଜିକ କାର୍ଯ୍ୟକ୍ରମ ମନେକରି ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ଭଞ୍ଜନଗର, ଜଗନ୍ନାଥପ୍ରସାଦ ସମେତ ଅନ୍ୟ ଅଞ୍ଚଳର ପିଇବା ପାଣି ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଢୋଲପିଟାଠାରେ ୨୬ କୋଟି ଟଙ୍କା ବ୍ୟୟରେ ଜଳସେଚନ ବ୍ୟବସ୍ଥା ଚାଲିଛି । ବଡ଼ନଦୀ ଉପରେ ରାଇପଲ୍ଲୀ ରାସ୍ତାରେ ୧୪ କୋଟି ଟଙ୍କା ବ୍ୟୟରେ ନୂତନ ସେତୁ ନିର୍ମାଣ ହେଉଛି । ନୂଆଁଗା କେନାଲ ସିଷ୍ଟମ ମଧ୍ୟ ହେଉଛି । ମାସକ ମଧ୍ୟରେ ଭଞ୍ଜନଗର ଇନଡ଼ୋର ଷ୍ଟାଡିୟମ କାର୍ଯ୍ୟ ସରିବ। ଆଜି ଦିନରେ ମିଳିଥିବା ପ୍ରତ୍ୟେକ ଦରଖାସ୍ତ ଉପରେ ଏକ ମାସ ମଧ୍ୟରେ ଉତ୍ତର ମିଳିବ। ମଧୁବାବୁ ପେନସନ ଯୋଜନାରେ ଗତ ୧୫ ଦିନ ମଧ୍ୟରେ ସମସ୍ତଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଆଉ କେହି ରହିଯାଇଥିଲେ ସେମାନଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ। ୫-ଟି ସଚିବଙ୍କୁ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଅନ୍ୟପକ୍ଷରେ ଭାଜପା ନେତା ଅଯୋଧ୍ୟାନାଥ ମହାପାତ୍ରଙ୍କ ନେତୃତ୍ୱରେ କେତେଜଣ କର୍ମୀ ସଭାସ୍ଥଳଠାରୁ ୨ କି.ମି. ଦୂର ଶିରିଡ଼ି ସାଇମନ୍ଦିର ସମ୍ମୁଖରେ ନିରବ ପ୍ରତିବାଦ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ପୋଲିସ ଘୁମୁସର ଜିଲା ଦାବି ନେଇ ଆନ୍ଦୋଳନ କରୁଥିବା କେତେଜଣ ଲୋକଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି।

# ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୬।୮ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଧାତକିଡିହୀ ଗ୍ରାମରେ ସାପ କାମୁଡ଼ାରେ ଶୁକ୍ରବାର ରାତିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ମାଇନ ମାରାଣ୍ଡି (୬୫)। ସେ ରାତିରେ ଘରେ ଶୋଇଥିବା ବେଳେ ରାତି ୧୧ ଘଟିକା ସମୟରେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ମାଇନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୩)ରେ ରୁଜୁ ହୋଇଛି।

# ଗାଈ ପାଟିରେ ଫୁଟିଲା ବୋମା

## ଜମି ନିକଟରେ ବାର୍‌ହା ଶିକାର ପାଇଁ ଥିଲା

**ବ୍ରହ୍ମପୁର,୨୬।୮ (ସୁବାସ ଚନ୍ଦ୍ର ପାଢ଼ୀ):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଲଟା ଗ୍ରାମର ଏକ ଜମି ନିକଟରେ ବାର୍‌ହା ଶିକାର ପାଇଁ ରହିଥିବା ବୋମା ଗାଈ ପାଟିରେ ଫୁଟିଛି। ବୋମାଟି ପଲିଥିନରେ ଗୁଡାହୋଇ ଥିଲା। ଖାଦ୍ୟ ଭାବି ଗାଈ ଏହାକୁ ଖାଇ ଦେବାରୁ ଫୁଟି ଯାଇଛି। ଗାଈଟି ଗୁରୁତର ହୋଇ ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ପ୍ରାଣୀପ୍ରେମୀ ମନୋଜ କୁମାର ତରାଇଙ୍କୁ ଜଣାଇଥିଲେ। ସେ ଏ ନେଇ ପ୍ରାଣୀ ବିଭାଗକୁ ଜଣାଇ ଆମ୍ବୁଲାନ୍ସ ପଠାଇବାକୁ କହିଥିଲେ। ହେଲେ ଘଟଣାଟି ଗ୍ରାମାଞ୍ଚଳରେ ହୋଇଥିବାରୁ ସେଠାକୁ ଆମ୍ବୁଲାନ୍ସ ଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ମନୋଜ ଅନ୍ୟଜଣେ ପ୍ରାଣୀପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଜଣାଇବାରୁ ସେ ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଆମ୍ବୁଲାନ୍ସ ପହଞ୍ଚି ଗାଈକୁ ଉଦ୍ଧାର କରି ପ୍ରାଣୀ ଡାକ୍ତରଖାନାକୁ ନେଇଛି। ସୂଚନାଯୋଗ୍ୟ, ଗତ ଜୁନ ୧୮ ତାରିଖରେ କୁକୁଡ଼ାଖଣ୍ଡି ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମରେ ଅନୁରୂପ ଭାବେ ଏଭଳି ଏକ ଘଟଣା ଘଟିଥିଲା।








କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଦାଖରୁ ଫେରି ଶନିବାର ଶ୍ରୀନଗରଠାରେ ପହଞ୍ଚିବା ପରେ ତାଙ୍କ ମା' ସୋନିଆ ଗାନ୍ଧୀଙ୍କୁ ଭେଟୁଛନ୍ତି।

# ଲାଲ୍ ଡାଏରୀକୁ କାହିଁକି ଭୟ

## ଗେହଲଟଙ୍କୁ ଶାହାଙ୍କ ପ୍ରଶ୍ନ

ଜୟପୁର,୨୬।୮



ଅମିତ ଶାହା



ଅଶୋକ ଗେହଲଟ

ରାଜସ୍ଥାନର ଗଙ୍ଗାପୁରରେ ଶନିବାର ଏକ କୃଷକ ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରାଜ୍ୟମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସରକାରଙ୍କୁ କଡ଼ା ସମାଲୋଚନା କରଛନ୍ତି। ସେ କହିଛନ୍ତି ଆଜିକାଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଗେହଲଟ ଲାଲ ଡାଏରୀକୁ ବହୁତ ଭୟ କରୁଛନ୍ତି। କିନ୍ତୁ କାହିଁକି? ପ୍ରକୃତପକ୍ଷେ ତାଙ୍କର କଳା କାର୍ଯ୍ୟଗୁଡ଼ିକ ଲାଲ ଡାଏରୀରେ ଲୁଚି ରହିଛି। ସେଥିରେ କୋଟି କୋଟି ଟଙ୍କା ଦୁର୍ନୀତିର ବିବରଣୀ ଅଛି। ଯଦି ତାଙ୍କର ସାହସ ଅଛି, ତେବେ ସେ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ। ସତ ସାମ୍ନାକୁ ଆସିବ । ତେବେ ଗଙ୍ଗାପୁର କାର୍ଯ୍ୟକ୍ରମ ଆରମ୍ଭରେ କିଛି କଂଗ୍ରେସ କର୍ମୀ ତାଙ୍କ ବିରୋଧରେ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ଏ ନେଇ ଶାହା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଥିଲେ, ଗେହଲଟ ଏଭଳି କରିବା ଲାଗି କିଛି ଲୋକଙ୍କୁ ପଠାଇଛନ୍ତି। ଆଉ ଉପସ୍ଥିତ ଲୋକଙ୍କୁ ଶାହା ନିବେଦନ କରି କହିଥିଲେ, ସେମାନଙ୍କୁ ସ୍ଲୋଗାନ ଦେବାକୁ ଦିଅ। କେହି ସେଠାକୁ ଯିବା ଉଚିତ ନୁହେଁ। କିଛି ସମୟ ପାଇଁ ଏଭଳି କରି ସେମାନେ କ୍ଲାନ୍ତ ହୋଇ ଫେରିଯିବେ। ଏଥିସହ ଶାହା କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମର ମହାକାଶ ମିଶନକୁ ନୂତନ ଗତି ଏବଂ ଶକ୍ତି ଦେଇଛନ୍ତି । ଆଜି ଚନ୍ଦ୍ରର ଦକ୍ଷିଣ ଭାଗରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। ଦେଶବାସୀଙ୍କ ପାଇଁ ଏହା ଗର୍ବର ବିଷୟ।

# ନୀତୀଶଙ୍କ ଭଳି ୧୦୦ ମୁଖ୍ୟମନ୍ତ୍ରୀ ଆସିଲେ ବି ପାରିବେନି: ପ୍ରଶାନ୍ତ କିଶୋର

ପାଟନା,୨୬।୮



ପ୍ରଶାନ୍ତ କିଶୋର

ବିହାରରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ବହୁ ସଂଖ୍ୟକ ପ୍ରାର୍ଥୀ ଏହି ନିଯୁକ୍ତି ପରୀକ୍ଷାରେ ଯୋଗଦେବା ପାଇଁ ନିଜ ନିଜ କେନ୍ଦ୍ରରେ ପହଞ୍ଚିଛନ୍ତି। ମହାମେଣ୍ଟ ସରକାର ଏହି ପରୀକ୍ଷାକୁ ନେଇ ବହୁତ ଉତ୍ସାହିତ ଏବଂ ଚାକିରୀ ସମ୍ବନ୍ଧରେ ଆମ ସରକାର ଦେଇଥିବା ପ୍ରତିଶ୍ରୁତି ବର୍ତ୍ତମାନ ପୂରଣ ହେଉଛି ବୋଲି ଦାବି କରିସାରିଛନ୍ତି। କିନ୍ତୁ, ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର(ପିକେ) ଏହି ଦାବି ଉପରେ ମହାମେଣ୍ଟର ନେତାଙ୍କୁ ଟାର୍ଗେଟ କରିଛନ୍ତି। ବିହାରରେ ସରକାରୀ ଚାକିରି ପ୍ରସଙ୍ଗରେ କଟାକ୍ଷ କରି ମହାମେଣ୍ଟ ସରକାରଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, କେବଳ ଖାଲି ପଦବୀ ସୃଷ୍ଟି ହୋଇଛି, କାହାକୁ ଚାକିରି ମିଳିନାହିଁ। ପ୍ରଥମେ ପରୀକ୍ଷା ହେଉ। ପରୀକ୍ଷାରେ ପେପର ଲିକ ହେବା ଉଚିତ ନୁହେଁ। ଏନେଇ କୋର୍ଟରେ କୌଣସି ମାମଲା ଦାଖଲ ହେବା ଠିକ ନୁହେଁ। ଥରେ ନିଯୁକ୍ତି ପରୀକ୍ଷା ସରିବା ପରେ, ଆପଣ ପ୍ରଚାର କରିବେ। ବିହାର ସରକାର ଦାବି କରୁଛନ୍ତି ଯେ,ଦୁଇ ଲକ୍ଷ ପଦବୀ ଖାଲି କରିଛନ୍ତି କିନ୍ତୁ କାହାକୁ ଚାକିରି ମିଳିନାହିଁ। ଆପଣ କେତେ ଲୋକଙ୍କୁ ଚାକିରି ଦେଇଛନ୍ତି ତାହା କେବଳ କୁହନ୍ତୁ। ବର୍ତ୍ତମାନ ନୀତୀଶ କୁମାରଙ୍କ ସମୟ ସମାପ୍ତ ହୋଇଛି, ତାଙ୍କୁ ଉତ୍ତର ଦେବାକୁ ପଡିବ ଚାକିରି କେଉଁଠାରେ ଅଛି। କ୍ଷମତାରେ ରହିବାକୁ ଏଭଳି ଲୋକମାନେ କିଛି କହିବାକୁ ପ୍ରସ୍ତୁତ। ନୀତୀଶ କୁମାରଙ୍କ ପରି ୧୦୦ ଜଣ ମୁଖ୍ୟମନ୍ତ୍ରୀ ଆସିଲେ ମଧ୍ୟ ସେମାନେ ୧୦ ଲକ୍ଷ ଚାକିରି ଯୋଗାଇ ପାରିବେ ନାହିଁ। ଏନେଇ ଜେଡିୟୁ ମୁଖପାତ୍ର ନୀରଜ କୁମାର କହିଛନ୍ତି, ପ୍ରଶାନ୍ତ କିଶୋର ମନ୍ତବ୍ୟର କୌଣସି ଅର୍ଥ ନାହିଁ। ବିହାରର ଲୋକମାନେ ତାଙ୍କୁ ଗୁରୁତ୍ୱ ଦିଅନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ମହାମେଣ୍ଟ ସରକାର ରୋଜଗାର ବିଷୟରେ ଅତ୍ୟନ୍ତ ସଚେତନ ଏବଂ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସବୁ ପୂରଣ ହେବ। ଶିକ୍ଷକ ନିଯୁକ୍ତି ପରୀକ୍ଷା ଏହି ପର୍ଯ୍ୟାୟର ଏକ ଅଂଶ ବୋଲି ସେ କହିଛନ୍ତି।

# ପାୱାର ଗେରିଲା ରଣନୀତି ଆପଣାଉଛନ୍ତି: ସଞ୍ଜୟ

ମୁମ୍ବାଇ,୨୬।୮



ସଞ୍ଜୟ ରାଉତ

ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର କହିଛନ୍ତି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାର ତାଙ୍କ ଦଳ ଛାଡୁଥିବା ଲୋକଙ୍କ ସହ ଗେରିଲା ଯୁଦ୍ଧ କୌଶଳ ବ୍ୟବହାର କରୁଛନ୍ତି। ତାଙ୍କ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ସହିତ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରୁଛି । ଦଳ ଛାଡିଥିବା ଲୋକଙ୍କ ସହ ଲଢ଼ିବା ପାଇଁ ଶରଦ ପାୱାର ଏବଂ ତାଙ୍କ ସହଯୋଗୀମାନେ ଗେରିଲା ଯୁଦ୍ଧ ରଣନୀତି ବାଛିଛନ୍ତି। ଶରଦ ପାୱାର କେବେ ବି ଭାଜପା ସହ ମେଣ୍ଟ କରିବେ ନାହିଁ। ସେ ମହା ବିକାଶ ଆଘାଡି ଏବଂ ବିରୋଧୀ ମେଣ୍ଟ'ଇଣ୍ଡିଆ'ର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା। ଏହାର ଅର୍ଥ ନୁହେଁ ଯେ ସେ ଦୁଇଟି ପଥର ଉପରେ ଠିଆ ହୋଇଛନ୍ତି। ଶରଦଙ୍କ ସମ୍ପର୍କରେ କାହାର ମନରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଉଭୟ ଶିବସେନା ଏବଂ ଏନ୍‌ସିପି ବିଭାଜନର ସମ୍ମୁଖୀନ ହୋଇଛନ୍ତି। ମାତ୍ର ଉଭୟ ଦଳର ମୂଳ ସଦସ୍ୟ ଅନ୍ୟ କେଉଁ ଦଳକୁ ଯାଇ ନାହାନ୍ତି। ସୂଚନାଯୋଗ୍ୟ, ଅଜିତ ପାୱାର ଏବଂ ଆଠ ଜଣ ଏନ୍‌ସିପି ବିଧାୟକ ଗତ ଜୁଲାଇ ୨ରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ସରକାରରେ ଯୋଗ ଦେଇ ଶରଦ ପାୱାରଙ୍କ ପ୍ରତିଷ୍ଠିତ ଏନ୍‌ସିପିରେ ବିଭାଜନ ସୃଷ୍ଟି କରିଥିଲେ।

# ବିଧାୟକ ପଦ ହାତେଇବାକୁ ଭାଜପା କର୍ମୀଙ୍କ ଶପଥ

ସାକ୍ଷୀଗୋପାଳ,୨୬।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ସତ୍ୟବାଦୀ ବ୍ଲକ ଛକ ନିକଟ ଏକ ମଣ୍ଡପରେ ଭାଜପାର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ସାଧାରଣ ନିର୍ବାଚନ ନିମନ୍ତେ ରାଜନୈତିକ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଚାଲିଥିବା ବିଜେଡିର ମନମୁଖୀ ଶାସନରେ ସାଧାରଣ ଲୋକ ଅତିଷ୍ଠ ହୋଇଗଲେଣି। ବର୍ତ୍ତମାନ ସମୟ ପରିବର୍ତ୍ତନର ଆସିଛି। ଏହି ଏକାଚାଟିଆ ଶାସନକୁ ହଟାଇବାର ସମୟ ଆସିଛି। ସେଥିପାଇଁ ଭାଜପା ତୃଣମୂଳରୁ ଚେଷ୍ଟା ଚଳାଇଛି। ଯେଉଁଭଳି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବିଧାୟକ ପଦବୀ ହାସଲ କରିବା ସହ ରାଜ୍ୟରେ ଭାଜପା ସରକାର ଗଢିବାରେ ସହାୟକ ହେବ ସେଥିପାଇଁ ନେତା ଓ କର୍ମୀମାନେ ଶପଥ ନେଇଥିଲେ। ସତ୍ୟବାଦୀର ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ରଙ୍କ ଆହ୍ୱାନକ୍ରମେ ସତ୍ୟବାଦୀ ବ୍ଲକରେ ଦୀର୍ଘଦିନ ଧରି ଚାଲିଥିବା, ଅରାଜକତା ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଆଗାମୀ ଦିନରେ ବ୍ଲକ ଘେରାଉ ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଛି। ବୁଥ୍‌ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ କର୍ମୀଙ୍କୁ ସଜାଗ ରଖିବା ସହ ପ୍ରତ୍ୟେକ ସ୍ତରରେ କରାଯାଉଥିବା ଦୁର୍ନୀତିକୁ ବିରୋଧ କରାଯିବ ବୋଲି କୁହାଯାଇଛି। ବୈଠକରେ ଭାଜପା ମୁଖପାତ୍ର ରମାରଞ୍ଜନ ବଳିୟାରସିଂ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ୩୨ ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ ନଂ. ସଭ୍ୟ ରତିକାନ୍ତ ମିଶ୍ର, ତିନି ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର, ନିର୍ବାଚନମଣ୍ଡଳୀ ସଂଯୋଜକ ରଞ୍ଜନ ବରାଳ, ବରିଷ୍ଠ ନେତା ତ୍ରିଲୋଚନ ରଥ, ଭାଜପା ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଶହ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

# ରାଜ୍ୟରେ ଚାଲିଛି ଜଙ୍ଗଲୀ ଶାସନ : ଶରତ

ଭୁବନେଶ୍ୱର,୨୬।୮ (ଅନିଲଦାସ)

ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଅପମାନିତ କରାଯାଉଛି। ଏଭଳି କାର୍ଯ୍ୟକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିନ୍ଦା କରିବା ସହିତ ଦୃଢ଼ ଭାବରେ ବିରୋଧ କରିଛନ୍ତି।

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମ ସମ୍ବିଧାନରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ କିଏ କେଉଁ କାମ କରିବ ଏହାର ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇଛି। ପ୍ରତ୍ୟେକେ ସୀମାରେଖା ମଧ୍ୟରେ ରହି କାର୍ଯ୍ୟ କରିବା ଆବଶ୍ୟକ। କିନ୍ତୁ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଏମ୍‌ପି ଓ ବିଧାୟକଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ନ୍ୟୂନ କରିଦିଆଯାଉଛି। ଏଭଳି ସମ୍ବିଧାନ ବିରୋଧୀ କାର୍ଯ୍ୟକୁ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି ବୋଲି ପିସିସି ସଭାପତି କହିଛନ୍ତି। ରାଜ୍ୟରେ ଏଭଳି ଅଧଃପତନ ପାଇଁ ବିଜୁ ଜନତା ଦଳର ନେତୃବର୍ଗଙ୍କ ଦୀର୍ଘ ନୀରବତା ହିଁ ଦାୟୀ। କିନ୍ତୁ କଂଗ୍ରେସ ଏଭଳି ପରିସ୍ଥିତିକୁ ବରଦାସ୍ତ କରିବ ନାହିଁ। ସରକାରୀ ଅଧିକାରୀମାନେ ନିଜ ସୀମା ଭିତରେ ରହି କାମ କରନ୍ତୁ। ସୀମା ଉଲ୍ଲଂଘନ କଲେ କଂଗ୍ରେସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବ। ଓଡ଼ିଶାର ଜନସାଧାରଣ ବିଚାର କରିବାର ସମୟ ଆସିଛି। ଯେଉଁ ବିଜୁ ଜନତା ଦଳର ନେତୃବୃନ୍ଦଙ୍କୁ ନିଜ ଅଞ୍ଚଳରୁ ନିର୍ବାଚିତ କରି ପଠାଇଥିଲେ, ସେମାନେ ରାଜ୍ୟରେ ଏଭଳି ସ୍ଥିତିକୁ ଦେଖି କାହିଁକି ପ୍ରତିବାଦ କରୁନାହାନ୍ତି। କଲେଜର ଛାତ୍ରୀଛାତ୍ରଙ୍କୁ ସଭାକୁ କାହିଁକି ବୁହାହୋଇ ଅଣାଯାଉଛି। ୨୦୦୯ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଯେ ଛାତ୍ରୀଛାତ୍ରଙ୍କୁ କୌଣସି ରାଜନୈତିକ କାର୍ଯ୍ୟକ୍ରମକୁ ଅଣାଯିବ ନାହିଁ। କିନ୍ତୁ ଏବେ କଲେଜର ପ୍ରିନ୍ସିପାଲମାନେ ଚିଠି ଲେଖି ଛାତ୍ରୀଛାତ୍ରଙ୍କୁ ଭୟଭୀତ କରାଇ ସଭାକୁ ଆଣୁଛନ୍ତି। ଏ ନିଷ୍ପତ୍ତି କିଏ ନେଉଛନ୍ତି ବୋଲି ଶରତ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳା ନିର୍ଯାତନା ଭାରତବର୍ଷର ଶୀର୍ଷରେ ରହିଛି । ରାଜ୍ୟରେ ପ୍ରତିଦିନ ୭ ଜଣ ମହିଳା ଉତ୍ପୀଡ଼ନ, ଅତ୍ୟାଚାରର ଶିକାର ହେଉଛନ୍ତି। ହଜାର ହଜାର ମହିଳା ପ୍ରତିବର୍ଷ ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି। ଗତବର୍ଷ ତୁଳନାରେ ୩୭.୧ ପ୍ରତିଶତ ମହିଳା ଅପହରଣ ବୃଦ୍ଧି ଘଟିଛି। କଟକ ଜିଲା ମାହାଙ୍ଗାର ଗୋକର୍ଣ୍ଣ ହାଇସ୍କୁଲରେ ଦଶମଶ୍ରେଣୀ ଛାତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଶରତ ନାୟକ ଝିଅର ବାପା ସହିତ ମିଶି ଝିଅକୁ ମାରିଦେଲେ। ଝିଅର ପୋଷ୍ଟମର୍ଟମ କରିବା ପରିବର୍ତ୍ତେ ମାହାଙ୍ଗା ଏସ୍‌ଡିପିଓ ଏବଂ ଆଇଆଇସିଙ୍କ ସହାୟତାରେ ଶବକୁ ପୋଡ଼ି ଦିଆଗଲା । ଆଇଆଇସି ଏବଂ ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ଅନୁଗୋଳ ଜିଲାର ମହିଳା ହୋମ୍‌ଗାର୍ଡ ସୌରିଦ୍ରୀ ସାହୁ ଡିଆଇଜି ବ୍ରିଜେଶ ରାୟଙ୍କ ସ୍ତ୍ରୀଙ୍କ ଦ୍ୱାରା ବାରମ୍ବାର ନିର୍ଯାତନାର ଶିକାର ହେଉଥିଲେ। ମାନସିକ ସ୍ତରରେ ଅତ୍ୟନ୍ତ ଆଘାତପ୍ରାପ୍ତ ହେତୁ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରି ନିଜର ଦୁଇ ଗୋଡ଼ ସବୁଦିନ ପାଇଁ ହରାଇ ବସିଛନ୍ତି। ଏ ପର୍ଯ୍ୟନ୍ତ ଡିଆଇଜିଙ୍କ ସ୍ତ୍ରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ ହେଲାନାହିଁ । ଏହା କ'ଣ ଆଇନର ଶାସନ ବୋଲି ଶରତ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଜଣେ ସଚିବ ଜଣେ ଲୋକ ପ୍ରତିନିଧିଙ୍କୁ ଅପମାନିତ କରିପାରିବ ନାହିଁ କିମ୍ବା ତାଙ୍କ ବିରୋଧରେ କୌଣସି ଟିପ୍ପଣୀ କରିପାରିବ ନାହିଁ। ଏହା ରୁଲ୍ ବୁକ୍ ୪୭ର ଖୋଲାଖୋଲି ଉଲ୍ଲଂଘନ। ବିଜେଡି ବିଧାୟକମାନେ କାହିଁକି ଏ ସମସ୍ତ ଘଟଣା ଉପରେ ଚୁପ୍ ରହିଛନ୍ତି ବୋଲି ସେ କହିଛନ୍ତି।

ଏ ରାଜ୍ୟର ଅଧିକାରୀମାନେ ସଭାସ୍ଥଳକୁ ଗୁଣ୍ଡା ନେଇ ଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ପୂର୍ବତନ ମନ୍ତ୍ରୀ ତଥା ଇସ୍ତାହାର କମିଟିର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ରାଜ୍ୟରେ ନାରୀ ନିର୍ଯାତନା ଯେଉଁ ବେଗରେ ବଢ଼ି ଚାଲିଛି ତାହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା,ମୁଖପାତ୍ର ରଶ୍ମି ମହାପାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ସତ୍ୟମେବ ଜୟତେ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା
ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ
ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି
ସମ୍ପର୍କରେ ଘୋଷଣା କରୁଛନ୍ତି

ଯୋଗ୍ୟତା
- ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

ପରିସର
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

ହକ୍‌ଦାରିତା
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/13/0018/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ଅଗଷ୍ଟ, ୨୦୨୩



**ସଂକ୍ଷେପରେ**

## କମ୍ ଯନ୍ତ୍ରଣାରେ ସାୟାଟିକା ଚିକିତ୍ସା

ଭୁବନେଶ୍ୱର, ୨୬।୮ (ଅସମାପିକା ସାହୁ)

ମେରୁଦଣ୍ଡ ଓ ମେରୁହାଡ଼ର ଦୁଇଟି ସବୁଠାରୁ ସାଧାରଣ କିନ୍ତୁ ଯନ୍ତ୍ରଣାଦାୟକ ରୋଗ ହେଉଛି ସ୍ଲିପ୍‌ଡ ଡିସ୍କ ଓ ସାୟାଟିକା। ଏହି ଦୁଇଟି ରୋଗ ଲୋକଙ୍କ ମଧ୍ୟରେ ସାଧାରଣ ରୂପେ ଦେଖାଯାଉଥିବା ବ୍ୟାକ୍ ପେନ୍ ବା ଅଣ୍ଟା ଯନ୍ତ୍ରଣା ସମସ୍ୟାର ମୁଖ୍ୟ କାରଣ। ଏଭଳି ଅଧିକାଂଶ ମାମଲାରେ ସ୍ନାୟୁଗୁଡ଼ିକ ସଙ୍କୁଚିତ ହୋଇଯାଏ, ଯାହା ଫଳରେ ଯନ୍ତ୍ରଣା ଦ୍ରୁତ ବେଗରେ ବଢ଼ିଯାଏ। ଯଦି ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଯାଏ ତେବେ ବେଳେବେଳେ ଏହା ପାଦରେ ବଧିରା ଓ ଫୋଢ଼ିଲା ଭଳି ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏକ ଆକଳନରୁ ଜଣାପଡ଼ିଛି, ୭୭% ଲୋକଙ୍କଠାରେ ଅଣ୍ଟା ଯନ୍ତ୍ରଣା ରହିଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୩୫% ଲୋକଙ୍କ ଜୀବନକାଳ ମଧ୍ୟରେ ସର୍ବନିମ୍ନ ଥରେ ସାୟାଟିକା ରୋଗ ଦେଖାଦେଇଛି। ଏହି ରୋଗକୁ ଠିକ୍ ସମୟରେ ଜାଣିପାରିଲେ ତା'ର ଚିକିତ୍ସା ସଫଳ ହୋଇପାରୁଛି। ଏହି ରୋଗର ଚିକିତ୍ସା ପାଇଁ ଅତ୍ୟାଧୁନିକ ୩-ଡି ଏଣ୍ଡୋସ୍ପାଇନ୍ ସର୍ଜରି ଏକ ପଦ୍ଧତି, ଯାହା ଏବେ ଓଡ଼ିଶାରେ ଉପଲବ୍ଧ ହେଉଛି। ଏହି ସର୍ଜରି ଖୁବ୍ କମ୍ ଯନ୍ତ୍ରଣା ଦେବା ସହ ରୋଗୀକୁ ଶୀଘ୍ର ସୁସ୍ଥ କରିଥାଏ। ସ୍ଲିପ୍‌ଡ ଡିସ୍କ ଓ ସାୟାଟିକାକୁ ଏବେ ଖୁବ୍ କମ୍ ଯନ୍ତ୍ରଣା ସହ ସଫଳତାର ସହ ଅସ୍ତ୍ରୋପଚାର କରାଯାଇପାରିବ ବୋଲି ଏଣ୍ଡୋସ୍କୋପିକ୍ ସର୍ଜନ ଓ ଅର୍ଥୋପେଡିସିଆନ୍ ଡା. ପିସି ଦେ କହିଛନ୍ତି। ୩ଡି ଏଣ୍ଡୋସ୍ପାଇନ୍ ସର୍ଜରି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ ଡା. ଦେ ଉପସ୍ଥିତ ରହି ସ୍ଲିପ୍‌ଡ ଡିସ୍କ, ସାୟାଟିକାର ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ଏଣ୍ଡୋସ୍କୋପିକ୍ ସ୍ପାଇନାଲ ସର୍ଜରୀଗୁଡ଼ିକରେ ରୋଗୀ ଅସ୍ତ୍ରୋପଚାରର ୩ରୁ ୪ ଘଣ୍ଟା ମଧ୍ୟରେ ଟଏଲେଟ୍ ଯିବାକୁ ସକ୍ଷମ ହୋଇପାରନ୍ତି ଏବଂ ପରଦିନ ଘରକୁ ଯାଇପାରିଥାନ୍ତି। ଏହି ଅସ୍ତ୍ରୋପଚାର ରୋଗୀଙ୍କୁ କମ୍ ଯନ୍ତ୍ରଣା ଦେଇଥାଏ ଓ ଏହାର ଆରୋଗ୍ୟ ସମୟ ଅଧିକ ଦ୍ରୁତ ହୋଇଥାଏ। ଏହି ପଦ୍ଧତି ସହିତ ଅସ୍ତ୍ରୋପଚାର ପରେ ରୋଗ ପୁଣିଥରେ ଫେରିବାର ସମ୍ଭାବନା ଖୁବ୍ କମ୍ ଥାଏ ବୋଲି ଡା. ଦେ କହିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଏହି ରୋଗ ଏବଂ ଏହାର ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ।

## ମାଲବାହୀ ଟ୍ରେନ୍ ଧକ୍କାରେ ଟ୍ରାକ୍ଟର ଚୂରମାର

କଳିଙ୍ଗନଗର, ୨୬।୮ (ଶୁଭାଶିଷ ରାଉତ)

ଯାଜପୁର ଜିଲା ସୁକିନ୍ଦା-କେନ୍ଦୁଝର ରେଲୱେ ଲାଇନର ଗୋଡ଼ିଗୋଠ ଡଙ୍କାଗାଡ଼ିଆଠାରେ ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ଏକ ଟ୍ରାକ୍ଟର ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଯାଜପୁର ରୋଡ୍ ରେଳବାଇ ପୋଲିସ ପହଞ୍ଚି ଖଣ୍ଡ ବିଖଣ୍ଡିତ ଟ୍ରାକ୍ଟରକୁ ଧାରଣାରୁ ହଟାଇବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ଡଙ୍କାଗାଡିଆ ଗାଁର ଜଣେ ଡ୍ରାଇଭର ଶୁକ୍ରବାର ରାତିରେ ଉକ୍ତ ଟ୍ରେନ୍ ଲାଇନ ଦେଇ ଟ୍ରାକ୍ଟର ନେଇ ଯାଉଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ଆସୁଥିବା ଦେଖି ସେ ଟ୍ରାକ୍ଟରରୁ ଡେଇଁ ପଡ଼ିଥିଲେ। ସମ୍ପୃକ୍ତ ଡ୍ରାଇଭର ଓ ଟ୍ରାକ୍ଟର ମାଲିକଙ୍କ ପରିଚୟ ମିଳି ପାରିନାହିଁ। ରେଳବାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସାତକୋଶିଆରୁ ବିସ୍ଥାପନ ସ୍ଥଗିତ

## ଆତଙ୍କିତ ଅଭୟାରଣ୍ୟବାସୀ ଆଶ୍ୱସ୍ତ

ଅନୁଗୋଳ, ୨୬।୮ (ଅମିତ ସାମଲ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବସବାସ କରୁଥିବା ପରିବାର ବିସ୍ଥାପିତ ହେବେନାହିଁ। ବିସ୍ଥାପନ ପ୍ରକ୍ରିୟାରେ ଅନେକ ତ୍ରୁଟିବିଚ୍ୟୁତି ରହିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାମୟିକ ଭାବେ ଏହାକୁ ସ୍ଥଗିତ ରଖାଯାଇଛି। ଏହା ଜଣାପଡ଼ିବା ପରେ ବିସ୍ଥାପିତ ହେବାକୁ ଥିବା ପୁରୁଣାକୋଟ, ଟିକରପଡ଼ା ଓ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ୨୨ ଗ୍ରାମର ବାସିନ୍ଦା ସାମୟିକ ଭାବେ ଆଶ୍ୱସ୍ତ ହୋଇଛନ୍ତି। ଏଥିଲାଗି ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବନ୍ୟପ୍ରାଣୀ ଏବଂ ଅଭୟାରଣ୍ୟ ସୁରକ୍ଷା ଆଳରେ ସାତକୋଶିଆରେ ବର୍ଷ ବର୍ଷ ଧରି ବସବାସ କରିଆସୁଥିବା ଆଦିବାସୀ ପରିବାରକୁ ବିସ୍ଥାପନ କରାଯିବାକୁ ଯୋଜନା କରାଯାଇଥିଲା। ପ୍ରଶାସନ ଏବଂ ବନ ବିଭାଗର ଏଭଳି ନିଷ୍ପତ୍ତିକୁ ୨ ବର୍ଷ ହେଲା ସମ୍ପୃକ୍ତ ଅଞ୍ଚଳବାସୀ ବିରୋଧ କରିଆସୁଥିଲେ। ବିନା ଗ୍ରାମସଭାରେ ବିସ୍ଥାପନ କରାଯାଉଥିବା ଏବଂ ପ୍ରଶାସନିକ ଅଧିକାରୀମାନେ ଚକ୍ରାନ୍ତ କରି ବିଷମଞ୍ଜି ବୁଣୁଥିବା ଅଭୟାରଣ୍ୟବାସୀ ଅଭିଯୋଗ କରିଥିଲେ। ଆଦିବାସୀଙ୍କୁ ପ୍ରଲୋଭିତ କରି ୨୦ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା, ଖାଲି ପଡ଼ିଥିବା ଘରକୁ କବ୍‌ଜା କରାଯିବା, ବାସହୀନ ପରିବାରକୁ ଗାଁ ଛାଡ଼ି ଚାଲିଯିବାକୁ କହିବା, ସପକ୍ଷବାଦୀ-ବିପକ୍ଷବାଦୀ ଗୋଷ୍ଠୀ ସୃଷ୍ଟି




ସାତକୋଶିଆ ଅଭୟାରଣ୍ୟ ପ୍ରବେଶ ପଥ ।)

କରି ବିସ୍ଥାପନ ପ୍ରକ୍ରିୟା ଜାରି ରଖିବା, ବିନା ଆଲୋଚନାରେ ମୁଷ୍ଟିମେୟ ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ ଆଦିକୁ ନେଇ ଅସନ୍ତୋଷ ତୀବ୍ର ହୋଇଥିଲା। ଅଞ୍ଚଳବାସୀ ଏକାଧିକ ଥର ଆନ୍ଦୋଳନକୁ ଓହ୍ଲାଇଥିଲେ। ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କମିଶନକୁ ଲିଖିତ ଭାବେ ଜଣାଇବା ସହ ଆଇନର ଆଶ୍ରୟ ନେଇଥିଲେ। ସମସ୍ୟା ନେଇ ସେମାନେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏ ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବିସ୍ଥାପନ ପ୍ରକ୍ରିୟା ଆଇନ ଅନୁଯାୟୀ ହେଉ ନ ଥିବା ଏବଂ ଏଥିରେ ଭୁଲ ରହିଥିବା ଜଣାପଡ଼ିଥିଲା। ଏହାପରେ ପ୍ରଧାନ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ସହସ୍ରାଧିକ ଆଦିବାସୀ ପରିବାରର ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ଯାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିସ୍ଥାପନ ପ୍ରକ୍ରିୟା ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

ଏ ନେଇ ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନାମଗୋପନ ରଖି କହିଛନ୍ତି, ବିସ୍ଥାପନ ସାମୟିକ ସମୟ ପାଇଁ ସ୍ଥଗିତ ରହିଛି। ଉପରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଖୋଲୁଛି ଜାଲ୍‌ନୋଟ କାରବାର ଗୁମର

## ଜଣେ ମହିଳାଙ୍କ ସମେତ ୨ ଗିରଫ

ନୀଳଗିରି, ୨୬।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜାଲ୍ ନୋଟ କାରବାର ଚାଲିଥିବା ନେଇ ପୋଲିସ ସୂଚନା ପାଇ ତନାଘନା ଚଳାଇଥିଲା। ଗତ ୨୨ତାରିଖରେ ସନ୍ତରାଗଡ଼ିଆ ଅଞ୍ଚଳର ଜଣେ ବ୍ୟକ୍ତି ଜାଲ ନୋଟ୍ କାରବାର ଘଟଣାରେ ଧରାପଡିବା ପରେ ଏହାର ଗୁମର ଖୋଲିବାରେ ଲାଗିଛି। ଏହାର ମୁଖ୍ୟଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଜାଲ ବିଛାଯାଇଥିଲା। ଏହି କାରବାରରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଥିବା ଶୁକ୍ରବାର ନୀଳଗିରି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାର ନିକଟସ୍ଥ ଘୁଡାଡ଼ିଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ ସନ୍ତରାଗଡିଆ ବଜାରରେ ମଦ କାଉଣ୍ଟରରୁ ୩ହଜାର ଟଙ୍କାର ମଦ କିଣି ଦୋକାନୀଙ୍କୁ ୬ଖଣ୍ଡ ୫ଶହ ଟଙ୍କିଆ ନୋଟ୍ ଦେଇଥିଲେ। ଦୋକାନୀ ଦୋକାନ ବନ୍ଦ କରିବା ପାଇଁ ଟଙ୍କା ଗଣିବା ବେଳେ ଉକ୍ତ ଟଙ୍କାଗୁଡ଼ିକ ଜାଲ୍ ଥିବା ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ସେ ଅନ୍ୟ ଖୁଚୁରା ଦୋକାନରେ ମଧ୍ୟ ଜାଲ୍ ନୋଟ ଦେଇ ବିଭିନ୍ନ ସାମଗ୍ରୀ କିଣିଥିଲେ। ଅଭିଯୋଗ ପାଇ ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କୁ ଉଠାଇ ଆଣିଥିଲା। ନୀଳଗିରି ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ପଚରାଉଚୁରା କରାଯାଇଥିଲା। ଉକ୍ତ ଘଟଣାରେ ଖଇରା ଅଞ୍ଚଳ ସହାରପୁର ଗ୍ରାମର ବୀଣାପାଣି ମୁଖି (୫୦)ଙ୍କ ସମେତ ଯାଜପୁର ଜିଲାର ଜଣେ ପୁରୁଷ ସଂପୃକ୍ତ ଥିବା ପୂର୍ଣ୍ଣଚନ୍ଦ୍ର ପୋଲିସ ଆଗରେ ମାନିଥିଲେ। ତେବେ ବୀଣାପାଣିଙ୍କୁ ପୋଲିସ ସୋରସ୍ଥିତ ଭଡ଼ାଘରୁ ଗିରଫ କରିବା ପରେ ମୁଖ୍ୟ ଆସାମୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଏହି ଦୁଇ ଅଭିଯୁକ୍ତଙ୍କଠାରୁ ୩୮ଖଣ୍ଡ ୫ଶହ ଟଙ୍କିଆ, ୪୫ଖଣ୍ଡ ୨ଶହ ଟଙ୍କିଆ, ୪୭ଖଣ୍ଡ ଶହେ ଟଙ୍କିଆ ଜାଲ୍ ନୋଟ ଓ ଦୁଇଟି ମୋବାଇଲ୍ ଜବତ କରାଯାଇଥିଲା। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୨୭୬ / ୨୩) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଉପସ୍ଥିତ ଥିଲେ।



ଜବତ ଜାଲ ନୋଟ୍ ସହ ୨ ଗିରଫ।

# ପୋଲିସ ସ୍କୁଟିରେ ଗଞ୍ଜେଇ ଚାଲାଣ



ସୋନପୁର ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।



ଜବତ ସ୍କୁଟି ।

- ଗଞ୍ଜେଇ, ସ୍କୁଟି ଜବତ : ଯୁବକ ଗିରଫ
- ଏଏସ୍‌ଆଇଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି : ଏସ୍‌ଡିପିଓ

ସୋନପୁର, ୨୬।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନାରେ କାର୍ଯ୍ୟରତ ମହିଳା ଏଏସ୍‌ଆଇ ସ୍ମିତାରାଣୀ ଦାଶଙ୍କ ସ୍କୁଟିରେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ସୁବଳୟା ଥାନା ଟେଭାପଦର ଗ୍ରାମର ସଂଗ୍ରାମ କୁମାର କର୍ଡିଆ(୨୭) ପୋଲିସ ଅଧିକାରୀଙ୍କ ସ୍କୁଟିରେ ଗଞ୍ଜେଇ ଚାଲାଣ କରୁଥିଲେ। ସୋନପୁର ଟାଉନ ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସୋନପୁର ଥାନା ଏସ୍‌ଆଇ ସସ୍ମିତା ଭୂତିଆଙ୍କ ନେତୃତ୍ୱରେ ସହରରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଟେଭାପଦର ଗ୍ରାମର ସଂଗ୍ରାମ ଏକ ସ୍କୁଟି(ନଂ.ଓଡି ୧୭ ଏକ୍ସ-୯୭୭୧)ରେ ଜରିବ୍ୟାଗ୍ ଭର୍ତ୍ତି ଗଞ୍ଜେଇ ଚାଲାଣ କରୁଥିଲେ। ସନ୍ଦେହରେ ପୋଲିସ ଟିମ୍ ତାଙ୍କ ପିଛା କରିଥିଲା। ବୁଢ଼ାରାଜା ଛକରେ ସଂଗ୍ରାମଙ୍କୁ ଅଟକ ରଖି ତନଖି କରିବା ପରେ ଜରିବ୍ୟାଗ୍‌ରୁ ୧୨ କିଲୋ ୬୦୦ ଗ୍ରାମ୍ ଗଞ୍ଜେଇ ଠାବ ହୋଇଥିଲା। ପୋଲିସ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓ ସ୍କୁଟିକୁ ଜବତ କରିଛି। ଏ ନେଇ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ବୌଦ୍ଧ ଜିଲାରୁ ଗଞ୍ଜେଇ କିଣି ସୁବଳୟାକୁ ନେଉଥିଲେ। ସେଠାରୁ ଜିଲା ବାହାରକୁ ଚାଲାଣ କରିବାର ଯୋଜନା ଥିବା ପୋଲିସ ତଦନ୍ତ ସମୟରେ ସେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ସଂଗ୍ରାମଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ଲମ୍ବୋଦର ଡାଙ୍ଗ ମାମଲାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ରାଜକିଶୋର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଗଞ୍ଜେଇ ଚୋରାଚାଲାଣରେ ମହିଳା ଏଏସ୍‌ଆଇଙ୍କ ସ୍କୁଟି ବ୍ୟବହାର ହୋଇଥିବାରୁ ପୋଲିସ ବଦନାମ ହୋଇଛି । ପୋଲିସ ଅଧିକାରୀଙ୍କ ନାମରେ ଥିବା ସ୍କୁଟି ଗଞ୍ଜେଇ ଚାଲାଣକାରୀ ବ୍ୟବହାର କରୁଥିବାରୁ ପୋଲିସ ଓ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଚାଲିଛି। ତେବେ ପୋଲିସ ଏଏସ୍‌ଆଇଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ମିଶ୍ର କହିଛନ୍ତି । ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।

## ଫୁଲଟା ଗ୍ରାମରୁ ବଜ୍ରକାପ୍ତା ଉଦ୍ଧାର

ବ୍ରହ୍ମପୁର, ୨୬।୮ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ସହର ଉପକଣ୍ଠସ୍ଥ ଫୁଲଟା ଗ୍ରାମରୁ ଶନିବାର ସନ୍ଧ୍ୟାରେ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗ୍ରାମର ଉମାକାନ୍ତ ସାସମଲଙ୍କ ବାରିପଟେ ଏକ ବଜ୍ରକାପ୍ତା ବୁଲୁଥିଲା। ଉମାକାନ୍ତ ଏହା ଦେଖି ପରିବାର ଲୋକଙ୍କ ସହାୟତାରେ ବଜ୍ରକାପ୍ତାଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖରଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦାଙ୍କ ନେତୃତ୍ୱରେ ଏକ ଟିମ ଫୁଲଟା ଗ୍ରାମରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଉଦ୍ଧାର ବଜ୍ରକାପ୍ତାର ଲମ୍ବ ୩ ଫୁଟ ରହିଥିବା ବେଳେ ବୟସ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଉଦ୍ଧାର କରାଯାଇଥିବା ବଜ୍ରକାପ୍ତାଟିକୁ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଥିବା ବ୍ରହ୍ମପୁର ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦା ସୂଚନା ଦେଇଛନ୍ତି।



# ବଲାଙ୍ଗୀରରୁ ଭବାନୀପାଟଣା ଗଲେ କେମିତି

**ହସ୍ପିଟାଲରୁ ମହିଳା ପୋଲିସ ଏସ୍‌ଆଇ ଉଭାନ୍ ଘଟଣା**

**ଏସ୍‌ଆଇଙ୍କ ବାପା କହିଲେ ଘରେ ଅଛି, ସୁସ୍ଥ ଅଛି**



ପୋଲିସ ଏସ୍‌ଆଇ କାଜଲ ବାଗ୍

ବଲାଙ୍ଗୀର, ୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବିଷପାନ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଇଁତଲା ଥାନାର ଟ୍ରେନି ମହିଳା ପୋଲିସ ଏସ୍‌ଆଇ କାଜଲ ବାଗ୍ ହସ୍ପିଟାଲରୁ କୁଆଡ଼େ ଉଭାନ୍ ହୋଇଯାଇଥିଲେ। ଏନେଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲା ପୋଲିସ ଅଧିକାରୀଙ୍କ ପରସ୍ପର ବିରୋଧୀ ସୂଚନା ଘଟଣାକୁ ଜଟିଳ କରିଦେଇଥିଲା। ତେବେ ଘଟଣାର ପ୍ରାୟ ଦୁଇଦିନ ପରେ କାଜଲ ତାଙ୍କ ଭବାନୀପାଟଣାସ୍ଥିତ ଘରେ ଅଛନ୍ତି ଏବଂ ସେ ଶତପ୍ରତିଶତ ସୁସ୍ଥ ଅଛନ୍ତି ବୋଲି ତାଙ୍କ ବାପା ମାନଗୋବିନ୍ଦ ବାଗ ଗଣମାଧ୍ୟମରେ କହିଛନ୍ତି। ଘର କଳହ ଏବଂ ପାରିବାରିକ ଦ୍ୱନ୍ଦ୍ୱ ଯୋଗୁ ଏଭଳି ଘଟଣା ଘଟିଥିଲା। ଏବେ ସେ ଭଲ ଅଛନ୍ତି ବୋଲି ମାନଗୋବିନ୍ଦ କହିଛନ୍ତି। ତେବେ କେଉଁ କାରଣରୁ ସେ ଜଣେ ଦାୟିତ୍ୱସମ୍ପନ୍ନ ପୋଲିସ ଅଧିକାରୀ ହୋଇ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ହସ୍ପିଟାଲରୁ ଫେରାର ହେଲେ ସେନେଇ କୌଣସି ସୂଚନା ମିଳିନାହିଁ। ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରୁ କିଏ ଭବାନୀପାଟଣା ଘରେ ପହଞ୍ଚାଇଲା ସେନେଇ ପୋଲିସ ପକ୍ଷରୁ କିଛି କୁହାଯାଉନାହିଁ।

ଗତ ବୁଧବାର ରାତିରେ ବଲାଙ୍ଗୀର ଜିଲା ସଇଁତଲା ଥାନାରେ ଟ୍ରେନି ଅଫିସର ଭାବେ କାର୍ଯ୍ୟରତ ମହିଳା ପୋଲିସ ଏସ୍‌ଆଇ କାଜଲ ବିଷପାନ କରିଥିବା ଜଣାପଡ଼ିଥିଲା। ସଇଁତଲାର ଏକ ଭଡ଼ାଘରୁ ତାଙ୍କୁ ପୋଲିସ କର୍ମଚାରୀମାନେ ଉଦ୍ଧାର କରି ରାତି ପ୍ରାୟ ଗୋଟାଏରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ତାଙ୍କୁ ବଲାଙ୍ଗୀର ଅଣାଯାଇ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ଡାକ୍ତର ରାଉଣ୍ଡ ବେଳେ ସମ୍ପୃକ୍ତ ମହିଳା ଏସ୍‌ଆଇ ମହିଳା ମେଡିସିନ୍ ୱାର୍ଡରେ ନ ଥିଲେ। ଗୁରୁବାର ଅପରାହ୍ନ ଏବଂ ସନ୍ଧ୍ୟା ରାଉଣ୍ଡ ବେଳେ ମଧ୍ୟ ସେ ଅନୁପସ୍ଥିତ ଥିବା ଜାଣିବାକୁ ମିଳିଥିଲା। ଏନେଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଭାରପ୍ରାପ୍ତ ଅଧୀକ୍ଷକ ଡା. ସଚଳା ଭୋଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମହିଳା ଏସ୍‌ଆଇ ବିଷପାନ କରିବା, ହସ୍ପିଟାଲରୁ ରହସ୍ୟଜନକ ଭାବେ ଉଭାନ୍ ହେବା ଏବଂ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ଭିତରେ ବଲାଙ୍ଗୀର ପୋଲିସର ଭୂମିକା ସନ୍ଦେହଜନକ ହୋଇପଡ଼ିଥିଲା।

# ନଦୀକୂଳରେ କୁମ୍ଭୀର, ଲୋକେ ଆତଙ୍କିତ

ସୋର, ୨୬।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମ ଦେଇ ପ୍ରବାହିତ ହୋଇଥିବା କାଂଶବାଂଶ ନଦୀ କୂଳରେ ଶନିବାର ଏକ କୁମ୍ଭୀର ଶୋଇଥିବା ଜଣେ ଛାତ୍ରୀ ଦେଖି ଭୟଭୀତ ହୋଇପଡିଥିଲେ। ପରେ ଆଖପାଖ ଅଞ୍ଚଳର ଶହ ଶହ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ବନବିଭାଗକୁ ଖବର ଦେଇଥିଲେ। କୁମ୍ଭୀର ଦୀର୍ଘ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କୂଳରେ ରହିବା ପରେ ପାଣି ଭିତରକୁ ଚାଲିଯାଇଥିଲେ ମଧ୍ୟ ବନବିଭାଗ ପହଞ୍ଚି ପାରି ନ ଥିଲା। ଫଳରେ ସ୍ଥାନୀୟ ନଦୀକୂଳରେ ରହୁଥିବା ଲୋକମାନେ ଭୟଭୀତ ହୋଇପଡିଛନ୍ତି।

ଗତ ୧୧ତାରିଖ ସନ୍ଧ୍ୟାରେ ସୋର ବ୍ଲକ କେଦାରପୁର ପଞ୍ଚାୟତ ବାଣିସିଆ



କୁରୁବାଙ୍କ ନିକଟରେ ପ୍ରବାହିତ କାଂଶବାଂଶ ନଦୀରେ ଏକ କୁମ୍ଭୀରକୁ ଲୋକମାନେ ଦେଖିଥିଲେ। ଯାହାକୁ ନେଇ ସ୍ଥାନୀୟ ନଦୀକୂଳିଆ ଲୋକେ ଭୟଭୀତ ହୋଇପଡିଥିଲେ। ବନକର୍ମଚାରୀମାନେ ତୁରନ୍ତ କୁମ୍ଭୀରକୁ ଉଦ୍ଧାର କରିବା ସହିତ ଲୋକଙ୍କୁ ସଚେତନତା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# କଟୁ ଭାଷାରେ ଗାଳି କରୁଥିଲେ ପ୍ରଫେସର

- ମହିଳା ସହକର୍ମୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ
- ତଦନ୍ତ ଆରମ୍ଭ, ସୁପାରିସକ୍ରମେ ହେବ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର, ୨୬।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଜଣେ ମହିଳା ସହକାରୀ ପ୍ରଫେସର ତାଙ୍କ ସହକର୍ମୀ ତଥା ସହକାରୀ ପ୍ରଫେସର ରଜତ କୁଜୁରଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ନିକଟରେ ସେ ଏହି ଅଭିଯୋଗ କରିବା ପରେ ୯ଜଣିଆ କମିଟି ଏହାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମହିଳା ସହକାରୀ ପ୍ରଫେସର ୨୦୧୬ ମସିହାରେ ବିଭାଗରେ ଯୋଗଦେବା ଦିନଠାରୁ କୌଣସି କାରଣରୁ ପ୍ରଫେସର କୁଜୁର ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଅଫିସ ସମୟରେ ମଧ୍ୟ କଟୁ ମନ୍ତବ୍ୟ ଦେଇଆସୁଛନ୍ତି। ଏପରିକି ଅକ୍ଷମ ବୋଲି କହି ଗାଳି କରିଥିଲେ। ମହିଳା ପ୍ରଫେସର ବିଭାଗର ସଂଯୋଜକ ଭାବରେ ନିଯୁକ୍ତ ହେବାର ନିଷ୍ପତ୍ତି ଉପରେ ମଧ୍ୟ ସେ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ନିକଟରେ ତାଙ୍କ ଅଫିସ ଚାମ୍ବରର ଏୟାର କଣ୍ଡିସନର ମରାମତି ନେଇ କୁଜୁର ତାଙ୍କ ସହ କଟୁ ଭାଷାରେ କଥା ହୋଇଥିଲେ। କୁଜୁର ପୂର୍ବରୁ ନିଲମ୍ବିତ ହୋଇଥିବାବେଳେ ବିଭାଗ ସୁରୁଖୁରୁରେ ଚାଲୁଥିଲା। ନିଲମ୍ବନ ସମୟରେ ସେ କର୍ତ୍ତୃପକ୍ଷଙ୍କୁ ଅବମାନନାକରି ବିଭାଗକୁ ଆସି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ନିଲମ୍ବନ ପ୍ରତ୍ୟାହାର ପରେ ବିଭାଗ ପୁନର୍ବାର ଅସୁରକ୍ଷିତ ହୋଇପଡ଼ିଛି। ଦୁର୍ବ୍ୟବହାର ପରିମାଣ ଆହୁରି ବଢ଼ିଯାଇଛି। ମହିଳା ପ୍ରଫେସର ଆହୁରି କହିଛନ୍ତି, ବିଭାଗରେ ଏପରି ନିଶାସକ୍ତ ପରିବେଶରେ କାର୍ଯ୍ୟ କରିବା ପାଇଁ ସେ ଜଣେ ମହିଳା କର୍ମଚାରୀ ଭାବରେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ବି. ମିଶ୍ର କହିଛନ୍ତି, ଏହି ମାମଲା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ପଠାଯାଇଛି। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି, ମହିଳା ପ୍ରଫେସର ଲିଖିତ ଅଭିଯୋଗ କରିବା ପରେ ୯ଜଣ ସଦସ୍ୟଙ୍କୁ ନେଇ ଗଠିତ ଆଭ୍ୟନ୍ତରୀଣ କମିଟି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଗଷ୍ଟ ୨୮ ସୁଦ୍ଧା କମିଟି ରିପୋର୍ଟ ଦେବ। ରିପୋର୍ଟ ଆଧାରରେ ବୈଠକ ହେବ ଓ କମିଟିର ସୁପାରିସ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ପ୍ରଫେସର କୁଜୁର ଏହି ଅଭିଯୋଗକୁ ଅସ୍ୱୀକାର କରି କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ବିଷୟରେ ମୁଁ ଅବଗତ ନୁହେଁ। ଅଭିଯୋଗ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ମୋ ସହ ଯୋଗାଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି।

# ଜେଡ୍ ବ୍ଲାକ୍‌ର ନୂତନ ଟିଭିସି କ୍ୟାମ୍ପେନିଂ

ଭୁବନେଶ୍ୱର,୨୬।୮ (ଅଭୟ ଦାଶ)



ଦେଶର ପ୍ରମୁଖ ଧୂପକାଠି ବ୍ରାଣ୍ଡ 'ଜେଡ୍ ବ୍ଲାକ୍' ପକ୍ଷରୁ ଏକ ନୂତନ ତଥା ଅଭିନବ ଟିଭିସି କ୍ୟାମ୍ପେନ୍ 'ମନ କି ଶାନ୍ତି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଜେଡ୍ ବ୍ଲାକ୍‌ର ଥ୍ରୀ ଇନ୍ ୱାନ୍ ପ୍ରିମିୟମ ଧୂପକାଠିର ଗୁଣବତ୍ତା ଓ ସୁଗନ୍ଧ ସମ୍ପର୍କରେ ପ୍ରଚାର ପ୍ରସାର କରିବା ସହ ଗ୍ରାହକଙ୍କ ନିକଟତର ହେବାକୁ ଉକ୍ତ ଟିଭିସିରେ ଆକର୍ଷଣୀୟ କାହାଣୀର ପରିକଳ୍ପନା ପରିବେଷିତ ହେବା ଏପରିକି ଉକ୍ତ ଟିଭିସି ଭକ୍ତ ଓ ଭଗବାନ୍‌ଙ୍କ ଭାବନା ସହ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଏ ସମ୍ପର୍କରେ ମୌସୁର ଦୀପ ପର୍ଫ୍ୟୁମେରୀ ହାଉସ ଏବଂ ଜେଡ୍ ବ୍ଲାକ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଛନ୍ତି, ମନ୍ କି ଶାନ୍ତି ଟିଭିସି ଜରିଆରେ ଆମେ ଭକ୍ତିର ଏକ ଭାବ ଓ ପରିବେଶ ସୃଷ୍ଟି କରିବାକୁ ପ୍ରୟାସ କରୁଛି। ଏପରିକି ଧୋନୀଙ୍କ ଅଭିନବ ଚିନ୍ତାଧାରା ଓ ଭକ୍ତିମୟ ବାର୍ତ୍ତା ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ମୈସୁର ଦୀପ୍ ପର୍ଫ୍ୟୁମେରୀ ହାଉସ ଏବଂ ଜେଡ୍ ବ୍ଲାକ୍‌ର ନିର୍ଦ୍ଦେଶକ ଅନଶୁଲ ଅଗ୍ରୱାଲ କହିଛନ୍ତି, ଆମେ ଧୋନୀଙ୍କ ଭଳି ପ୍ରତିଭା ଓ ବ୍ୟକ୍ତିତ୍ୱଙ୍କ ସହ ସହଭାଗିତାକରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଉକ୍ତ ଅଭିଯାନ ଉଭୟ କାରବାର ଓ ଗ୍ରାହକଙ୍କ ନିକଟତର ହେବାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ବିଓବି ପକ୍ଷରୁ ଭିଡିଓ ରି–କେୱାଇସିର ଶୁଭାରମ୍ଭ

ଭୁବନେଶ୍ୱର,୨୬।୮

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଭିଡିଓ ରି–କେୱାଇସି'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଉକ୍ତ ସୁବିଧା ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଉପଲବ୍ଧ। ଏପରିକି ଗ୍ରାହକମାନେ ଡିଜିଟାଲ ସେବା ମାଧ୍ୟମରେ ନିୟମିତ ବ୍ୟବଧାନରେ କେୱାଇସି (ଆପଣଙ୍କର ଗ୍ରାହକଙ୍କୁ ଜାଣନ୍ତୁ) ଅପ୍‌ଡେଟ୍ କରିପାରିବ। ସେହିଭଳି ଯେଉଁ ଗ୍ରାହକମାନଙ୍କର ରି–କେୱାଇସି ବକେୟା ରହିଛି, ସେମାନେ ମଧ୍ୟ ସେମାନଙ୍କର ଭିଡିଓ କେୱାଇସିକୁ ଶାଖାକୁ ପରିଦର୍ଶନ ନ କରି ଅଳ୍ପ କିଛି ମିନିଟ୍‌ରେ ସମାପ୍ତ କରିପାରିବେ। ଭିଡିଓ କେୱାଇସି ସୁବିଧା ଉପଲବ୍ଧ କରିବା ପାଇଁ ଗ୍ରାହକମାନେ ଆବାସିକ ବ୍ୟକ୍ତିବିଶେଷ ହୋଇଥିବା ଉଚିତ ଏବଂ ସେମାନଙ୍କର ବୟସ ୧୮ ବର୍ଷରୁ ଅଧିକ ହେବା ସହ ଏକ ଆଧାର ନମ୍ବର ଓ ପାନ୍ କାର୍ଡ ରହିଥିବା ଜରୁରୀ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗ୍ରାହକଙ୍କୁ ବିଓବିର ୱେବ୍‌ସାଇଟକୁ ପରିଦର୍ଶନ କରିବାକୁ ହେବ ଓ କିଛି ସାଧାରଣ ସୂଚନାକୁ ଅନ୍‌ଲାଇନରେ ପ୍ରଦାନକରି ଅନ୍‌ଲାଇନ ରି–କେୱାଇସି ଆବେଦନକୁ ସମ୍ପୂର୍ଣ୍ଣ କରିବାକୁ ହେବ। ଥରେ ଅନ୍‌ଲାଇନ ଆବେଦନ ଦାଖଲ ହେବା ପରେ ବ୍ୟାଙ୍କ କର୍ମଚାରୀଙ୍କ ସହିତ ଭିଡିଓ କେୱାଇସି କଲ୍ କରାଯିବ।

# ଜେଏସ୍‌ଏଲ୍‌କୁ ଗ୍ରୀନ୍‌ଟେକ୍ କ୍ୱାଲିଟି ପୁରସ୍କାର



କଳିଙ୍ଗନଗର,୨୬।୮ (ଶୁଭାଶିଷ ରାଉତ)

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷ କରି ଗୁଣାତ୍ମକ ଉନ୍ନତି ବର୍ଗ ଅଧୀନରେ ଜେଏସ୍‌ଏଲ୍‌ର କଳିଙ୍ଗନଗର ୟୁନିଟ୍ (ପ୍ଲାଣ୍ଟ)କୁ ସମ୍ମାନ ଜନକ ଗ୍ରୀନ୍‌ଟେକ କ୍ୱାଲିଟି ଏବଂ ଇନୋଭେଶନ ଆୱାର୍ଡ–୨୦୨୩ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବରେ ଆସାମର ପୂର୍ବତନ ରାଜ୍ୟପାଳ ଜଗଦୀଶ ମୁଖୀ ମୁଖ୍ୟ ଅତିଥି, ଗ୍ରୀନ୍‌ଟେକ ଫାଉଣ୍ଡେଶନର ଅଧ୍ୟକ୍ଷ କମଲେଶ୍ୱର ଶରଣ ଏବଂ ପୂର୍ବତନ ସାଂସଦ ମହାବଳ ମିଶ୍ର ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ବିଶେଷ କରି ଉତ୍କର୍ଷ ପାଇଁ ଉତ୍ସର୍ଗୀକୃତର ଏକ ପ୍ରମାଣ, ଶୀର୍ଷ ସ୍ତରୀୟ ଗୁଣବତ୍ତା ଏବଂ ଅଭିନବ ବର୍ଗରେ କ୍ରମାଗତ ୨ୟ ଥର ପାଇଁ ଜେଏସ୍‌ଏଲ୍ ଏହି ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ ନୂଆଦିଲ୍ଲୀ ଗ୍ରୀନ୍‌ଟେକ ଫାଉଣ୍ଡେଶନ୍ ଦ୍ୱାରା ଉକ୍ତ ପୁରସ୍କାର ସମୁଦାୟ ଗୁଣବତ୍ତା ଏବଂ ଅଭିନବତା କ୍ଷେତ୍ରରେ ଅତୁଳନୀୟ ସଫଳତା ଉପରେ ପ୍ରଦାନ କରାଯାଉଛି। ଗୋଦ୍ରେଜ୍, ପାର୍ଲେ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ, ଏସୀୟ ପେଣ୍ଟସ୍, ଏନ୍‌ଟିପିସି, ଓଏନ୍‌ଜିସି, ଏଲ୍ ଆଣ୍ଡ ଟି, ଭାରତ ପେଟ୍ରୋଲିୟମ ଏବଂ ଅନ୍ୟ କେତେକ ଖ୍ୟାତିସମ୍ପନ୍ନ ସଂସ୍ଥା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୬।୮

ରିଅଲ୍‌ମିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଉତ୍ପାଦଗୁଡିକୁ ନିକଟରେ କମ୍ପାନୀ ପକ୍ଷରୁ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ବ୍ରାଣ୍ଡର ହିରୋ ନମ୍ବର ସିରିଜ୍ ଓ ଏଆଇଓଟି ସେଗ୍‌ମେଣ୍ଟରେ ୪ଟି ବୈପ୍ଲବିକ ନୂତନ ଉତ୍ପାଦ ଯଥା ରିଅଲ୍‌ମି୧୧ ୫ଜି, ରିଅଲ୍‌ମି୧୧ ଏକ୍ସ ୫ଜି, ରିଅଲ୍‌ମି ବଡ୍‌ସ ଏୟାର୫ ଓ ରିଅଲ୍‌ମି ବଡ୍‌ସ ଏୟାର ୫ ପ୍ରୋର ଶୁଭାରମ୍ଭ ସହିତ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ରିଅଲ୍‌ମି ପକ୍ଷରୁ କୁହାଯାଇଛି 'ଆମେ ବର୍ତ୍ତମାନ ରିଅଲ୍‌ମି ୧୧ସିରିଜ୍ ୫ଜି ଏବଂ ଆମର ବିବିଧ ଏଆଇଓଟି ଶୃଙ୍ଖଳରେ ରିଅଲ୍‌ମି ବଡ୍‌ସ ଏୟାର ୫ସିରିଜ୍‌ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ, ଯାହା ଉଦ୍ଭାବନ ଓ ଉତ୍କର୍ଷ ପ୍ରତି ଆମର ନିରବଚ୍ଛିନ୍ନ ପ୍ରତିବଦ୍ଧତାର ଏକ ପ୍ରମାଣ। ଏପରିକି ୪ଟି ବୈପ୍ଲବିକ ଉତ୍ପାଦର ଶୁଭାରମ୍ଭ ସହ ଆମେ ସ୍ମାର୍ଟଫୋନ୍ ଓ ଏଆଇଓଟି ଶିଳ୍ପରେ ନୂଆ ବେଞ୍ଚମାର୍କ ସ୍ଥାପନ କରିବା ପାଇଁ ପ୍ରସ୍ତୁତ ରହିଛୁ।

# ରିଲାଏନ୍ସ ରିଟେଲ ପକ୍ଷରୁ ୟୁଷ୍ଟାର ଶୁଭାରମ୍ଭ

ଭୁବନେଶ୍ୱର,୨୬।୮




ରିଲାଏନ୍ସ ରିଟେଲ ପକ୍ଷରୁ ଯୁବ ଫ୍ୟାଶନ ରିଟେଲ ଫର୍ମାଟ ୟୁଷ୍ଟା'ର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ହାଇଦ୍ରାବାଦଠାରେ ୟୁଷ୍ଟାର ପ୍ରଥମ ଷ୍ଟୋର ସହିତ ନୂଆ ଫର୍ମାଟର ଶୁଭାରମ୍ଭ କରାଯାଇଛି। ସର୍ବାଧୁନିକ ଜ୍ଞାନକୌଶଳସମ୍ପନ୍ନ ଷ୍ଟୋର ଲେ–ଆଉଟ ସହିତ ୟୁଷ୍ଟାରେ ଯୁବବର୍ଗର ଗ୍ରାହକଙ୍କ ପାଇଁ ସୁଲଭ ମୂଲ୍ୟରେ ହାଇ–ଫ୍ୟାଶନ ଉପଲବ୍ଧ ହେଉଛି। ଏଠାରେ ମିଳୁଥିବା ସମସ୍ତ ସାମଗ୍ରୀର ମୂଲ୍ୟ ୯୯୯ ଟଙ୍କାରୁ କମ୍ ରହିଥିବାବେଳେ ଅଧିକାଂଶ ସାମଗ୍ରୀର ମୂଲ୍ୟ ୪୯୯ ଟଙ୍କାରୁ କମ୍ ରହିଛି। ଉଭୟ ପୁରୁଷ ଓ ମହିଳାଙ୍କ ପୋଷାକ ସାଙ୍ଗକୁ ବିଭିନ୍ନ ବର୍ଗର ପୋଷାକ ଓ ସାପ୍ତାହିକ ରିଫ୍ରେଶ୍ କ୍ୟାପ୍‌ସୁଲ ସହ ୟୁଷ୍ଟାରେ ପ୍ରତି ସପ୍ତାହରେ ଷ୍ଟାରିଂ ନାଓ କଲେକ୍ସନ ଜରିଆରେ ସ୍ୱାଧୁନିକ ଫ୍ୟାଶନ ଏବଂ ମ୍ୟାଚିଂ ଆସେସୋରି ସହ ଏକ ସମ୍ପୂର୍ଣ୍ଣ ଆଉଟ୍‌ଫିଟ୍ ଭାବେ ପ୍ରସ୍ତୁତ ରହିବ। ରିଲାଏନ୍ସ ରିଟେଲର ଫ୍ୟାଶନ ଓ ଲାଇଫଷ୍ଟାଇଲ ସଭାପତି ଓ ସିଇଓ ଅଖିଳେଶ ପ୍ରସାଦ କହିଛନ୍ତି, ୟୁଷ୍ଟା ଏକ ଯୁବ ଓ ଡାଇନାମିକ ବ୍ରାଣ୍ଡ ଯାହା ଦେଶର ଯୁବପିଢ଼ି ସହ ଆଗକୁ ବଢିବ ଏବଂ ସମୃଦ୍ଧ ହେବ। ଏହି ଟିମ୍ ଭାରତର ଯୁବ ପିଢ଼ି ସହିତ ଲଗାତର କାର୍ଯ୍ୟ କରି ନୂଆ ଫ୍ୟାଶନ ଆବଶ୍ୟକତା ଉପରେ କାର୍ଯ୍ୟ କରିବ।


## ଓଡ଼ିଶା ସରକାର
### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

TRANSPARENCY TECHNOLOGY TEAMWORK TIME TRANSFORMATION

E-Mail: serwcirclesbp@yahoo.com

Office Order No.2126/RWCSBP Date:23.08.2023

**1st corrigendum to this office bid ID No. Road Tender Online RWCSBP-19/2023-24 Invited Vide this office Letter No. 1928 Dtd.08.08.2023**

**No.O-755:**In pursuance to this office Bid ID No.Road Tender Online RWCSBP-19/2023-24 published vide this office e-procurement notice No. 1928 Dtd.08.08.2023,Work of Sl. No-03,10,14,17,19,20,25,32,33 are hereby cancelled due to un-avoidable circumstances and the following changes have been made in NIT.The exact amount and revised completion period will be available in DTCN.

| Sl.No. | Items | As per Original TCN | As per 2nd corrigendum |
|---|---|---|---|
| 1 | Availability of tender online for bidding | 11.08.2023 11.00 AM to 25.08.2023 upto 5.00 PM | 25.08.2023 11.00 AM to 08.09.2023 5.00 PM |
| 2 | Last date of seeking clarification | 23.08.2023 up to 5.00 PM | 05.09.2023 up to 5.00 PM |
| 3 | Date and Time of opening of tender(Technical)in office of the CCE, RW Circle, Sambalpur | 28.08.2023 at 10.00 AM | 11. 09. 2023 at 11.00 AM |
| 4 | Date and Time of opening of tender(Financial)in office of the CCE, RW Circle, Sambalpur | 05.09.2023 at 10.00 AM | Will be intimated later |

All other terms and conditions remain unaltered.

OIPR-25091/11/0037/2324 **Sd./- Chief Construction Engineer, Rural Works Circle, Sambalpur**



## WORKS DEPARTMENT
### OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

e-mail: - seec_bls@rediffmail.com

Government of Odlsha "e" Procurement Notice

Bid Identification No.CCEEC-16/2023-24

**No.B-762:** No.4744, Dt:17.8.2023

| | | |
|---|---|---|
| Nature of work | :- | Building Work |
| Number of works | :- | 7 Nos. Buildings Works, 3 Nos. Road Work & 1 No. Drain Work |
| Amount put to Tender | :- | Rs. 124.61 Lakh to 612.69 Lakh |
| Class of Contractor | :- | "Special" Class, "A" Class & "B" Class |
| Date & Time of availability of bid document in the portal | :- | Dt.28.08.2023 at 10:00 AM |
| Last Date / Time of receipt of bid in the portal | :- | Dt.11.09.2023 up to 05:00 PM |
| Date of opening of bid | :- | Dt.12.09.2023 at 11 :00 AM |
| Name & address of the Office inviting bid | :- | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B) Balasore

OIPR-34026/11/0016/2324



## OFFICE OF THE NOTIFIED AREA COUNCIL,ATHGARH
### E-PROCUREMENT NOTICE

Tender Reference No.ATH-NAC-02/2023-24

Notice No.1402, Dt.23.08.2023

**No.C-1205:**The Athgarh NAC invites online bid in single cover system through e-Procurement.

| | | | |
|---|---|---|---|
| 1. | Type of Works | : | Civil Construction works as in the DTCN |
| 2. | Total No. of works | : | 23 Nos. |
| 3. | Estimated Cost | : | As per estimated cost of DTCN. |
| 4. | Period of Completion of Work | : | 30 days |
| 5. | Date and time of availability of Bid | : | From dt.24.08.2023, 10 A.M. to 02.09.2023 upto 5 PM. |
| 6. | Last date and time for receipt of Bid in Portal | : | 02.09.2023 upto 5 PM |
| 7. | Date and Time of Opening of the Bid | : | 04.09.2023 from 11AM onwards |
| 8. | Class of Contractor | : | "C" & "D" Class Regd. Contractors. |

Further details can be seen from the E-Procurement portal www.tendersorissa.gov.in.

**Sd./- Executive Officer, NAC, Athgarh**
**OIPR-13149/11/0004/2324**



## ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
### OFFICE OF THE EXECUTIVE ENGINEER LIFT IRRIGATION DIVISION, KENDRAPARA

E-mail:eeolickdp@yahoo.in, Tel.No.06727-220393

**e-Procurement Notice**

Bid Identification No.2022/LID.KDP/2023-24,Date:24.08.2023

**No. CAD-1838:**1.Name of O.I.T. : Executive Engineer, Lift Irrigation Division, Kendrapara. 2. Name of the Work: Revival of 9 Nos. CLIPs Sanctioned under State Plan Fund 2023-24, On "Turnkey" Percentage basic. 3. No. of Packages: 9 Nos. 4. Tender Amount: Varies from 2.804 Lakh to 11.270 Lakh. 5. Date and Time of availability of bid documents in the portal for online bidding: From 11.00 hours dt.05.09.2023 to 1700 hours dt.12.09.2023. 6. Date of seeking clarification: Dt.08.09.2023 upto 1300 hours. 7. Last date and time of receipt of bids in the portal: Upto 1700 hours dt.12.09.2023. 8. Date of Opening of Technical & Financial Bids: 1100 hours dt.13.09.2023. 9. Further details can be seen from the e-Procurement portal of Govt. of Odisha i.e. www.tendersodisha.gov.in. 10. Corrigendum/ addendum, if required shall be available in the above portal.

**Sd./- Executive Engineer**
**L.I.Division, Kendrapara**
OIPR-32147/11/0001/2324



## Office of the Chief Construction Engineer
## Deo Irrigation Project
### Karanjia, Mayurbhanj-757037

Tel-06796-296144 Email: cce.dip.dowr@gmail.com

Letter No. 1324/CCE, DIP Dated: 24.08.2023

**Corrigendum No.01 to**
**Bid Identification No.: 01/CCEDIP of 2023-24**

No. A-477:- **Name of Work:** Construction of Canal Slope lining from RD 3700m to RD 4000m and Service Road from RD 00m to RD 3600m of Left Main Distributary of Deo Irrigation Project.

"Due to Technical error & Error in Creation of Tender bid submission last date extended upto 02.09.2023, 5.00 PM & Technical bid will be opened on dt.04.09.2023,11.30 AM."

All other terms and conditions remain unchanged.

**Sd./- Chief Construction Engineer.**
**Deo Irrigation Project, Karanjia.**
OIPR-32337/11/0005/2324



## GOVERNMENT OF ODISHA
### OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

E-mail ID: eerbngpur@yahoo.com,
Tel & Fax -06858-222833 (O)

**e-Procurement Notice**

**Bid Identification No. S.E (R&B)-20/2023-24/NGP**
**No.4187, Date. 21.08.2023**

**No.B-767:**Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Civil Work as mentioned in DTCN |
| 2. | No. of Work | : | 4 Nos. |
| 3. | Estimated Cost | : | Rs. 7.20 Lakhs to Rs. 42.03 Lakhs |
| 4. | Period of completion | : | 2 to 3 Calendar of Months |
| 5. | Date & Time of Bidding | : | From 11.00 hours of 29.08.2023 upto 16.00 hours of 07.09.2023 |
| 6. | Last date & time for receipt of bids in portal | : | 16.00 hours of 07.09.2023. |
| 7. | Bids received online shall be opened on | : | 11.00 hours of 08.09.2023 |
| 8. | Name and address of the Officer Inviting Bid | : | Superintending Engineer, Nabarangpur(R&B) Division, Nabarangpur |

Further details can be seen from the **www.tendersodisha.gov.in.**

**Sd./- Superintending Engineer**
OIPR-34143/11/0016/2324 **Nabarangpur (R&B) Division**



## GOVERNMENT OF ODISHA, "e"- PROCUREMENT NOTICE
### Bid Identification No.E.E. GTN(R&B) - 13/2023-24

E-mail address- eeghatagaon2015@gmail.com

Letter No. 5313 dt. 16.08.2023

No. B-761

1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Double Cover/ Single Cover** system in online mode from the eligible contractor for composite Building works as mentioned below.
2. Nature of work : Building Works (Composite)
3. Numbers of work : 02 (Two) Nos.
4. Estimated cost : Rs.83.40 & 20.85 Lakhs (Approx.)
5. Period of completion : 04 (Four) - 02 (Two) Calendar Months.
6. Date & Time of availability of bid document in the portal : **From 11.30 A.M. of dt.29.08.2023 to 05.00 P.M. of dt.07.09.2023**
7. Last Date/Time for receipt of bids in the portal : **05.00 P.M. of dt.07.09.2023**
8. Date of opening of Bid : **11.00 A.M. of dt.08.09.2023**
9. Further details can be seen from the e-procurement portal **https://tendersodisha.gov.in**. Any addendum/ corrigendum/ cancellation of tender can also be seen in the same website only.

**Sd./- Executive Engineer, Ghatagaon (R&B) Division**
OIPR-34140/11/0010/2324



## GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR

No. B-764

Phone: 0680-2281582, e-mail: ccescbam@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. CCE, S.C. (R&B)-BAM-10/2023-24

No. 3200 Date: 17.08.2023

1. The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **Percentage Rate Bid** in Double Cover System in **ONLINE MODE** from eligible contractors for construction of **Building and Road Works** as detailed in the table below.
2. Nature of Work : Building/Road Works
3. No. of Work : 4 Nos.
4. Tender Cost : Rs.10,000/- (Online)
5. Class of Contractor : "B" Class, "A" Class and Special Class
6. Availability of Bid document in the website : From 28.08.2023, 10.00 A.M. to 11.09.2023, 5.30 P.M.
7. Date of Opening of Bid : 12.09.2023 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**.
9. Any addendum/corrigendum/cancellation of tender can also be seen in the said website only.

Sd./- (D.C. Behera)
Chief Construction Engineer
OIPR-34103/11/0011/2324 Southern (R&B) Circle, Berhampur



## GOVERNMENT OF ODISHA
### Office of the Chief Construction Engineer Sourthern N.H. Circle, Berhampur

No.b-25

Email- senhsouthbam@gmail.com

**INVITATION FOR BIDS**

**BID IDENTIFICATION NO. 02/CCE NH, South of 2023-24**

**[e-Procurement]**

**Bid Identification No. 02/CCE NH, South of 2023-24 No.2604/Dated: 17.08.2023**

| | | | |
|---|---|---|---|
| 1) | The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in ONLINE MODE from eligible contractors for construction of **Road works** as detailed in the table below. | | |
| 2) | Nature of work | : | Road |
| 3) | No. of work | : | 1 No. |
| 4) | Tender Cost | : | Rs. 10,000/- |
| 5) | Class of Contractor | : | "A" Class & "B" Class |
| 6) | Availability of Bid document in the Website | : | From 28.08.2023 11.00 AM to 10.09.2023 5.30 PM |
| 7) | Date of Opening of Bid | : | 11.09.2023 at 12.30 P.M. |
| 8) | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in | | |
| 9) | Any Corrigendum/Addendum/Cancellation of will be displayed in the e-tender website only. | | |

**Sd./- Chief Construction Engineer**
OIPR-34148/11/0002/2324 **Southern NH Circle, Berhampur**



## GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER MINOR IRRIGATION DIVISION, NAYAGARH

**e-Procurement Notice**

BID IDENTIFICATION NO-SEMIDN-06/2023-24

Letter No-1572, Dated- 23/08/2023

**No.A-484:**The Superintending Engineer, Minor Irrigation Division, Nayagarh on behalf of Governor of Odisha invites percentage rate bids in Double cover only in ONLINE mode for the Construction of works detailed in the table from "B" Class Contractors registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works :- Improvement to Dam Works under RR&R grant of M.I. Projects for the year 2023-24.
2. Total No. of works. :- 02 (Two)
3. Estimated Cost. :- Varies from Rs.81.20 lakh to 99.50 lakh Approximately
4. Class of Contractor. :- Class "B"
5. Period of completion. :- 06 (Six) Calendar Months
6. Date & time of Availability of Bid Document in the Portal for online bidding :- From 01.09.2023 at 10 A.M. to 07.09.2023 upto 5 PM
7. Last date/Time for receipt of Bid only in Online :- 07.09.2023 upto 5 PM
8. Date/Time of Opening of Technical Bid :- 08.09.2023 at 11.00 AM at Office of the Superintending Engineer, M.I.Division, Nayagarh
9. Date/Time of Opening of Financial Bid :- To be intimated through website after evaluation of Technical Bid
10. Date of Transparent Lottery (if cases arise). :- At 11.00 hrs. onwards of Dt.22.09.2023
11. Name & Address of the Officer Inviting the Bid. :- Office of the Superintending Engineer, M.I. Division, Nayagarh Tel.No.(06753) 291009, e-mail Id: eemidivisionnayagarh@gmail.com
12. Further details can be seen from the "e" Procurement Portal https://tendersodisha.gov.in.

**Sd./- Superintending Engineer**
**M.I.Division, Nayagarh**
**OIPR-32260/11/0007/2324**



## OFFICE OF THE NOTIFIED AREA COUNCIL, BALIMELA

Odisha, Pin -764051, e-Mail: - eonacbalimela@gmail.com

Lt. No.1687/Dev/2023 Dated:24.08.2023

**e- NOTICE**

**BID IDENTIFICATION No.EOBLM03/2023-24**

**No.C-1216:**The Executive Officer, NAC, Balimela, on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/ class registered with Central Govt./ MES/ Railways according to norm of e-procurement system in online mode for the work as per DTCN.

1. Name of the Work :- Civil Works
2. Number of Work :- 03 Nos.
3. Estimated Cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10 AM of Dt. 25/08/2023 to 5 PM of Dt. 01/09/2023
6. Last date and time for receipt of Bid in the Portal :- 5 PM of Dt. 01/09/2023
7. The bid received online shall be opened on :- 11 AM of dtd. 02/09/2023
8. Name and Address of the Officer inviting Bid: Executive Officer, NAC, Balimela.

Further details can be seen from the Procurement Portal: www.tendersorissa.gov.in

**Sd./- Executive Officer, Balimela NAC**
**OIPR-13140/11/0005/2324**



## OFFICE OF THE EXECUTIVE ENGINEER L.I. DIVISION, NAYAGARH

Email:eeolicnayagarh@gmail.com

**e-Tender Notice**

**Bid Identification No.03/23-24 OLIC (Nayagarh)/ Dt.25.08.2023**

**No.CAD-1848:**The Executive Engineer, Lift Irrigation Division, Nayagarh on behalf of Managing Director, Odisha, Lift Irrigation Corporation Limited, Bhubaneswar invites Percentage Rate Bids in single cover system in online mode on "Turnkey Basis" from reputed Firms/ Contractors having H.T. Electrical License issued by ELBO & Civil License of appropriate class having Joint Venture with the state PWD/ Irrigation/ PHED relevant license as mentioned.

| | | |
|---|---|---|
| 1 | Numbers of Packages | 69 Nos. |
| 2 | Estimated Cost | Approximately Cost of Packages varies from Rs.13.00 lakh to 20.00 lakh. |
| 3 | Tender Paper Cost | As per DTCN |
| 4 | Date & Time of availability of bid in portal | Dt.04.09.2023 from 10.00 hours to 13.09.2023 upto 17.00 hours. |
| 5. | Date & Time of clarification upto | Dt.11.09.2023 upto 17.00 hours |
| 6. | Date & Time of opening of bid | Dt.14.09.2023 at 11.00 hours. |

The bidders have to participate in online bidding only. Further details can be seen from the website www.tendersorissa.gov.in. Addendum/Corrigendum/ Cancellation of tender if any, can be seen in the said website.

**Sd./- Executive Engineer**
**OIPR-32453/11/0004/2324**



## Government of Odisha, e-Procurement Notice
### INVITATION FOR BIDS (IFB)

**Bid Identification No. C.C.E.DKL (R&B) 12/2023-24**

E-mail Id: sedklpwd@gmail.com

Letter No. 2566 Dt.23.08.2023

No. B-773: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Building / Bridge works as detailed below:

1. Name of the work : Building/Bridge works
2. No. of works : 11 (Eleven) Nos.
3. Estimated Cost : Rs.1.14 Crore to Rs.7.36 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A', & 'Special' Class (as given in Column No. 07 of table)
6. Period of Completion of work : 06 (Six) to 11 (Eleven) Calendar Months (as given in Column No. 08 of table)
7. Date and time of availability of bid document in the website : From Dt.29.08.2023 to 5.30 P.M. of Dt.12.09.2023
8. Date of opening of bid : Dt.13.09.2023 at 11.30 hours.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0016/2324**



## OFFICE OF THE SORO BLOCK OFFICE SORO, BALASORE
### "e"-Procurement Notice

**BID Identification No. SORO_02_2023-24**

No.i-333:- Bid documents consisting of work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | | |
|---|---|---|---|
| 1. | Name of the Work | : | Renovation work as mentioned in DTCN |
| 2. | No. of works | : | 03 nos. |
| 3. | Estimated Cost | : | As per Annexure |
| 4. | Period of Completion | : | 90 days |
| 5. | Date & Time of availability of Bid cocuments in the Portal | : | 28.08.23 at 10.00 A.M. to 12.09.23 upto 5.00 P.M. |
| 6. | Last date & time for receipt of bids in the portal | : | 12.09.23 up to 5.00 P.M. |
| 7. | Bids received online shall be opened on | : | 13.09.23 at 11.00 A.M. |
| 8. | Name and address of the officer inviting Bid | : | Block Development Officer, Soro |

Further details can be seen from the procurement portal i.e. www.tendersorissa.gov.in

**Sd./- Block Development Officer, SORO**
OIPR-19090/11/0004/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରାଚି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୁଶାନ୍ତଙ୍କ ଫ୍ଲାଟ୍ କିଣିଲେ ଅଦା ଶର୍ମା

ମୁମ୍ବାଇ



ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ଏହା ଭିତରେ ୩ ବର୍ଷ ବିତିଗଲାଣି। ହେଲେ ଏବେ ବି ଲୋକଙ୍କ ମନରେ ସେ ଘର କରି ରହିଛନ୍ତି। ଏହି ଲୋକପ୍ରିୟ ଅଭିନେତାଙ୍କ ଘର ନିକଟରେ ବିକ୍ରି ହୋଇଯାଇଛି। ରିପୋର୍ଟ ମୁତାବକ, ଅଭିନେତ୍ରୀ ଅଦା ଶର୍ମା ମୁମ୍ବାଇରେ ସୁଶାନ୍ତ ରହୁଥିବା ଫ୍ଲାଟ୍‌କୁ କିଣିଛନ୍ତି। ଅଦା ଶର୍ମା ମଧ୍ୟ ଏହି ଖବରକୁ ନିଶ୍ଚିତ କରିଛନ୍ତି। ହେଲେ ସେ କେବେ ଏହି ଘରେ ରହିବେ ତାହା ଜଣାପଡ଼ିନି। 'ଦ କେରଳ ଷ୍ଟୋରି'ର ସଫଳତା ପରେ ଅଭିନେତ୍ରୀଙ୍କୁ ନିକଟରେ 'କମାଣ୍ଡୋ' ସିରିଜରେ ମଧ୍ୟ ଦେଖିବାକୁ ମିଳିଛି। ମିଡିଆ ରିପୋର୍ଟରେ ଦର୍ଶାଯାଇଛି, ସୁଶାନ୍ତଙ୍କ ମୃତ୍ୟୁ ପରେ ସେହି ଆପାର୍ଟମେଣ୍ଟରେ ଘରର ମୂଲ୍ୟ ବେଶ୍ ଅଧିକ ରହିଥିଲା। ଅନେକ ଲୋକ ଉକ୍ତ ଫ୍ଲାଟ୍ କିଣିବାକୁ ଆଗ୍ରହୀ ଥିଲେ। କିନ୍ତୁ ଏବେ ତାହା ଅଦା ଶର୍ମାଙ୍କ ହାତକୁ ଆସିଛି। ତେବେ ସୁଶାନ୍ତ ସେ ଘରେ ରହୁଥିବାବେଳେ ଭଡ଼ା ଆକାରରେ ମାସିକ ୪.୫ ଲକ୍ଷ ଟଙ୍କା ଦେଉଥିଲେ। ୨୦୦୮ରେ ଅଭିନେତ୍ରୀ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଥିଲେ ମଧ୍ୟ 'ଦି କେରଳା ଷ୍ଟୋରି' ଜରିଆରେ ଅଧିକ ଲୋକପ୍ରିୟ ହୋଇପାରିଛନ୍ତି। ଏଥିସହ ତାଙ୍କୁ ଅନେକ ୱେବ୍ ସିରିଜ୍‌ରେ ମଧ୍ୟ ଦେଖିବାକୁ ମିଳିଛି।

# 'କିଚେନ ଗାର୍ଡେନ ଡେ'

ଭୁବନେଶ୍ୱର, ୨୬।୮
(ଅସମାପିକା ସାହୁ)



ଆଜି ୱାର୍ଲ୍ଡ କିଚେନ ଗାର୍ଡେନ ଡେ'। ପ୍ରତିବର୍ଷ ଅଗଷ୍ଟ ଶେଷ ରବିବାର ଏହି ଦିବସ ଭାବେ ପାଳନ କରାଯାଏ। ଆଜିକାଲିର ଫ୍ୟାଶନ ଯୁଗରେ ଗାର୍ଡେନ କରିବା ଏକ ସଉକ ପାଲଟିଲାଣି। ସହରରେ ଏହି କିଚେନ ଗାର୍ଡେନ ବହୁଳଭାବେ ଦେଖିବାକୁ ମିଳୁଛି। ଛାତ ଉପରେ ନିଆରା ପ୍ରଣାଳୀରେ ବିଭିନ୍ନ ପ୍ରକାର ପନିପରିବାଠାରୁ ଆରମ୍ଭକରି ଫଳ ପର୍ଯ୍ୟନ୍ତ ଗଛ ଲଗାଉଛନ୍ତି ଲୋକେ। କୋଠାଘରର କଂକ୍ରିଟ୍ ଛାତକୁ କିଚେନ ଗାର୍ଡେନରେ ପରିଣତ କରିବା ଏବେ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ମଧ୍ୟ ସୃଷ୍ଟି କରୁଛି। କିଏ କେତେ ଅଧିକ ପ୍ରକାରର ଗଛ ଏବଂ ସୁସ୍ଥ ଗଛ କରିପାରିବ ତାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ପୂର୍ବରୁ କେବଳ ଫୁଲଗଛ ଲଗାଉଥିବା ଲୋକେ ଏବେ ପନିପରିବା ଗଛ ଲଗାଇବାକୁ ବି ପସନ୍ଦ କଲେଣି। କେବଳ ପନିପରିବା ନୁହେଁ ଫଳ, ଔଷଧୀୟ ଗଛ ମଧ୍ୟ ଲଗାଉଛନ୍ତି। ରାସାୟନିକ ସାର ବଦଳରେ ହାତତିଆରି ଖତ ବ୍ୟବହାର କରୁଛନ୍ତି। ଗୋବର, ଗାଈମୂତ୍ର ଏବଂ ଗୁଡ଼ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରୁଛନ୍ତି, ଯାହାକୁ ବ୍ୟବହାର କଲେ ଗଛ ସୁସ୍ଥ ରହିବ ବୋଲି ଲୋକେ କହୁଛନ୍ତି। ରାଜଧାନୀରେ ଚାକିରି କରୁଥିବା ଲୋକଟିଏ ମଧ୍ୟ ନିଜ କର୍ମମୟ ଜୀବନରୁ ସମୟ କାଢ଼ି ଏବେ ରୁଫ୍‌ଟପ୍ ଗାର୍ଡେନ କରିବା ପାଇଁ ଆଗେଇ ଆସୁଛି। କାରଣ ଏବେ ଲୋକେ ବୁଝିଲେଣି ଯେ ବଜାରରେ ମିଳୁଥିବା ପନିପରିବାଠାରୁ ଆରମ୍ଭକରି ଫଳ ପର୍ଯ୍ୟନ୍ତ ସବୁଥିରେ ରାସାୟନିକ ସାର ବ୍ୟବହାର କରାଯାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ନିଜେ ଲଗାଇଥିବା ଗଛରୁ ପନିପରିବା ଖାଇଲେ ସୁସ୍ଥ ରହିପାରିବା ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ଚିନ୍ତାମଣିଶ୍ୱରର ରଶ୍ମିରେଖା ସାହୁ କହିଛନ୍ତି, ମୁଁ ଏବଂ ମୋ ସ୍ୱାମୀ ପ୍ରଥମେ ପ୍ରଥମେ ବିଭିନ୍ନ ପ୍ରକାର ଫୁଲଗଛ ଲଗାଉଥିଲୁ। ଯେତେବେଳେ ସେଥିରେ ଆମେ ସଫଳ ହେଲୁ ଧୀରେ ଧୀରେ ପନିପରିବା ଗଛ ଲଗାଇବା ପାଇଁ ଇଚ୍ଛା ପ୍ରକାଶ କଲୁ। ଛାତ ଉପରେ ବାଇଗଣ, ଲେମ୍ବୁ, ଲଙ୍କା, ଭେଣ୍ଡି, ଶାଗ ଭଳି ପରିବା ଲଗାଇବା ସହିତ ବାରମାସୀ ଆମ୍ବଗଛ ମଧ୍ୟ ଲଗାଉଛୁ। ଏବେ ଷ୍ଟ୍ରବେରି ଗଛ ଲଗାଇଛୁ, ଯେଉଁଥିରେ ଏକାଥରକେ ୫ଟି ଫଳ ଧରୁଛି। ଆଉ ଛାତ ଉପରୁ ନିଜେ ତୋଳିଆଣି ଖାଇବାର ଖୁସି ମଧ୍ୟ ଅଲଗା।

# ପେଙ୍ଗୁଇନ୍‌କୁ ମେଜର ଜେନେରାଲ୍‌କୁ ପଦୋନ୍ନତି

**ଇଡେନ୍‌ବର୍ଗ:** ଦେଶର ସୁରକ୍ଷା ପାଇଁ ସୈନିକଙ୍କ ଯୋଗଦାନ ରହିଥାଏ। ହେଲେ ନିକଟରେ ଏକ ପେଙ୍ଗୁଇନ୍‌ର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ପ୍ରକୃତରେ ସେହି ପେଙ୍ଗୁଇନ୍ ସେନାର ଏକ ଅଂଶ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଉକ୍ତ ପେଙ୍ଗୁଇନ୍‌କୁ ବ୍ରିଗେଡିୟର ପଦବୀରୁ ପଦୋନ୍ନତି କରାଯାଇ ମେଜର ଜେନେରାଲ ପଦବୀ ଦିଆଯାଇଛି। ସ୍କଟ୍‌ଲାଣ୍ଡର ଇଡେନ୍‌ବର୍ଗର ଚିଡ଼ିଆଖାନାରେ ରହୁଥିବା ସାର୍ ନିଲ୍ସ ଓଲାଭ୍ ତୃତୀୟ ନାମକ ଏକ ପେଙ୍ଗୁଇନ୍‌କୁ ନରୱିଜିଆନ ସେନାର ବ୍ରିଗେଡିୟର ପଦବୀରୁ ମେଜର ଜେନେରାଲ ପଦବୀକୁ ପଦୋନ୍ନତି କରାଯାଇଛି।



ନରୱିଜିଆନ୍ ରାଜାଙ୍କ ଗାର୍ଡ ପାଇଁ ଶୁଭ ମାନୁଥିବା ଏହି ପକ୍ଷୀକୁ ଚିଡ଼ିଆଖାନାରେ ନିକଟରେ ଏକ ବିଶେଷ ସମାରୋହରେ ଏହି ପଦବୀରେ ସମ୍ମାନିତ କରାଯାଇଛି। ଏଠାରେ ପେଙ୍ଗୁଇନ୍‌କୁ ସମ୍ମାନିତ କରିବା ପରମ୍ପରା ୧୯୭୨ ମସିହାରୁ ଆରମ୍ଭ ହୋଇଛି। ସେତେବେଳେ ନରୱିଜିଆନ୍‌ର ରାଜା ଚିଡ଼ିଆଖାନା ବୁଲିବାବେଳେ ସେଠାରେ ଏକ ପେଙ୍ଗୁଇନ୍‌କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏହାକୁ ରାଜା ସେନାର ଶୁଭକାଂକ୍ଷୀ ଭାବେ ମାନିଥିଲେ। ସେବେଠାରୁ ପେଙ୍ଗୁଇନ୍‌କୁ ପଦୋନ୍ନତି କରାଯାଉଛି। ଏଠାରେ ସାର୍ ନିଲ୍ସ ଓଲାଭ୍ ତୃତୀୟକୁ ସେନାର ତୃତୀୟ ସର୍ବୋଚ୍ଚ ର୍‍ୟାଙ୍କ୍‌ର ଅଧିକାରୀ କରାଯାଇଛି। ଏହି ପଦୋନ୍ନତି କାର୍ଯ୍ୟକ୍ରମରେ ସାର୍ ନିଲ୍ସ ଓଲାଭ୍ ତୃତୀୟ ପେଙ୍ଗୁଇନ୍‌ର ଏକ ଫଟୋ ଦେଖିବାକୁ ମିଳିଛି। ଏହି ପେଙ୍ଗୁଇନ୍ ଚିଡ଼ିଆଖାନାରେ ରହୁଥିବାବେଳେ ତାଙ୍କର ପଦୋନ୍ନତିର ଘୋଷଣା ଏକ୍ସ ଦ୍ୱାରା କରାଯାଇଛି।

# ମାଗଣାରେ ବିଦେଶ ବୁଲୁଛନ୍ତି

**ଲଣ୍ଡନ:** ଅନେକ ଲୋକ ବୁଲିବାକୁ ବେଶ୍ ପସନ୍ଦ କରିଥା'ନ୍ତି। ତେବେ ନିକଟରେ ଜଣେ ମହିଳା ତାଙ୍କ ସ୍ୱପ୍ନ ରାଇଜରେ ବଞ୍ଚୁଛନ୍ତି। ସେ ତାଙ୍କର ଅଧିକାଂଶ ସମୟ ଦେଶ ବିଦେଶରେ ବିତାଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ତାଙ୍କୁ ଏଥିପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡୁନି। ଲଣ୍ଡନ ବାସିନ୍ଦା ୩୦ ବର୍ଷୀୟା ମେଲି ମେୟର ବିମାନ ଯାତ୍ରା କରିବା ସହ ହୋଟେଲରେ ବିନା ମୂଲ୍ୟରେ ରହୁଛନ୍ତି। ତେବେ ଏପରି କିପରି କରୁଛନ୍ତି ସେନେଇ ସେ କହିଛନ୍ତି। ରିପୋର୍ଟ ମୁତାବକ, କିଛିବର୍ଷ ଆଗରୁ ମେଲି ଚାଇନାର ହିଲ୍‌ଟନ ହୋଟେଲରେ ଇଭେଣ୍ଟ ମ୍ୟାନେଜର ଥିଲେ। ପରେ କରୋନା ମହାମାରୀ ସମୟରେ ସେହି ହୋଟେଲ ୨ ବର୍ଷ ଧରି ବହୁ କ୍ଷତି ସହିଥିଲା। ସେ ସମୟରେ ଅନ୍ୟମାନଙ୍କ ଭଳି ମେଲିଙ୍କୁ ମଧ୍ୟ ଚାକିରି ଛାଡ଼ିବାକୁ ପଡ଼ିଥିଲା। ସେ ସମୟରେ ମେଲିଙ୍କ ସୋସିଆଲ ମିଡିଆରେ ଇନ୍‌ଫ୍ଲୁଏନ୍ସର ହୋଇଥିଲେ। ପରେ ତାଙ୍କୁ ନ୍ୟାଶନାଲ ସୋସିଆଲ ମିଡିଆ ପୁରସ୍କାରରେ ସର୍ବଶ୍ରେଷ୍ଠ କଣ୍ଟେଣ୍ଟ କ୍ରିଏଟର ୨୦୨୨ ଜିତିଗଲେ। ଏଥିସହ ତାଙ୍କୁ ମାଗଣାରେ କ୍ରୁଜ୍ ଟ୍ରିପ ମିଳିଗଲା।




# Classified Everyday
0674-2580101, 2549949


MATRIMONIAL

**BRIDE WANTED**

Wanted Bengali Kayastha bride (40-55yrs) for unmarried Bengali groom working as Insurance Advisor (Health & life) at Bhubaneswar. Direct Contact: 8249449661. D-73397


REAL ESTATE

**SALE**

Hurry! Special Janmashtami Offer for booking duplex in gated community having RERA, BDA and Bank approved Project 2000sft. built-up area 30ft. external and internal road work in progress at Ranga-Bazar near Sai Temple, Bhubaneswar. 9238326233. D-38586

A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452. D-75029

Prime Commercial Property [1 Acre] with uninterrupted sea view in Visakhapatnam city on outright sale. Brokers Excuse: 9160352199. D-1139

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

Well Developed Gharabari plot for sale at Uttampur near Meeras courtyard Brahmanjharilo adjacent to Nakhara- Niali state highway.Contact: 7008815552, 6370682281. D-73396

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Duplex sale at-Bhubaneswar, @ 57Lakhs only. Contact-9777433701. D-75206

**Residential plot near Jatani Gate BBSR Khordha NH, 30ft. Road, Gharabari plot with Electrification. Immediate possession and Registration. 8926250060.** D-1147

**Sale Industrial Land & Shed Opposite fishing harbour, Chandipur, Balasore, Land 1.5Acres 125'X522' with 14000sqft. shed, boundary wall, borewell, servant quarter. Contact: 9861056868.** D-74575

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565


FOR RENT

Ground Floor accommodation with Parking/ Amenities for Office/ Residence VSS Nagar. 7978059473. D-1140

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ଖଣ୍ଡଗିରି ପାଖ କସ୍‌ମୋପୋଲିସ ଆପାର୍ଟମେଣ୍ଟ ୨.୫ ଶୟନକକ୍ଷ, ୧୩୭୫ବର୍ଗଫୁଟ ଗୃହ ଭଡ଼ା ଦିଆଯିବ। ସମ୍ପର୍କ- ୯୪୩୯୮୫୮୧୨୨, ୯୪୩୯୧୯୮୬୭୬. ଧ-୧୧୪୩


Healthcare

Home service full body massage only for female 7853083303. D-1157

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

**Newly open Spa positively health benefits with expert therapist. 9938843929.** D-75144

Spa Kerala body Massage only best Therapist @699/- Bhubaneswar. 9337672475. D-1132

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Full body massage in homely atmosphere in all therapy. Mob: 8114881641. D-73441

**LOST**

I, Sk Alimulla (52 years), S/o- Sk Hedaytulla, Vill- Kazimohala, P.S.- Purunabazar, Dist.- Bhadrak. That My Passport No.- J0396682 and my wife Jahanara Khatoon Passport No.- J0396729. These two Passport have been lost some where, while I was going to Kacheri Bazaar by my bike on date 24.8.2023. By this affidavit to produce it before the competent authority for purpose obtaining duplicate Passport of myself and my wife for avoiding future complicacies. D-1154

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

By virtue of an affidavit sworn before Executive Magistrate, Jagatsingpur on dt. 31.07.2023 that I Smt. Binapani Mohapatra, W/o. Late Upendra Mohapatra, that I have lost my Original Patta when travelling by Bike from my residence to Biridi Tahasil on dt.28.07.23 and I could not trace out with my best efforts, bearing Khata No-468/1, Plot No-1119, 1120, area ac- 13 dicimals. If any claims abjection over aforesaid property may please to contact Mr. Pravakar Pattnayak. No.9778070590 within 7 days today. D-1156

**AFFIDAVIT**

I, Sushri Sangita Basantia, W/o- Debadutta Basantaray, resident of Nandan Vihar, Patia, BBSR, PIN-751024, Odisha declare by this affidavit No.-111/23, dated 22.08.23 that now onwards I shall be known as Sangita Basantaray for all future purposes. D-1150

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)**
ବରୁଣେଇ ସାହି, ଖୋର୍ଦ୍ଧା
ମା' ଚାହୁଁ ଚାହୁଁ ଆଜିକୁ ଆଠବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଓ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
**ଶୋକସନ୍ତପ୍ତ: ତୋର ପିଲାମାନେ।**
ଧ-୧୦୭୦

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**୰ଲକ୍ଷ୍ମୀପ୍ରିୟା ବେହେରା (କୁନି)**
ଆବିର୍ଭାବ: ୦୧।୦୧।୧୯୫୬
ତିରୋଧାନ: ୧୭।୦୮।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
**ସୌଜନ୍ୟ:** ସରସ୍ୱତୀ ଦେବୀ, ଝିଆରୀ: ସୀମାରେଖା ରାଉତ, ଝିଆରୀ ଜ୍ୱାଇଁ: ଅବନୀକାନ୍ତ ରାଉତ, ନାତି: ଶ୍ରୀମଦ ଶରଣ ରାଉତ ଓ ପରିବାରବର୍ଗ।
ଧ-୧୧୪୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**୰ ବିଭୁଦତ୍ତ ମିଶ୍ର**
ଆବିର୍ଭାବ - ୧୦.୦୩.୧୯୫୭
ତିରୋଧାନ - ୧୭.୦୮.୨୦୨୩
ମିଶ୍ର ସାହି, କାକଟପୁର, ପୁରୀ
ତୁମ ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ପରୋପକାରିତା, ଆମ ମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ଆଜି ତୁମର ଏକାଦଶାହରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପତ୍ନୀ: ସୌଦାମିନି, ଭାଇ-ଭାଇବୋହୂ: କୁନି ଓ ମିତା, ସମୁଦି: ପୂର୍ଣ୍ଣଚନ୍ଦ୍ର, ସମୁଦୁଣୀ: କୁନି, ଝିଅ-ଜ୍ୱାଇଁ: ସସ୍ମିତା ଓ ପାପୁନ୍, ରିତୁ ଓ ମଙ୍ଗଳ ନାତୁଣୀ: ଜାହ୍ନବୀ
ଧ-୭୧୬୯୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଏ ସପ୍ତାହର ପ୍ରଶ୍ନ

୧– ଆଦିତ୍ୟ ସାମନ୍ତ ବର୍ତ୍ତମାନ ......... ଖେଳ ପାଇଁ ଏକ ଜଣାଶୁଣା ଚେହେରା ?
୨– ରାଜକୋଟ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ........... ରାଜ୍ୟରେ ଉଦ୍‌ଘାଟିତ ହୋଇଯାଇଛି ?
୩– ପ୍ରଥମ ଫୁଟ୍‌ବଲ୍ ୱାର୍ଲ୍ଡକପ୍ ............. ମସିହାରେ ଖେଳାଯାଇଥିଲା ?
୪– ଗୀତା ରହସ୍ୟ ପୁସ୍ତକର ଲେଖକ ଧାନ୍ ................ ?
୫– ସ୍କାର୍ଲେଟ୍ ମକାଓ ............ ଦେଶର ଜାତୀୟ ପକ୍ଷୀ ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଭରଭି
୩ ବିହାର
୪ ଭୀମରାଓ ରାମ୍‌ଜୀ ଆମ୍ବେଡକର
୫ ବିଜୟଲକ୍ଷ୍ମୀ ପଣ୍ଡିତ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଛବିଲାଲ୍ ଭାଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ମାଇନିଂ କମ୍ପାନି

୧– ଗ୍ଲେନ୍‌କୋର ପିଏଲ୍‌ସି...... ସ୍ୱିଜରଲାଣ୍ଡ
୨– ଜିଆଙ୍ଗ୍‌କ୍ସି କପର କୋ. ଲିମିଟେଡ୍...... ଚାଇନା
୩– ବିଏଚ୍‌ପି ଗ୍ରୁପ୍ ଲିମିଟେଡ୍...... ଅଷ୍ଟ୍ରେଲିଆ
୪– ରିଓ ଟିଣ୍ଟୋ ପିଏଲ୍‌ସି ...... ଇଂଲଣ୍ଡ
୫– ଆଲୁମିନିଅମ୍ କର୍ପୋରେଶନ ଅଫ୍ ଚାଇନା ଲିମିଟେଡ୍...... ଚାଇନା
୬– ଭେଲ୍ ଏସ୍‌ଏ...... ବ୍ରାଜିଲ୍
୭– ଜିଜିନ୍ ମାଇନିଂ ଗ୍ରୁପ୍ କୋ. ଲିମିଟେଡ୍...... ଚାଇନା
୮– ଆଙ୍ଗ୍ଲୋ ଆମେରିକାନ୍ ପିଏଲ୍‌ସି...... ଇଂଲଣ୍ଡ
୯– ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍...... ଭାରତ
୧୦– ସିଏମ୍‌ଓସି ଗ୍ରୁପ୍ ଲିମିଟେଡ୍ ...... ଚାଇନା

## ଯୁବ ପ୍ରତିଭା

# ସମାଜସେବାରେ ବ୍ରତୀ ସ୍ୱାଧୀନ



ପରିବେଶ ସୁରକ୍ଷା ଦିଗରେ ହେଉ ଅବା କାହାର ରକ୍ତ ଆବଶ୍ୟକ ହେଲେ ସଙ୍ଗେ ସଙ୍ଗେ ସେ ଆଗଭର ହୋଇ ଚାଲିଆସନ୍ତି। ଏହି ପରୋପକାର ଓ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀରେ ରହୁଥିବା ମିନତି ଏବଂ ଭଗବାନ୍ ପଣ୍ଡାଙ୍କ ପୁଅ ସ୍ୱାଧୀନ। ହାଇସ୍କୁଲ ପାଠପଢ଼ା ବେଳଠୁ ହିଁ ସେ ଗରିବ, ଅସହାୟଙ୍କ ସେବା, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ସ୍ଥାନୀୟ ବାସିନ୍ଦାଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ମେଡିକାଲରେ ରୋଗୀଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ସହ ରକ୍ତାଭାବ ଜନିତ ସମସ୍ୟା ଦୂର ପାଇଁ ସାଙ୍ଗସାଥୀମାନଙ୍କୁ ଏକାଠି କରି ରକ୍ତଦାନ ଶିବିର ଆୟୋଜନ ଭଳି କାର୍ଯ୍ୟ ସମାଜରେ ସ୍ୱାଧୀନଙ୍କ ପ୍ରତିଷ୍ଠା ବଢ଼ାଇଛି। ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରାର ଏକ ନିଆରା ଅନୁଭବ ହେଉଛି ଶ୍ରୀକ୍ଷେତ୍ରର କୁମାର ଉତ୍ସବ ସମିତି। ଜଣେ ଯୁବ ସଙ୍ଗଠକ ଭାବେ ସେ ଦୀର୍ଘ ୧୪ବର୍ଷ ହେବ ଏହି ଅନୁଷ୍ଠାନର ଏକମାତ୍ର ଯୁବ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହାଦ୍ୱାରା ହଜିଯାଉଥିବା ଲୋକକଳା, ଲୋକ ପରମ୍ପରା, ଓଡ଼ିଶାର ପାରମ୍ପରିକ ଜୀବନଶୈଳୀକୁ ଜୀବିତ ରଖିପାରିଛନ୍ତି। ପିଲାଙ୍କ ମଧ୍ୟରେ ଗୀତା, ଭାଗବତ ପାଠ, ହନୁମାନ ଚାଳିଶା ପାଠ ପ୍ରଭୃତି ପ୍ରତିଯୋଗିତା କରି ପୁରସ୍କୃତ କରିବା ସହ ପିଲାଙ୍କ ଭିତରେ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିପାରୁଛନ୍ତି। ବର୍ଷସାରା ଅନୁଷ୍ଠାନ ମାଧ୍ୟମରେ ଖରାଦିନରେ ଜଳଛତ୍ର, ଆଶୁ ଚିକିତ୍ସା କେନ୍ଦ୍ର, ରଥଯାତ୍ରାରେ ନବଦିନ ବ୍ୟାପୀ ଲୋକଙ୍କୁ ସେବା, ଗଣେଶ ପୂଜା ମାଧ୍ୟମରେ ଭାଇଚାରା ସୃଷ୍ଟି କରିବା, ବେଳାଭୂମି ସଫେଇ, ଐତିହ୍ୟ କୀର୍ତ୍ତିରାଜି ସୁରକ୍ଷା ସମ୍ପର୍କିତ କର୍ମଶାଳା, ଆଲୋଚନାଚକ୍ର ଆଦି ଆୟୋଜନ କରୁଛନ୍ତି। ରାସ୍ତାକଡ଼ର ଅସହାୟ ଲୋକଙ୍କୁ ତୁରନ୍ତ ମେଡିକାଲ ସେବା ସହ ଆର୍ଥିକ ସହଯୋଗ ଯୋଗାଇ ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଜଣେ ଦାୟିତ୍ୱସମ୍ପନ୍ନ ଯୁବକ ଭାବେ ବିଭିନ୍ନ ସମୟରେ ଜନସାଧାରଣଙ୍କ ଦାବିକୁ ଜିଲା ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି। ସେ ଶ୍ରୀକ୍ଷେତ୍ରର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ। ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ଆବାହକ, ପୁରୀ ବିକାଶ ପରିଷଦ, ପୁରୀ ପୁସ୍ତକ ମେଳା କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟରତ। କରୋନାର ଭୟାନକ ପରିସ୍ଥିତିରେ କରୋନା ସଚେତନତା, ମାସ୍କ ବଣ୍ଟନ, ଲୋକଙ୍କୁ ଆର୍ଥିକ ସହଯୋଗ, ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ଯୋଗାଡ଼ ଦିଗରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ। ସମାଜର ଜଣେ ସଚେତନ ଯୁବକ ଭାବେ ସମାଜର କଲ୍ୟାଣ, ସେବା ଦିଗରେ ସ୍ୱାଧୀନ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ଏଥିଲାଗି ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। କବି କୁମାର ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ଯୁବରତ୍ନ ସମ୍ମାନ ସହ ଶ୍ରୀକ୍ଷେତ୍ର ଗୌରବ, ଯୁବ ବ୍ୟକ୍ତିତ୍ୱ ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

– ପ୍ରଭାତ ପାଣିଗ୍ରାହୀ





# ବ୍ଲଗିଂ

**ରୁଚି ଲେଖିବା। ହେଲେ ନିଜ ଲେଖାକୁ ପାଠକଙ୍କ ନିକଟରେ ପହଞ୍ଚାଇବା କଷ୍ଟ। କେବେ ଖବରକାଗଜ ତ ପୁଣି କେବେ ବିଭିନ୍ନ ମାଗାଜିନ୍‌ରେ ସ୍ଥାନ ପାଇବାକୁ ଅପେକ୍ଷା। ତେବେ ବର୍ତ୍ତମାନର ଡିଜିଟାଲ ଯୁଗରେ ଉଭୟ ଲେଖିବା ଏବଂ ବିଭିନ୍ନ ବିଷୟବସ୍ତୁ ପଢ଼ିବାରେ ରୁଚି ରଖୁଥିବା ସଭିଙ୍କ ପାଇଁ ଖୁବ୍ ସହଜ ଉପାୟ ପାଲଟିଛି ବ୍ଲଗ୍। ଏହାଦ୍ୱାରା ବିଭିନ୍ନ ସୋସିଆଲ୍ ମିଡିଆ ଜରିଆରେ ନା କେବଳ ରୁଚି ପୂରଣ ହୋଇପାରୁଛି ବରଂ ଏହା ପାଲଟିଛି ଅନେକଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍‌ସନ...**

ବର୍ତ୍ତମାନ ସୋସିଆଲ୍ ମିଡିଆର ବ୍ୟବହାର ବହୁମାତ୍ରାରେ ବଢ଼ିଯାଇଛି। ଯେକୌଣସି ମିଡିଆରେ ସ୍କ୍ରୋଲ୍ କରିବା ବେଳେ ବିଭିନ୍ନ କଣ୍ଟେଣ୍ଟ ସହିତ ଅନେକ ବ୍ଲଗରଙ୍କ ପୋଷ୍ଟ ମଧ୍ୟ ଦେଖିବାକୁ ମିଳୁଛି। ଯାହାକି ହେଲ୍‌ଥ, ଟ୍ରାଭେଲ, ଟେକ୍, ନେଚର, ଫିଲ୍ମ, ସ୍ପୋର୍ଟ୍ସ, କୁକିଂ ଭଳି ବିଭିନ୍ନ ଟପିକ୍‌କୁ ନେଇ ଲେଖାହେଉଛି। ଏହାକୁ ଲେଖୁଥିବା ବ୍ଲଗରମାନେ ପ୍ରତିଦିନ ନିଜ ଫଲୋଅର୍ସମାନଙ୍କ ପାଇଁ କିଛି କିଛି ନୂଆ ବିଷୟବସ୍ତୁ ଲେଖିଥା'ନ୍ତି। ପାଠକଙ୍କ ମନ ପସନ୍ଦ ଲେଖା ଦେଉଥିବା ବ୍ଲଗରମାନଙ୍କର ବହୁତ ଭଲ ସଂଖ୍ୟାରେ ଫ୍ୟାନ୍ ଫଲୋଅର୍ସ ବି ବଢ଼ିଥାଆନ୍ତି। ତେବେ ଲେଖାଲେଖିରେ ରୁଚି ରଖୁଥିବା ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ଏହି ବ୍ଲଗିଂ ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପ୍‌ସନ ମଧ୍ୟ ପାଲଟିଛି।

**ପାଠକଙ୍କୁ ମିଳୁଛି ନୂଆ ନୂଆ ଲେଖା:** ଲେଖିବାରେ ରୁଚି ରଖୁଥିବା ଯୁବତୀ ଯୁବକଙ୍କ ପାଇଁ ନିଜ ଲେଖାକୁ ପାଠକମାନଙ୍କ ପାଖରେ ପହଞ୍ଚାଇବା ଲାଗି ଏହି ଫିଲ୍ଡ ପାଲଟିଛି ସବୁଠୁ ଭଲ ମାଧ୍ୟମ। ଏହାଦ୍ୱାରା ପାଠକମାନେ ପ୍ରତିଦିନ ନୂଆ ନୂଆ ଲେଖା ପଢ଼ିବାର ସୁଯୋଗ ପାଉଛନ୍ତି ଏବଂ ସେମାନଙ୍କ ମତାମତ ଏବଂ ପ୍ରଶଂସା ବ୍ଲଗରଙ୍କୁ ଆହୁରି ଅଧିକ ଲେଖିବାକୁ ପ୍ରେରଣା ଯୋଗାଉଛି।

**ବଢ଼ୁଛି ସୃଜନଶୀଳତା:** ଯେ କୌଣସି ବିଷୟବସ୍ତୁକୁ ସୃଜନଶୀଳ ଢଙ୍ଗରେ ଲେଖିବାର କଳା ଏହି କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯଦି ନିଜ କଣ୍ଟେଣ୍ଟକୁ ଭିନ୍ନ ଢଙ୍ଗରେ ପାଠକଙ୍କ ନିକଟରେ ପହଞ୍ଚାଇବାର କଳା ଅଛି, ତେବେ ବ୍ଲଗିଂ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା ସହ ଭଲ ରୋଜଗାର ମଧ୍ୟ କରିହେବ।

**ଲେଖାକୁ ଅଧିକ ଆଦୃତ କରେ ଫଟୋଗ୍ରାଫ୍:** କୁହାଯାଏ ଗୋଟିଏ ଫଟୋ ହଜାରଟି ଶବ୍ଦ ସହିତ ସମାନ। ତେଣୁ ଲେଖିବା ସହିତ ବ୍ଲଗ୍‌ରେ ଫଟୋ ଦେବା ଦ୍ୱାରା ସୋସିଆଲ୍ ମିଡିଆରେ ଏହା ଅଧିକ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରୁଛି।

**ରିସର୍ଚ୍ଚ:** ଗୋଟିଏ ଟପିକ୍‌ରେ ଅନେକ ବ୍ଲଗ୍ ଆସିଥାଏ। ହେଲେ ପାଠକ ସେହି ଲେଖାକୁ ପସନ୍ଦ କରନ୍ତି, ଯାହାର ଲେଖାଶୈଳୀ ୟୁନିକ୍ ଏବଂ କ୍ୟାଚି ହୋଇଥାଏ। ତେଣୁ ଏଥିପାଇଁ କୌଣସି ବିଷୟବସ୍ତୁ ଉପରେ ଭଲ ଭାବେ ରିସର୍ଚ୍ଚ କରି ତଥ୍ୟ ସଂଗ୍ରହ କରିବା ଆବଶ୍ୟକ।

**ସାଜିଛି ରୋଜଗାରର ମାଧ୍ୟମ:** ବ୍ଲଗିଂ ଯଦିଓ ନୂଆ ନୁହେଁ, ହେଲେ ବର୍ତ୍ତମାନ ସୋସିଆଲ୍ ମିଡିଆରେ ସବୁଠୁ ଅଧିକ ଆକ୍ଟିଭ୍ ରଖୁଥିବା ଯୁବପିଢ଼ି ଏଥିପାଇଁ ସମୟ ଦେଉଥିବା ଦେଖିବାକୁ ମିଳୁଛି। କେହି କେହି ଏହାକୁ ପଢ଼ା କିମ୍ବା ଜବ୍ ସହିତ ପାର୍ଟଟାଇମ୍ ରୋଜଗାରର ମାଧ୍ୟମ ଭାବେ ତ ଆଉ କେହି ଫୁଲ୍‌ଟାଇମ୍ କ୍ୟାରିୟର ଭାବେ ବାଛି ନେଉଛନ୍ତି।

**ରୋଜଗାର ପାଇଁ ଆବଶ୍ୟକ ଧୈର୍ଯ୍ୟ:** କୌଣସି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରୁ କରୁ ସଫଳତା ମିଳି ନ ଥାଏ। ସେହିପରି ଆରମ୍ଭରୁ ହିଁ ଅଧିକ ଟଙ୍କା ମିଳିବା ଆଶା ରଖିବା କିମ୍ବା ଧୈର୍ଯ୍ୟହରା ହୋଇ କାମ ବନ୍ଦ କରିଦେବା ଠିକ୍ ନୁହେଁ। କାରଣ ଆଗକୁ ବଢ଼ିବା ଲାଗି ଧୈର୍ଯ୍ୟର ସହ କାର୍ଯ୍ୟ କରିବା ଦରକାର।

## କଳା ପ୍ରଦର୍ଶନ ପାଇଁ ଡିଜିଟାଲ ମିଡିଆ ଭଲ ମାଧ୍ୟମ


ପ୍ରଜ୍ଞା ପ୍ରସାଦ ମହାରଣା

**ପ୍ରଜ୍ଞା ପ୍ରସାଦ ମହାରଣା(ବ୍ରହ୍ମପୁର)–** ଯେଉଁମାନେ ନିଜ କଳାକୁ ପ୍ରଦର୍ଶନ କରିବାକୁ ଚାହାନ୍ତି, ସୋସିଆଲ ମିଡିଆ ସେମାନଙ୍କ ପାଇଁ ଗୋଟେ ଭଲ ମାଧ୍ୟମ। ଛାତ୍ରୀଛାତ୍ର ହୁଅନ୍ତୁ କିମ୍ବା ଚାକିରିଆ ସମସ୍ତେ ୟୁଟ୍ୟୁବ୍ ଏବଂ ବିଭିନ୍ନ ସୋସିଆଲ୍ ମିଡିଆରେ କାମ କରିପାରିବେ। ପରିଶ୍ରମ ଓ କିଛି ସମୟର ଅପେକ୍ଷା ପରେ ଭଲ କ୍ୟାରିୟର ବି ଗଢିପାରିବେ। ଲୋକଙ୍କ ଭଲପାଇବା ମିଳିବା ସହ ଭଲ ପଇସା ବି ରୋଜଗାର କରିବା, ଡିଜିଟାଲ ଯୁଗରେ ୟା'ଠୁ ଭଲ ମାଧ୍ୟମ ଆଉ କଣବା ହୋଇପାରେ। ନିଜ କଥା କହିବି, ବିଭିନ୍ନ ପ୍ରସଙ୍ଗରେ ଲେଖାଲେଖି କରିବାକୁ ଭଲଲାଗେ। କିଛି ବର୍ଷତଳେ ମୁମ୍ବାଇରେ କାର୍ଯରତ ଥିବା ସମୟରେ ବ୍ଲଗ୍ ଲେଖିବା ଆରମ୍ଭ କରିଥିଲି। ଟ୍ରାଭେଲ୍ କରିବା ମୋର ହବି ହୋଇଥିବାରୁ ଏ ସମ୍ବନ୍ଧିତ ଫଟୋ ସହିତ ଲେଖା ପୋଷ୍ଟ କରୁଥିଲି। ଯାହାକୁ ପାଠକ ବେଶ୍ ପସନ୍ଦ କରୁଥିଲେ। ନିଜର ଏକ ୱେବ୍‌ସାଇଟ୍ ମଧ୍ୟ ଖୋଲିଥିଲି। ଧିରେ ଧିରେ ୟୁଟ୍ୟୁବ୍ ଭ୍ଲଗ୍ ଟ୍ରେଣ୍ଡ ଆରମ୍ଭ ହେବାରୁ ମୋତେ କେଜାଣି କାହିଁକି ଜିନିଷଟି ଭାରି ଭଲ ଲାଗିଲା। ମୁଁ ମଧ୍ୟ ଧୀରେ ଧୀରେ ଏଥିରେ ବିଭିନ୍ନ ଭ୍ଲଗ୍ ଏବଂ ଡକ୍ୟୁମେଣ୍ଟାରୀ ଅପ୍‌ଲୋଡ କରିବାରେ ଲାଗିଲି। କିଛିଦିନ ପରେ ମୋତେ ଭଲ ପେମେଣ୍ଟ ବି ମିଳିଲା, ଯାହାକି ମୋତେ ଆହୁରି ମୋଟିଭେଟ୍ କଲା। ଚାକିରି ଛାଡି ଓଡ଼ିଶା ଆସିବା ପରେ ଫ୍ରିଲାନ୍ସର ଭାବେ କାମ କରୁଛି। ଭାରତର ବିଭିନ୍ନ ଜାଗା ବୁଲି ସେଠାକାର ପର୍ଯ୍ୟଟନସ୍ଥଳ, ଧାର୍ମିକ ସ୍ଥାନ, ସେ ଜାଗାର ପରମ୍ପରା ଓ ପାରମ୍ପରିକ ଖାଦ୍ୟକୁ ଭର୍ଚୁଆଲି ଲୋକଙ୍କ ପାଖରେ ପହଞ୍ଚାଉଛି। ସବୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଓଡ଼ିଶା ତଥା ଓଡ଼ିଶା ବାହାରର କଣ୍ଟେଣ୍ଟ ଦର୍ଶକଙ୍କ ପାଇଁ ନେଇ ଆସୁଛି ।







# ଭଉଣୀ ପାଇଁ ଗିଫ୍ଟ



**ଆଉ ମାତ୍ର ଦୁଇଦିନ ପରେ ରାଖୀ ପୂର୍ଣ୍ଣିମା। ଭାଇର ଦୀର୍ଘ ଜୀବନ କାମନା କରି ତା' ହାତରେ ସ୍ନେହ, ଶ୍ରଦ୍ଧାର ପ୍ରତୀକ ରାଖୀ ବାନ୍ଧିବାକୁ ଭଉଣୀ ମନରେ ଉତ୍କଣ୍ଠା କହିଲେ ନ ସରେ। ଆଉ ତା' ବଦଳରେ କ'ଣ ଉପହାର ଦେଲେ ଭଉଣୀ ଖୁସିହେବ, ତା'କୁ ନେଇ ଭାଇମାନେ ବି ରଖିଛନ୍ତି ଅନେକ ପ୍ଲାନିଂ। ଯଦି ଭଉଣୀକୁ କ'ଣ ଗିଫ୍ଟ ଦେବେ ଭାବୁଛନ୍ତି, ତେବେ ଜାଣିରଖନ୍ତୁ କେତୋଟି ଗିଫ୍ଟ ଆଇଡିଆ...**

**ଡ୍ରେସ୍:** ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ତେଣୁ ଆପଣଙ୍କ ଗିଫ୍ଟ ଲିଷ୍ଟରେ ଏହାକୁ ସାମିଲ କରିପାରନ୍ତି।

**ଆସେସରିଜ୍:** ବର୍ତ୍ତମାନ ମାର୍କେଟ୍‌ରେ ଭଳିକି ଭଳି ଆକର୍ଷଣୀୟ ଡିଜାଇନ୍‌ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ଏହା ମଧ୍ୟ ଭଉଣୀକୁ ଗିଫ୍ଟ କରିପାରିବେ।

**ମୋବାଇଲ୍ ଫୋନ୍, କ୍ୟାମେରା:** ଆଜିକାଲି ଝିଅମାନଙ୍କ ଭିତରେ ମୋବାଇଲ୍ ଫୋନ୍‌କୁ ନେଇ କ୍ରେଜ୍ କେତେ ତାହା କିଏ ବା ନ ଜାଣେ ! ତେଣୁ ଯଦି ଆପଣଙ୍କ ଭଉଣୀ ସୋସିଆଲ୍ ମିଡିଆରେ ଫଟୋ, ଭିଡିଓ ଆଦି ପୋଷ୍ଟ କରିବାର ରୁଚି ରଖନ୍ତି; ତେବେ ଏକ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ୟୁଟ୍ୟୁବର୍ ହୋଇଥିଲେ କିମ୍ବା ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ। ଏହାସହ ଟ୍ରାଇପଡ୍, ସେଲ୍ଫି ଷ୍ଟିକ୍ ଆଦି ମଧ୍ୟ ଦେଇପାରିବେ।

**ଇ–ଗିଫ୍ଟ ଭାଉଚର:** ବର୍ତ୍ତମାନ ଦୂରରେ ଥିବା କାରଣରୁ ହେଉ କିମ୍ବା ଭଉଣୀର ପସନ୍ଦ ମୁତାବକ କ'ଣ କିଣିବେ ଦ୍ୱନ୍ଦ୍ୱରେ ପଡ଼ିଥିଲେ ଅନ୍‌ଲାଇନ୍ ଗିଫ୍ଟ ଭାଉଚର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାଦ୍ୱାରା ଆପଣ ନିଜ ବଜେଟ ଅନୁଯାୟୀ ଭଉଣୀକୁ ମନ ପସନ୍ଦର ଗିଫ୍ଟ ବାଛିବାର ସୁଯୋଗ ଦେଇ ଅଧିକ ଖୁସି କରାଇପାରିବେ।

**ଜିମ୍ ଗ୍ୟାଜେଟ୍ସ:** ଯଦି ଆପଣଙ୍କ ଭଉଣୀ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ, ତେବେ ତାଙ୍କୁ ଫିଟ୍‌ନେସ୍ ବ୍ୟାଣ୍ଡ, ଯୋଗ ମ୍ୟାଟ୍, ଟ୍ରେଡ୍‌ମିଲ୍, ଏକ୍ସରସାଇଜ୍ ସାଇକେଲ୍, ଡମ୍‌ବେଲ୍, ଏକ୍ସରସାଇଜ୍ ବଲ ଆଦି ଆବଶ୍ୟକ ଜିମ୍ ଗ୍ୟାଜେଟ୍ ଉପହାରରେ ଦେଇପାରିବେ। ଏହା ସହ ସ୍ପୋର୍ଟ୍ସ ସୁଜ୍, ଏକ୍ସରସାଇଜ୍ ଡ୍ରେସ୍, ଥର୍ମୋ ୱାଟର ବଟଲ ବି ଦେଇପାରିବେ।

**ମେକ୍‌ଅପ୍ କିଟ୍ ଏବଂ ବ୍ୟୁଟିପାର୍ଲରର କୁପନ:** ଝିଅମାନେ ସାଧାରଣତଃ ମେକ୍‌ଅପ୍‌ପ୍ରିୟ। ତେଣୁ ମେକ୍‌ଅପ୍ କିଟ୍ କିମ୍ବା କୌଣସି ବ୍ୟୁଟିପାର୍ଲରର ସ୍ପେଶାଲ କୁପନ୍ ଗିଫ୍ଟ କଲେ ଆପଣଙ୍କ ଭଉଣୀ ନିଶ୍ଚୟ ଖୁସିହେବେ।



# ଶାଙ୍କୁଲେଙ୍କୁ ମହିଳା ମାରାଥନ ଟାଇଟଲ

ବୁଦାପେଷ୍ଟ,୨୬।୮(ପି.ଟି.)

ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ବର୍ଗର ମାରାଥନରେ ଇଥିଓପିଆର ଆମାନେ ବେରିସୋ ଶାଙ୍କୁଲେ ବିଜୟୀ ହୋଇଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ସାଥୀ ଖେଳାଳି ଗୋଟ୍ୟୋଟମ ଗେବ୍ରେଲେସଙ୍କୁ ପଛରେ ପକାଇ ଶାଙ୍କୁଲେ ଟାଇଟଲ ହାସଲ କରିଛନ୍ତି। ମରକ୍କୋର ଏଜହାରା ଗର୍ଦାଡି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୧ ବର୍ଷୀୟା ଶାଙ୍କୁଲେ ୨:୨୪:୨୩ସେକେଣ୍ଡ ସମୟ ନେଇଥିଲେ।

ବୁଦାପେଷ୍ଟର ଗରମ ଓ ଗୁଳୁଗୁଳିଆ ପରିବେଶର ଫାଇଦା ଉଠାଇଥିଲେ ଇଥିଓପିଆର ଏହି ଦୁଇ ଧାବିକା। ଶନିବାର ରେସ୍ ଆରମ୍ଭରୁ ତାପମାତ୍ରା ୨୩ ଡିଗ୍ରୀ ରହିଥିବା ବେଳେ ରେସ୍ ଅଧା ବେଳକୁ ଏହା ୨୯ ଓ ରେସ୍ ଶେଷ ବେଳକୁ ଏହା ୩୫ ଡିଗ୍ରୀରେ ପହଞ୍ଚି ଯାଇଥିଲା। ସମୁଦାୟ ୭୭ ଜଣ ଧାବିକା ରେସ୍ ଆରମ୍ଭ କରିଥିବା ବେଳେ ଏହା ମଧ୍ୟରୁ ୬୫ ଜଣ ରେସ୍ ସମ୍ପୂର୍ଣ୍ଣ କରିଥିଲେ। ବୁଦାପେଷ୍ଟର ତାପମାତ୍ରା ଅଧିକ ରହିଥିଲେ ମଧ୍ୟ ଏହା ଇଥିଓପିଆର ଏହି ଧାବିକାମାନଙ୍କ ଉପରେ ପ୍ରଭାବ ପକାଇ ନ ଥିଲା। ଶାଙ୍କୁଲେ କହିଥିଲେ, ରେସ୍ ଆରମ୍ଭରୁ ଆମେ ଦଳଗତ ଭାବରେ ଅନ୍ୟମାନଙ୍କୁ ପଛରେ ଛାଡିଥିଲୁ। ପରବର୍ତ୍ତୀ ସମୟରେ ପରସ୍ପର ବିପକ୍ଷରେ ଟାଇଟଲ ପାଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥିଲୁ। ତେବେ ଆମର ଆରମ୍ଭ ସାମାନ୍ୟ ଧିମା ରହିଥିଲା। ନଚେତ୍ ରେସ୍ ଆହୁରି ଶୀଘ୍ର ସମାପ୍ତ ହୋଇ ପାରିଥାନ୍ତା। ଡିଫେଣ୍ଡିଂ ଚାମ୍ପିୟନ ଗୋଟ୍ୟୋଟମ ଗେବ୍ରେଲେସ ମଧ୍ୟ ନିଜ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିଥିଲେ। ଚଳିତ ସିଜନରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ ମଧ୍ୟ ସେ ମାତ୍ର ୧୧ ସେକେଣ୍ଡ ପଛରେ ରହିଯାଇଥିଲେ। ସେ ୨:୨୪:୩୪ ସେକେଣ୍ଡର ସମୟ ନେଇଥିଲେ। ତୃତୀୟ ସ୍ଥାନରେ ଥିବା ମରକ୍କୋର ଫାତିମା ଏଜହାରା ଗର୍ଦାଡି ୨:୨୫:୧୭ ସେଣ୍ଡେର ସମୟ ନେଇଥିଲେ। ଇଥିଓପିଆର ଅନ୍ୟତମ ଖେଳାଳି ୟାଲେମଜର୍ଫ ୟେହୁଲା ୨:୨୬:୧୩ ସେକେଣ୍ଡର ସମୟ ନେଇ ପଞ୍ଚମ ସ୍ଥାନରେ ରେସ୍ ଫିନିଶ୍ କରିଥିଲେ। ଇସ୍ରାଏଲର ଲୋହାନ ଚେମଟାଇ ସାଲପେଟର ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହିତ ୨:୨୫:୩୮ ସେକେଣ୍ଡର ସମୟ ନେଇ ଚତୁର୍ଥ ସ୍ଥାନରେ ରହିଥିଲେ। ୨୧ ସେକେଣ୍ଡ ବ୍ୟବଧାନରେ ସେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ।

ବିଗତ ବର୍ଷ ଓରେଗନରେ ଅନୁଷ୍ଠିତ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଗୋଟ୍ୟୋଟମ ଗେବ୍ରେଲେସ ୨:୧୮:୧୧ ସେକେଣ୍ଡର ଟାଇମିଂ ସହିତ ବିଶ୍ୱ ରେକର୍ଡ କରିଥିଲେ। ଚଳିତ ସିଜନରେ ସେ ନିଜ ରେକର୍ଡର ସମକକ୍ଷ ହେବା ନେଇ ଆଶା କରାଯାଉଥିଲା। ତେବେ ଓରେଗନ୍‌ର ଥଣ୍ଡା ପରିବେଶ କାରଣରୁ ରେକର୍ଡ ଟାଇମିଂ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।



ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ମାରାଥନ ବିଜୟିନୀ ଇଥିଓପିଆର ଆମାନେ ବେରିସୋ ଶାଙ୍କୁଲେ।

### ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍

# ମିକାଏଲ୍ ୟମେରଙ୍କ ଅବସର ଘୋଷଣା


ମିକାଏଲ୍ ୟମେର।

ଲଣ୍ଡନ, ୨୬।୮(ଏପି)

ସ୍ୱିଡିଶ ଟେନିସ ଖେଳାଳି ମିକାଏଲ୍ ୟମେର ମାତ୍ର ୨୪ ବର୍ଷ ବୟସରେ ଅଚାନକ ଟେନିସରୁ ଅବସର ଘୋଷଣା କରିଛନ୍ତି। ଡୋପିଙ୍ଗ ନିଷେଧାଦେଶକୁ ହଟାଇବାରେ ବିଫଳ ହେବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୟମେର ୨୦୨୨ରେ ପ୍ରତିଯୋଗିତା ବାହାରେ ହୋଇଥିବା ୩ ଡୋପ୍ ଟେଷ୍ଟରେ ଉପସ୍ଥିତ ନ ଥିବା ଅଭିଯୋଗ ହୋଇଥିଲା। ତେବେ ସେ ସେହିବର୍ଷ ଜୁନ୍‌ରେ ଏକ ଇଣ୍ଡିପେଣ୍ଡେଣ୍ଟ ଟ୍ରିବ୍ୟୁନାଲରେ ଲଢେଇ କରି ଏଥିରୁ ମୁକ୍ତି ପାଇଥିଲେ। କିନ୍ତୁ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିଥିଲା। ପରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) ଜୁଲାଇରେ ଆଂଶିକ ୨ବର୍ଷ ବାସନ୍ଦ ଦଣ୍ଡକୁ ସ୍ଥଗିତ ରଖିଥିଲେ ମଧ୍ୟ ୧୮ମାସ ସସ୍‌ପେଣ୍ଡ ଲାଗୁ କରିଥିଲା। ୟମେର ଜୁଲାଇରେ ଟୁଇଟ୍ କରି ଲେଖିଛନ୍ତି, ସେ ଥରେ ଦୋଷମୁକ୍ତ ହୋଇ ସାରିବା ପରେ ପୁଣି ଦଣ୍ଡିତ ହେବା ତାଙ୍କ ପକ୍ଷେ ଅସହ୍ୟ ବୋଧ ହେଲା। ସେ କହିଛନ୍ତି, ତାଙ୍କର ପ୍ରଥମ ଦୁଇ 'ହୋୟାରଆବାଉଟ୍ସ' ବିଫଳତାକୁ ସେ ସ୍ୱୀକାର କରନ୍ତି । ହେଲେ ତୃତୀୟଟିରେ ସେ କେବଳ ତାଙ୍କର ରହଣି ପାଇଁ ହୋଟେଲ ପରବର୍ତ୍ତନ କରିଥିଲେ। ତାଙ୍କ ଏଜେଣ୍ଟ ଏନେଇ ଆବଶ୍ୟକ ଅପଡେଟ୍ କରି ନ ଥିଲେ। ସେ କେବେ କୌଣସି ନିଷିଦ୍ଧ ଉପାଦାନ ସେବନ କରିନାହାନ୍ତି କିମ୍ବା ଏ ସମ୍ପର୍କରେ ତାଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଏପ୍ରିଲରେ ୟମେର ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୫୦ତମ ସ୍ଥାନ ଅଧିକାର କରିଥିଲେ। ଡେଭିସ୍ କପ୍‌ରେ ସେ ତାଙ୍କ ବଡ଼ ଭାଇ ଏଲିଆସ୍‌ଙ୍କ ସହ ସୁଇଡେନ୍‌ରୁ ପ୍ରତିନିଧିତ୍ୱ କରିଛନ୍ତି। ଏଲିଆସ ନିକଟରେ ଏଟିପି ର୍ୟାଙ୍କିଙ୍ଗରେ ୮୦ତମ ସ୍ଥାନରେ ରହିଥିଲେ।

# ନ୍ୟାଶନାଲ ଭୋଭିନାମ୍‌ରେ ଦିବ୍ୟରଞ୍ଜନଙ୍କୁ ସ୍ୱର୍ଣ୍ଣ

ବାରିପଦା,୨୬/୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପୋଲିସର କନେଷ୍ଟବଳ ଦିବ୍ୟ ରଞ୍ଜନ ଦଳେଇ ଆସାମରେ ଅନୁଷ୍ଠିତ ୧୨ତମ ନ୍ୟାଶନାଲ ଭୋଭିନାମ୍(ମାର୍ଶଲ ଆର୍ଟ) ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କ ସଫଳତା ପାଇଁ ଏସ୍‌ପି ବି.ଗଙ୍ଗାଧର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୋଭିନମ ହେଉଛି ଭିଏତନାମର ଏକ ପ୍ରସିଦ୍ଧ ମାର୍ଶଲ ଆର୍ଟ। ଆସାମରେ ଅନୁଷ୍ଠିତ ଦ୍ୱାଦଶ ଜାତୀୟ ଭୋଭିନମ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତି ଦିବ୍ୟ ରଞ୍ଜନ ଜିଲା ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।




# ଟଙ୍ଗଙ୍କ ସ୍ଥାନରେ ଜୋର୍ଡାନ

ଲଣ୍ଡନ,୨୬।୮(ଏପି)

ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜ ପାଇଁ ଇଂଲଣ୍ଡ ଦଳରେ ଯୋଗଦେବା ଲାଗି ସରେ ଅଲରାଉଣ୍ଡର କ୍ରିସ୍ ଜୋର୍ଡାନଙ୍କୁ ଡକାଯାଇଛି। ତାଙ୍କୁ ଓରସେଷ୍ଟରଶାୟାର ପେସ୍ ବୋଲର ଜୋଶ ଟଙ୍ଗଙ୍କ ସ୍ଥାନରେ ସୁଯୋଗ ମିଳିଛି। ଟଙ୍ଗ୍ ଆଘାତପ୍ରାପ୍ତ ଥିବାରୁ ଦଳରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ କ୍ରିକେଟ ବୋର୍ଡ ଇସିବି ତରଫରୁ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ୩୪ ବର୍ଷୀୟ ଜୋର୍ଡାନ ଟି୨୦ କ୍ରିକେଟରେ ଇଂଲଣ୍ଡର ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର।

# କରାଟେ ରେଫରି, ଜଜ୍ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୬।୮ (ବିଜୟ ରଣା)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆସୋସିଏସନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଏକ ଜାତୀୟ ରେଫରି/ଜଜ୍ ପ୍ରଶିକ୍ଷଣଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ସ୍ୱୀକୃତିପ୍ରାପ୍ତ ରେଫରି ହାନ୍‌ସୀ ପ୍ରେମଜିତ୍ ସେନ୍ ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ପରୀକ୍ଷା ନେଇଥିଲେ। ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟରୁ ୪୯ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏଥିରେ ୧୮ଜଣ ପରୀକ୍ଷାର୍ଥୀ ଜଜ/ରେଫରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଶିକ୍ଷଣ ଶିବିର ଓ ରେଫରି ପରୀକ୍ଷା ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଇଣ୍ଡୋନେସିଆନ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବାଲୁଗାଁ,୨୬।୮(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ପକ୍ଷରୁ ବାଲୁଗାଁ ଅଶୋକ ନଗରସ୍ଥିତ ବଣିକ ସଂଘ ଗୃହ ପରିସରରେ ଶନିବାର ଇଣ୍ଡୋନେସିଆନ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନିଆ ଟୁର୍ନାମେଣ୍ଟରେ ରାଜ୍ୟର ୧୩ଟି ଜିଲା କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ଯାଜପୁର, ଗଞ୍ଜାମ, ବରଗଡ଼, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, କଟକ ଏବଂ ଖୋର୍ଦ୍ଧା ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ସମୁଦାୟ ୩୫୦ ପ୍ରତିଯୋଗୀ ଏଥିରେ ଅଶଂଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବାଣପୁର ନଗରପାଳ ମିଟୁ ନାୟକ, କାଉନସିଲର ଅଭିମନ୍ୟୁ ସ୍ୱାଇଁ, ଚିଲିକା ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ କୁମାର ପ୍ରଧାନ, ଓଡ଼ିଶା ପେନ୍‌ଚାକ ସିଲାଟ୍ ଆସୋସିଏଶନର ସଭାପତି ତାପସ କୁମାର ରାୟଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ଜିଲା ଅନୁଷ୍ଠାନର ସଭାପତି ସାରଦା ପ୍ରସନ୍ନ ଦାସ, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ଜଗନ ଲେଙ୍କା, ବନମାଳୀ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପରିଚାଳନା ପାଇଁ ୧୬ଜଣ ରେଫରି, କୋଚ୍ ଏବଂ ମ୍ୟାନେଜର ଯୋଗଦେଇଛନ୍ତି।



ବାଲୁଗାଁରେ ଅନୁଷ୍ଠିତ ଇଣ୍ଡୋନେସିଆନ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଜିଲାର ପ୍ରତିଯୋଗୀ।

# କ୍ଲବ ବ୍ୟୟ କଲେ ରେକର୍ଡ ୨୦୨୪ କୋଟି

ଲଣ୍ଡନ,୨୬।୮

ରେକର୍ଡ ଭାଙ୍ଗିଛି ପ୍ରିମିୟର ଲିଗ୍ କ୍ଲବ୍‌ମାନଙ୍କର ଟ୍ରାନ୍ସଫର ୱିଣ୍ଡୋ ବ୍ୟୟ। ଚଳିତ ସିଜନରେ ୧.୯୫ ବିଲିୟନ ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ୨୦୨୪ କୋଟି ଟଙ୍କା ବ୍ୟୟ କରିସାରିଲେଣି। ସେପ୍ଟେମ୍ବର ୧ ଟ୍ରାନ୍ସଫର ୱିଣ୍ଡୋର ଅନ୍ତିମ ତାରିଖ ରହିଥିବା ବେଳେ ଏହା ୨ ବିଲିୟନ ଡଲାର ଅତିକ୍ରମ କରିବା ନେଇ ଆଶା କରାଯାଉଛି। ବିଗତ ବର୍ଷରେ ୧.୯୨ ବିଲିୟନ ପାଉଣ୍ଡର ଅର୍ଥରାଶି ବ୍ୟୟ ହୋଇଥିଲା। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଦୁଇଜଣ ଖେଳାଳିଙ୍କ ଟ୍ରାନ୍ସଫରରେ ୧୦୦ ମିଲିୟନ ଡଲାର ବ୍ୟୟ ହୋଇଛି। ମୋଜେସ୍ କାଇସେଡୋଙ୍କୁ ୧୦୦ ମିଲିୟନ୍ ଡଲାରରେ ଚେଲ୍‌ସୀ ଓ ଡେକ୍‌ଲାନ ରାଇସେଙ୍କୁ ସମାନ ମୂଲ୍ୟରେ କ୍ରୟ କରିଛି ଆର୍ସେନଲ। ଦଳଗତ ଭାବରେ ଚେଲ୍‌ସି ୯ ଜଣ ଖେଳାଳିଙ୍କୁ କିଣିଥିବା ବେଳେ ସର୍ବାଧିକ ୧ ବିଲିୟନ ଡଲାର ବ୍ୟୟ କରିଛି।

### ପ୍ରିମିୟର ଲିଗ୍ ଟ୍ରାନ୍ସଫର ୱିଣ୍ଡୋ

ଅନ୍ୟପକ୍ଷରେ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ୱିଙ୍ଗର ଜେରେମି ଡୋକୁଙ୍କୁ ୫୫ ମିଲିୟନ ପାଉଣ୍ଡରେ କ୍ରୟ କରିଛି। ଏହା ପୂର୍ବରୁ ଦଳ ଡିଫେଣ୍ଡର ଜୋସ୍କୋ ଜିଭାର୍ଡିଓଲଙ୍କୁ ୯୦ ମିଲିୟନ ପାଉଣ୍ଡରେ ଓ ମିଡ୍‌ଫିଲ୍ଡର ମାଟେଓ କୋଭାକିକଙ୍କୁ ୨୫ ମିଲିୟନ ପାଉଣ୍ଡରେ କିଣିଛି। ଏହା ବ୍ୟତୀତ ୭୨ ମିଲିୟନ ପାଉଣ୍ଡରେ ଦଳ ଷ୍ଟ୍ରାଇକର ରାସମସ ହୋଜଲୁଣ୍ଡଙ୍କୁ କିଣିଛି। ଅନ୍ୟପକ୍ଷରେ ଗତବର୍ଷର ରନର ଅପ୍ ଆର୍ସେନଲ ୬୫ ମିଲିୟନ୍ ପାଉଣ୍ଡ ବ୍ୟୟରେ ଫରୱାର୍ଡ କାଇ ହାଭର୍ଟଜ୍‌ଙ୍କୁ କିଣିଛି। ଚଳିତ ବର୍ଷ ୪ର୍ଥ ସ୍ଥାନରେ ଟୁର୍ନାମେଣ୍ଟ ଶେଷ କରିଥିବା ନ୍ୟୁ କାସେଲ ୟୁନାଇଟେଡ୍ ମିଡ୍‌ଫିଲ୍ଡର ସାନ୍ଦ୍ରୋ ଟୋନାଲିଙ୍କୁ ୫୫ ମିଲିୟନ ପାଉଣ୍ଡରେ ଓ ୱିଙ୍ଗର ହାର୍ଭେ ବାର୍ନସଙ୍କୁ ୩୮ ମିଲିୟନ ପାଉଣ୍ଡରେ କ୍ରୟ କରିଛି।


ମୋଜେସ୍ କାଇସେଡୋ



ଡେକ୍‌ଲାନ ରାଇସେ

# ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର,୨୬।୮(ସରୋଜ ଜେନା)

ଭୁବନେଶ୍ୱର ସ୍ଥିତ ଇନ୍‌ଫୋସିଟିରେ ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇ ଯାଇଛି। ମାଷ୍ଟର ଚେସ୍ ଫାଉଣ୍ଡେସନ୍ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ରାଜ୍ୟର ଯୁବ ପ୍ରତିଭା ମାନଙ୍କୁ ଚେସ୍‌ରେ ଆଗକୁ ବଢିବା ପାଇଁ ସୁଯୋଗ ଦେବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଓପନ ବର୍ଗରେ ୫୯ ଓ ବାଳିକା ବର୍ଗରେ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ତଥା ଟିଆଇଟିଇ କଲେଜ ଚେୟାରମ୍ୟାନ ଡ. ଅଭୟ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦୀପ ଖାରେ, ଆୟେଶା ବେଗ୍, ସୂର୍ଯ୍ୟକାନ୍ତ ମହାନ୍ତି, ସଂଗ୍ରାମ ମହାନ୍ତି, ଜେସିକା ପଟ୍ଟନାୟକ, ମନୋରଞ୍ଜନ ମିଶ୍ର, ସୁରେଶ ଚନ୍ଦ୍ର ସାହୁ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଆର୍ବିଟର ଭାବରେ ଯୋଗ ଦେଇଥିବା ବେଳେ ଜ୍ୟୋତି ଶଙ୍କର ନନ୍ଦ ଓ ମାଷ୍ଟର ଚେସ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।



୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ଆହାନଙ୍କୁ ଡବଲ୍ ଟାଇଟଲ୍**

୧୬ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟୁର୍ନାମେଣ୍ଟରେ ଆହାନ୍ ମିଶ୍ର ଡବଲ୍ ଟାଇଟଲ୍ ହାସଲ କରିଛନ୍ତି।

୦୮

୦୨

**ଆମେରିକା ଉପରାଷ୍ଟ୍ରପତି ପଦ ଲାଗି ଲଢ଼ିବେ ରାମସ୍ୱାମୀ**

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଥିବା ବିବେକ ରାମସ୍ୱାମୀ ତାଙ୍କୁ ଏହି ସୁଯୋଗ ନ ମିଳିଲେ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବେ ବୋଲି କହିଛନ୍ତି।



## ପଥର ତଳେ ଚାପିହୋଇ ମାମୁ ଭଣଜା ମୃତ



ପଥର କ୍ୱାରି

ମୋହନା,୨୬।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବନ୍ଧାଗୁଡ଼ା ଗ୍ରାମ ନିକଟ ଏକ କ୍ରଶରର ପଥର କ୍ୱାରି ନିକଟରେ ଶୁକ୍ରବାର ୫୦ ଟନ୍‌ର ପଥର ତଳେ ଚାପିହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖାରେଡ଼ି ରାଧାଗୋବିନ୍ଦପୁର ଗାଁର ମାମୁ ନାରାୟଣ ନାହାକ (୪୭) ଓ ଭଣଜା ମଧୁରଛୁଆଗାଁର ବିଷ୍ଣୁ ପ୍ରସାଦ ନାହାକ (୨୫)।

ଉଭୟ ମାମୁ ଭଣଜା ୫ ବର୍ଷ ହେଲା ବନ୍ଧାଗୁଡ଼ା ଗ୍ରାମ ନିକଟରେ ଥିବା କ୍ରଶରରେ ଶ୍ରମିକ ଭାବେ କାର୍ଯ୍ୟକରି ଆସୁଥିଲେ। ସନ୍ଧ୍ୟା ୭ଟାରେ କ୍ରଶର ନିକଟ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ ହେବା ବେଳେ ଦୁହେଁ ଏକ ୫୦ ଟନ୍‌ର ପଥର ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ବ୍ଲାଷ୍ଟିଂ ଯୋଗୁ ସେହି ପଥରଟି ଥରି ଉଠି ତଳକୁ ଗଡ଼ିଯାଇଥିଲା। ଫଳରେ ପଥର ତଳେ ଚାପିହୋଇ ସେମାନଙ୍କର ମୃତ୍ୟୁ ଘଟିଥିଲା।

### ବ୍ଲାଷ୍ଟିଂ ବେଳେ ୫୦ ଟନ୍‌ର ପଥର ତଳେ ନେଇଥିଲେ ଆଶ୍ରୟ

ମୋହନା ପୋଲିସ, ଅତିରିକ୍ତ ତହସିଲଦାର ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ବାହାର କରିବା ପାଇଁ ଉଦ୍ୟମ ଚଳାଇଥିଲେ। ଖବର ପାଇ ରାତି ୯ଟାରେ ମୃତ ନାରାୟଣଙ୍କ ସାନଭାଇ ଶାନ୍ତନୁ ଏବଂ ମୃତ ବିଷ୍ଣୁଙ୍କ ସମ୍ପର୍କୀୟ ମାମୁ ବିଶ୍ୱଜିତ ପହଞ୍ଚି ମୃତଦେହ ଶୀଘ୍ର ବାହାର କରି ହସ୍ତାନ୍ତର କରିବା ଲାଗି ପ୍ରଶାସନକୁ ନିବେଦନ କରିଛନ୍ତି।

ଅପରପକ୍ଷେ ଶନିବାର ରାତି ସୁଦ୍ଧା ପଥର ତଳୁ ମୃତଦେହ ଉଦ୍ଧାର ହୋଇପାରି ନ ଥିବା ବେଳେ ପାରଳାଖେମୁଣ୍ଡିରୁ ପଥର କଟିଂ ମେଶିନ ପହଞ୍ଚିଛି। ଜିଲାପାଳଙ୍କ ସୁପାରିସ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇ କହିଛନ୍ତି।

# ସିଲିଣ୍ଡର ଫାଟି ଟ୍ରେନ୍ ବଗି ଜଳିଲା: ୧୦ ମୃତ

**ଟ୍ରେନ୍‌ରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଛି। ଏହାର ଅବମାନନାକୁ ଅପରାଧ ବିବେଚନା କରାଯାଉଛି। ଏନେଇ ଟ୍ରେନ୍‌ର ବଗିଗୁଡ଼ିକରେ ସଚେତନତାଧର୍ମୀ ଲେଖା ରହିଥାଏ। ଏହାକୁ ଅନେକେ ଗୁରୁତ୍ୱ ଦେଉ ନ ଥିବାବେଳେ ବହୁ ଷ୍ଟେଶନରେ ଗ୍ୟାସ୍ ସିଲିଣ୍ଡର, କିରୋସିନ, ପେଟ୍ରୋଲ, ବିସ୍ଫୋରକ ସାମଗ୍ରୀ ପରିବହନକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନାହିଁ। ଏହାର କୁପରିଣାମ ଶନିବାର ତାମିଲନାଡୁର ମଦୁରାଇ ରେଳ ଷ୍ଟେଶନରେ ଦେଖିବାକୁ ମିଳିଛି। ଷ୍ଟେଶନରେ ଥିବା ଏକ ବଗିରେ ଏଲ୍‌ପିଜି ସିଲିଣ୍ଡର ଫାଟିଯିବାରୁ ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ଯାତ୍ରୀ ଜୀବନ୍ତଦଗ୍ଧ ହୋଇଥିବାବେଳେ ୨୦ ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୁରକ୍ଷାରେ ତ୍ରୁଟି ଓ ଅବହେଳା ଯୋଗୁ ପୁଣି ଥରେ ଦୁର୍ଘଟଣାର ଶିକାର ହୋଇଛନ୍ତି ରେଳଯାତ୍ରୀ, ଯାହାକି ବାଲେଶ୍ୱର ବାହାନଗା ଟ୍ରେନ୍ ଟ୍ରାଜେଡିରେ ମଧ୍ୟ ଦେଖିବାକୁ ମିଳିଥିଲା। ସେହି ଦୁର୍ଘଟଣାରେ ୨୯୫ ଜଣଙ୍କ ମୃତ୍ୟୁ ଘଟିଥିଲା।**



ମଦୁରାଇ,୨୬।୮

ତାମିଲନାଡୁର ମଦୁରାଇ ରେଳଷ୍ଟେଶନରେ ଶନିବାର ଭୋର ସମୟରେ ଛିଡ଼ା ହୋଇଥିବା ଏକ ବଗିରେ ନିଆଁ ଲାଗିଯିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ବଗିରେ ବେଆଇନ ଭାବେ ଏକ ଗ୍ୟାସ୍ ସିଲିଣ୍ଡର ନିଆଯାଉଥିଲା, ଯାହା ଅଗ୍ନିକାଣ୍ଡର କାରଣ ବୋଲି ସଦର୍ନ ରେଲୱେ ପକ୍ଷରୁ କୁହାଯାଇଛି। ବଗିରେ ଲକ୍ଷ୍ନୌର ୬୫ ଯାତ୍ରୀ ଥିଲେ। ଘରୋଇ କୋଚ୍‌ଟି ପୁନାଲୁର-ମଦୁରାଇ ଏକ୍ସପ୍ରେସ୍‌ରେ ସଂଯୋଗ ହୋଇ ଭୋର ୩ଟା ୪୭ରେ ମଦୁରାଇରେ ପହଞ୍ଚିଥିଲା। ସେଠାରୁ ଉକ୍ତ ବଗି ଅନନ୍ତପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ସଂଯୋଗ ହୋଇ କୋଲ୍ଲାମ ଦେଇ ଚେନ୍ନାଇ ଯିବାର ଥିଲା। ଯାତ୍ରୀମାନେ ଘରୋଇ କୋଚ୍‌ରେ ଗ୍ୟାସ୍ ସିଲିଣ୍ଡର ଆଣି ନ ଥିଲେ ସେମାନେ ଶନିବାର ମଧ୍ୟାହ୍ନରେ ଚେନ୍ନାଇରେ ପହଞ୍ଚିଥାନ୍ତେ। ଦୁର୍ଭାଗ୍ୟକୁ ସେମାନେ କୋଚ୍ ଭିତରେ ଚା' କରିବା ପାଇଁ ଏକ ଷ୍ଟୋଭ୍ ଲଗାଇବାରୁ ସିଲିଣ୍ଡର ବିସ୍ଫୋରଣ ହୋଇ ସଙ୍ଗେ ସଙ୍ଗେ ସାରା କୋଚ୍‌କୁ ନିଆଁ ବ୍ୟାପିଯାଇଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ମଦୁରାଇ ଜିଲାପାଳ ଏମ୍.ଏସ୍. ସଙ୍ଗୀତା କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ପୋଲିସ, ଅଗ୍ନିଶମ ବାହିନୀ ଏବଂ ରେସ୍କ୍ୟୁ ସର୍ଭିସ୍ କର୍ମଚାରୀମାନେ ସାମିଲ ହୋଇଥିଲେ। କୋଚ୍‌ଟି ଟ୍ରେନ୍‌ରୁ ଅଲଗା ହେବା ପରେ କେତେଜଣ ଯାତ୍ରୀ ଓହ୍ଲାଇଯାଇଥିଲେ ଓ ନିଆଁକୁ ଦେଖି ଅନ୍ୟ କେତେଜଣ ବଗିରୁ ଡେଇଁପଡ଼ି ବର୍ତ୍ତିଯାଇଥିଲେ। ଭୋର ୫ଟା ୧୫ରେ ନିଆଁ ଲାଗିଥିବାବେଳେ ଅଧଘଣ୍ଟା ବିଳମ୍ବରେ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ଏବଂ ☞ପୃଷ୍ଠା-୭

### ଷ୍ଟେଶନଗୁଡ଼ିକରେ ଯାଞ୍ଚ ଢିଲା








ଏଥେନ୍ସରେ ଗ୍ରୀସ୍ ରାଷ୍ଟ୍ରପତି କାଟେରିନା ସାକେଲାରପୋଉଲୋଉଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଘୃଣା ଅପରାଧ ଉପରେ ଲଗାମ କଷିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୮**

ଦେଶରେ ଘୃଣା ଅପରାଧ ରୋକିବାକୁ ୨୦୧୮ ଜୁଲାଇ ୭ରେ ସୁପ୍ରିମକୋର୍ଟ କେତେକ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଘୃଣା ଅପରାଧ ଉପରେ ଲଗାମ ଲଗାଇବା ପାଇଁ ପ୍ରତି ଜିଲାରେ ନୋଡାଲ ଅଫିସର ନିଯୁକ୍ତି ସମେତ ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିୟମଗୁଡ଼ିକର ଠିକ୍ ଅନୁପାଳନ ହେଉ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର ୨୦୧୮ର ଗାଇଡ୍‌ଲାଇନ୍ସକୁ ସଶକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଭିଡ଼ ହିଂସା ଓ ଘୃଣା ମନ୍ତବ୍ୟ ମାମଲାରେ ସମସ୍ତ ଅପରାଧୀଙ୍କୁ ସମାନ ଭାବେ ଦଣ୍ଡିତ କରିବା ସକାଶେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ୩ ସପ୍ତାହ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୧୮ ରାୟର ଅନୁପାଳନ ପୂର୍ବକ ରାଜ୍ୟଗୁଡ଼ିକ ଦ୍ୱାରା ନୋଡ଼ାଲ ଅଫିସର ନିଯୁକ୍ତି ସମ୍ପର୍କିତ ବିବରଣୀକୁ ନେଇ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଖଣ୍ଡପୀଠ କହିଛନ୍ତି, ପୂର୍ବ ଗାଇଡ୍‌ଲାଇନ୍‌ରୁ କିଛି ବାଦ୍ ପଡ଼ିବ ନାହିଁ। ବରଂ ସେଥିରେ ଆଉ କେତେକ ନୂଆ ନିୟମ ଯୋଡ଼ାଯିବ। ଘୃଣା ହିଂସା ରୋକିବା ସକାଶେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ସଂଲଗ୍ନ କରିବା ଉପରେ ଜୋର୍ ଦିଆଯିବ। ନିକଟରେ ହରିୟାଣାର ନୁର୍ ଓ ଗୁରୁଗ୍ରାମରେ ଘଟିଥିବା ସାମ୍ପ୍ରଦାୟିକ ହିଂସା ପରେ ହିନ୍ଦୁ ସଂଗଠନଗୁଡ଼ିକ ପକ୍ଷରୁ ମୁସଲମାନମାନଙ୍କୁ ସାମାଜିକ ଓ ଅର୍ଥନୈତିକ ବାସନ୍ଦ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଘୃଣା ମନ୍ତବ୍ୟ ରୋକିବା ପାଇଁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ୍ ଦାଖଲ କରାଯାଇଥିଲା। ଖଣ୍ଡପୀଠ ସେଗୁଡ଼ିକର ଶୁଣାଣିକରି ଘୃଣା ଅପରାଧ ବିରୋଧରେ କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି।




# ‘ଏକ୍ସ’କୁ ଫେରିଲେ ଟ୍ରମ୍ପ୍

## ଟୁଇଟର୍‌ରୁ ବିଦା ହୋଇଥିଲେ

**ୱାଶିଂଟନ,୨୬।୮**




ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୦ରେ ନିର୍ବାଚନରେ ପରାଜିତ ହେବାପରେ ଫଳ ପଲଟାଇବା ପାଇଁ ଉଦ୍ୟମ ଅଭିଯୋଗରେ ଜର୍ଜିଆ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୭୭ ବର୍ଷୀୟ ଟ୍ରମ୍ପ୍ ଗୁରୁବାର ଫୁଲଟନ୍ କାଉଣ୍ଟି ଜେଲରେ ପ୍ରାୟ ୨୨ ମିନିଟ୍ ବିତାଇଥିଲେ। ଆପରାଧିକ ମାମଲାଗୁଡ଼ିକର ଅଭିଯୋଗ ସ୍ଥିର କରାଯିବା ପରେ ଏହା ହେଉଛି ରିପବ୍ଲିକାନ୍ ଟ୍ରମ୍ପ୍‌ଙ୍କ ଚତୁର୍ଥ ଆତ୍ମସମର୍ପଣ। ଏହା ପୂର୍ବରୁ ଆମେରିକାରେ କୌଣସି ପୂର୍ବତନ ରାଷ୍ଟ୍ରପତି ଏଭଳି ଆପରାଧିକ ମାମଲାର ସମ୍ମୁଖୀନ ହୋଇ ନ ଥିଲେ। ବର୍ତ୍ତମାନ ଟ୍ରମ୍ପ୍‌ଙ୍କ ବିରୋଧୀ ୪ ମାମଲାରେ ୯୧ଟି ଅଭିଯୋଗ ରହିଛି। ୨୦୨୧ ଜାନୁୟାରୀ ୬ରେ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ କ୍ଷମତା ହସ୍ତାନ୍ତର ପର୍ବ ନେଇ ପ୍ରସ୍ତୁତି ଚାଲିଥିବାବେଳେ ଟ୍ରମ୍ପ୍‌ଙ୍କ ସମର୍ଥକମାନେ କ୍ୟାପିଟୋଲ୍ ହିଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସେବେଠୁ ଟ୍ରମ୍ପ୍‌ଙ୍କୁ ଟୁଇଟର ବାସନ୍ଦ କରିଦେଇଥିଲା। ଏହାପରେ ସେ ଟ୍ରୁଥ୍ ସୋସିଆଲ୍ ନାମରେ ଏକ ସାମାଜିକ ଗଣମାଧ୍ୟମ ମଞ୍ଚ ପ୍ରତିଷ୍ଠା କରି ନିଜସ୍ୱ ମତ ରଖି ଆସିଥିଲେ। ଇତିମଧ୍ୟରେ ଗତବର୍ଷ ଟୁଇଟର୍‌ର ମାଲିକାନା ଟେସ୍‌ଲା ସିଇଓ ଏଲନ ମସ୍କଙ୍କ ହାତକୁ ଯାଇଥିଲା। ଏହି ସୋସିଆଲ୍ ବ୍ଲଗିଂ ସାଇଟ୍‌ର ନାମ ମଧ୍ୟ ବଦଳି ‘ଏକ୍ସ’ ହୋଇଛି। ମସ୍କ ଟ୍ରମ୍ପ୍‌ଙ୍କ ଆକାଉଣ୍ଟକୁ ପୁନଃ ଅବସ୍ଥାପିତ କରିବା ପରେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଣ୍ଟା ଭିଡ଼ିଥିବା ଏହି ଚତୁର ବ୍ୟବସାୟୀ କାଳ ବିଳମ୍ବ ନ କରି ପାଣ୍ଠି ସଂଗ୍ରହ ସକାଶେ ଏହାର ଫାଇଦା ଉଠାଇଛନ୍ତି। ଏଥିରେ ସେ ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗକୁ ଖଣ୍ଡନ କରିବା ସହ କେବେହେଲେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ‘ଏକ୍ସ’ରେ ଟ୍ରମ୍ପ୍‌ଙ୍କ ୮୬ ନିୟୁତରୁ ଉର୍ଦ୍ଧ୍ୱ ଫଲୋଅର୍ସ ଅଛନ୍ତି।

# ଜାମିନ ଅବଧି ସୀମିତ କରନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୮**

ଯଦି ଆବେଦନକାରୀ ଜାମିନ ପାଇବା ପାଇଁ ଯୋଗ୍ୟ ବୋଲି ବିଚାରପତି ନିଷ୍କର୍ଷରେ ପହଞ୍ଚନ୍ତି ତେବେ କୋର୍ଟଗୁଡ଼ିକ ଜାମିନକୁ ଏକ ନିର୍ଦ୍ଦିଷ୍ଟ ଅବଧିରେ ସୀମିତ କରିବା ଅନୁଚିତ। ସୁପ୍ରିମକୋର୍ଟ ଶୁକ୍ରବାର ଏହି ରାୟ ଦେଇଛନ୍ତି। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏକ ସୀମିତ ଅବଧି ପାଇଁ ଜାମିନ ପ୍ରଦାନ କରାଗଲା ମାମଲାର ବିଚାର ପ୍ରକ୍ରିୟା ଗଡ଼ିଚାଲିବ। କାରଣ ଏହାଦ୍ୱାରା ଅଭିଯୁକ୍ତ ବାରମ୍ବାର ଜାମିନ ଆବେଦନ କରିବେ ଏବଂ ପିଟିଶନ୍‌ଗୁଡ଼ିକର ଶୁଣାଣି ନିମନ୍ତେ କୋର୍ଟଗୁଡ଼ିକର ଅଧିକ ସମୟ ନଷ୍ଟ ହେବ। ତେଣୁ ଜାମିନ ଅବଧି ସୀମିତ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ଆମେରିକା ଉପରାଷ୍ଟ୍ରପତି ପଦ ଲାଗି ଲଢ଼ିବେ ରାମସ୍ୱାମୀ

**ୱାଶିଂଟନ,୨୬।୮**



ବିବେକ ରାମସ୍ୱାମୀ

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବାର ନାହିଁ ବୋଲି ଦୁଇଦିନ ପୂର୍ବରୁ ସ୍ପଷ୍ଟ ଭାବେ କହିଥିଲେ। ତେବେ ସେ ୨୦୨୪ ପାଇଁ ହାଇଟ ହାଉସ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗି ଦଳ ପକ୍ଷରୁ ଯଦି ମନୋନୀତ ନ ହୁଅନ୍ତି ତେବେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଶନିବାର ସୂଚନା ଦେଇଛନ୍ତି। ଗତ ୨୩ ତାରିଖରେ ୩୮ ବର୍ଷୀୟ ରାମସ୍ୱାମୀ ତାଙ୍କର ପ୍ରଥମ ରିପବ୍ଲିକାନ୍ ପ୍ରେସିଡେନ୍ସିଆଲ ପ୍ରାଇମେରି ବିତର୍କରେ ସାମିଲ ହୋଇଥିଲେ। ଏହାକୁ ତାଙ୍କ ଦଳର ଅନ୍ୟତମ ଭାରତୀୟ ଆମେରିକୀୟ ଆଶାୟୀ ପ୍ରାର୍ଥୀ ନିକ୍କି ହାଲିଙ୍କ ସମେତ ଅନ୍ୟମାନେ ସମାଲୋଚନା କରିଛନ୍ତି। କୌଣସି ପବ୍ଲିକ୍ ଅଫିସ୍‌ର ନେତୃତ୍ୱ ନେବାରେ ରାମସ୍ୱାମୀଙ୍କର ଅଭିଜ୍ଞତା ନ ଥିବା ସେମାନେ କହିଛନ୍ତି। ଟ୍ରମ୍ପ୍‌ଙ୍କ ଉପରାଷ୍ଟ୍ରପତି ହେବାରେ ସେ ଖୁସି ହେବେ କି ବୋଲି ପ୍ରଶ୍ନ ହେବାରୁ ରାମସ୍ୱାମୀ କହିଥିଲେ, ଏଥିରେ ମୋର କିଛି କହିବାର ନାହିଁ। ମୋ ବୟସର ଜଣେ ବ୍ୟକ୍ତି ପାଇଁ ଏହା ଭଲ ପଦବୀ ବୋଲି ସେ କହିଛନ୍ତି। ଯଦି ଉପରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି, ତେବେ ରାମସ୍ୱାମୀ ଏହି ପଦବୀରେ ରହିବାରେ ଦ୍ୱିତୀୟ ସର୍ବକନିଷ୍ଠ ହେବେ। ଜେମ୍ସ ବୁଚାନାନଙ୍କ ରାଷ୍ଟ୍ରପତିତ୍ୱ ସମୟରେ ୧୮୫୭ରୁ ୧୮୬୧ ଜନ୍ ବ୍ରେକିନ୍‌ରିଜ୍ ୩୬ ବର୍ଷ ବୟସରେ ଉପରାଷ୍ଟ୍ରପତି ହୋଇଥିଲେ।

## ଅନ୍ୟାନ୍ୟ ଖବର

# ଆଜି ଜୀ ସାର୍ଥକରେ ଧାରା-ଅମ୍ବରଙ୍କ ବିବାହ ମହୋତ୍ସବ



**ଭୁବନେଶ୍ୱର,୨୬।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଜୀ-ସାର୍ଥକରେ ରବିବାର ସନ୍ଧ୍ୟା ୬ଟାରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଲୋକପ୍ରିୟ ଯୋଡ଼ି ଧାରା-ଆମ୍ବର। ଧାରାବାହିକ ‘ସାଥିରେ’ର ଏହି ଯୋଡ଼ିଙ୍କ ବିବାହ ଭବ୍ୟ ସମାରୋହରେ ଆୟୋଜିତ ହେଉଛି। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ କହିଛନ୍ତି, ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ତାଙ୍କ ମନୋରଞ୍ଜନ ଜାରି ରଖିଛୁ। ବିବାହ ମହୋତ୍ସବ ପାଳନରେ ଆମ ଚ୍ୟାନେଲ ସବୁବେଳେ ଆଗରେ। ତେଣୁ ଅମ୍ବର ଓ ଧାରାଙ୍କ ଶୁଭ ବିବାହ ଆମେ ପାଳନ କରିବୁ ଖୁବ ଧୂମଧାମରେ ଓ ପାରମ୍ପରିକ ଓଡ଼ିଆ ସମାଜରେ ହେଉଥିବା ବାହାଘର ପରି। ପୂରା ଜୀ ସାର୍ଥକ ପରିବାର ସେଦିନ ଏକାଠି ହେବେ କେବଳ ଏହି ୨ ଜଣଙ୍କ ବାହାଘର ପାଇଁ। ମେଗା ଧାରାବାହିକର ଅଭିନେତ୍ରୀ, ଅଭିନେତାଙ୍କ ସହ ବହୁ ଲୋକପ୍ରିୟ କଳାକାର ମଧ୍ୟ ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ନିମନ୍ତ୍ରିତ ହୋଇଛନ୍ତି। ଏହି ବାହାଘରରେ ତାରିକ ଅଜିଜ ଓ ବିଷ୍ଣୁପ୍ରିୟାଙ୍କ ଦମଦାର୍ ପ୍ରଦର୍ଶନ ସମସ୍ତଙ୍କୁ ନାଚିବାକୁ ବାଧ୍ୟ କରିବ ଓ ପୂରା ନାଚ ଗୀତ ସହିତ ପାରିବାରିକ ମିଳନ ହେବ କେବଳ ଜୀ-ସାର୍ଥକରେ। ସମସ୍ତ ଦର୍ଶକଙ୍କୁ ସାଦର ନିମନ୍ତ୍ରଣ ଓ ସମସ୍ତେ ରବିବାର ସନ୍ଧ୍ୟା ୬ଟାରେ ଆମ ସହିତ ରହିବେ ବୋଲି ଆଶା ପ୍ରକାଶ କରିଛନ୍ତି ଜୀ ସାର୍ଥକ ବିଜନେସ ହେଡ ପ୍ରତୀକ ସିଲ।

# ଜାଗା ମିଶନ ତାଲିକାରେ ଭୂତ ହିତାଧିକାରୀ

**ଭୁବନେଶ୍ୱର, ୨୬।୮ (ବନ୍ଦନା ସେଠୀ)**



ଜାଗା ମିଶନ୍ ସର୍ଭେରେ ହୋଇଥିବା ବଡ଼ କେଲେଙ୍କାରି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦେଇ ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ) ତାଲିକାରେ ବହୁ ଅଯୋଗ୍ୟ ତଥା ନିଜ ସମ୍ପର୍କୀୟଙ୍କୁ ସ୍ଥାନ ଦେଇ ପ୍ରିୟାପ୍ରୀତି ତୋଷଣ କରିଥିବା ଅଭିଯୋଗ ହୋଇଆସୁଥିଲା। ତେବେ ତାଲିକା ପ୍ରକାଶ ପାଇବା ପରେ ଏଥିରେ ବହୁ ଭୂତ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଦେଖିବାକୁ ମିଳିଛି, ଯେଉଁମାନେ ବସ୍ତିରେ କେବେ ରହି ନାହାନ୍ତି କି ଦିଆଯାଇଥିବା ଠିକଣାରେ ସେପରି କୌଣସି ପରିବାର ବା ବ୍ୟକ୍ତି ନାହାନ୍ତି। ଫଳରେ ଆସନ୍ତା ୨୮ ତାରିଖରେ ଏସବୁ ଭୂତ ହିତାଧିକାରୀଙ୍କୁ ବିଏମ୍‌ସି କିପରି ଜମି ପଟ୍ଟା ବାଣ୍ଟିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ବସ୍ତିରେ ବିରୋଧର ସ୍ୱର ଉଠିଲାଣି। ୱାର୍ଡ ନଂ. ୩୮ ଅନ୍ତର୍ଗତ ବାଲିତୋଟା ସାହିରେ ମୋଟ୍ ୧୧୦ଟି ପରିବାର ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ମାତ୍ର ଜାଗାମିଶନ୍ ସର୍ଭେ ତାଲିକାରେ ସମ୍ପୃକ୍ତ ସାହି ବା ବସ୍ତିର ମୋଟ୍ ୧୭୩ଜଣଙ୍କୁ ଚୟନ କରାଯାଇଛି। ତାଲିକାରେ ସ୍ଥାନ ପାଇଥିବା ଅତିରିକ୍ତ ୬୩ଜଣ କିଏ? ସେମାନଙ୍କୁ କିପରି ଓ କାହିଁକି ବସ୍ତି ବାସିନ୍ଦା ବୋଲି ତାଲିକାରେ ଦର୍ଶାଯାଇଛି ସେ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ସେହିପରି ଏମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୩ଜଣଙ୍କୁ ଜମିପଟ୍ଟା ଦିଆଯିବାକୁ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ଥିବା ୨୩ଜଣ ସମ୍ପୃକ୍ତ ବସ୍ତିର ନୁହନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି କୌଣସି ବ୍ୟକ୍ତି ସେଠାରେ ରହୁ ନ ଥିବାରୁ ହିତାଧିକାରୀ ଚୟନ କରୁଥିବା ଏସ୍‌ଡିଏ ତାଲିକାରେ ଚଞ୍ଚକତା କରିଥିବା ସ୍ପଷ୍ଟ ହୋଇଛି। ସେହିପରି ବର୍ଷବର୍ଷ ଧରି ବସ୍ତିରେ ରହି ଆସୁଥିବା ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ଶ୍ରମିକ, ବ୍ୟବସାୟୀ ଓ ଦୋକାନ କର୍ମଚାରୀ। ମାତ୍ର ସେମାନଙ୍କୁ ଅଗ୍ରାଧିକାର ଦିଆ ନ ଯାଇ ବିଏମ୍‌ସି ଏବେ ଭୂତଙ୍କୁ ଜମି ପଟ୍ଟା ବାଣ୍ଟିବାକୁ ବସିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମେୟରଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି।

## ପଦାକୁ ଆସିଲା ବଡ଼ କେଲେଙ୍କାରୀ

- ତାଲିକାରେ ଥିବା ହିତାଧିକାରୀ ବସ୍ତିରେ ନାହାନ୍ତି
- ବଞ୍ଚିତ ହୋଇଛନ୍ତି ବହୁ ପ୍ରକୃତ ବସ୍ତିବାସିନ୍ଦା

## କର୍ପୋରେଟରଙ୍କ ପ୍ରସ୍ତାବକୁ ଅନୁମୋଦନ ଦିଆଯାଉନି

ସର୍ଭେରେ ଅନିୟମିତତା ନେଇ କର୍ପୋରେଟରମାନେ ମଧ୍ୟ ମୁହଁ ଖୋଲିଛନ୍ତି। ବିଭିନ୍ନ ୱାର୍ଡରୁ ହିତାଧିକାରୀ ଚୟନ ନେଇ ଅଭିଯୋଗ ଆସିବା ପରେ କର୍ପୋରେଟରମାନେ ସମ୍ପୃକ୍ତ ଏସ୍‌ଡିଏ କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ କର୍ପୋରେଶନ ବୈଠକରେ ପ୍ରସ୍ତାବ ଦେଇଥିଲେ, କାରଣ ସେମାନେ ହିଁ ବସ୍ତିର ଟିକିନିଖି ଜାଣିଛନ୍ତି। ତେବେ ବିଏମ୍‌ସି କର୍ତ୍ତୃପକ୍ଷ ଏହାକୁ ଅନୁମୋଦନ ଦେଇ ନ ଥିଲେ। ଏହାକୁ ନେଇ ଚଳିତ କର୍ପୋରେଶନ ବୈଠକରେ ହୋ ହାଲ୍ଲା ହୋଇଥିଲା।

## କ’ଣ କୁହନ୍ତି ଏମାନେ....



**୮୦ବର୍ଷ ହେବ ରହିଲୁଣି, ତାଲିକାରେ ନାଁ ନାହିଁ**

ମୋ ଶ୍ୱଶୁର ଏଠାରେ ୮୦ ବର୍ଷ ତଳେ ଘର କରିଥିଲେ। ମୁଁ ବୋହୂ ହୋଇ ଏଠାକୁ ଆସିଥିଲି, ଏବେ ନାତି ନାତୁଣୀ ଦେଖିଲିଣି। ସବୁ କାଗଜପତ୍ର ଥାଇ ବି ତାଲିକାରେ ମୋ ନାଁ ନାହିଁ। ମାତ୍ର ଯେଉଁମାନେ କାଲି ସକାଳେ ବସ୍ତିକୁ ଆସିଛନ୍ତି ସେମାନଙ୍କ ନାଁ ରହିଛି।

–ଛବିରାଣୀ ବେହେରା, ବସ୍ତି ବାସିନ୍ଦା



**ଏଠାରେ ରହୁ ନ ଥିବା ଲୋକଙ୍କୁ କିପରି ପଟ୍ଟା ମିଳିବ**

ଦୀର୍ଘବର୍ଷ ହେବ ଏଇଠି ରହି ଆସୁଛୁ। ଭାବିଥିଲୁ ସରକାର ଆମ ନାଁରେ ଜାଗା ଖଣ୍ଡେ କରିବେ। ହେଲେ ଏଠି ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରାଯାଉଛି। ଯେଉଁମାନେ ଏଠି ରହୁ ନାହାନ୍ତି, ଏଠିକା ଲୋକ ଯାହାକୁ କେବେ ଦେଖି ନାହାନ୍ତି, ସେମାନଙ୍କ ନାଁରେ ପଟ୍ଟା ମିଳିବ। ହେଲେ ଆମକୁ କେହି ପଚାରୁ ନାହାନ୍ତି।

–ଭଗବାନ ମହୁରୀ, ବସ୍ତି ବାସିନ୍ଦା



**ସର୍ଭେ ଅଧିକାରୀ ମନଇଚ୍ଛା ତାଲିକା କରିଛନ୍ତି**

ସର୍ଭେ କରୁଥିବା ଅଧିକାରୀ ତାଙ୍କ ମନଇଚ୍ଛା ତାଲିକା କରିଛନ୍ତି। ଆମେ ୪୦/୫୦ ବର୍ଷ ହେଲା ରହି ଆସୁଛୁ, ହେଲେ ଆମ ନାଁ ନାହିଁ। ଏନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି।

–ତିଲୋତ୍ତମା ଖଟୁଆ, ବସ୍ତିବାସିନ୍ଦା



**ଅଭିଯୋଗ କରିଥିଲେ ବି କେହି ଶୁଣୁ ନାହାନ୍ତି**

ଯେଉଁମାନେ ଏଠିକାର ବାସିନ୍ଦା ନୁହନ୍ତି, ସେମାନେ ତାଲିକାରେ କୋଉଠୁ ଆସିଲେ ତା’ର ଉତ୍ତର କାହା ପାଖରେ ନାହିଁ। ଏନେଇ କର୍ପୋରେଟରଙ୍କଠାରୁ ଆରମ୍ଭ କରି ମେୟରଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ବି କେହି ଶୁଣୁ ନାହାନ୍ତି। କେବଳ ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କ ତାଲିକା ଆସିବ ବୋଲି କହୁଛନ୍ତି।

–ଏସ୍.କେ ନୁର, ବସ୍ତି ବାସିନ୍ଦା

## ମେୟରଙ୍କ ବାସଭବନ ଘେରିଲେ ବସ୍ତିବାସିନ୍ଦା

ବିଭିନ୍ନ ବସ୍ତିରେ ହୋଇଥିବା ଜାଗା ମିଶନ ସର୍ଭେରେ ବ୍ୟାପକ କେଲେଙ୍କାରିକୁ ନେଇ ବସ୍ତିବାସିନ୍ଦା ଓ ବିରୋଧୀ ଦଳ ପୂର୍ବରୁ ବାରମ୍ବାର ବିଏମ୍‌ସି ଘେରାଉ କରିଥିଲେ। ଏବେ ତାଲିକା ଆସିବା ପରେ ଶନିବାର ବାଲିତୋଟା ସାହିର ବାସିନ୍ଦା ମେୟର ସୁଲୋଚନା ଦାସଙ୍କ ଘର ଆଗରେ ଧାରଣା ଦେଇଥିଲେ। ବିଏମ୍‌ସିର ଏସ୍‌ଡିଏମାନେ ଦୁର୍ନୀତିରେ ବୁଡି ରହି ହିତାଧିକାରୀ ଚୟନରେ ଏଭଳି ଚଞ୍ଚକତା କରିଥିଲେ ବି ବିଏମ୍‌ସି କର୍ତ୍ତୃପକ୍ଷ କିଭଳି କିଛି ଜାଣିପାରୁ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ମେୟର ସେମାନଙ୍କ ସହ ଆଲୋଚନା କରିବା ପରେ ବିଏମ୍‌ସି କାର୍ଯ୍ୟାଳୟକୁ ଡାକି ଘଟଣା ସମ୍ପର୍କରେ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## ଏସ୍‌ଡିଏଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି

ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସଡିଏ)ଙ୍କ ନାମରେ ବହୁ ଅଭିଯୋଗ ପରେ ବିଏମସି ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଥିଲା। ଗୋଟିଏ ଦୁଇଟି ବସ୍ତିରେ ଏସ୍‌ଡିଏଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା। ତେବେ ଅଭିଯୋଗର ଫର୍ଦ୍ଦ ବଢିବା ପରେ ଏଥିରେ କେତେ ସତ୍ୟତା ଅଛି ତାହା ପରଖିବାକୁ ବିଏମ୍‌ସି ଅଧିକାରୀ ଏବଂ ସ୍ଥାନୀୟ କର୍ପୋରେଟଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ବସ୍ତି ଯାଞ୍ଚ କରିବା ସହ ସେହିଠାରେ ହିଁ ଅଭିଯୋଗ ନେଇ ଆଲୋଚନା କରିବ ଏବଂ ଅଭିଯୋଗ ସିଦ୍ଧ ହେଲେ ସମ୍ପୃକ୍ତ ଏସ୍‌ଡିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ପରେ କୌଣସି ଏସ୍‌ଡିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ସେମାନଙ୍କୁ ଅଧିକ ତାଲିମ୍ ଦିଆଯାଇଥିଲା। ସେହିପରି ସର୍ଭେକୁ ନେଇ ଯେପରି ଗୋଟିଏ ବି ଅଭିଯୋଗ ନ ଆସେ ବୋଲି ମେୟର ଓ କମିଶନର ତାଗିଦ୍ କରିଥିଲେ। ଏଥିସହ ଯଥା ସମ୍ଭବ ଏହାକୁ ଚାପିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ପୁଣି ବିବାଦ ଘନେଇଛି।

# ଚପିଯାଇଛି ଅଣସଂରକ୍ଷିତ ଦାବି

ଯାଜପୁର,୨୬।୮(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀକୁ ଅଣସଂରକ୍ଷିତ ଓ ପୁନର୍ଗଠନ କରିବା ଦାବି ଚପିଯାଇଛି। ବିଭିନ୍ନ ମହଲରେ ଏନେଇ ଦାବି ହୋଇଆସୁଥିଲେ ହେଁ ତାହା ସମ୍ଭବ ହୋଇପାରୁନାହିଁ। ବିଭାଗୀୟ ଯୁଗ୍ମ ସଚିବ ଭବାନୀପ୍ରସାଦ ରାୟ ତାଙ୍କ ପତ୍ରସଂଖ୍ୟା ଭିଇ(ବି)–୩/୨୦୧୬–୩୮୯୩/୯।୬।୨୦୧୬ରେ ଜିଲାପାଳଙ୍କୁ ପ୍ରକୃତ ତଥ୍ୟ ଓ ମତାମତ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଭାରତ ସରକାରଙ୍କ ନିର୍ବାଚନ କମିଶନଙ୍କ ଅନୁସଚିବ ଟି.ସି. କମ୍ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାରେ ହସ୍ତକ୍ଷେପ କରିଥିଲେ। ହେଲେ କେନ୍ଦ୍ରୀୟ ସୀମା ପୁନଃ ନିର୍ଦ୍ଧାରଣ କମିଟି ବୈଠକ ବସୁ ନ ଥିବାରୁ ଏହି ଦାବି ଫାଇଲ ତଳେ ଚପିଯାଇଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ୧୯୬୭ ମସିହାରୁ ଏଯାବତ ୫୬ ବର୍ଷ ଧରି ସଂରକ୍ଷିତ ଆସନ ହୋଇରହିଛି। ଭାରତ ସରକାରଙ୍କ ପକ୍ଷରୁ ୨୦୦୪ରେ ଏହାର ପରିବର୍ତ୍ତନ ପାଇଁ ସମୀକ୍ଷା କରାଯାଇଥିଲା। ଏହାପରେ ସୀମା ପୁନର୍ଗଠନ କମିଟି ଗଠନ ହୋଇଥିଲା। ୨୦୦୪ ଜୁଲାଇ ୪ରୁ ତାହା କାର୍ଯ୍ୟକାରୀ ହେଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କୁଲଦୀପ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ନିର୍ବାଚନ କମିଶନର ବି.ବି. ଟଣ୍ଡନ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଲୋକ ସଭା ବାଚସ୍ପତିଙ୍କ ମନୋନୟନରେ ଏହି କମିଟିକୁ ସହଯୋଗ କରିବା ପାଇଁ ପ୍ରତ୍ୟେକ ରାଜ୍ୟରୁ ୫ ଜଣ ଲୋକ ସଭା ସଦସ୍ୟ ଏବଂ ୫ ଜଣ ବିଧାନସଭା ସଦସ୍ୟଙ୍କୁ ନେଇ ଏକ ସହଯୋଗୀ କମିଟି ମଧ୍ୟ ଗଠନ କରାଯାଇଥିଲା। ସୀମା ପୁନର୍ଗଠନ ନିମନ୍ତେ ଏକ ନିୟମାବଳୀ ଓ ବ୍ୟବସ୍ଥାପକ ଶୃଙ୍ଖଳା ପ୍ରଣୟନ ହୋଇଥିଲା। ସେହି ମୁତାବକ ଏହି କମିଟି ଦେଶ ଓ ରାଜ୍ୟର ବିଧାନସଭା, ଲୋକ ସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ଓ ସଂରକ୍ଷଣ ଆସନ ନିର୍ଦ୍ଧାରଣ କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ କେତେକ ସଂରକ୍ଷିତ ଆସନର ପରିବର୍ତ୍ତନ କରାଯାଇଥିଲେ ହେଁ, ବିଞ୍ଝାରପୁର ଏଥିରୁ ବାଦ୍ ପଡ଼ିଥିଲା। ଏହି ସଂରକ୍ଷିତ ଆସନ ପରିବର୍ତ୍ତନ ନ ହେବା ମୂଳରେ କି ପ୍ରକାର ଆଇନର ଆଶ୍ରୟ ନିଆଗଲା ତାହା ଜଣା ପଡୁନାହିଁ ବୋଲି ଚର୍ଚ୍ଚା ହେଉଛି। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବିଞ୍ଝାରପୁର ପୂର୍ବ ଦିଗର କେତୋଟି ପଞ୍ଚାୟତକୁ ବାଦ୍ ଦେଇ ଦଶରଥପୁର ବ୍ଲକରୁ ଯେଉଁ ୧୨ଟି ପଞ୍ଚାୟତକୁ ମିଶାଯାଇଛି ତାହା

**ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ**




ବିଭିନ୍ନ ଦୃଷ୍ଟିକୋଣରୁ ଏହି ନିର୍ବାଚନ ମଣ୍ଡଳୀ ସହ କୌଣସି ସାମଞ୍ଜସ୍ୟ ରହୁନାହିଁ, ଯାହାକୁ ଏବେ ସାଧାରଣ ଜନତା ଅନୁଭବ କରୁଛନ୍ତି। ନିୟମାବଳୀ ଅନୁସାରେ ଏହି ନିର୍ବାଚନ ମଣ୍ଡଳୀର ପୁନର୍ଗଠନ ଭୌଗୋଳିକ, ପ୍ରଶାସନିକ, ଗମନାଗମନ ଓ ବାସ୍ତବିକତା ଦୃଷ୍ଟିରୁ ସୁଗମ୍ୟ ହୋଇ ପାରିନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହି ଦିଗ ପ୍ରତି ଦୃଷ୍ଟି ଦେବାକୁ କମିଟି ଗଭିରତା ସହ ଗୁରୁତ୍ୱ ଦେଇ ପ୍ରସ୍ତାବ ଦେବାକୁ କହିଛି। ଆହୁରି ମଧ୍ୟ କମିଟି ୨୦୦୧ ଜନଗଣନାକୁ ଭିତ୍ତିକରି ସବୁ ନିର୍ବାଚନ ମଣ୍ଡଳୀ ସମାନ ଲୋକସଂଖ୍ୟା ନେଇ ଗଠନ ହେବା ଉପରେ ଜୋର ଦେଇଛି। କିନ୍ତୁ ବିଞ୍ଝାରପୁର ପୁନର୍ଗଠିତ ନିର୍ବାଚନ ମଣ୍ଡଳୀଟିରେ ସବୁ ପ୍ରକାର ଆଇନ ଉଲ୍ଲଂଘନ କରାଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଅଞ୍ଚଳବାସୀ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ କୌଣସି ଉତ୍ତର ଏ ପର୍ଯ୍ୟନ୍ତ ଆବେଦନକାରୀମାନଙ୍କୁ ମିଳି ପାରିନାହିଁ। ପୁନଶ୍ଚ ବିଞ୍ଝାରପୁରବାସୀଙ୍କ ପକ୍ଷରୁ ଜିଲାପାଳ ଓ ଜିଲା ନିର୍ବାଚନ ଅଧିକାରୀଙ୍କୁ ଏକାଧିକ ସ୍ମାରକପତ୍ର ଦିଆଯାଇଛି।

ଯାଜପୁର ଜିଲାର ଲୋକସଂଖ୍ୟା ୨୦୦୧ ଜନଗଣନାନୁଯାୟୀ ୧୬ ଲକ୍ଷ ୨୪ ହଜାର ୩୪୧। ଜିଲାରେ ୭ ନିର୍ବାଚନ ମଣ୍ଡଳୀ ରହିଛି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଲୋକସଂଖ୍ୟା ସର୍ବାଧିକ ୨ ଲକ୍ଷ ୩୬ ହଜାର ୬୮୭। ୨୦୦୯ ପୂର୍ବରୁ ଭଣ୍ଡାରୀପୋଖରୀ, ଚାନ୍ଦବାଲି, ଯାଜପୁର, ବିଞ୍ଝାରପୁର, ପଟ୍ଟାମୁଣ୍ଡାଇ, ସାଲେପୁର, ବାଲିପାଟଣା, ନିମାପଡ଼ା, ଜଗନ୍ନାଥପ୍ରସାଦ, ମାଲକାନଗିରି, ଧର୍ମଗଡ଼, ଭବାନୀପାଟଣା, ଫୁଲବାଣୀ, ଟିଟିଲାଗଡ଼, ସୋନପୁର, ହିନ୍ଦୋଳ, ତାଳଚେର, ଭଟଲି, ରେଢ଼ାଖୋଲ, ଆନନ୍ଦପୁର, ଜଗତ୍‌ସିଂହପୁର ପ୍ରଭୃତି ଆସନ ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ ଥିଲା। ୨୦୦୯ ପରେ ଅତାବିରା, ରଘୁନାଥପାଲ୍ଲୀ, ରେଙ୍ଗାଲୀ, ବଡ଼ସାହି, ରେମୁଣା, ସୋରୋ, ବିଞ୍ଝାରପୁର, ହିନ୍ଦୋଳ, ଛେଣ୍ଡିପଦା, ବୀରମହାରାଜପୁର, ଲୋଇସିଂହା, ଭବାନୀପାଟଣା, ନିଆଳି, କଟକ ସଦର, କେନ୍ଦ୍ରାପଡ଼ା, ତିର୍ତ୍ତୋଲ, କାକଟପୁର, ଜୟଦେବ, ଦଶପଲ୍ଲା, ଖଲ୍ଲିକୋଟ, ଛତ୍ରପୁର, ଧାମନଗର, କୋରାପୁଟ, ଆନନ୍ଦପୁର ଆଦି ୨୪ଟିଆସନ ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ ହୋଇଛି ।

# ଶନି ମନ୍ଦିରରୁ ରୁପା ମୁକୁଟ ଚୋରି


ଗିରଫ ଅଭିଯୁକ୍ତ ସୁଶାନ୍ତ ପଣ୍ଡା।

ରସୁଲପୁର,୨୬।୮(ରଞ୍ଜିତ ରାଉତ): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଡିହକୁରାଂଶ ଗ୍ରାମର ପ୍ରସିଦ୍ଧ ଶୈବପୀଠ(ବାବା ଚନ୍ଦନେଶ୍ୱର) ବେଢ଼ା ପରିସରରେ ଥିବା ଶନି ମନ୍ଦିରରୁ ରୁପା ମୁକୁଟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଏହି ଥାନା ଚଣ୍ଡିପୁର ଗ୍ରାମ(ପାଳସାହି)ର ପାପୁନି ଓରଫ ସୁଶାନ୍ତ ପଣ୍ଡାଙ୍କୁ ପୋଲିସ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ଚୋରି ମୁକୁଟ ଜବତ କରିଛି। ସେ ଶନିଙ୍କ ମସ୍ତକରୁ ରୂପା ମୁକୁଟ ଛିଣ୍ଡାଇ ନେଇ ଯାଇଥିବା ସେବକମାନେ ଦେଖିବାକୁ ପାଇଥିଲେ। ତେଣୁ ସେମାନେ ପାଟିତୁଣ୍ଡ କରିବାରୁ ଅଭିଯୁକ୍ତ ଖସି ପଳାଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ତାଙ୍କୁ ପିଛାକରି କାବୁ କରିବା ପରେ ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କଠାରୁ ଚୋରି ମୁକୁଟକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଅଧିକାଂଶ ଚୋରିରେ ସମ୍ପୃକ୍ତ ଥିବା ସୂଚନା ମିଳିଛି। ପୂର୍ବରୁ ଚନ୍ଦନେଶ୍ୱରପୀଠରୁ ଠାକୁରଙ୍କ ଅଳଙ୍କାର ଚୋରି ହୋଇଥିଲା। ସେହିପରି କୋଳଥଳ ଗ୍ରାମର ରାମ ମନ୍ଦିରରୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ଉକ୍ତ ଚୋରିରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ଏନେଇ ଥାନାରେ ଏକ ମାମଲା ନଂ.୩୧୪/୨୩ ରୁଜୁ ହୋଇଛି।

# ନ୍ୟାୟ ଦାବିରେ ଏସ୍‌ପି ଅଫିସ୍ ଆଗରେ ଧାରଣା

**ନାବାଳିକା ଅପହରଣ ମାମଲା**


ପୀଡିତାଙ୍କ ମା’ ଓ ସମ୍ପର୍କୀୟ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଛନ୍ତି ।

ପାଣିକୋଇଲି,୨୬।୮(ବିକାଶ ମଲ୍ଲିକ): ନାବାଳିକା ଅପହରଣ ମାମଲାରେ ବିଞ୍ଝାରପୁର ଥାନାରୁ ନ୍ୟାୟ ମିଳି ପାରିନାହିଁ। ତେଣୁ ନାବାଳିକାଙ୍କ ମା’ ଦମୟନ୍ତି ସାହୁ ଓ ତାଙ୍କ ସମ୍ପର୍କୀୟ ଶନିବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟର ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ଅଫିସ ଆଗରେ ଧାରଣା ଦେଇ ନ୍ୟାୟ ମାଗିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ପହଞ୍ଚି କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବାସହ ସେମାନଙ୍କୁ ଥାନାକୁ ପଠାଇ ଦେଇଛନ୍ତି। ତେବେ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଘୋଷଣା କରିଛନ୍ତି ଦମୟନ୍ତି। ଦୀର୍ଘ ୪ ମାସ ହେଲା ତାଙ୍କ ନାବାଳିକା ଝିଅଙ୍କୁ ଅପହରଣ କରାଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ପୀଡ଼ିତାଙ୍କ ପରିବାର ବାରମ୍ବାର ଥାନା ଓ ଜିଲା ପୋଲିସ ମୁଖ୍ୟାଳୟକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ।

ସୂଚନା ମୁତାବକ, ବିଞ୍ଝାରପୁର ଥାନା ବାଲମୁକୁଳି ଗ୍ରାମର ସ୍ୱର୍ଗତଃ ସୁଶାନ୍ତ ସାହୁଙ୍କ ନାବଳିକା ଝିଅ ୨୦୨୩ ଏପ୍ରିଲ ୧୨ ତାରିଖରେ ଅପହରଣ ହୋଇଥିଲେ। ସେ ଘର ସମ୍ମୁଖରେ କୁକୁର ବୁଲାଉଥିବାବେଳେ ତାଙ୍କୁ ଉକ୍ତ ଥାନା ତୋଟାସାହି (ମଧୁସୁଦନପୁର) ଗ୍ରାମର ଜିତେନ୍ଦ୍ର ଯେନା ଏକ ବାଇକରେ ବସାଇ ନେଇଯାଇଥିଲେ। ଝିଅକୁ ନ ପାଇ ଦମୟନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୩୫/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଧରିବା ବଦଳରେ ନାବାଳିକାଙ୍କ ମା’ଙ୍କୁ ବାରମ୍ବାର ଥାନାକୁ ଡକାଇ ମାନସିକ ନିର୍ଯାତନା ଦେଉଛି। ଅଭିଯୁକ୍ତଙ୍କ ଜଣେ ସମ୍ପର୍କୀୟ ଥାନା କର୍ମଚାରୀ ହୋଇଥିବାରୁ ପୋଲିସ ତଦନ୍ତ ନ କରି ହାତବାନ୍ଧି ବସିଛି ବୋଲି ଦମୟନ୍ତି ଅଭିଯୋଗ କରିଛନ୍ତି। ଥାନା ବାବୁଙ୍କ ପକ୍ଷପାତିତାକୁ ନେଇ ୪ ମାସ ମଧ୍ୟରେ ଦମୟନ୍ତି ୪ଥର ଜିଲା ପୋଲିସ ମୁଖିଆଙ୍କ ନିକଟରେ ଫେରାଦ ହୋଇସାରିଛନ୍ତି। କିନ୍ତୁ ନ୍ୟାୟ ପାଇପାରି ନାହାନ୍ତି। ଦମୟନ୍ତିଙ୍କ ସ୍ୱାମୀ ୯ ବର୍ଷ ହେଲା ଆରପାରିରେ। ଗୋଟିଏ ବୋଲି ଝିଅକୁ ନେଇ ଦମୟନ୍ତି ବଞ୍ଚୁଥିଲେ। ଝିଅ ଚାଲିଗଲା ପରେ ସେ ପୁରା ଭାଙ୍ଗି ପଡିଛନ୍ତି ବୋଲି କହିଛନ୍ତି। ଏନେଇ ବିଞ୍ଝାରପୁର ଥାନା ଅଧିକାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଷ୍ଟେନ୍‌ଲେସ୍ ପରିବର୍ତ୍ତେ ନିମ୍ନମାନର ଲୁହା ପାଇପ୍


ବ୍ୟାସ ସରୋବର କାର୍ଯ୍ୟରେ ନିମ୍ନମାନର ପାଇପ୍ ବ୍ୟବହାର ହୋଇଛି ।

ଯାଜପୁର,୨୬।୮(ହର୍ଷବର୍ଦ୍ଧନ ବେହେରା)

**ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ**

- ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା
- ସହଯୋଗରୁ ଫାଇଦା ନେବାର ଚକ୍ରାନ୍ତ

ସଂସ୍କୃତି ଏବଂ ଐତିହ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ସୌନ୍ଦର୍ଯ୍ୟ ସର୍ବଜନବିଦିତ। ଏହି ପର୍ଯ୍ୟଟନସ୍ଥଳୀ ଦୀର୍ଘ ବର୍ଷ ହେଲା ଅବହେଳିତ ହୋଇ ପଡ଼ିରହିଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ଏବଂ ଗଣମାଧ୍ୟମରେ ଏକାଧିକ ଖବର ପ୍ରକାଶ ପାଇବା ପରେ ଏହି ପର୍ଯ୍ୟଟନସ୍ଥଳୀ ବିକାଶ କାର୍ଯ୍ୟ ୨୦୨୧ରୁ ଆରମ୍ଭ ହୋଇଛି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ପ୍ରାୟ ୬୪ କୋଟି ଟଙ୍କା ମଞ୍ଜୁର କରାଯାଇ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏନ୍‌ବିସିସି(ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କାର୍ପୋରେଶନ) ଜରିଆରେ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥା ଦ୍ୱାରା ସମ୍ପାଦିତ ହେଉଛି। ଫୁରସତ ସମୟରେ ମନୋରଞ୍ଜନ ପାଇଁ ସହରରେ କୌଣସି ବିକଳ୍ପ ସୌନ୍ଦର୍ଯ୍ୟସ୍ଥଳୀ, ପାର୍କ, ବୋଟିଂ କ୍ଲବ ଇତ୍ୟାଦି ନ ଥିବାରୁ ଏହି ପ୍ରକଳ୍ପର ସମ୍ପୂର୍ଣ୍ଣତାକୁ ସହରବାସୀ ଚାହିଁ ରହିଛନ୍ତି। ଏପରିକି ପ୍ରକଳ୍ପ ନିର୍ମାଣରେ କୌଣସି ପ୍ରକାର ବିରୋଧ କିମ୍ବା ବାଧକ ନ ସାଜିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ଏହାର ସୁଯୋଗରେ ନିର୍ମାଣକାରୀ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥାର ମନମାନି ବଢ଼ି ଚାଲିଛି। ପ୍ରଥମେ ପ୍ରଥମେ କେତେକ ଉନ୍ନତମାନର କାର୍ଯ୍ୟ କରିଥିବାବେଳେ ଏବେ ନିୟୋଜିତ ଶ୍ରମିକମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଏହାବାଦ ପ୍ରକଳ୍ପର ବିଭିନ୍ନ ସ୍ଥାନରେ ନିମ୍ନମାନର ପାଇପ ଲଗାଇ ସେଥିରେ ପ୍ରାଇମର ଲଗାଇ ରଙ୍ଗଦେଇ ବିପୁଳ ଲକ୍ଷ ଟଙ୍କା ହଡପ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି। ରାଘୁଜୀ ଗୋସାଇଁ ଏବଂ ଗୁପ୍ତଗଙ୍ଗା ପରିସରରେ ଷ୍ଟେନ୍‌ଲେସ୍ ଷ୍ଟିଲ ଲାଗିଥିବାବେଳେ ପୋଖରୀ ପାର୍ଶ୍ୱ ଏବଂ ଅନ୍ୟାନ୍ୟ ସ୍ଥାନରେ ସାଧାରଣ ଲୁହାପାଇପ୍ ଲଗାଯାଉଛି। ଷ୍ଟେନ୍‌ଲେସ୍ ପାଇପ୍‌ଠାରୁ ଏହି ସାଧାରଣ ଲୁହା ପାଇପ୍‌ର ଦର ୪ରୁ ୫ ଗୁଣ କମ୍ ବୋଲି କୁହାଯାଉଛି। ଫଳରେ ଏହାର ଦୀର୍ଘସ୍ଥାୟୀ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ଏହି ପ୍ରକଳ୍ପ ଜଙ୍ଗଲ ଜମିରେ ହେଉଥିବା ଅଭିଯୋଗ କରାଯାଇ ଏନ୍‌ଜିଟିରେ ମାମଲା ବିଚାରାଧୀନ ରହିଛି। ତେଣୁ ପ୍ରକଳ୍ପର ଅଧିକାଂଶ ଅଂଶ କାର୍ଯ୍ୟ ବନ୍ଦ ପଡିଛି। ଡିଏମଏଫ୍ ପାଣ୍ଠିର ଅଧ୍ୟକ୍ଷ ଜିଲାପାଳ ପ୍ରକଳ୍ପରେ ଲାଗିଥିବା ନିମ୍ନମାନର ଲୁହାପାଇପ ବଦଳାଇ ଉନ୍ନତମାନର ଷ୍ଟେନ୍‌ଲେସ୍ ଷ୍ଟିଲ ବ୍ୟବହାର କରିବାକୁ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପରେ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସହରୀ ଜଙ୍ଗଲ ସୃଷ୍ଟି, ପାର୍କ, ଦୂବକ୍ଷେତ, ଜଳାଶୟ, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ବୋଟିଂ, ବ୍ରିଜ, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି ପରିକଳ୍ପନା କରାଯାଇଛି। ଏହାବାଦ୍ ବ୍ୟାସ ସରୋବର ଛକଠାରୁ ସରୋବର ପର୍ଯ୍ୟନ୍ତ ଓସାରିଆ ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଛି। ତେବେ ଠିକାସଂସ୍ଥାର ଖାମଖିଆଲ ମନୋଭାବ ଯୋଗୁ ଆବଶ୍ୟକ ସୁରକ୍ଷା ସରଞ୍ଜାମ ବିନା ଶ୍ରମିକମାନେ ବିପଦପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଶ୍ରମିକମାନଙ୍କୁ ହେଲ୍‌ମେଟ୍, ଜୋତା, ଗ୍ଲୋବ୍‌ସ ଆଦି ପ୍ରଦାନ କରାଯାଉନାହିଁ। ଫଳରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣ ଶ୍ରମିକଙ୍କ ଜୀବନ ଯାଇଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଏରସମା,୨୬।୮(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ ସୋମପୁର ଗ୍ରାମରୁ ଶନିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି । ସେ ହେଲେ ମୃତ ଅକ୍ଷୟ ସାହୁଙ୍କ ସ୍ତ୍ରୀ ସସ୍ମିତା ସାହୁ (୩୭) । ସକାଳେ ଶୋଇବା ଘରେ ଏକ ରଶିରେ ସସ୍ମିତାଙ୍କୁ ଝୁଲୁଥିବା ଦେଖି ପରିବାର ଲୋକେ ଥାନାରେ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରିଛି। ସସ୍ମିତା ପେଟ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଥିବା ତାଙ୍କ ବାପା ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଶିଳନ୍ଦୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି । ଏନେଇ ଏରସମା ଥାନା ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଏଏସଆଇ ବାନିଆ ପ୍ରଧାନ କହିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜୟ


@ ଭଗବାନ


@ କେଦାର


@ ଲିଙ୍ଗରାଜ


@ ସୁନୀଲ କୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜୟ


@ ଭଗବାନ


@ କେଦାର


@ ଲିଙ୍ଗରାଜ


@ ସୁନୀଲକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅସହାୟ, ମାନସିକ ବିକାରଗ୍ରସ୍ତ ଉପେକ୍ଷିତ

ନୟାଗଡ଼,୨୬।୮(ଲୋକନାଥ ମିଶ୍ର)

- ସେବା ଯୋଗାଇବାକୁ ମିଳୁନାହାନ୍ତି ସ୍ୱେଚ୍ଛାସେବୀ
- ଉଦ୍ଧାର ପରେ ମିଳୁନି ପ୍ରଶାସନର ସହଯୋଗ
- ହଜିଗଲାଣି ମାନବିକତା

ନୟାଗଡ଼ ଜିଲାରେ ଅସହାୟ ବୃଦ୍ଧାବୃଦ୍ଧ ଓ ଅଚିହ୍ନା ଅଜଣା ରୋଗୀ ଉପେକ୍ଷିତ ହୋଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ସେମାନଙ୍କୁ ସେବା ଯୋଗାଇବାକୁ ସ୍ୱେଚ୍ଛାସେବୀ ମିଳୁନାହାନ୍ତି । ଅନ୍ୟପକ୍ଷେ କିଛି ହାତଗଣତି ସ୍ୱେଚ୍ଛାସେବୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରୁଥିବାବେଳେ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ବିଭାଗର ସହଯୋଗ ମିଳୁନି । ସେମାନଙ୍କର ରହଣି ନେଇ ପ୍ରଶ୍ନ ଉଠୁଥିବାବେଳ ଜିଲାର ସ୍ୱେଚ୍ଛାସେବୀ ସଂସ୍ଥା ରଖିବାକୁ ଅନିଚ୍ଛୁକ ପ୍ରକାଶ କରୁଛନ୍ତି। ଏଇଭଳି ଅନେକ ଘଟଣାକୁ ଅନୁଧ୍ୟାନ କଲେ ସମାଜରୁ ମାନବିକତା ହଜି ଯାଉଥିବା ଦେଖିବାକୁ ମିଳୁଛି । ତେବେ ସଭା ସମିତିରେ ନିଜକୁ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଦର୍ଶାଇ ବାହାବା ନେଉଥିବା ବ୍ୟକ୍ତି ନିଜକୁ ସମୀକ୍ଷା କରିବାର ସମୟ ଆସିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଜିଲା ସଦର ମହୁକୁମାରେ ନୟାଗଡ଼ ତ୍ରିନାଥ ଛକରେ ଏକ ସର୍ଟ ଷ୍ଟେ ହୋମ ରହିଛି। କେହି ଅସୁବିଧାରେ ପଡିଲେ ଏଠାରେ ରହି ପାରିବେ । ତେବେ ଏହି ସଂସ୍ଥାରେ ଗୋଟିଏ ଦିନ ପାଇଁ ରହିବାକୁ ମଧ୍ୟ ସହଜରେ ଅନୁମତି ମିଳୁନି । ଡିଆରଡିଏ ରୋଡରେ ସମର୍ପଣ ନାଁରେ ଏକ ବୃଦ୍ଧାଶ୍ରମ ରହିଛି। ଏଠାରେ ୨୩ ଜଣ ବୃଦ୍ଧାବୃଦ୍ଧ ଅଛନ୍ତି। ତେବେ ଏଠାରେ ଚଳନ୍ତି କ୍ଷମ ବ୍ୟକ୍ତି ବିଶେଷ ରହି ପାରିବେ । ଦଶପଲ୍ଲା ରୋଡରେ ନୂଆ ବସଷ୍ଟାଣ୍ଡ ପାଖରେ ସେବା ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଛି । ଏଠାରେ ଅସହାୟ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ରହୁଛନ୍ତି । ହେଲେ ଏ ଅନୁଷ୍ଠାନ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନେବାକୁ ଆଗ୍ରହ ପ୍ରକାଶ କରୁ ନାହିଁ । ପ୍ରଶ୍ନ ଉଠୁଛି ସରକାର ଅସହାୟଙ୍କ ପାଇଁ ସରକାରୀ ଅନୁଦାନ ଯୋଗାଉଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟଙ୍କ ଅନୁଦାନରେ ମଉଜ କରୁଛନ୍ତି। ତେବେ ସେମାନଙ୍କର କାର୍ଯ୍ୟକଳାପର କାହିଁକି ଅନୁଧ୍ୟାନ କରାଯାଉନି । ସେବା ନ ଯୋଗାଇ ନିଜକୁ ଗରୀବର ବନ୍ଧୁ କହି ସରକାରୀ ଅନୁଦାନ ହଡ଼ପ କରୁଥିବା ସଂସ୍ଥାକୁ କେତେଦିନ ଜିଲା ପ୍ରଶାସନ ସହଯୋଗ କରୁଥିବ ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଜିଲାରେ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଛି । ଏହି ବିଭାଗ ମଧ୍ୟ କିଛି କାମ କଲା ପରି ଲାଗୁନି ।

## ମାନସିକ ବିକାରଗ୍ରସ୍ତ ମହିଳା ହଟହଟା

ନୟାଗଡ଼ ସହରରେ ଜଣେ ମାନସିକ ବିକାର ଗସ୍ତ ମହିଳା ଉଲଗ୍ନ ହୋଇ ଘୁରି ବୁଲୁଥିଲେ। ଇଟାମାଟିର କେତେଜଣ ସ୍ୱେଚ୍ଛାସେବୀ ସଂପୃକ୍ତ ମହିଳାଙ୍କୁ ଡ୍ରେସ ପିନ୍ଧାଇ ଚାଲିଗଲେ । ପରେ ସେହି ମହିଳା ପୁଣି ଉଲଗ୍ନ ହୋଇ ବୁଲିଲେ। ନୟାଗଡ଼ର ସ୍ୱେଚ୍ଛାସେବୀ ବିଭୂତି ପଟ୍ଟନାୟକ ଓ ତାଙ୍କର ସାଥି ସଂପୃକ୍ତ ମହିଳାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟସେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ ଉଦ୍ୟମ କଲେ । ମହିଳା ଯୋଗୁ ମହିଳା ଆଟେନୋଣ୍ଟର ଆବଶ୍ୟକତା ଥିବାରୁ ଉଦ୍ଧାର କାର୍ଯ୍ୟ ଡେରି ହେଲା । ପୋଲିସ, ପ୍ରଶାସନର ସହଯୋଗ ମିଳିଲାନି । ୪ରୁ ୫ ଘଣ୍ଟା ପରେ ବିଭୂତି ପଟ୍ଟନାୟକ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଲେ । ପରବର୍ତ୍ତି ପର୍ଯ୍ୟାୟରେ ବିଚାର ବିଭାଗ ଓ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଚାପରେ ଚେପା ହୋଇ ଟିକିଏ ସେବା ମିଳିଲା । ଅନ୍ୟପକ୍ଷେ ସଂପୃକ୍ତ ମହିଳାଙ୍କ ରହଣି ନେଇ ପ୍ରସଙ୍ଗ ଉଠିବାବେଳେ ସେବା ଅନୁଷ୍ଠାନ ରୋକ୍‌ଠୋକ୍ ମନା କରି ଦେଲେ । ପରେ ତାଙ୍କୁ ଗତ ସୋମବାର କଟକ ପଠାଇ ଦିଆଯାଇଛି । ଗତ ୩ ବର୍ଷ ମଧ୍ୟରେ ଏଇଭଳି ୫ରୁ ଊର୍ଦ୍ଧ୍ୱ ଘଟଣା ଘଟି ଗଲାଣି । ୫ଟି ଘଟଣାକୁ ଅନୁଧ୍ୟାନ କଲେ ମାନସିକ ବିକାର ଗସ୍ତ ବ୍ୟକ୍ତିଙ୍କ ପାଇଁ ଜିଲାରେ ଅନୁଷ୍ଠାନ ଟିଏ ମଧ ନାହିଁ ।


ରାସ୍ତାରେ ପଡ଼ିଥିବା ଜଣେ ଅସହାୟା ମହିଳାଙ୍କୁ ଖାଦ୍ୟ ଦିଆଯାଉଛି।

ଏନେଇ ସମାଜିକ କର୍ମୀ ବିଭୂତି ପଟ୍ଟନାୟକ କୁହନ୍ତି, ମାନବିକ ବିକାର ଗସ୍ତ କେଶ ଆସିଲେ କେହି ସହଯୋଗ କରୁ ନାହାନ୍ତି। ୪ଜଣ ମହିଳାଙ୍କ କ୍ଷେତ୍ରରେ ଏଭଳି ଚିତ୍ର ଦେଖା ଗଲାଣି । ପୁଣି ଅଚିହ୍ନା ବ୍ୟକ୍ତି ଅସୁସ୍ଥ ହୋଇ ବାହାରେ ପଡି ରହିଥିଲେ ମଧ ତାଙ୍କୁ ସେବା ମିଳୁନି । ସ୍ୱାସ୍ଥ୍ୟ ବିଭାଗରେ ଭର୍ତ୍ତି କଲେ ଚିକିତ୍ସାଳୟ ପକ୍ଷରୁ ଆଟେଣ୍ଡାଣ୍ଟ ଯୋଗାଇ ଦିଆଯାଉନି । ଆମେ କେବଳ ସଂପୃକ୍ତ ବ୍ୟକ୍ତିଙ୍କ ପାଖେ .ପାଖେ ରହି ସେବା ଯୋଗାଉଛୁ । ନଚେତ୍ ସେମାନେ ସେହି ଚିକିତ୍ସାଳୟରେ ପ୍ରାଣ ହରାଇ ଦିଅନ୍ତେ ବୋଲି କହିଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ସେବା ଯୋଗାଇବୁ ଅନିଚ୍ଛୁକ ବୋଲି କହିଛନ୍ତି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର କୁହନ୍ତି, ଆମ ପାଖରେ ଖବର ପହଞ୍ଚିଲେ ଆମେ ତ୍ୱରିତ ସେବା ଯୋଗାଇବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି।

## ମାନସିକ ବିକାରଗ୍ରସ୍ତଙ୍କ ରହଣି ପାଇଁ ବ୍ୟବସ୍ଥା ହେଉ

ନୟାଗଡ଼ ସହର ଓ ଜିଲାରେ ଅନେକ ମାନସିକ ବିକାରଗସ୍ତ ବ୍ୟକ୍ତି ଘୁରି ବୁଲୁଥିବାରୁ ସେମାନଙ୍କର ରହଣି, ସ୍ୱାସ୍ଥ୍ୟସେବା ପାଇଁ ଏକ ଅନୁଷ୍ଠାନ କରାଯାଉ । କଟକ, ପୁରୀ ପରି ନୟାଗଡ଼ରେ ସେମାନଙ୍କୁ ସୁବିଧା ସୁଯୋଗ ମିଳୁ । ଏ ଦିଗରେ ଜିଲା ପ୍ରଶାସନ, ଲୋକ ପ୍ରତିନିଧି ସହଯୋଗ କରିବା ଦରକାର ବୋଲି ଦାବି ଉଠିଛି।

# ଓଡ଼ିଆ ଶ୍ରମିକଙ୍କ କେରଳରେ ମୃତ୍ୟୁ

- ୫ ଦିନ ପରେ ଗାଁରେ ହେଲା ମୃତଦେହ ସଂସ୍କାର
- ବେସାହାରା ହୋଇ ପଡ଼ିଛନ୍ତି ପରିବାର ଲୋକେ


ମୃତ ବୈକୁଣ୍ଠଙ୍କ ଫାଇଲ ଫଟୋ ।

ନୂଆଗାଁ,୨୬।୮(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ନୂଆରାଇପୁର ଗ୍ରାମର ଜଣେ ବ୍ୟକ୍ତି କେରଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ସେଠାରେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ୫ ଦିନ ପରେ ମୃତ ବ୍ୟକ୍ତିଙ୍କ ମର ଶରୀରକୁ ଜିଲା ପ୍ରଶାସନ ସହଯୋଗରେ ନିଜ ଗ୍ରାମ ନୂଆରାଇପୁରକୁ ଆଣି ଶନିବାର ଶବ ସଂସ୍କାର କରାଯାଇଛି । ମୃତ ଶ୍ରମିକ ଜଣକ ହେଲେ ନୂଆ ରାଇପୁର ଗ୍ରାମର ବୈକୁଣ୍ଠ ସେଠୀ (୫୫) । ମିଳିଥିବା ସୂଚନା ମୁତାବକ ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ନୂଆ ରାଇପୁର ଗ୍ରାମର ବୈକୁଣ୍ଠ ପରିବାର ପ୍ରତିପୋଷଣ ପାଇଁ କେରଳରେ ଶ୍ରମିକ ଭାବେ କାମ କରିବାକୁ ଗୋଡିପଡା ଥାନା ଅଞ୍ଚଳର ଜଣେ ଠିକାଦାରଙ୍କ ଅଧୀନରେ ଯାଇଥିଲେ । ଗାଁରେ ସ୍ତ୍ରୀ, ବଡିଲା ଝିଅ ଓ ଶାରିରୀକ ଅକ୍ଷମ ପୁଅକୁ ଛାଡି ଦେଇ ଦୀର୍ଘ ଅଢେଇ ବର୍ଷ ହେଲା କେରଳର ଏକ ଘରୋଇ କମ୍ପାନୀରେ କାମ କରି ଟଙ୍କା ପଠାଇଲେ ତାଙ୍କ ପରିବାର ଚଳୁଥିଲା । ଗତ ସୋମବାର କମ୍ପାନୀର ଏକ ରାସ୍ତା କାମ ଚାଲିଥିଲା । କମ୍ପାନୀର ଏକ ଗାଡ଼ି ଦୁର୍ଘଟଣାରେ ବୈକୁଣ୍ଠଙ୍କ ମୃତ୍ୟୁ ଘଟିଥିଲା । ବୈକୁଣ୍ଠଙ୍କ ମୃତ୍ୟୁ ପରେ ଶ୍ରମିକ ଠିକାଦାର ମୃତକଙ୍କ ପରିବାରକୁ କୌଣସି ସହଯୋଗ କରି ନ ଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ମୃତଦେହକୁ କେରଳରୁ ଗାଁକୁ ଆଣିବା ପାଇଁ ପରିବାର ଲୋକଙ୍କ ସାମର୍ଥ୍ୟ ନ ଥିଲା । ସେଥିପାଇଁ ପରିବାର ଲୋକେ ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ। ଏଥିପାଇଁ ନୟାଗଡ଼ ଜିଲା ପ୍ରଶାସନ ତରଫରୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ତେବେ ୫ ଦିନ ପରେ ମୃତଦେହ ସଂପୃକ୍ତ କମ୍ପାନୀ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯିବା ପରେ ଗ୍ରାମବାସୀଙ୍କ ସହାୟତାରେ ଶବ ସଂସ୍କାର କରାଯାଇଛି। ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସାମାଜିକ କର୍ମୀ ଅମୂଲ୍ୟ କୁମାର ସାହୁ, ରାଇପୁର ସମବାୟ ସମିତିର ସଭାପତି ପ୍ରମୋଦ କୁମାର ବେହେରା ମୃତକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।


ବେସାହାରା ହୋଇ ପଡିଥିବା ବୈକୁଣ୍ଠଙ୍କ ପରିବାର ।

# ଚନ୍ଦ୍ରୟାନ-୩ ଅଭିଯାନରେ ସାମିଲ ଥିଲେ ଭାପୁରର ଆଶିଷ

ଭାପୁର,୨୬।୮(ଭରତ କୁମାର ବେହେରା)

ଚନ୍ଦ୍ରୟାନ –୩ର ସଫଳ ଅବତରଣ ପଛରେ ନୟାଗଡ଼ ଜିଲା ଭାପୁରର ଯୁବ ବୈଜ୍ଞାନିକ ଆଶିଷ ପଟ୍ଟନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ସୂଚନା ମିଳିଛି। ଭାପୁର ବ୍ଲକ ବଡସହରା ପଞ୍ଚାୟତ ସାନସହରା ଗ୍ରାମ ଆଶିଷଙ୍କ ଜନ୍ମସ୍ଥାନ। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ବଂଶୀଧର ପଟ୍ଟନାୟକଙ୍କ ସେ ନାତି ତଥା ଭାପୁର ପ୍ରାଇମେରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ପଟ୍ଟନାୟକ ଓ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁରାଣୀ ପଟ୍ଟନାୟକଙ୍କ ସୁପୁତ୍ର ହେଉଛନ୍ତି ଆଶିଷ । ଭାପୁରରୁ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ପରେ ସେ ନୟାଗଡ଼ ସରକାରୀ କଲେଜ ଏବଂ ଓଇସି ଭୁବନେଶ୍ୱରରୁ ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ରେ ବୈଜ୍ଞାନିକ ଭାବେ ୨୦୦୬ରୁ ଯୋଗଦାନ କରି କାର୍ଯ୍ୟ କରି ଆସୁଛନ୍ତି। ସେ ରକେଟ୍ ତଥା ଚନ୍ଦ୍ରଯାନର ବ୍ୟବହୃତ ଶୁଷ୍କ ଇନ୍ଧନ ପ୍ରସ୍ତୁତି ବିଭାଗରେ (Solid propellant ) ପ୍ରମୁଖ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଅଛନ୍ତି। ଚନ୍ଦ୍ରଯାନ –୩ ପ୍ରେରଣରେ ତାଙ୍କର ପ୍ରମୁଖ ଭୂମିକା ଥିବା ଜଣାପଡିବା ପରେ ଭାପୁର ଓ ଖଣ୍ଡପଡ଼ା ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି । ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ, ଉପାଧକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଆଶିଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଶିଷଙ୍କ ଯୋଗୁ ଭାପୁର ବ୍ଲକ ଆଜି ସବୁଠି ଚର୍ଚ୍ଚିତ ବୋଲି ବୃଦ୍ଧିଜୀବିମାନେ କହିଛନ୍ତି।


ଆଶିଷ ପଟ୍ଟନାୟକ

# ନୀଳମାଧବ ପୀଠରେ ଝୁଲଣ ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୨୬।୮(ଅଜୟ କୁମାର ମହାରଣା)

## ଯୁବ ବାଲୁକା ଶିଳ୍ପୀଙ୍କ ଦ୍ୱାରା ଝୁଲଣ କୁଞ୍ଜ ପ୍ରସ୍ତୁତ

ରବିବାରଠାରୁ ଠାକୁରଙ୍କ ଝୁଲଣ ଯାତ୍ରା ନୀଳମାଧବ ପୂଜକ ସମାଜ ପକ୍ଷରୁ ଆରମ୍ଭ ହେଉଛି । ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଛି । ଶନିବାର ଝୁଲଣ ପର୍ବର ଅଧିବାସ ନୀତି ଅନୁଷ୍ଠିତ ହୋଇଯାଇଛି । ୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଠାକୁରଙ୍କ ଝୁଲଣ ଯାତ୍ରା ପାଇଁ ଝୁଲଣ କୁଞ୍ଜ, ବେଦୀ ଏବଂ ମେହେରାବିକୁ ସ୍ଥାନୀୟ ଅଞ୍ଚଳର ଯୁବ ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ ପ୍ରସ୍ତୁତ କରିଛନ୍ତି। ପୂଜକ ସମାଜ ପକ୍ଷରୁ ଏହି ଉତ୍ସବକୁ ମହାସମାରୋହରେ ପାଳନ କରାଯିବାର ନିଷ୍ପତ୍ତି ହୋଇଛି । ଏ ଅବସରରେ ଭଜନ ସମାରୋହ ସହିତ ବିଭିନ୍ନ ମହିଳା ମଣ୍ଡଳ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜକ ସମାଜ ଉପସଭାପତି ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଘରୋଇ ଫାଇନାନ୍ସ ସଂସ୍ଥାର ଜୁଲମ

ଖଣ୍ଡପଡ଼ା,୨୬।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ଓ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏକାଧିକ ଘରୋଇ ଫାଇନାନ୍ସ ସଂସ୍ଥା ସେମାନଙ୍କ କାର୍ଯ୍ୟାଳୟ ଖୋଲି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସାଧାରଣ ଜନତାଙ୍କୁ ଋଣ ପ୍ରଦାନ କରୁଛନ୍ତି । ଟଙ୍କା ଋଣ ନେବା ନିମନ୍ତେ ଘରୋଇ ଫାଇନାନ୍ସ ସଂସ୍ଥା ଉପରେ ଜନସାଧାରଣ ନିର୍ଭର କରୁଥିବା ବେଳେ ଏହାର ସୁଯୋଗ ନେଇ ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ଋଣ ହିତାଧିକାରୀଙ୍କ ଉପରେ ଚାପ ସୃଷ୍ଟି କରି ସୁଧ, ମୂଳ ସହ ଅଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ସ୍ୱାବଲମ୍ବୀ କରିବା ନିମନ୍ତେ ମିଶନ ଶକ୍ତି, ଜୀବିକା ମିଶନ ପରି ବିଭିନ୍ନ ଲୋକ ହିତକର ଯୋଜନାରେ ମୋଟା ଅଙ୍କର ଅର୍ଥ ଯୋଗାଇ ଦେଉଛନ୍ତି । ପୁନଶ୍ଚ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ବିନା ସୁଧରେ ଜାତୀୟ କରଣ ବ୍ୟାଙ୍କ ଶାଖାଗୁଡିକରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ନିମନ୍ତେ ସରକାର ବ୍ୟବସ୍ଥା କରିଛନ୍ତି । ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ମହିଳା ଓ ସାଧାରଣ ଲୋକେ ଘରୋଇ ଫାଇନାନ୍ସ ସଂସ୍ଥାର ଦ୍ୱାରସ୍ଥ ହୋଇ ହନ୍ତସନ୍ତ ହେଉଛନ୍ତି ।

ଘରୋଇ ଫାଇନାନ୍ସ ସଂସ୍ଥାଗୁଡିକ ଋଣ ଟଙ୍କା ଦେବା ପରେ କିସ୍ତି ଅନୁଯାୟୀ ମାସକୁ ମାସ ଟଙ୍କା ଆଦାୟ କରିଥାନ୍ତି । ଯେଉଁ ମହିଳା ଗୋଷ୍ଠୀ ଠିକ ସମୟରେ ଋଣ ଟଙ୍କା ନତୁବା ସୁଧ ବାବଦ ଟଙ୍କା ପୈଠ ନ କରିଥାନ୍ତି ସେମାନଙ୍କ ଉପରେ ସଂସ୍ଥା କର୍ମଚାରୀମାନଙ୍କ ପକ୍ଷରୁ ଜୁଲୁମ ହେଉଥିବା ଅଭିଯୋଗ ହେଉଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରି ଘରୋଇ ଫାଇନାନ୍ସ ସଂସ୍ଥାଗୁଡିକ ହିତାଧିକାରୀଙ୍କଠାରୁ ଅଧିକ ସୁଧ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି । ଘରୋଇ ଫାଇନାନ୍ସ ସଂସ୍ଥା ଗୁଡିକର କାର୍ଯ୍ୟକଳାପ ସଂପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ଭଲଭାବେ ଅବଗତ ଥିଲେ ହେଁ ଏ ଦିଗରେ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଘରୋଇ ଫାଇନାନ୍ସ ସଂସ୍ଥାଗୁଡିକର କାର୍ଯ୍ୟକଳାପ ପ୍ରତି ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି । ସେହିପରି ସରକାରଙ୍କ ପକ୍ଷରୁ ଋଣ ଟଙ୍କା ପ୍ରଦାନ ନିମନ୍ତେ ସମସ୍ତ ବିଧି ବ୍ୟବସ୍ଥା ଥିବା ସତ୍ତ୍ୱେ ଜନସାଧାରଣ ଓ ମହିଳା ଗୋଷ୍ଠୀ ମାନେ କାହିଁକି ଘରୋଇ ଫାଇନାନ୍ସ ସଂସ୍ଥାର ଦ୍ୱାରସ୍ଥ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ଦିଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକୁ ସଚେତନ କରିବା ନିମନ୍ତେ ପ୍ରଶାସନସ୍ତରରେ ଉଦ୍ୟମ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



## ସଂକ୍ଷେପରେ

### ନାବାଳିକା ନିଖୋଜ ଅଭିଯୋଗ

ରସୁଲପୁର,୨୬।୮(ରଞ୍ଜିତ ରାଉତ):

କୁଆଖିଆ ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତାଙ୍କୁ ଉଦ୍ଧାର କରିବାକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଛି। ସମ୍ପୃକ୍ତ ୧୭ ବର୍ଷୀୟା ନାବାଳିକା ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଝିଅକୁ ସାଙ୍ଗରେ ନେଇ ପଳାଇ ଯିବାପରେ ଯୁବକ ଜଣକ ତାଙ୍କ ପରିବାର ଲୋକଙ୍କୁ ମୋବାଇଲ ଯୋଗେ ସୂଚନା ଦେଇଥିଲେ। ଏହି ସୂଚନା ଆଧାରରେ ପରିବାର ଲୋକେ ଝିଅକୁ ଖୋଜାଖୋଜି କରିଥିଲେ। ମାତ୍ର ଠାବ କରିବାରେ ବିଫଳ ହେବାରୁ ଥାନାରେ ଲିଖିତ ଭାବରେ ଜଣାଇଥିଲେ। ଅପହରଣ କରିଥିବା ଯୁବକଙ୍କ ସମ୍ପର୍କରେ ନାବାଳିକାଙ୍କ ପରିବାର ଅବଗତ ଥିବା ସୂଚନା ମିଳିଛି। ଯୁବକ ଜଣକ ଗୋଆରେ ଚାକିରି କରୁଥିବା ଜଣାଯାଇଛି। ତେଣୁ ସେ ନାବାଳିକାଙ୍କୁ ସେଠାକୁ ନେଇ ଯାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଅପହରଣ ପଛରେ ପ୍ରେମ ବ୍ୟାପାର ଏକକାରଣ ବୋଲି ସାଧାରଣରେ ଆଲୋଚନା ହେଉଛି। ନାବାଳିକା ପରିବାର ଲୋକଙ୍କ ପାଖକୁ ଆସିଥିବା ମୋବାଇଲ ନମ୍ବରକୁ ପୋଲିସ ଟ୍ରାକିଂ କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ପ୍ରୟାସ ଜାରିରଖିଛି। ଏନେଇ ଥାନାରେ ଏକ ମାମଲା ନଂ.୩୧୫/୨୩ ରୁଜୁ ହୋଇଛି।

### ୫-ଟି ସଚିବଙ୍କ ଗସ୍ତ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକଙ୍କ ସହ ଆଲୋଚନା

ବଡ଼ଚଣା,୨୬।୮(ଦିଲୀପ କୁମାର ମହାନ୍ତି):

ଆସନ୍ତା ୩୧ ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିଆନ ବଡ଼ଚଣା ଗସ୍ତରେ ଆସିବେ। ସେ ଶୈବପୀଠ ମହାବିନାୟକ ମନ୍ଦିର, ମା' ଚଣ୍ଡି ମନ୍ଦିର ପ୍ରମୁଖ ପରିଦର୍ଶନ କରିବା ସହ ବାବା ଭୈରବା ନନ୍ଦ ମହାବିଦ୍ୟାଳୟରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଯୋଗଦେଇ ଜନସାଧାରଣଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିବେ। ଏଥିପାଇଁ ଚଣ୍ଡିଖୋଲ ଡାକବଙ୍ଗଳାଠାରେ ବଡ଼ଚଣା ଅଞ୍ଚଳର ବିଭିନ୍ନ ସଂଗଠନ ଯଥା; ଚଣ୍ଡିଖୋଲ ବସ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ, ଅସ୍ଥାୟୀ ବଣିକ ସଂଘ, ସ୍ଥାୟୀ ବଣିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ପ୍ରେସ କ୍ଲବ, ମହାବିନାୟକ ଲଘୁ ଖଣିଜ ପରିବହନ ସଂଘ ପ୍ରତିନିଧି ଯୋଗଦେଇ ବିଧାୟକ ଅମର ଶତପଥୀଙ୍କ ସହ କିପରି ଲୋକେ ଅଭିଯୋଗ ଜଣାଇବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିରେ ବସ ମାଲିକ ସଂଘ ପକ୍ଷରୁ ଶୈଳେନ୍ଦ୍ର ନାୟକ, ଟ୍ରକ୍ ମାଲିକ ସଂଘ ପକ୍ଷରୁ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କିର୍ତ୍ତୀରାଜ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶେଷଦେବ ନାୟକ, ଅସ୍ଥାୟୀ ବ୍ୟବସାୟୀ ସଂଘ ପକ୍ଷରୁ ସଞ୍ଜୟ ସ୍ୱାଇଁ, ବଣିକ ସଂଘ ପକ୍ଷରୁ କ୍ଷୀରୋଦ ମାହାଲା, ଲଘୁ ଖଣିଜ ପରିବହନ ପକ୍ଷରୁ ଚନ୍ଦନ ନାୟକ, ପ୍ରେସକ୍ଲବ ଚଣ୍ଡିଖୋଲ ପକ୍ଷରୁ ସମ୍ପାଦକ ଦିଲୀପ ମହାନ୍ତି, ମୋହନ ଖିଲାର ଓ ପ୍ରଶନ୍ନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବରୀ,୨୬।୮(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ହଳଦୀବସନ୍ତ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଦାସଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ନିଜର ଶିକ୍ଷକତା ଅଭିମନ୍ୟୁ ସାମନ୍ତ ସିଂହାର ବିଦ୍ୟାଳୟରୁ ଆରମ୍ଭ କରିଥିଲେ। କୃପାସିନ୍ଧୁ ବିଦ୍ୟାପୀଠରେ ଶିକ୍ଷାଦାନ ସମୟରେ ଛାତ୍ର ବତ୍ସଳତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଯାଜପୁରସ୍ଥିତ ରୁଢିଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରି ସେଠାରେ ମଧ୍ୟ ନିଜର ଲୋକପ୍ରିୟତା ହାସଲ କରିଥିଲେ। ସେ ଦୀର୍ଘ ଦିନ ଧରି ଅସୁସ୍ଥତାଥିବାରୁ ତାଙ୍କ ସାନପୁଅଙ୍କ ନିକଟରେ ରହିଆସୁଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ପ୍ରଭାତ ଦାସ ମୁଖାଗ୍ନି ଦେଇଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ବ୍ଲକ୍ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ପ୍ରାକ୍ତନ ସରପଞ୍ଚ ନରେନ୍ଦ୍ର ଧଳ, ଯୁବ ସାମାଜିକ କର୍ମୀ ଅଜିତ ଧଳ ଓ ହରିହର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ରାଜ୍ୟ ଭାଜପା ମୁଖପାତ୍ର ମନୋଜ ମହାପାତ୍ର, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାମଲ, ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ବୃନ୍ଦାବନ ସାମଲ, କର୍ଣ୍ଣଚନ୍ଦ୍ର ଘଡେଇ, ଗୋପବନ୍ଧୁ ଦାସ, ଓଷ୍ଟା ରାଜ୍ୟ ସମ୍ପାଦକ ନିର୍ମଳ କୁମାର ଜେନା ଓ ଅର୍ଜୁନ ପରିଡ଼ା ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି।

# କେନ୍ଦ୍ରୀୟ ଭତ୍ତା ଅପେକ୍ଷାରେ ଆବେଦନକାରୀ

- ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଲା
- କେନ୍ଦ୍ର ଭତ୍ତା ପ୍ରଦାନରେ ବିଳମ୍ବ
- ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ

ରସୁଲପୁର,୨୬।୮(ରଞ୍ଜିତ ରାଉତ):




୪ ବର୍ଷରୁ ଅଧିକ ବ୍ୟବଧାନ ପରେ ମଧୁବାବୁ ପେନ୍‌ସନ ଯୋଜନାର ଆବେଦନକାରୀଙ୍କୁ ଆର୍ଥିକ ସହାୟତା ମିଳିଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ଜରିଆରେ ଚଳିତ ମାସରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତର ୩୩୧୬ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଅନୁମୋଦିତ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଏହି ସହାୟତା ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବଳକା ହିତାଧିକାରୀଙ୍କୁ ସେପ୍ଟେମ୍ବରରେ ଭତ୍ତା ରାଶି ପ୍ରଦାନ କରାଯିବ ବୋଲି ବ୍ଲକ ସୂତ୍ରରୁ ଜଣାଯାଇଛି। ହେଲେ କେନ୍ଦ୍ରୀୟ ଯୋଜନା ପାଇବାରେ ଆବେଦନକାରୀଙ୍କୁ ନିରାଶ ହେବାକୁ ପଡ଼ିଛି। କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ଯୋଗୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏପି) ଜରିଆରେ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବୃଦ୍ଧ ଭତ୍ତା ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ଏ ପର୍ଯ୍ୟନ୍ତ ଆବେଦନକାରୀ ସାମିଲ ହୋଇପାରିନାହାନ୍ତି। ଆବେଦନକାରୀଙ୍କୁ କେବେ ସହାୟତା ମିଳିବ ସେ ନେଇ ସଂଶୟ ଲାଗି ରହିଛି। ଫଳରେ କେନ୍ଦ୍ରୀୟ ଯୋଜନା ପାଇଁ ଆବେଦନ କରିଥିବା ବ୍ଲକ୍ ଅଞ୍ଚଳର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ସହାୟତା ଅପେକ୍ଷାରେ ରହିଛନ୍ତି।

ରାଜ୍ୟ ହେଉ ଅବା କେନ୍ଦ୍ର ସରକାରଙ୍କ ଭତ୍ତା ଯୋଜନାରେ ସାମିଲ ହେବାକୁ ହେଲେ ହିତାଧିକାରୀଙ୍କୁ ଅନ୍‌ଲାଇନରେ ଆବେଦନ କରିବାକୁ ପଡୁଛି। ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ପାଇଁ ଲୋକଙ୍କୁ ରାଜସ୍ୱ ନିରୀକ୍ଷକଙ୍କଠାରୁ ଆୟ, ଆବାସିକ ପ୍ରମାଣପତ୍ର, ଅନ୍‌ଲାଇନ ବୟସ ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଛି। ମାତ୍ର କେନ୍ଦ୍ରୀୟ ଯୋଜନାର ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ଆବେଦନକାରୀ ୧୯୯୭ ମସିହାରା ବିପିଏଲ୍ କାର୍ଡରେ ନାମ ସମ୍ପୃକ୍ତ ଥିବା ଆବଶ୍ୟକ। ବିପିଏଲ୍ ହିତାଧିକାରୀ ଆର୍ଥିକ ଅନଗ୍ରସର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ଉପରେ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି କୁହାଯାଉଛି। ହେଲେ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବାରୁ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଅନ୍ୟପକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ତତ୍ପରତା ପ୍ରକାଶ ପାଉଛି। ଗରିବ କଲ୍ୟାଣ ଓ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିବାରେ ସରକାର ଆଗରେ ଅଛନ୍ତି। ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ଭାଜପା ସରକାର କେନ୍ଦ୍ରରେ ଶାସନରେ ଅଛନ୍ତି। କେନ୍ଦ୍ର ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରେ ରାଜ୍ୟକୁ ବ୍ୟାପକ ସହାୟତା ଯୋଗାଇ ଦିଆଯାଉଛି ବୋଲି ନେତାମାନେ ସଭାସମିତି, ଗଣମାଧ୍ୟମରେ ବିବୃତି ଦେଉଛନ୍ତି। ହେଲେ ସାମାଜିକ ସୁରକ୍ଷା ଯୋଜନାରେ ତାହା ଭିନ୍ନ ବୋଲି ପରିଲକ୍ଷିତ ହେଉଛି। କେନ୍ଦ୍ରର ଜନମଙ୍ଗଳକାରୀ ଯୋଜନା ଭାବେ ପରିଚିତ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ଯୋଜନାରେ କେନ୍ଦ୍ର ସରକାର ପଛରେ ପଡ଼ିଛନ୍ତି। ତେଣୁ ବୟସ୍କ ଆବେଦନକାରୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ବିଭାଗ ମଧୁବାବୁ ପେନସନ ଯୋଜନାକୁ ସଫଳ ରୂପାୟନ କରିପାରିଛି। ଜାତୀୟ ଭତ୍ତା ଯୋଜନା ପାଇଁ ଆବେଦନକାରୀଙ୍କ ତାଲିକା ପ୍ରସ୍ତୁତ ହୋଇସାରିଛି। କେବଳ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା ରହିଛି। ବ୍ଲକକୁ ଟାର୍ଗେଟ ଆସିଲେ ଏହି ବର୍ଗର ଆବେଦନକାରୀଙ୍କୁ ସହାୟତା ପ୍ରଦାନ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ସେମାନଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି।

## ଚିଙ୍ଗୁଡ଼ିପାଳରେ ଭାଜପାର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ବାହାରିଥିବା ଭାଜପା ନେତା ଓ କର୍ମୀ।

କାଳିଆପାଣି,୨୬।୮(ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ସୁକିନ୍ଦା ଭାଜପା ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚିଙ୍ଗୁଡ଼ିପାଳ ପଞ୍ଚାୟତ ଭାଜପା ସଭାପତି ବେଣୁଧର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳସାମନ୍ତ ଯୋଗଦେଇ ପଦଯାତ୍ରା ଆଗାମୀ ଦିନରେ ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଉତ୍ସାହ ଯୋଗାଇବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସଂଗଠକ ଅମଳେନ୍ଦୁ ବେହୁରା, ପୁଷ୍ପକ ମହାପାତ୍ର, ବିନୋଦ ହେମ୍ବ୍ରମ, ହୃଦାନନ୍ଦ ମହାନ୍ତ, ରବୀନ୍ଦ୍ର ସାହୁ, ସନ୍ତୋଷ ମୁଦୁଲି, ସତ୍ୟଜିତ ଦାଶ, ପ୍ରକାଶ ବେହୁରା, ରବୀନ୍ଦ୍ର ପୁହାଣ, ସୌମ୍ୟରଞ୍ଜନ ସାହୁ, ଚିରଞ୍ଜୀବ ବେହୁରା ଓ ଶୁଭକାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତର ଯୁବନେତା ଶରତ ଚନ୍ଦ୍ର ମହାନ୍ତ, ବାଦଲ ମହାନ୍ତ, ଗୁରୁ ମହାନ୍ତ, ଜୟଦେବ ମହାନ୍ତ, ଶିବ ପାତ୍ର ଓ ନାରୀନେତ୍ରୀ ଗୌରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିଚାଳନା କରିଥିଲେ। ଉକ୍ତ ପଦଯାତ୍ରା ଚିଙ୍ଗୁଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ଟାଙ୍ଗର ସାହି, ରୁଗୁଡ଼ି ସାହିଦେଇ ବେଣାଗାଡ଼ିଆ ପାଲାମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ପଥପ୍ରାନ୍ତ ସଭା ହେବାପରେ ପଦଯାତ୍ରା ଶେଷ ହୋଇଥିଲା।

## ନୀଳସୁନ୍ଦର ହାଇସ୍କୁଲରେ ପରିବେଶ ସଚେତନତା



ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

ଧର୍ମଶାଳା,୨୬।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ନେଉଳପୁରସ୍ଥିତ ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍ୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ପ୍ଲାକାର୍ଡ, ବ୍ୟାନର ଧରି ଗ୍ରାମ ପରିକ୍ରମା କରି ପରିବେଶ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହାପରେ ସ୍କୁଲ୍ ପରିସରରେ ବିଭିନ୍ନ କିସମର ଫୁଲ ଓ ଔଷଧୀୟ ଚରାରୋପଣ କରାଯିବା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚିତ୍ର କୁମାର ରାଉତ, ସମସାଦ ବାନୋ, ଅନନ୍ତ କୁମାର ପୃଷ୍ଟି, ଅଜୟ କୁମାର ଖୁଣ୍ଟିଆ, ସୁଭଶ୍ରୀ ଜେନା, ଯମୁନା ମଲିକ ଓ ଯୋଗେଶ ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅନିଲ କୁମର ଦାସ ଧନ୍ୟବାଦ ଦେଇଥିଲେ।

## ଗାଡ଼ି ଯନ୍ତ୍ରାଂଶ ଦୋକାନରୁ ଚୋରି

ରସୁଲପୁର,୨୬।୮(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବିଜୁନଗରର ପେଟ୍ରୋଲ ପମ୍ପ ପାଖରେ ଥିବା ଏକ ଗାଡ଼ି ଯନ୍ତ୍ରାଂଶ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ୫ରୁ୬ ପ୍ରକାର ଯନ୍ତ୍ରାଂଶ ଚୋରି କରିନେଇଛନ୍ତି। ଚୋରି ସାମଗ୍ରର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ଶନିବାର ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଚୋରିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ ସମ୍ପୃକ୍ତି ଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି।

ରାତିରେ ସମ୍ପୃକ୍ତ ଦୋକାନୀ ଯାଜପୁର ସଦର ଥାନା ଅନ୍ତର୍ଗତ ଜାହାନରାପୁର ଅଞ୍ଚଳର ମନୋଜ ପଣ୍ଡା ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ଶନିବାର ସକାଳୁ ସେ ଆସି ଦେଖିବା ବେଳକୁ ଦୋକାନ ମୁଖ୍ୟ ଫାଟକ ତାଲା ଭଙ୍ଗା ହୋଇଥିଲା। ଦୋକାନ ଭିତରକୁ ପଶି ବିଭିନ୍ନ ଥାକରେ ଥିବା ଜିନିଷପତ୍ରକୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ କେତେକ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ହୋଇଥିବା ଜଣାପଡ଼ିଥିଲା। ତେଣୁ ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୩୧୩/୨୩ ରୁଜୁ ହୋଇଛି।

## ବ୍ୟାଙ୍କ୍ ବ୍ୟବସାୟିକ ପ୍ରତିନିଧିଙ୍କୁ ସିଏସ୍‌ପି ପ୍ଲସ୍‌ରେ ସାମିଲ ଦାବି



ବ୍ୟାଙ୍କ ବ୍ୟବସାୟିକ ପ୍ରତିନିଧିମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

କାଏମା,୨୬।୮(ଶିବପ୍ରସାଦ ମହାନ୍ତି):

**ବ୍ଲକ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଦାବିପତ୍ର**

ବ୍ୟାଙ୍କ ବ୍ୟବସାୟିକ ପ୍ରତିନିଧିମାନେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ବ୍ୟାଙ୍କିଙ୍ଗ୍ ସେବାକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରତି ପଞ୍ଚାୟତରେ କଷ୍ଟମର ସର୍ଭିସ ପଏଣ୍ଟ(ଗ୍ରାହକ ସେବା କେନ୍ଦ୍ର) ମାଧ୍ୟମରେ ଯୋଗାଇ ଆସୁଛନ୍ତି। କିନ୍ତୁ ସରକାର ସେମାନଙ୍କ ପ୍ରତି ଅବହେଳା କରିବା ସହ ସ୍ଥାନୀୟ ବ୍ୟାଙ୍କ୍ କିମ୍ବା ବ୍ୟାଙ୍କ୍ ବ୍ୟବସାୟିକ ପ୍ରତିନିଧିଙ୍କ ସହ ଆଲୋଚନା ନ କରି ସେମାନଙ୍କୁ ସିଏସ୍‌ପି ପ୍ଲସ ଯୋଜନାରୁ ବାଦ ଦେଇଛନ୍ତି। ଏ ବିଷୟରେ ଧର୍ମଶାଳା ବ୍ଲକ୍ ଅଞ୍ଚଳର ବିଭିନ୍ନ ବ୍ୟାଙ୍କ ବ୍ୟବସାୟିକ ପ୍ରତିନିଧିମାନେ ଜାଣିବା ପରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଯେଉଁ ପଞ୍ଚାୟତରେ ବ୍ୟାଙ୍କ ସେବା ନାହିଁ ସେହି ସ୍ଥାନରେ ନୂତନ ଭାବେ ସେବା ଅବସ୍ଥାପିତ କରିବା, ଯେଉଁ ପଞ୍ଚାୟତରେ ପ୍ରତିନିଧି ପୂର୍ବରୁ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ସିଏସ୍‌ପି ପ୍ଲସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦର୍ଶାଇଛନ୍ତି। ଏହା ଉପରେ ଉଚିତ ପଦକ୍ଷେପ ନ ନେଲେ ସେମାନଙ୍କ ପରିବାର ପରିପୋଷଣ ରେ ବାଧା ଉପୁଜିବ। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି, କରୋନା ମହାମାରୀ ସମୟରେ ମଧ୍ୟ ସେମାନେ ଜୀବନକୁ ବାଜି ଲଗାଇ ଲୋକଙ୍କ ପାଖରେ ସେବା ପହଞ୍ଚାଇଥିଲେ। ସେହିପରି ବିଭିନ୍ନ ସୁରକ୍ଷା ବୀମା ଯୋଜନା ଯଥା; ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଓ ଅଟଳ ପେନସନ ଯୋଜନାକୁ ସଫଳ ରୂପାୟନ ନିମନ୍ତେ ଅନେକ ଜମାଖାତା ଖୋଲିଛନ୍ତି। ଗାଁଗାଁ ବୁଲି କ୍ୟାମ୍ପ ମାଧ୍ୟମରେ ଜନଧନ ଖାତା ଖୋଲିବା ସହ ସାମାଜିକ ସୁରକ୍ଷା ବୀମା ଭଳି ଯୋଜନାରେ ଲୋକଙ୍କୁ ସାମିଲ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରଜ୍ଞାନ ମହାନ୍ତି, ରଞ୍ଜନ କୁମାର ଧୀର, ଶିବ ପ୍ରସାଦ ମହାନ୍ତି, ପ୍ରଭାକର ପ୍ରଧାନ, ସରୋଜ ଗୁଇଁ, ଅନୁପମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍

ଧର୍ମଶାଳା,୨୬।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟସ୍ଥ ବୁଦ୍ଧଛକଠାରେ ସ୍କୁଟର ପଛରେ ବସି ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, କୁଆଖିଆ ଥାନା ବଂଟର ଗ୍ରାମର ଗୌତମ ଶତପଥୀ ଓ ତାଙ୍କ ସ୍ତ୍ରୀ ସସ୍ମିତା ପାଢ଼ୀ ଧର୍ମଶାଳା ତହସିଲ କାର୍ଯ୍ୟାଳୟକୁ କୌଣସି କାମରେ ଆସିଥିଲେ। କାମ ସାରି ଦମ୍ପତି ସ୍କୁଟରରେ ଜାରକାସ୍ଥିତ ଏକ ହୋଟେଲକୁ ଖାଇବାକୁ ଯାଉଥିବାବେଳେ ଦୁଇ ଦୁର୍ବୃତ୍ତ ଏକ ବାଇକରେ ତାଙ୍କ ପିଛା କରିଥିଲେ। ପରେ ବୁଦ୍ଧ ଛକଠାରେ ମହିଳାଙ୍କ ବେକରୁ ସୁନାଚେନ ଲୁଟି ନେଇ ଫେରାର ହୋଇଯାଇଥିଲେ।

## ପଟ୍ଟାମୁଣ୍ଡାଇ ପ୍ରତି ଚରମ ଅବହେଳା: କଂଗ୍ରେସ

ପଟ୍ଟାମୁଣ୍ଡାଇ,୨୬।୮(ଅକ୍ଷୟ ବିଶ୍ୱାଳ/କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପ୍ରତି ରାଜ୍ୟ ସରକାର ଦୀର୍ଘ ଦିନରୁ ଅବହେଳା କରି ଆସୁଛନ୍ତି। ବିକାଶ ନାଁରେ କେବଳ ମିଥ୍ୟା ଓ ଅପପ୍ରଚାର ଚାଲିଛି। ଏଥିରେ ଜନ ପ୍ରତିନିଧିମାନଙ୍କ ଅପଚେଷ୍ଟା କେବେ ସଫଳ ହେବ ନାହିଁ। ପଟ୍ଟାମୁଣ୍ଡାଇବାସୀ ଆଗାମୀ ଦିନରେ ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ ବୋଲି କଂଗ୍ରେସ ନେତାମାନେ ଏକ ପ୍ରେସ ବିବୃତିରେ ଅଭିଯୋଗ କରିଛନ୍ତି।

କଂଗ୍ରେସ ପକ୍ଷରୁ ଦର୍ଶାଯାଇଛିଯେ, ୨୦୧୯ ସାଧାରଣ ନିର୍ବାଚନର କିଛି ମାସ ପରେ ପ୍ରାକ୍ତନ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀଙ୍କ ଉପସ୍ଥିତିରେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌରପାଳିକା ପାଇଁ ତା୨୯।୯।୨୦୧୯ରିଖରେ ବସଷ୍ଟାଣ୍ଡ ପାଇଁ ଶିଳାନ୍ୟାସ କରିଥିଲେ। ହେଲେ ଇତିମଧ୍ୟରେ ୪ ବର୍ଷ ବିତିଛି। ହେଲେ ଠିକ୍ ଜାଗା ଚିହ୍ନଟ କରାଯାଇ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇପାରି ନାହିଁ। ପଟ୍ଟାମୁଣ୍ଡାଇ ଅବହେଳିତ ପ୍ରଶ୍ନ ଉଠିବାରୁ ବିଧାୟକ ନିଜ ଉପରେ ଆରୋପ ଓ ପ୍ରତ୍ୟାରୋପକୁ ଘୋଡେଇବା ପାଇଁ ଗତ ୪ ଦିନ ତଳେ ନିଜ ଫେସବୁକ ଆକାଉଣ୍ଟରେ ପୋଷ୍ଟ କରି କହିଥିଲେ, ନୂତନ ବସଷ୍ଟାଣ୍ଡ ପାଇଁ ମୁଖ୍ୟମନ୍ତ୍ରୀ ପୁନର୍ବାର ଶିଳାନ୍ୟାସ କଲେ। ହେଲେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ନୁହେଁ ବରଂ ବସଷ୍ଟାଣ୍ଡ ଉଦ୍‌ଘାଟନ ଭର୍ଚୁଆଲରେ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ସବ୍‌ଡିଭିଜନ ମେଡିକାଲରେ ଡାକ୍ତର ପଦବୀ ପୂରଣ ହେଲା ନାହିଁ କି ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ହେଲା ନାହିଁ। ପଟ୍ଟାମୁଣ୍ଡାଇରେ ଆଜି ପର୍ଯ୍ୟନ୍ତ ଗୋଟିଏ ସରକାରୀ ଡାକବଙ୍ଗଳା ନିର୍ମାଣ ହେଲା ନାହିଁ। ନୂତନ ବାଇପାସ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସେଠାରେ ଗୋଟିଏ ଟ୍ରାଫିକ ପୋଷ୍ଟ କରିବାକୁ କଂଗ୍ରେସ ବାରମ୍ବାର ଦାବି କରି ଆସୁଛି। ହେଲେ ବିଧାୟକ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ବିଧାୟକ ଖାଲି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ଚାଲିଛନ୍ତି। ଏହାଦ୍ୱାରା ପଟ୍ଟାମୁଣ୍ଡାଇବାସୀଙ୍କ ଦୁଃଖ ହଟିବ ନାହିଁ ବୋଲି ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ବ୍ଲକ ସଭାପତି ମଳୟ ଦାସ, ପ୍ରାକ୍ତନ ଯୁବ ଜିଲା ସଭାପତି ସତ୍ୟପ୍ରିୟ ସାମଲ,ଉପସଭାପତି ଅବିନାଶ ଲେଙ୍କା, ସନାତନ ବିଶ୍ୱାଳ, ମନୋଜ ନାୟକ, ପ୍ରାକ୍ତନ କାଉନ୍ସିଲର ଆଲୋକ ଧଳ, ହିରଣ୍ୟ ରାଉତ, ସେକ ଅମରୁଲ୍ଲ, ମାଳତୀ ପାଣ୍ଡବ, ଅସ୍ମିତା ମହାନ୍ତି, କାଉନ୍ସିଲର ମଳୟ ଓଝା,ସମ୍ରାଟ ଜେନା,ଜିଲା ଯୁବ କଂଗ୍ରେସ ସଭାପତିରଞ୍ଜନବେହେରା ପ୍ରମୁଖ କହିଛନ୍ତି।

## ଶ୍ରମିକଙ୍କ ଉନ୍ନତି ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

ଯାଜପୁର ଟାଉନ,୨୬।୮ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):



ଜଣେ ହିତାଧିକାରୀଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଉଛି।

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ ଶିବିର ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ଶିକ୍ଷା, ବିବାହ, ପ୍ରସୂତିକାଳୀନ, ମୃତ୍ୟୁକାଳୀନ ଏବଂ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ଆଦି ପ୍ରଦାନ କରି ଓଡ଼ିଶାର ନିର୍ମାଣ ଶ୍ରମିକମାନଙ୍କ ଜୀବନ ଶୈଳୀକୁ ଉନ୍ନତି ଓ ବଳିଷ୍ଠ କରିବା ଦିଗରେ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଛନ୍ତି। ସେହିପରି ଜିଲାରୁ ଶିଶୁ ଶ୍ରମିକ ମୂଳୋତ୍ପାଟନ ପାଇଁ ଆମର ସଂକଳ୍ପ ଶିଶୁ ଶ୍ରମମୁକ୍ତ ଯାଜପୁର ଜିଲା ଗଢ଼ି ତୋଳିବାରେ ପ୍ରତିଜ୍ଞାବଦ୍ଧ ହେବାପାଇଁ ସେ ଆହ୍ୱାନ କରିଛନ୍ତି।

ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ମାନିତ ଅତିଥିଭାବେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ଯାଜପୁର ଜିଲା ଏକ ଶିଳ୍ପାନୁଷ୍ଠାନ ଜିଲା ହୋଇଥିବାରୁ ଶ୍ରମିକମାନଙ୍କ କଲ୍ୟାଣାର୍ଥେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଠିକ ମାର୍ଗରେ କାର୍ଯ୍ୟକାରିତା କରିବା ଦିଗରେ ପରାମର୍ଶ ଦେଇଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ।

ଶିବିରରେ ଯାଜପୁର ବ୍ଲକ, ଦଶରଥପୁର ବ୍ଲକ ଏବଂ ଯାଜପୁର ପୌରପରିଷଦ ଅଧୀନ ପଞ୍ଜୀକୃତ ଏବଂ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଶିକ୍ଷା ସହାୟତା ବାବଦକୁ ୧୧୪ଜଣ ହିତାଧିକାରୀଙ୍କୁ ୯ଲକ୍ଷ ୬୮ହଜାର ଟଙ୍କା, ବିବାହ ସହାୟତା ନିମନ୍ତେ ୪୧ ଜଣ ହିତାଧିକାରୀଙ୍କୁ ୧୮ ଲକ୍ଷ ୩୦ ହଜାର ଟଙ୍କା, ପ୍ରସୂତିକାଳୀନ ସହାୟତା ବାବଦକୁ ଜଣକୁ ୧୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ବାବଦକୁ ୩୭ ଜଣ ହିତାଧିକାରୀଙ୍କୁ ୭୩ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବାବଦକୁ ୩୪ ଜଣ ହିତାଧିକାରୀଙ୍କୁ ୧ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହିପରି ଉପରୋକ୍ତ ସର୍ବମୋଟ ୨୨୭ ହିତାଧିକାରୀଙ୍କୁ ୧ କୋଟି ୨ ଲକ୍ଷ ୮୮ ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଛି। ୧୮୬ ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଛନ୍ତି। ଶିବିରରେ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ୍ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ୫-ଟି ସଚିବଙ୍କ ଗସ୍ତ। ସ୍ଥାନ-ଆମ୍ବପୁଆ ବିବେକ ବିହାର, ସମୟ-ସକାଳ ସାଢ଼େ ୯ଟା।
- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା। ସ୍ଥାନ-କେସି ହାଇସ୍କୁଲ ପଡ଼ିଆ, ସମୟ-ସକାଳ ୯ଟା।

## ସଂକ୍ଷେପରେ

### ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗୀ ଚୟନ ଆଜି

ବ୍ରହ୍ମପୁର,(ତନୁଶ୍ରୀ ନାହାକ):

ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ରବିବାର ସକାଳ ୯ଟାରେ କେସି ହାଇସ୍କୁଲ ଖେଳ ପଡ଼ିଆଠାରେ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗୀ ଚୟନ ଶିବିର ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତାରେ ମନୋନୀତ ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପାରିବେ। ଇଚ୍ଛୁକ ପ୍ରତିଯୋଗୀମାନେ ରବିବାର ସକାଳ ୯ଟାରେ କେସି ହାଇସ୍କୁଲ ଖେଳପଡ଼ିଆ ଠାରେ ଜିଲା କବାଡ଼ି ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ସହ ସାକ୍ଷାତ କରି ନାମ ପଞ୍ଜୀକୃତ କରାଇପାରିବେ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି।

### ୫୦ ହଜାର ଚାନ୍ଦା ନ ଦେବାରୁ ଆକ୍ରମଣ: ବାପ,ପୁଅ ଗିରଫ

ଜୟପୁର, ୨୬।୮ (ପବନ ପାଣିଗ୍ରାହୀ)

ଚାନ୍ଦା ନ ଦେବାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ମାମଲାରେ ଅଭିଯୁକ୍ତ ବାପ ଓ ପୁଅଙ୍କୁ ସଦର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୁବୁଲି ଗ୍ରାମର କୁନୁ ପରଜା (୪୨) ଓ ଡମ୍ବୁରୁ ପରଜା (୨୦)। ଏନେଇ ଅଭିଯୋଗକାରୀ ଦୁବୁଲି ଗ୍ରାମର ତପନ ସରକାର (୨୯) କହିଛନ୍ତି ଦିନେ ଗ୍ରାମରେ ସେ ଅନ୍ୟମାନଙ୍କ ସହ ଥାବାର୍ତ୍ତା ହେଉଥିବା ବେଳେ କୁନୁ ଓ ତାଙ୍କ ପୁଅ ଡମ୍ବୁରୁ ପହଞ୍ଚି ତାଙ୍କୁ ୫୦ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ସେ ନ ଦେବାରୁ ଜୀବନରେ ମାରି ଦେବାକୁ ଧମକ ଦେଇ ଲୁହା ରଡରେ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଫଳରେ ସେ ରକ୍ତାକ୍ତ ହୋଇ ଗୁରୁତର ହୋଇପଡିଥିଲେ। ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ କୁନୁ ଓ ଡମ୍ବୁରୁଙ୍କ ସମ୍ପୃକ୍ତି ଥିବା ଜାଣି ଉଭୟ ବାପପୁଅଙ୍କୁ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଫାମ୍ପୁଣି ପଞ୍ଚାୟତ ଘେରିଲା ଭାଜପା

ଜୟପୁର,୨୬।୮ (ପବନ ପାଣିଗ୍ରାହୀ)

ରାଜ୍ୟର ଦୁର୍ନୀତିଗ୍ରସ୍ତ ଶାସନ ବିରୋଧରେ ପ୍ରତିବାଦ ଜଣାଇ ଶନିବାର ଭାଜପା ଫାମ୍ପୁଣି ପଞ୍ଚାୟତ ଘେରାଉକରି ଧାରଣା ଦେଇଛି। ଫାମ୍ପୁଣିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରି ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା, ଆବାସ କରାଇ ଦେବାକୁ ଲାଞ୍ଚ ମାଗିବା , ସ୍ୱଚ୍ଛ ଭାରତ ଯୋଜନା ଅନ୍ତର୍ଗତ ଶୌଚଳାୟ କାର୍ଯ୍ୟରେ ଦୁର୍ନୀତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ବଦଳରେ ମେଶିନରେ କାମ କରିବା, ଭତ୍ତା ପ୍ରଦାନରେ ଚଞ୍ଚକତା କରିବା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପ୍ରଦାନ କରାଯାଉଥିବା ଚାଉଳ ବଣ୍ଟନରେ ହେରଫେର ଆଦି ଦୁର୍ନୀତିକୁ ବିରୋଧକରି ସ୍ଥାନୀୟ ଭାଜପା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

## ଏମ୍‌କେସିଜିକୁ ଆସିଲା କୋବାଲ୍ଟ-୬୦ ସୋର୍ସ

# କ୍ୟାନ୍‌ସର ରୋଗୀ ରେଡିଓଥେରାପି ସେବା ପାଇବେ

ବ୍ରହ୍ମପୁର,୨୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ୍ ରେଡିଓଲୋଜି ବିଭାଗରେ ଦୀର୍ଘ ୮ମାସ ପରେ କ୍ୟାନସର୍ ରୋଗୀ ରେଡିଓ ଥେରାପି ସେବା ପାଇବେ। କ୍ୟାନ୍‌ସର ରୋଗ ଚିକିତ୍ସା ଓ ରେଡିଓ ଥେରାପି କ୍ଷେତ୍ରରେ ବହୁ ଅତ୍ୟାଧୁନିକ ମେଶିନ୍ ଆସିଥିଲେ ମଧ୍ୟ ଏମକେସିଜିରେ ଏହି ପୁରୁଣା ମେଶିନରେ ରୋଗୀଙ୍କୁ ରେଡିଓ ଥେରାପି ସେବା ଯୋଗାଇ ଦିଆଯାଉଛି। ଦୀର୍ଘ ୮ମାସ ହେଲା ଏମକେସିଜିରେ ଥିବା କୋବାଲ୍ଟ-୬୦ ମେଶିନରେ ସୋର୍ସ ଦୁର୍ବଳ ହୋଇଯାଇଥିଲା। ଯାହାଫଳରେ ମେଶିନ୍ ଅଚଳ ହେବାରୁ ରେଡିଓ ଥେରାପି ବନ୍ଦ ହୋଇଥିଲା। ଦକ୍ଷିଣ ଓଡ଼ିଶା ଓ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳର ରୋଗୀମାନେ ଏମକେସିଜି ମେଡିକାଲ ଉପରେ ନିର୍ଭର କରିଥାନ୍ତି। କ୍ୟାନ୍‌ସର ରୋଗୀମାନେ ମଧ୍ୟ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଦକ୍ଷିଣ ଓଡ଼ିଶାରେ ଘରୋଇ ଭାବରେବି କ୍ୟାନ୍‌ସର ରୋଗୀଙ୍କ ଚିକିତ୍ସା ପାଇଁ ବିଶେଷ ସାଧନ ନାହିଁ। ପ୍ରତ୍ୟେକ ମାସରେ ଏମକେସିଜିକୁ ଶତାଧିକ କ୍ୟାନସର୍ ରୋଗୀ ଆସୁଥିବା ବେଳେ ୬୦ରୁ ୭୦ଜଣ ରେଡିଓ ଥେରାପି ସେବା ପାଇଁ ଆସୁଥିଲେ। ଚଳିତବର୍ଷ ଜାନୁୟାରୀ ମାସରୁ କୋବାଲ୍ଟ-୬୦ ଅଚଳ ହୋଇଥିବାରୁ ଏଠାରେ ରେଡିଓ ଥେରାପି ସେବା ପାଇପାରୁ ନଥିଲେ ରୋଗୀ। ବର୍ତ୍ତମାନ ପ୍ରାୟ ଦେଢ଼ କୋଟି ଟଙ୍କା ବିନିମୟରେ ଏହି ମେଶିନର 'ସୋର୍ସ' ରାଜସ୍ଥାନ କୋଟାରୁ ଅଣାଯାଇଛି। କୋଟାରୁ 'ସୋର୍ସ' ନେଇ ଆସିଥିବା ଟ୍ରକ୍ ଏମକେସିଜିରେ ପହଞ୍ଚିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଟେକ୍ନିକାଲ ଟିମ୍ ଏହାର ମାନ ଯାଞ୍ଚ କରିବା ପରେ ଏହା ମେଶିନରେ ସ୍ଥାପନ କରାଯିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା 'ସୋର୍ସ' ସହ ନ୍ୟୁକ୍ଲିୟର ସମାନ। ତେଣୁ ସୋର୍ସକୁ ଯୋଉଠି ବି ରଖାଯାଏ ଅତ୍ୟନ୍ତ ସୁରକ୍ଷିତ ଭାବେ ରଖାଯାଇଥାଏ। ସେହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଏ। ଏହାକୁ ସୁରକ୍ଷିତ ଭାବେ ମେଶିନରେ ଲଗାଇବା ପର୍ଯ୍ୟନ୍ତ ପୋଲିସ ସୁରକ୍ଷାରେ ରଖାଯାଇ ଥାଏ। 'ସୋର୍ସ' ଯେଉଁଠି ରୁହେ ସେଠାରେ ରେଡିଏସନ୍ ବାହାରିବାର ଆଶଙ୍କା ରହିଛି। ତେଣୁ ସେହି ଜାଗାକୁ ଖାଲି କରାଯାଇଥାଏ। ସୋର୍ସରୁ ବାହାରୁଥିବା ରେଡିଏସନ୍ ରୋଗୀ ଓ ସାଧାରଣ ଲୋକଙ୍କ ଶରୀରରେ ପଡ଼ିଲେ ତାହା ଅତ୍ୟନ୍ତ ବିପଦଜନକ ବୋଲି କେତେଜଣ ଡାକ୍ତର ପ୍ରକାଶ କରିଛନ୍ତି। ତେଣୁ ଏହାକୁ ମେସିନରେ ଲଗାଇବା ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ରଖିବା ଆବଶ୍ୟକ। ଅନ୍ୟପକ୍ଷରେ ଏମକେସିଜିରେ ଖୋଲାରେ ଏହା ରଖାଯାଇଛି। ସେହି ରାସ୍ତା ଦେଇ ସାଧାରଣ ଲୋକ ଯାତାୟତ କରୁଥିବାରୁ ବିପଦ ଆଶଙ୍କା ରହୁଛି। ୨ଜଣ ରେଡିଏସନ୍ ସେଫ୍ଟି ଅଫିସର ସେଠାରେ ଅଛନ୍ତି।

# ଆନ୍ଦୋଳନରୁ ଓହରିଲା ମିଳିତ ମଞ୍ଚ

## ପୂର୍ବତନ ଥାନାଧିକାରୀ, ହୋମଗାର୍ଡଙ୍କ ନାଁରେ ଏନଡିପିଏସ୍ ମାମଲା

ଫୁଲବାଣୀ,୨୬।୮(ରାକେଶ କୁମାର ରାଉତ)

ଫିରିଙ୍ଗିଆ ଥାନାପୋଡି ଘଟଣା, ପୋଲିସର ଜୁଲମ ଏବଂ ଗଞ୍ଜେଇ କାରବାରରେ ଲିପ୍ତ ଥିବା ପୋଲିସ ଅଧିକାରୀଙ୍କ ନାଁରେ ମାମଲା ରୁଜୁ ପାଇଁ ମିଳିତ ମଞ୍ଚ କରି ଆସୁଥିବା ଦାବି ପୂରଣ ହୋଇଛି। ଦକ୍ଷିଣାଞ୍ଚଳ ଆଇଜିପିଙ୍କୁ ଭେଟିବା ପରେ ମିଳିତ ମଞ୍ଚ ଦାବି ଅନୁସାରେ ଫିରିଙ୍ଗିଆ ପୂର୍ବତନ ଥାନାଧିକାରୀ ତପନ କୁମାର ନାହାକଙ୍କ ସମେତ ଅନ୍ୟ ୨ଜଣ ହୋମଗାର୍ଡଙ୍କ ନାଁରେ ଶନିବାର ଏନ୍‌ଡିପିଏସ୍ ଧାରାରେ ମାମଲା ରୁଜୁ ହୋଇଛି। ତେଣୁ ଆସନ୍ତା ୨୮ ତାରିଖରେ ମିଳିତ ମଞ୍ଚ ଦେଇଥିବା ଆନ୍ଦୋଳନ ଡାକରାରୁ ଓହରିଛି। କୁଇ ସମନ୍ୱୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମିଳିତ ମଞ୍ଚ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ମଞ୍ଚ ଆବାହକ ତଥା ସର୍ଦ୍ଦାର ଲମ୍ବୋଦର କହିଛନ୍ତି କି, ଆମେ ପୋଲିସର କାର୍ଯ୍ୟାନୁଷ୍ଠାନ, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ପୂର୍ବତନ ଥାନାଧିକାରୀଙ୍କ ସମେତ ଗଞ୍ଜେଇ ଚାଲାଣରେ ସାମିଲ ଥିବା ହୋମଗାର୍ଡଙ୍କ ଗିରଫ ଦାବିରେ ୨୮ରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଡାକରା ଦେଇଥିଲୁ। ଏ ନେଇ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟିଥିଲୁ। ତାଙ୍କ ପ୍ରତିଶ୍ରୁତି ଅନୁସାରେ ପୂର୍ବତନ ଥାନାଧିକାରୀ ତପନ କୁମାର ନାହାକ, ହୋମଗାର୍ଡ ପ୍ରଶାନ୍ତ କୁମାର ପାତ୍ର, ରବୀନ୍ଦ୍ର କୁମାର ନାୟକଙ୍କ ନାମରେ ଏନ୍‌ଡିପିଏସ୍ ଧାରାରେ ଫିରିଙ୍ଗିଆ ଥାନାରେ ୧୪୩/୨୩ରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ ତୁରନ୍ତ ଗିରଫ କରିବା। ଯାହାବି ହେଉ ଆମ ଦାବି କେତେକାଂଶରେ ପୂରଣ ହୋଇଛି। ତେଣୁ ଆନ୍ଦୋଳନକୁ ପ୍ରତ୍ୟାହୃତ କରୁଛୁ। ଯଦି ଅନ୍ୟ ଦାବି ଦାବି ଆଗାମୀ ଦିନରେ ପୂରଣ ନ ହୁଏ ତାହାଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା କମିଟି ନିଷ୍ପତି ଅନୁସାରେ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ମଞ୍ଚ ସଭାପତି ସମିର ଘୋଟାଲ, ସମ୍ପାଦକ ସତ୍ୟନାରାୟଣ ବେହେରା, ଭାସ୍କର ପଧାନ, ପୁସରା କହଁର, ମନୋଜ ମଲ୍ଲିକ, ବିଷ୍ଣୁପ୍ରସାଦ ମିଶ୍ର, ନିରଂଜନ ସାହୁ, ବିପ୍ରବର ସ୍ୱାଇଁ, ତ୍ରିନାଥ ମାଝୀ, ମହେନ୍ଦ୍ର ଦିଗାଲ, ବିନୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୫ ତାରିଖରେ ପୋଲିସ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ କିଛି ଗ୍ରାମବାସୀ ଏକ ଭିଡିଓ ଫୁଟେଜ କରିଥିଲେ। ପୋଲିସ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ଘଟଣା ପ୍ରଚାରିତ ହେବା ଓ ଉକ୍ତ ଭିଡିଓ ଫୁଟେଜ ଭାଇରାଲ ହେବା ପରେ ଗ୍ରାମବାସୀ ଏକତ୍ରିତ ହୋଇ ଥାନାଧିକାରୀ ତପନ କୁମାର ନାହାକଙ୍କ ଗିରଫ ଦାବି କରି ଫିରିଙ୍ଗିଆ ବ୍ଲକ ଛକ ପାଖରେ ରାସ୍ତାରୋକୋ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଯାଇ ସଦର ଏସଡିପିଓ ସୁପ୍ରଶନ୍ନ ମଲ୍ଲିକ, ଜଣେ ଏସ୍‌ଆଇ ମାଡ ଖାଇଥିଲେ। ଏହାପରେ ଲୋକେ ଥାନାରେ ପସି ପୋଡାଜଳା କରିଥିଲେ। ପୋଲିସର କାର୍ଯ୍ୟକଳାପକୁ ବିରୋଧ କରି କନ୍ଧମାଳ ମିଳିତ ମଞ୍ଚ ଗତ ୧୮ ତାରିଖରେ ଏକ ଖବରଦାତା ସମ୍ମିଳନୀ କରି ତୁରନ୍ତ ପୂର୍ବତନ ଥାନାଧିକାରୀଙ୍କୁ ଗିରଫ କରିବା ଦାବି ନେଇ ୨୮ରେ ଏକ ଶୋଭାଯାତ୍ରା କରିବାକୁ ନିଷ୍ପତି ନେଇଥିଲା।



ମିଳିତ ନାଗରିକ ମଞ୍ଚ କର୍ମକର୍ତ୍ତା।

# ୩ ପରିବାର ପିଲାଙ୍କୁ ମିଳିଲା ସୁବିଧା

## ଡିଏଲ୍‌ଏସ୍‌ଏଙ୍କ ନିର୍ଦ୍ଦେଶ

ଫୁଲବାଣୀ, ୨୬।୮(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଆଇନସେବା ପ୍ରାଧିକରଣ(ଡିଏଲଏସ୍‌ଏ) ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ତିନୋଟି ପରିବାରର ପିଲାମାନଙ୍କୁ ପାଠ ପଢ଼ାଠାରୁ ଆରମ୍ଭ କରି ରହିବା, ଖାଇବା ଓ ପିନ୍ଧିବାର ସମସ୍ତ ସୁବିଧା କରାଯାଇଛି। ୧୮ବର୍ଷ ବୟସ ଯାଏ ଏହି ସୁବିଧା ସେହି ମିଲାମାନଙ୍କୁ ମିଳିବ।

ଗୋଛାପଡା ଅଞ୍ଚଳର ସୁଦନ କହଁର ୨୦୨୦ରେ ଏକ ମାମଲାରେ ଗିରଫ ହୋଇଥିଲେ। ତାଙ୍କୁ ଫୁଲବାଣୀ ଜିଲା କାରାଗାରକୁ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା । ତାଙ୍କର ଦୁଇ ସନ୍ତାନଙ୍କ ଭବିଷ୍ୟତକୁ ନେଇ ସେ ଚିନ୍ତାରେ ପଡିଥିଲେ । ଏହାର ସମାଧାନ ଲାଗି କାରାଗାର ଅଧିକ୍ଷକଙ୍କୁ କହିଥିଲେ । କାରାଗାର ଅଧିକ୍ଷକ ଏ ନେଇ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲା। ଆଇନସେବା ପ୍ରାଧିକରଣ ସଚିବ ଅନୁଶୀଳା ରଥ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ । ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ ସତ୍ୟପୀର ମିଶ୍ର ଶିଶୁ ମଙ୍ଗଳ କମିଟିକୁ ଏକ ଚିଠି ମାଧ୍ୟମରେ ଏହା ଜଣାଇଥିଲେ। ସୁଦନଙ୍କ ପିଲା ମାନଙ୍କୁ ୧୮ବର୍ଷ ଯାଏ ସରକାରଙ୍କ ସମସ୍ତ ସୁବିଧା ଦିଆଯିବ । ସେମାନଙ୍କୁ ମୂଳଗୁଦାରୀ ସ୍ଥିତ ସାଧନ କେନ୍ଦ୍ରରେ ରଖାଯିବାକୁ ନିଷ୍ପତ୍ତି ହୋଇଥିଲା।

ସେହିପରି ଫିରିଙ୍ଗିଆ ଥାନା ଅଞ୍ଚଳର ରୂପଧର କହଁର ଗଞ୍ଜେଇ ଚାଲାଣ ଅଭିଯୋଗରେ ଫୁଲବାଣୀ ଜେଲରେ ଅଛନ୍ତି। ତାଙ୍କ ପରିସ୍ଥିତି ଭଲ ନ ଥିବାରୁ ପିଲାମାନଙ୍କ ସୁବିଧା ଲାଗି ସେ ମଧ୍ୟ ସମାନ ଅଭିଯୋଗ କରିଥିଲେ। ତାଙ୍କ ପିଲାମାନଙ୍କୁ ମଧ୍ୟ ସାଧନ କେନ୍ଦ୍ରରେ ରଖାଯାଇଛି। ଅନୁରୁପ ଭାବେ ପବିଙ୍ଗିଆ ଅଞ୍ଚଳର ସୁନିଲ ଦିଗାଲ ୨୦୧୯ରେ ପୋକସୋ କେସରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ତାଙ୍କ ପିଲା କିପରି ଭଲରେ ରହି ପଢ଼ି ପାରିବେ ସେ ନେଇ ସମାନ ଅଭିଯୋଗ କରିଥିଲେ। ତାଙ୍କ ପିଲାମାନଙ୍କୁ ସାରଙ୍ଗଡ଼ଠାରେ ଥିବା ବିକାଶ ପରିଷଦରେ ରଖାଯାଇଛି। ସେଠାରେ ଖାଇବା, ପାଠ ପଢାର ସମସ୍ତ ସୁବିଧା ଦିଆଯିବ। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନିଆ ଯାଇଥିବା ଏହି ପଦକ୍ଷେପକୁ ସବୁଠି ପ୍ରଶଂସା କରାଯାଇଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଦିଗପହଣ୍ଡି,୨୬।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପେଣ୍ଠ ଗ୍ରାମର ବୟୋଜ୍ୟେଷ୍ଠ ପୁରୋହିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିଭୂଷଣ କର(୮୭ )ଙ୍କ ଶନିବାର ସକାଳେ ପରଲୋକ ହୋଇଛି। ପ୍ରଧାନ ଶିକ୍ଷକ ଜଣେ ପଣ୍ଡିତ, ପୁରୋହିତ, ଆଦର୍ଶ ଶିକ୍ଷକ, ଆୟୁର୍ବେଦ ବିଶାରଦ, କୃଷକ ନେତା, ସାମାଜିକ କର୍ମୀ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ବେଶ ଜଣାଶୁଣା ଥିଲେ। ଘୋଡାହାଡ ଜଳସେଚନ ପ୍ରକଳ୍ପ ଅଧିନ ପାଣିପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ଜଳ ପରିଚାଳନା କ୍ଷେତ୍ରରେ ଆଦର୍ଶ କାର୍ଯ୍ୟ କରି ସେ ରାଜ୍ୟ ସରକାରଙ୍କଠାରୁ ପୁରସ୍କାର ଲାଭ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଜେଷ୍ଠ ପୁତ୍ର ଗବେଷକ ଡଃ ଅନନ୍ତରାମ କର କୌଣ୍ଡିନ୍ୟ, ପୁତ୍ରବଧୂ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବାସିନୀ ଷଡ଼ଙ୍ଗୀ, ମଧ୍ୟମ ପୁତ୍ର ଅଜିତ କୁମାର କର, କନିଷ୍ଠ ପୁତ୍ର ଅକ୍ଷୟ କୁମାର କର ଏବଂ ଦୁଇ କନ୍ୟା ତମାଳ ପଣ୍ଡା, ହଜାରୀ କୁମାରୀ ମିଶ୍ର ଉପସ୍ଥିତ ଥିଲେ। ଶ୍ମଶାନ ଅଭିମୁଖେ ମୃତଦେହ ଶୋଭାଯାତ୍ରାରେ ନିମଖଣ୍ଡି ପେଣ୍ଠ ଗ୍ରାମ ସମେତ ଆଖ ପାଖ ଅଞ୍ଚଳର ଶତାଧିକ ବ୍ୟକ୍ତି , ଶିଷ୍ୟ ବର୍ଗ ଓ ପୁରାତନ ଛାତ୍ର ଯୋଗ ଦେଇଥିଲେ।


ଶଶିଭୂଷଣ କର


କନ୍ଧମାଳ ଜିଲା ଫୁଲବାଣୀ ସହରର କାଉଡ଼ିଆମାନେ ଶ୍ରାବଣରେ ଶିବଙ୍କ ପାଖରେ ଜଳାଭିଷେକ କରିବା ପାଇଁ ଏକ ଗଦାକୁ ଧରି ପାଣି ନେଇ ଚକାପାଦ ବିରୁପାକ୍ଷ ମନ୍ଦିରକୁ ଯାଉଛନ୍ତି। ଫଟୋ: ରାକେଶ କୁମାର ରାଉତ।

# ସୀମାନ୍ତ ଚାଟୁଆ ପଞ୍ଚାୟତରେ ୭ ଆଇଏଏସ୍ ପ୍ରୋବେଶନର

ନନ୍ଦପୁର, ୨୬।୮(ଶଙ୍କର ପୂଜାରୀ)

ମସୁରିସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନରୁ ୧୪ ଜଣ ଆଇଏଏସ ପ୍ରୋବେସନାରୀ କୋରାପୁଟ ଜିଲାର ଦୁଇ ବ୍ଲକ ନନ୍ଦପୁର ଓ ବୈପାରିଗୁଡା ବ୍ଲକକୁ ୭ ଦିନିଆ ଶିକ୍ଷଣୀୟ ପରିଦର୍ଶନରେ ଆସି ଶନିବାର ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ନନ୍ଦପୁର ବ୍ଲକର ଆନ୍ଧ୍ର ସୀମାନ୍ତ ଚାଟୁଆ ପଞ୍ଚାୟତ ଓ ୭ଜଣ ବୈପାରିଗୁଡ଼ା ବ୍ଲକର ଦୁର୍ଗମ ରାମଗିରି ପଞ୍ଚାୟତକୁ ଶିକ୍ଷଣୀୟ ପରିଦର୍ଶନ କରିବେ। ଶନିବାର ସୀମାନ୍ତ ଚାଟୁଆରେ ପହଞ୍ଚିବା ପରେ ସମସ୍ତଙ୍କୁ ନନ୍ଦପୁର ବ୍ଲକ ଓ ଚାଟୁଆ ପଞ୍ଚାୟତ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରା, ଚାଟୁଆ ସରପଞ୍ଚ ମଣିମା ପାଙ୍ଗି, ସମିତିସଭ୍ୟ କୃଷ୍ଣ ପାଙ୍ଗି, ପିଇଓ, ଜିଆରଏସ ହରିଶ୍ଚନ୍ଦ୍ର ଖରାଙ୍କ ସମେତ ଅନ୍ୟମାନେ ପସ୍ଥିତ ଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଆଦିବାସୀ ବାଦ୍ୟ ଓ ନାଚ ଗୀତରେ ସେମାନଙ୍କୁ ସ୍ୱାଗତ କରି ଚାଟୁଆ ଫରେଷ୍ଟ ଗେଷ୍ଟ ହାଉସକୁ ପାଛୋଟି ନେଇଥିଲେ। ଏହାରେ ଜିଲା ଓ ବ୍ଲକ ପ୍ରଶାସନ ଦ୍ୱାରା ସେମାନଙ୍କ ସାତଦିନିଆ ରହଣି ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ୭ଜଣିଆ ଦଳ ବିଭିନ୍ନ ଦଳରେ ବିଭକ୍ତ ହୋଇ ପଞ୍ଚାୟତର ସମସ୍ତ ଗ୍ରାମ ପରିଦର୍ଶନ କରି ବିଭିନ୍ନ ବିଭାଗର କାର୍ଯ୍ୟ ଅନୁଧ୍ୟାନ କରିବେ। ଯାହାକୁ ପରବର୍ତ୍ତୀ ସମୟେ ଜିଲା ପ୍ରଶାସନ ସମେତ ନିଜ ଏକାଡେମିରେ ଉପସ୍ଥାପନ କରିବେ ବୋଲି ଏହି ପ୍ରୋବେସନାରୀ ଅଧିକାରୀମାନେ କହିଛନ୍ତି। ଚାଟୁଆ ପଞ୍ଚାୟତ ଆସିଥିବା ଦଳରେ ଆଇଏଏସ ପ୍ରୋବେସନାରୀ ଆକନସା ଜୈନ, ୟୁଏସଏଲ ରାମାନି ୟେରମସେଟି, ବିକ୍ରମ ଅହିରୱାର, ରଭି କୁମାର ମୀନା, ମହେଶ କୁମାର କାମତାମ, ନାରାୟଣ ଶ୍ରୀ ତିୱାରି, ଅର୍ଚ୍ଚିତା ଗୋଏଲ ରହିଛନ୍ତି। ପଞ୍ଚାୟତର ବାସ୍ତବ ସ୍ଥିତି ସମ୍ପର୍କରେ ରବିବାର ପ୍ରୋବେସନାରୀ ଅଧିକାରୀଙ୍କୁ ନନ୍ଦପୁର ବ୍ଲକ ପ୍ରଶାସନିକ ଅଧିକାରୀମାନେ ଭେଟି ନିଜ ନିଜ ବିଭାଗ ସମ୍ପର୍କରେ ଅବଗତ କରିବେ ବୋଲି ଜଣାପଡିଛି।


ଚାଟୁଆରେ ପହଞ୍ଚିଥିବା ଆଇଏଏସ ପ୍ରୋବେସନାରୀ ଟିମ୍।

# ୧୫ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ମାଣ୍ଡିଆ ପେଷା ମେଶିନ

ପଟ୍ଟାଙ୍ଗି,୨୬।୮(ଶରତ ଧଳ)

ମହିଳାମାନେ କିପରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରିବେ ଏହାକୁ ଲକ୍ଷ୍ୟ କରି ସରକାରୀ ସ୍ତରରେ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏବେ ଚାଷୀଙ୍କ ଦ୍ୱାରା ଅମଳ ହେଉଥିବା ମାଣ୍ଡିଆ କିପରି ଗ୍ରାମରେ ପେଷା ହୋଇ ଖାଦ୍ୟ ପ୍ରସ୍ତୁତ କରିବାରେ ସୁବିଧା ହୋଇପାରିବ ସେନେଇ କୋରାପୁଟ ଜିଲା ପଟ୍ଟାଙ୍ଗି କୃଷି ବିଭାଗ ପକ୍ଷରୁ ଆତ୍ମା କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ବ୍ଲକ କୃଷି ଅଧିକାରୀ ଅଭିମନ୍ୟୁ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ସଦସ୍ୟାଙ୍କୁ ମାଣ୍ଡିଆ ପେଷା ମେଶିନ ପ୍ରଦାନ କରାଯାଇଥିଲା। ବ୍ଲକର ୧୫ଟି ଏସ୍‌ଏଚଜି ସଦସ୍ୟାଙ୍କୁ ଗୋଟିଏ ଲେଖାଏ ମାଣ୍ଡିଆ ପେଷା ମେଶିନ ୧୫ଟି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସରପଞ୍ଚ ଆଲମେ ଫୁଲ, ବିଡିଓ ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଏସ୍‌ଏଚଜି ସଦସ୍ୟାମାନେ ଉକ୍ତ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କିପରି କରି ପାରିବେ ସେନେଇ ସେମାନଙ୍କୁ ବୁଝାଇଲେ । ଏଥିସହିତ ମାଣ୍ଡିଆ ପେଶିବା ପାଇଁ ସେମାନେ କିଲୋ ପିଛା କେତେ ଟଙ୍କା ନେବେ ତାହା ସେମାନେ ବୈଠକ କରି ଧାର୍ଯ୍ୟ କରିବେ ବୋଲି ବିଡିଓ ପରାମର୍ଶ ଦେଇଥିଲେ।



ଅତିଥିଙ୍କ ସହ ମାଣ୍ଡିଆ ପେଷା ମେଶିନ ପାଇଥିବା ଏସ୍‌ଏଚଜି ସଦସ୍ୟାମାନେ।

# ଶୀତଳ ଭଣ୍ଡାରରେ ନୂଆ ସବ୍ ରେଜିଷ୍ଟ୍ରାର ଅଫିସ୍

ବୈପାରିଗୁଡ଼ା,୨୬।୮(କଳ୍ପତରୁ ମହାନ୍ତ)

ବର୍ଷକ ତଳେ ରାଜ୍ୟରେ ମୋଟ ୧୨୯ଟି ସବ୍ ରେଜିଷ୍ଟ୍ରେଶନ ଅଫିସ୍ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରୁ କୋରାପୁଟ ଜିଲାର ବୈପାରିଗୁଡ଼ା ସହ ବନ୍ଧୁଗାଁ, ଦଶମନ୍ତପୁର, କୁନ୍ଦୁରା, ନାରାୟଣପାଟଣା, ନନ୍ଦପୁର, ସେମିଳିଗୁଡ଼ା ଆଦି ତହସିଲ ଅଫିସ୍‌ରେ ସବ୍ ରେଜିଷ୍ଟ୍ରେଶନ ଅଫିସ୍ ଖୋଲାଯିବାକୁ ପ୍ରସ୍ତାବ ଥିଲା। ଏଣିକି ଜମିଜମା ପଞ୍ଜୀକରଣ ସହ ଅନ୍ୟାନ୍ୟ କାର୍ଯ୍ୟ ସୁବିଧାରେ ଉପଲବ୍ଧ ହୋଇପାରିବ ବୋଲି ଏନେଇ ସାଧାରଣ ଲୋକେ ଖୁସି ପ୍ରକାଶ କରିଥିଲେ । ମାତ୍ର ଏହି ବ୍ୟବସ୍ଥା ଉପରୋକ୍ତ ସ୍ଥାନଗୁଡ଼ିକରେ ଏ ଯାଏ କାର୍ଯ୍ୟକାରୀ ହୋଇନାହିଁ। ଜିଲାର କୋରାପୁଟ, ଜୟପୁର, କୋଟପାଡ, ଲମତାପୁଟ ଓ ପଟ୍ଟାଙ୍ଗିରେ ସବ୍ ରେଜିଷ୍ଟ୍ରାର ଅଫିସ୍ ରହିଛି। ବୈପାରିଗୁଡ଼ା ଓ କୁନ୍ଦୁରା ବ୍ଲକ ଲୋକଙ୍କୁ ଜମି ରେଜିଷ୍ଟ୍ରେଶନ ପାଇଁ ଜୟପୁର ଯିବାକୁ ପଡୁଛି। ଦୂରଦୂରାନ୍ତ ଅଞ୍ଚଳର ଆଦିବାସୀ ଲୋକେ ଜୟପୁର ସବ୍ ରେଜିଷ୍ଟ୍ରେଶନ ଅଫିସ୍‌ରେ ଏଥିପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ରହୁଛନ୍ତି। ଅନେକ ସମୟରେ ସେମାନେ ଦଲାଲଙ୍କ ହାବୁଡ଼ରେ ପଡ଼ି ଶୋଷଣର ଶିକାର ହେଉଛନ୍ତି। ଅନେକ ଆଦିବାସୀ ଲୋକ ସାଦା କାଗଜରେ ରେଭେନ୍ୟୁ ଷ୍ଟାମ୍ପ ଉପରେ ଦସ୍ତଖତକରି ଜମିବଡ଼ି କାରବାର କରୁଥିବା ମଧ୍ୟ ନଜରକୁ ଆସୁଛି। ଏଠାରେ ସୂଚନାଯୋଗ୍ୟ, ରାଜ୍ୟ ନିବନ୍ଧନ ମହାନିରୀକ୍ଷକ ଜ୍ୟୋତି ପ୍ରକାଶ ଦାସ ତାଙ୍କ ପତ୍ର ସଂଖ୍ୟା ୨୮୫୮,


Government of Odisha
Board of Revenue, Odisha, Cuttack
(Registration Wing)

From
Sri Jyotiprakash Das I.A.S.
Inspector General of Registration,
Odisha, Cuttack

To
All the ADM-cum-DRs of the State
All the District Sub-Registrars / Sub-Registrar(s) of the State

Sub: Opening of new Sub-Registrar Office to make them co-terminus with Tahasils office

Yours faithfully,
Inspector General of Registration,
Odisha, Cuttack

Inspector General of Registration,
Odisha, Cuttack

ନିବନ୍ଧନ ମହାନିରୀକ୍ଷକଙ୍କ ଚିଠିର ନକଲ।

## ଜମିବାଡ଼ି ପଞ୍ଜୀକରଣ ନେଇ ହନ୍ତସନ୍ତ ହେଉଛନ୍ତି ଲୋକେ

ତା ୨୭।୭।୨୦୨୨ରେ ଏ ନେଇ ଏଡିଏମ୍ ପ୍ରତି ଜିଲା ସବ୍‌ରେଜିଷ୍ଟ୍ରାର ଓ ସବ୍ ରେଜିଷ୍ଟ୍ରାରଙ୍କୁ ଅବଗତ କରାଇ ଏ ସମ୍ପର୍କିତ ସମସ୍ତ ଆବଶ୍ୟକ ତଥ୍ୟ ସପ୍ତାହକ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କୋରାପୁଟ ଏଡିଏମ୍ ସୋମନାଥ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଏହା ଏବେ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି। ନିର୍ଦ୍ଦେଶ ଆସିଲେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ଅଗଷ୍ଟ, ୨୦୨୩



**ସାଂସ୍କୃତିକ ପରିଷଦ ପରିଚାଳନା କମିଟି ପୁନର୍ଗଠିତ**

**ରାହାମା,(ଶ୍ରୀକାନ୍ତ ଦାସ ):** କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଅନ୍ତର୍ଗତ ଚନ୍ଦାପଟ ହାଟରେ ସାର୍ବଜନୀନ ମା'ଦୁର୍ଗା ପୂଜା ସାଂସ୍କୃତିକ ପରିଷଦର ପୁରାତନ କମିଟିକୁ ପୁନର୍ଗଠନ କରାଯାଇଛି। ଉକ୍ତ ବୈଠକରେ ସାମାଜିକ କର୍ମୀ ପ୍ରତାପଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ପ୍ରତାପଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରଜକିଶୋର ମହାରାଜ କାର୍ଯ୍ୟକାରୀ ସଭାପତି, ମହେଶ୍ୱର ରାଉତ ଉପସଭାପତି, ଦୁର୍ଗା ଚରଣ ମୁଦୁଲି ସାଧାରଣ ସମ୍ପାଦକ, ରାଜେନ୍ଦ୍ର କୁମାର ସାହୁ ସମ୍ପାଦକ, ମାଗୁଚରଣ ଜେନା ଯୁଗ୍ମ ସମ୍ପାଦକ, ରଞ୍ଜନ କୁମାର ଲେଙ୍କା କୋଷାଧକ୍ଷ, ଓ ନିରଞ୍ଜନ ଚାନ୍ଦଙ୍କୁ ଅର୍ଥ ପରାମର୍ଶଦାତାଭାବେ ମନୋନୀତ କରାଯାଇଛି।

# ହ୍ରାସପାଉଛି ପ୍ରାଣୀଧନ ସଂଖ୍ୟା

କେନ୍ଦ୍ରାପଡ଼ା,୨୬।୮ (ଜଗନ୍ନାଥ ଧଳ)

■ ଜବରଦଖଲକାରୀଙ୍କ କବ୍‌ଜାରେ ଗୋଚର ଜମି
■ ଅର୍ଥନୀତି ଓ ପରିବେଶ ଉପରେ ପକାଉଛି ପ୍ରଭାବ
■ ପ୍ରାଣୀ ଚିକିତ୍ସାଳୟ ଖୋଲିବାରେ ଅନିୟମିତତା

ପ୍ରାଣୀଧନ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ କୃଷି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ସହ ଅର୍ଥ ବ୍ୟୟ କରାଯାଉଛି । ମାତ୍ର କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ । ଗୋଚର ଜମି ଜବରଦଖଲକାରୀଙ୍କ ନିକଟକୁ ଚାଲି ଯାଉଥିବା ବେଳେ ପ୍ରାଣୀ ଚିକିତ୍ସାଳୟ ପ୍ରାଣୀଧନ ଚିକିତ୍ସାରେ ଅବହେଳା କରୁଛନ୍ତି, ଯାହା ଜିଲାର ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପକାଉଛି ବୋଲି ବୁଦ୍ଧିଜୀବୀ ଓ ଚାଷୀ ମତ ଦେଇଛନ୍ତି।

୨୦୦୦ ମସିହାର ଗୃହପାଳିତ ପଶୁପକ୍ଷୀଙ୍କ ତଥ୍ୟ ଅନୁଯାୟୀ ଜିଲାରେ ୯,୨୪,୩୯୬ ଗୋମହିଷାଦି, ୧,୨୪,୫୯୦ ଛେଳି, ୩୮,୮୮୬ ମେଣ୍ଢା ଓ ୧,୩୮,୫୦୦ କୁକୁଡ଼ା ବତକ ଥିବାବେଳେ ୨୦୧୨ରେ ୩,୬୫,୮୯୦ ଗୋମହିଷାଦି, ୧,୦୭,୮୨୯ ଛେଳି, ୧୪,୮୮୫ ମେଣ୍ଢା ଓ ୧,୩୦,୮୨୯ କୁକୁଡ଼ା ବତକ ଥିଲେ । ସଦ୍ୟ ତଥ୍ୟ ଅନୁଯାୟୀ ୧୨ ପ୍ରତିଶତରୁ ଅଧିକ ପଶୁଧନ ହ୍ରାସ ପାଇଛନ୍ତି । ଜିଲାର ୩,୨୧,୯୩୪ ପରିବାର ମଧ୍ୟରୁ ଗ୍ରାମାଞ୍ଚଳରେ ରହୁଥିବା ୩,୦୫,୮୬୮ ପରିବାର ପାଇଁ ଗୃହପାଳିତ ପ୍ରାଣୀ ରୋଜଗାରର ମୁଖ୍ୟ ବିକଳ୍ପ ହୋଇଛି । ଉପରୋକ୍ତ ପରିବାର ପଶୁଧନ ଦ୍ୱାରା ନିଜର ଆର୍ଥିକ ଆବଶ୍ୟକତା କିଛିମାତ୍ରାରେ ପୂରଣ କରିଥାନ୍ତି । ସେହିପରି ପ୍ରାଣୀଧନର ମଳମୂତ୍ର ବ୍ୟବହାର କରି ଚାଷୀ କ୍ଷେତକୁ ଉର୍ବର କରିବା ସହିତ କୀଟନାଶକ ଭାବେ ବ୍ୟବହାର କରିଥାନ୍ତି । ଫଳରେ ପରିବେଶର ସନ୍ତୁଳନ ରକ୍ଷା ପାଇଥାଏ । ୧୯୯୯ ମହାବାତ୍ୟା ପ୍ରାଣୀଧନ ଉପରେ ବିପତ୍ତି ଭାବେ ଉଭା ହୋଇଥିଲା । ଏହା ପରଠାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ପ୍ରାଣୀଧନ ହ୍ରାସ ପ୍ରତି ବିଭାଗୀୟ ଅଧିକାରୀ ଅଧିକ ନଜର ଦେଉନାହାନ୍ତି । ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କୁହନ୍ତି, କେନ୍ଦ୍ରାପଡ଼ାର କୁଜି ମେଣ୍ଢାକୁ ସ୍ୱତନ୍ତ୍ର ମାନ୍ୟତା ୨୦୧୬ରେ ମିଳିଛି । ଏହି ମେଣ୍ଢାର ପ୍ରଜନନ କ୍ଷମତା ଅଧିକ । ଏହାକୁ ପାଳନ ଦ୍ୱାରା ଚାଷୀକୁ ଅଳ୍ପ ଅବଧି ମଧ୍ୟରେ ଅଧିକ ଲାଭ ମିଳିଥାଏ । ତେବେ ଏହି ଧରଣର ମେଣ୍ଢା ପାଇଁ କୌଣସି ପ୍ରୋତ୍ସାହନ ନାହିଁ । ସେହିପରି କୁକୁଡ଼ା, ବତକ ଚାଷ ପାଇଁ ଜିଲାରେ ଉପଯୁକ୍ତ ପରିବେଶ ଅଛି । ମାତ୍ର ତାଲିମ, ପ୍ରୋତ୍ସାହନ, ସଚେତନତା ଆଦି ନାହିଁ । କୃଷିଭିତ୍ତିକ ଏହି ଜିଲାରେ ଗୋ ମହିଷାଦିଙ୍କ ଗୁରୁତ୍ୱ ଅଧିକ । ଫସଲଠାରୁ ଦୁଗ୍ଧଜାତ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଏମାନଙ୍କ ଭୂମିକା ଅତୁଳନୀୟ । ଦୁଗ୍ଧଜାତ ପଦାର୍ଥ ବାହାର ଜିଲାରୁ ଏଠାକୁ ଆସୁଥିବା ବେଳେ ଏମାନଙ୍କ ଚାରଣ ଭୂମି ଏବେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି । ଏସବୁ ବିଭିନ୍ନ ବ୍ୟତିକ୍ରମ ଫଳରେ ପଶୁଧନ ହ୍ରାସ ହେଉଥିବା ସେ ମତ ରଖିଛନ୍ତି । ଡେରାବିଶର ମନୋଜ ନାୟକ କହିଛନ୍ତି, ଓଡ଼ିଆ ସଂସ୍କୃତି ଗୃହପାଳିତ ପଶୁପକ୍ଷୀଙ୍କୁ ଆର୍ଥିକ ବିକାଶ ସହିତ ପରିବେଶ ସୁରକ୍ଷା ସହ ଯୋଡା ଯାଉଥିଲା । କେନ୍ଦ୍ରାପଡ଼ା ପରି ପ୍ରାକୃତିକ ବିପର୍ଯ୍ୟୟଭରା ଏହି ଜିଲାରେ ଏହାର ଗୁରୁତ୍ୱ ମଧ୍ୟ ଅଧିକ । ପ୍ରାଣୀଧନ ଏବେ ପରିବାରର ଭରଣପୋଷଣ ଓ ଚାଲିଚଳଣ ପାଇଁ ଉପଯୋଗୀ ହୋଇ ରହିନାହିଁ । ପ୍ରାୟ ୧ ହଜାର ହେକ୍ଟର ଗୋଚର ଭୂଇଁ ଜବରଦଖଲକାରୀ ମାଡି ବସିଛନ୍ତି । ଏନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଉଦ୍ଧାର ହେଉ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ କୁହନ୍ତି, ଜିଲାର ପ୍ରତି ବ୍ଲକ ହେଡକ୍ୱାର୍ଟର ସମେତ ମୋଟ ୧୪ଟି ପ୍ରାଣୀ ଚିକିତ୍ସାଳୟ ଅଛି । ସେହିପରି ବିଭିନ୍ନ ପଞ୍ଚାୟତରେ ୯୬ଟି ଏଲଆଇ ସେଣ୍ଟର ଅଛି । ତେବେ ଏଗୁଡିକ ନିୟମିତ ଖୋଲୁ ନ ଥିବା ସେ ଅଭିଯୋଗ କରିଛନ୍ତି । ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୀପ୍ତି ମହାପାତ୍ର କହିଛନ୍ତି, ପ୍ରାଣୀଧନ ବିକାଶ ପାଇଁ ବିଭାଗ କାର୍ଯ୍ୟ କରୁଛି । ଜିଲାରେ ବିଭିନ୍ନ ସରକାରୀ ଯୋଜନାକୁ ପ୍ରୋତ୍ସାହନ କାର୍ଯ୍ୟକାରୀ ଯୋଗୁ ପ୍ରାଣୀଧନ ହ୍ରାସ ସଂଖ୍ୟା ପୂର୍ବ ହାରରୁ କମିଥିବା ଡା.ମହାପାତ୍ର କହିଛନ୍ତି ।



ରାଜକନିଆ ଅଞ୍ଚଳର ଜଣେ ମହିଳା ନିଜ ଗାଈକୁ ଖାଇବାକୁ ଦେଉଛନ୍ତି ।

## 'କୁଜଙ୍ଗ ପୋଲିସର କାର୍ଯ୍ୟ ଶୈଳୀ ସାରା ଓଡ଼ିଶା ପାଇଁ ଆଦର୍ଶ'

କୁଜଙ୍ଗ,୨୬।୮ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକର ସନ୍ତରାସ୍ଥିତ ଶିରିଡି ସାଇ ମନ୍ଦିରରେ ପରିଚାଳନ କମିଟି ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟି ପକ୍ଷରୁ କୁହାଯାଇଛି,କୁଜଙ୍ଗ ଥାନାର ନବନିଯୁକ୍ତ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ଯୁବ ପୋଲିସ ଅଧିକାରୀମାନେ ଚୋରି, ରାହାଜାନି, ଡକାୟତି, ନିଶା କାରବାର ଓ ଅନ୍ୟାନ୍ୟ ଅପରାଧ ରୋକିବା ପାଇଁ ଯେଉଁଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ପ୍ରଶଂସାଯୋଗ୍ୟ। ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିଲେ କୁଜଙ୍ଗ ପୋଲିସର କାର୍ଯ୍ୟଶୈଳୀ ସାରା ଓଡିଶା ପାଇଁ ଆଦର୍ଶ ହେବ। ଏହି ସମ୍ମିଳନୀରେ କମିଟି ଉପସଭାପତି ଖଗେଶ୍ୱର ସାହୁ, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସଭ୍ୟ ସୁକାନ୍ତ ପରିଡା ପ୍ରମୁଖ ଯୋଗଦେଇ ପ୍ରକାଶ କରିଛନ୍ତି, ବ୍ରାଉନସୁଗାର କବଳରେ ପଡ଼ି ଯୁବଶକ୍ତିମାନେ ଦିଗହରା ହୋଇପଡୁଛନ୍ତି। ମାତ୍ର କୁଜଙ୍ଗ ଥାନା ପକ୍ଷରୁ ଏବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶିରିଡି ସାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସମେତ ଚୋରି ଟଙ୍କାକୁ ଉଦ୍ଧାର କରାଯିବା ସହ ୨ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଛି। ଏନେଇ କମିଟି ତରଫରୁ କୁଜଙ୍ଗ ପୋଲିସକୁ ଧନ୍ୟବାଦ ଦିଆଯାଇଥିଲା। ଏହି ପରିପେକ୍ଷୀରେ ଜନସାଧାରଣ ପୋଲିସର ବନ୍ଧୁ ହୋଇ ସହଯୋଗକଲେ ସମାଜରୁ ସମସ୍ତ ବ୍ୟଭିଚାର ହଟିବ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ଶ୍ରମିକନେତା ନିର୍ଭୟ ସାମନ୍ତରାୟ, ସଞ୍ଜୟ ସାମନ୍ତରାୟ ଓ ଅମିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ମନ୍ଦିର ପରିଚାଳନା କମିଟି ସଦସ୍ୟ।

## ବାରହା-ଦୋମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ



ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଭାଜପା କର୍ମୀ ।

ରାଜକନିକା,୨୬।୮ (ସଞ୍ଜୟ କୁମାର ଦାଶ)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ରାଜ୍ୟବ୍ୟାପୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣ ଆନ୍ଦୋଳନ କରୁଛି । ଶନିବାର ରାଜକନିକା ବ୍ଲକର ବାରହା-ଦୋମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟକୁ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା ଏଥିରେ ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମିରଞ୍ଜନ ବେହୁରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରତସୁନ୍ଦର ଭୂୟାଁ, ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲ, ଯଜାତି ପଟ୍ଟନାୟକ, ବିଜୁଶ୍ରୀ ବିଜୟା ପଟ୍ଟନାୟକ, ଆଶାଲତା ପଟ୍ଟନାୟକ, ବେଣୁଧର ପରିଡ଼ାଙ୍କ ସମେତ ଶତାଧିକ ଭଜପା କର୍ମୀ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଆନ୍ଦୋଳନ କରି ରାଜ୍ୟ ସରକାର ଆବାସ ଯୋଜନା, ମଧୁବାବୁ ପେନସନ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସୁଥିବା ଅର୍ଥକୁ ଦଳୀୟ ଭିତ୍ତିରେ ବାଣ୍ଟାଯାଉଥିବା ଅଭିଯୋଗ କରିଥିଲେ । ପ୍ରକୃତରେ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହୋଇଥିବା କହିଛନ୍ତି । ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଏହା ଏକ ବଡ ଆନ୍ଦୋଳନରେ ପରିଣତ ହେବ ବୋଲି ଉପସ୍ଥିତ ଭାଜପା ନେତୃମଣ୍ଡଳୀ କହିଛନ୍ତି ।

## ବଜରଙ୍ଗ ଦଳ ପକ୍ଷରୁ ଭାରତ ସଂକଳ୍ପ ଦିବସ ବୈଠକ

ରାଜନଗର,୨୬।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସଦରମହକୁମାରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଅଖଣ୍ଡ ଭାରତ ସଂକଳ୍ପ ସାପ୍ତାହିକ ଦିବସ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ପ୍ରଖଣ୍ଡ ସଭାପତି ସରୋଜ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ବିଶ୍ୱନାଥ ପାତ୍ର ଓ ରାଜ୍ୟ ସମ୍ପାଦକ ଦିନବନ୍ଧୁ ସିଂ ପ୍ରମୁଖ ଉପସ୍ଥିତ ରହି ରାଜ୍ୟରେ ଚାଲିଥିବା ଗୋଚାଲାଣ ଏବଂ ବାଲାଂଦେଶୀ ଅନୁପ୍ରବେଶକାରୀ ହିନ୍ଦୁ ଧର୍ମର ସଂସ୍କୃତି ଏବଂ ସଭ୍ୟତା କେମିତି ରଖାଯାଇପାରବ ଓ ଲଭ୍ ଜିହାଦ୍ ରୋକାଯାଇ ପାରିବ, ଏହା ଉପରେ ମତ ରଖିଥିଲେ। ଏହି ବୈଠକରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜନଗର ପ୍ରଖଣ୍ଡ ଉପସଭାପତି ଶଙ୍କର କୁଣ୍ଡ, ଶିବାନନ୍ଦ ନାୟକ, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର କୁଣ୍ଡ, ସହସଂଯୋଜକ ଦୀପକ ସ୍ୱାଇଁ, କ୍ରୀଷ୍ଣା ପ୍ରଧାନ, ବିଶ୍ୱନାଥ ବେହେରା, ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଭାଜପା ପକ୍ଷରୁ ଭୋଟର ସଚେତନତା

ରାଜନଗର,୨୬।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ୩୨ନଂ. ଜୋନର ବାଘମାରୀଠାରେ ଭାଜପା ପକ୍ଷରୁ ଏକ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମନ କି ବାତ୍ ଜିଲା ସଂଯୋଜକ ଅଜୟ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ଶିବିରରେ ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ବେହେରା, ରାଜ କିଶୋର ସାହୁ, ତପନ ମଣ୍ଡଳ, ଅମର ମଣ୍ଡଳ, ଅଶୋକ ଜେନା, ପରମେଶ୍ୱର ତରଫଦାର, ପ୍ରକାଶ ମଣ୍ଡଳ, ରମେଶ ଭୂୟାଁ, ଶୁକଦେବ ପ୍ରଧାନ, କୃତିବାସ ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ଶିକ୍ଷଣ ସାମଗ୍ରୀ ଶିକ୍ଷା ଆହରଣର ଏକ ବଳିଷ୍ଠ ମାଧ୍ୟମ

### ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ପର୍କିତ ମେଳା

ରଘୁନାଥପୁର,୨୬।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ମହେଶ୍ୱର ଉଚ୍ଚ ବିଦ୍ୟାଳୟ ଗୁଆଲିପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ରାଧାନଗର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଶନିବାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସାଧନ କେନ୍ଦ୍ର ସଂଯୋଜିକା ସୋନା ମହାନ୍ତି ପୌରୋହିତ୍ୟ କରିଥିଲେ। ଜଗତ୍‌ସିଂହପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଜ୍ୟୋସ୍ନାରାଣୀ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ ଶିକ୍ଷାଦାନ କ୍ଷେତ୍ରରେ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଦାଶ ଶିକ୍ଷଣ ସାମଗ୍ରୀ ବ୍ୟବହାରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ପିଲାମାନେ ଚିତ୍ର କିମ୍ବା ହାତତିଆରି ଯେକୌଣସି ସାମଗ୍ରୀକୁ ଅବଲୋକନ କରି ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିପାରିବେ ବୋଲି କହିଥିଲେ। ସେଥିପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଯଥେଷ୍ଟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଶିକ୍ଷଣ ସାମଗ୍ରୀ ପିଲାମାନଙ୍କ ଶିକ୍ଷା ଆହରଣ ପାଇଁ ବଳିଷ୍ଠ ମାଧ୍ୟମ ବୋଲି ସ୍ଥାନୀୟ ସରପଞ୍ଚ ମନଜିନୀ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ। ଅତ୍ୟାଧୁନିକ ଶିକ୍ଷଣ ସାମଗ୍ରୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାଧନ କେନ୍ଦ୍ରର ସଂଯୋଜିକା ମହାନ୍ତି ବିଦ୍ୟାଳୟରେ ଏକ ପ୍ରୋଜେକ୍ଟର ଲଗାଯିବା ପାଇଁ ନିଜସ୍ୱ ପାଣ୍ଠିରୁ ୫ ହଜାର ଟଙ୍କା ଏବଂ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ସରପଞ୍ଚ ସାହୁ ୧୪ ଶହ ଟଙ୍କା ଏହିପରି ମୋଟ ୬ ହଜାର ୪ ଶହ ଟଙ୍କା ମୋ ସ୍କୁଲ ପାଣ୍ଠିକୁ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନେ ମେଳାକୁ ଆସିଥିବା ସାମଗ୍ରୀଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁଦାନନ୍ଦ ପଟ୍ଟନାୟକ,ସଭ୍ୟ ରାଧୁ ସେଠୀ ସ୍ଥାନୀୟ ସମିତି ସଭ୍ୟ କମଳାକାନ୍ତ ପରିଡା, ଶିକ୍ଷକ ଉମେଶ କୁମାର ନାୟକ, ମେନକା ସାହୁ, କବିତା ମୁଦୁଲି, ରଞ୍ଜନ କୁମାର ଦାସ,ସୋନାଲି ପ୍ରିୟଦର୍ଶନୀ ବିଶ୍ୱାଳ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ,ଏଫ୍‌ଏଲ୍‌ଏନ୍ ଦାୟିତ୍ୱରେ ଥିବା ଶିକ୍ଷକ ଓ ପ୍ରଫେସନାଲ ଲର୍ନିଂ କମ୍ୟୁନିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଇଁ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

## ଚଣ୍ଡିଆଗଡି ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଆଳି,୨୬।୮ (ବନମାଳୀ ସେନାପତି)

ଆଳିରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ଲୁଟେରାମାନଙ୍କ ଲୋଲୁପ ଦୃଷ୍ଟି ପଡିଥିବା ଦେଖିବାକୁ ମିଳିଛି । ଶୁକ୍ରବାର ରାତିରେ ଆଳି ଥାନା ଅନ୍ତର୍ଗତ ଚଣ୍ଡିଆଗଡି ପଞ୍ଚାୟତ କାର୍ଯ୍ୟାଳୟରୁ ଲୁଟେରାମାନେ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିବା ଆଳି ଥାନାରେ ସରପଞ୍ଚ ସନାତନ ସାହୁ ଅଭିଯୋଗ କରିଛନ୍ତି। ସରପଞ୍ଚ ସାହୁ କରିଥିବା ଅଭିଯୋଗ ମୁତାବକ ଗତ ଶୁକ୍ରବାର ସେ ପଞ୍ଚାୟତ କାର୍ଯ୍ୟ ସାରି କାର୍ଯ୍ୟାଳୟରେ ତାଲା ପକାଇଥିଲେ । ଅପରାହ୍ନରେ ପାଣି ପମ୍ପ ଚଳାଇବା ପରେ ପମ୍ପ ହାଉସରେ ମଧ୍ୟ ତାଲା ପକାଇଥିଲେ । କିନ୍ତୁ ଶନିବାର ସକାଳୁ ପାଣି ଚଳାଇବାକୁ ଯିବା ବେଳେ ପମ୍ପ ଘର ତଡା ହୋଇ ଅନେକ ସାମଗ୍ରୀ ଲୁଟ ହୋଇଥିଲା । ପଞ୍ଚାୟତ କାର୍ଯ୍ୟାଳୟ ତଡା ହୋଇ କମ୍ପ୍ୟୁଟର ସାମଗ୍ରୀ ସମେତ ୨୦ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ଚେୟାର ଚୋରୀ ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେ ଆଳି ଥାନାକୁ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଭୂଇଁପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ କଳସପୁର ଗ୍ରାମରୁ ବିଦ୍ୟୁତ ଖୁଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ବେଳେ ପୋଲିସ ଲୁଟେରାଙ୍କୁ କାବୁ କରିଥିଲା। ଆଳି ଉଠା ଜଳସେଚନ ବିଭାଗ ଷ୍ଟୋର ରୁମରୁ ଜଣେ ଯୁବକ ଅନେକ ଯନ୍ତ୍ରପାତି ଟ୍ରଲିରେ ନେଉଥିବା ବେଳେ ସ୍ଥାନୀୟ ଲୋକ ଅଟକ ରଖି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ଅଭିଯୋଗ କରିବା ପରେ ପୋଲିସ ଯୁବକଙ୍କୁ ଗିରଫ କରିଥିଲା ।

## ରାଜକନିକା ବିଜେଡି ମହିଳା ସଭାପତି ହେଲେ ସଂଯୁକ୍ତା ଶତପଥୀ

ରାଜକନିକା,୨୬।୮ (ସଞ୍ଜୟ କୁମାର ଦାଶ)

ଆଳି ନିର୍ବାଚନମଣ୍ଡଳୀ ରାଜକନିକା ବ୍ଲକର ସଂଯୁକ୍ତା ଶତପଥୀଙ୍କୁ ବିଜୁ ମହିଳା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଉପସଭାପତି ଭାବେ ମଧୁସ୍ମିତା ରାଉତ, ଅନୁସୂୟା ବେହେରା, ପ୍ରମିଳା ବେହେରା ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ୩ ଜଣଙ୍କୁ ମନୋନୀତ କରାଯାଇଛି । ସେହିପରି କୋଷାଧ୍ୟକ୍ଷ ଭାବେ ଶାନ୍ତିଲତା ରାଉତ ଓ ଡିଜିଟାଲ ମିଡ଼ିଆ ଦାୟିତ୍ୱରେ ରାଜଲକ୍ଷ୍ମୀ ଶତପଥୀ, ବିଳାସିନୀ ପରିଡ଼ାଙ୍କୁ ନିଯୁକ୍ତି ମିଳିଛି । ଏହି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଳି ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରାଜନଗର,୨୬।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡାଙ୍ଗନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୬ ବିଦ୍ୟାଳୟର ଶାରୀରିକ ଶିକ୍ଷା ଓ ଶିକ୍ଷକମାନଙ୍କୁ ନେଇ ୩ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଜୋନାଲ ସମ୍ପାଦକ ସୀତାକାନ୍ତ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ମମତା ରାଉତ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ କ୍ରୀଡ଼ାର ଉପକାରିତା ଓ ଭବିଷ୍ୟତ ଗଠନରେ ଏହାର ପ୍ରମୁଖ ଭୂମିକା ସମ୍ପର୍କରେ କହିଥିଲେ। ୨ଜଣ ପ୍ରଶିକ୍ଷକ ଜ୍ଞାନ ରଞ୍ଜନ ପ୍ରଧାନ ଓ ସୋମନାଥ ସାମଲ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷକ ରଞ୍ଜନ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲିଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାରେ ବଢୁଛି ଚୋରା, ନକଲି ମଦ କାରବାର

ଜଗତ୍‌ସିଂହପୁର, ୨୬।୮ (ପ୍ରମୋଦ କୁମାର ନାୟକ)

■ ଦୋକାନ ସମ୍ମୁଖରେ ମଦ୍ୟପଙ୍କ ଆସର
■ ମାସିକିଆ ଚାନ୍ଦା ନେଇ ବିଭାଗୀୟ କର୍ମଚାରୀ ଚୁପ୍

ଜଗତ୍‌ସିଂହପୁର ଜିଲାରେ ଚୋରା ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରଠାରୁ ଗାଁ ପର୍ଯ୍ୟନ୍ତ ଚାରିଆଡେ ଏହି ର୍‌ୟାକେଟ୍ ତାର କାୟା ବସ୍ତାର କରି ଚାଲିଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଚୋରା ବେପାରୀ ମାଷ୍ଟର ମାଇଣ୍ଡ ଥିବା କୁହାଯାଉଛି । ଏପରି କି କେତେକ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ଖୁଲମଖୁଲା ମଦର ଆସର ଜମୁଛି। ହେଲେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। କେବଳ ଏତିକି ନୁହେଁ ନକଲି ମଦ କାରବାର ମଧ ଚିନ୍ତା ବଢ଼ାଇଲାଣି। ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏବେଠାରୁ ଅବକାରୀ ବିଭାଗ ଓ ପୋଲିସ ଦାୟିତ୍ୱବାନ ନ ହେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ନିଶା ସେବନରୁ ଦୂରେଇ ରହିବାକୁ ସରକାରୀ ଓ ବେସରକାରୀ ଭାବେ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। ବର୍ଷ ବର୍ଷ ଧରି ସଚେତନତା କାର୍ଯ୍ୟକ୍ରମ ଚାଲିଛି। କିନ୍ତୁ ଏହା କେବଳ ପ୍ରହସନ ପାଲଟିଛି। ଅସାଧୁ କର୍ମଚାରୀମାନେ ମାସିକିଆ ଚାନ୍ଦା ନେଇ ଚୁପ୍ ରହୁଥିବାରୁ ମଦ ଦୋକାନୀମାନେ ଚୋରା କାରବାରକାରୀଙ୍କୁ ପେଟି ପେଟି ବିଦେଶୀ ଓ ଦେଶୀ ମଦ ବିକି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଗାଁଗୁଡିକରେ ଅବାଧରେ ଏହି କାରବାର ଅବାଧରେ ଚାଲିଛି। ଏଥିଯୋଗୁ ହିଂସା ବଢୁଛି । ଯୁବଗୋଷ୍ଠି ପଥହରା ହେଉଛନ୍ତି । ଜଗତ୍‌ସିଂହପୁର ସହର କଥା ଦେଖିଲେ ଜଣାଯାଏ ଠିପିବନ୍ଦ ଏକ ନିର୍ଦ୍ଦିଷ୍ଟ ମଦ ଦୋକାନ ସମ୍ମୁଖରେ ସନ୍ଧ୍ୟା ହେଲେ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟ ଫୁଡ୍ ଦୋକାନ ଖୋଲିଯାଇଛି। ମଦ୍ୟପାନ ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସନ୍ଧ୍ୟାରେ ଏହି ରାସ୍ତାଦେଇ ମହିଳା ଯିବା ତ ଦୂରର କଥା ସାଧାରଣ ଲୋକଟିଏ ଯିବାକୁ ଡରୁଛି । ରାତି ଓ ପ୍ରାତଃ ସମୟରେ ଉକ୍ତ ମଦ ଦୋକାନରୁ କାର, ଅଟୋ, ଚାରିଚକିଆ ଯାନ, ବାଇକ୍ ଓ ସ୍କୁଟର ଯୋଗେ ବହୁ ପରିମାଣର ମଦ ଜିଲା ଓ ବାହାରକୁ ଚୋରା ଚାଲାଣ ହେଉଛି। ଛୋଟ ଚୋରା କାରବାରକାରୀମାନେ ସ୍କୁଟର ଉପରେ ନିର୍ଭର କରୁଛନ୍ତି। ଅନ୍ୟପଟେ ଉକ୍ତ ମଦ ଦୋକାନରେ ଅନେକ ସମୟରେ ଚଢ଼ା ଦରରେ ମଦ ବିକ୍ରି ହେଉଛି । କିନ୍ତୁ ବିଲ୍ ଦିଆଯାଉନାହିଁ। ଗତବର୍ଷ ଖରାଦିନେ ଏହି ଦୋକାନରେ ଥିବା ସେଲ୍ସମ୍ୟାନ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ବିୟର ବିକ୍ରି କରୁଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହିଭଳି ଅନେକ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାବାଦ୍ ଗାଁ ଗୁଡିକରେ ମଦ ଚୋରା ଚାଲାଣକାରୀମାନେ ନକଲିକୁ ଅସଲି କହି ସହଜରେ ବିକି ମୋଟା ଅଙ୍କର ଅର୍ଥ ରୋଜଗାର କରି ଚାଲିଛନ୍ତି । ଏହାକୁ ପିଇ ଅନେକ ଅସୁସ୍ଥ ହେବା ସହ ବିପଦଗାମୀ ହେଉଥିବା ଅଭିଯୋଗ ହେଉଛି। ଏହା ଉପରେ ଜଗତ୍‌ସିଂହପୁର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସଙ୍କୁ ପଚାରିବାରୁ ସାନ ବଜାରସ୍ଥିତ ଏକ ମଦ ଦୋକାନ ଆଗରେ ମଦ୍ୟପଙ୍କ ଆସର ଚାଲିବା କଥା ସ୍ୱୀକାର କରିଛନ୍ତି। ସେ କହିଛନ୍ତି,ଏହା ଭିତରେ ସେ ୨/୩ ଥର ଚଢ଼ାଉ କରିସାରିଲେଣି । ଆଗକୁ ସିସି କ୍ୟାମେରା ଲଗାଯିବା ପାଇଁ ଚିନ୍ତା କରାଯାଉଛି । ଏହି ମାସ ଭିତରେ ୬ଟି ଅବକାରୀ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ଚୋରା ମଦ କାରବାର ସଂକ୍ରାନ୍ତୀୟ ୩ଟି ରହିଛି। ବାଇକ୍‌ରେ ମଦ ଚୋରା ଚାଲାଣ ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ସହ ମଦ ଜବତ କରିଛି। ଆଗକୁ ଚଢ଼ାଉ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି । ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡା ମଧ କାର୍ଯ୍ୟାନୁଷ୍ଠାନ କ୍ରିୟାଶୀଳ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ଜୟନ୍ତୀ ପାଳିତ

ଖଣ୍ଡପଡ଼ା,୨୬।୮ (ଅଜୟ କୁମାର ମହାରଣ)

ଗଡ଼ଜାତ ଖଣ୍ଡପଡାର ତତ୍କାଳୀନ ରାଜା ସ୍ୱର୍ଗତ ହରିହର ସିଂହ ମର୍ଦ୍ଦରାଜଙ୍କର ୧୧୦ ତମ ଜୟନ୍ତୀ ଖଣ୍ଡପଡ଼ାଠାରେ ଶନିବାର ପାଳିତ ହୋଇଯାଇଛି। ଖଣ୍ଡପଡା ରାଜବାଟି ପରିସରରେ ଥିବା ରାଜାଙ୍କ ପ୍ରତିମୂର୍ତ୍ତିରେ ରାଜ ପରିବାର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିମୂର୍ତ୍ତିରେ ପ୍ରଧାନ ଶିକ୍ଷକ, ଶିଶୁକବି କାଶୀନାଥ ଦାସ, ଅନୁଷ୍ଠାନର ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଥାନାପୋଡ଼ି ଘଟଣା ଲୋକଙ୍କ ସହ ଆଲୋଚନା କଲେ ଆଇଆଇସି

ଫିରିଙ୍ଗିଆ,୨୬।୮ (ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ପୋଡ଼ି ଘଟଣାକୁ ୨୧ ଦିନ ବିତିଯାଇଥିଲେ ମଧ୍ୟ ଏବେବି ଲୋକଙ୍କ ମନରେ ଗିରଫ ଭୟ ଲାଗିରହିଛି। ଶନିବାର ଥାନା ଅଧିକାରୀ ରମେଶ ପ୍ରଧାନ ଫିରିଙ୍ଗିଆ ବ୍ଲକର ପବିଙ୍ଗିଆ ଗ୍ରାମ ପଞ୍ଚାୟତକୁ ଯାଇ ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ଥାନା ପୋଡ଼ି ଘଟଣାରେ ପୋଲିସର ଗିରଫଦାରିକୁ ଭୟ ନ କରିବା ପାଇଁ ସଚେତନ କରାଇଥିଲେ। କୌଣସି ନିର୍ଦ୍ଦୋଷ ଲୋକଙ୍କୁ ପୋଲିସ ଗିରଫ କରିବ ନାହିଁ ବୋଲି କହିବା ସହ ନିର୍ଦ୍ଦୋଷୀ ଭୟଭୀତ ନ ହୋଇ ଶାନ୍ତିରେ ଘରେ ରହିବା ସହ ପୂର୍ବପରି ଚଳପ୍ରଚଳ କରନ୍ତୁ ବୋଲି କହିଥିଲେ।

### କୁକୁର ପଲ ଆକ୍ରମଣରେ କୃଷ୍ଣସାର ମୃଗ ମୃତ

ବୁଗୁଡ଼ା,୨୬।୮ (କାଳୀଚରଣ ଦାଶ)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ମାଣିକପୁର ଓ ଅନ୍ତରପଡ଼ା ଗାଁ ମଝିରେ ବୁଲା କୁକୁର ପଲ ଆକ୍ରମଣରେ ଶନିବାର ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ସକାଳେ ଅନ୍ତରପଡ଼ା ଓ ମାଣିକପୁର ଗାଁ ରାସ୍ତାକଡ଼ ବିଲମାଳରେ ଏକ କୃଷ୍ଣସାର ମୃଗ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଥିବା ବେଳେ କୁକୁର ପଲ ହାବୁଡ଼ରେ ପଡ଼ିଯାଇଥିଲା। କୁକୁର ପଲର ଆକ୍ରମଣରେ ସେ ଖଣ୍ଡିଆଖାବରା ହୋଇ ମୃତ୍ୟୁବରଣ କରିଥିଲା। ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ମୃତ ମୃଗଟିକୁ ଜବତ କରିଛନ୍ତି। ବୁଗୁଡ଼ା ବନାଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ଅନେକ କୃଷ୍ଣସାର ମୃଗ ମଧ୍ୟରୁ କିଏ କୁକୁର ଆକ୍ରମଣରେ ତ ଆଉ କିଏ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବାରୁ ଏଥିପ୍ରତି ବନ ବିଭାଗ ଧ୍ୟାନଦେବାକୁ ସାଧାରଣରେ ଦାବି ହେଉଛି।

### ଗାଡ଼ି ଧକ୍କାରେ ହରିଣର ମୃତ୍ୟୁ

ଦିଗପହଣ୍ଡି,୨୬।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଖେମୁଣ୍ଡି କଲେଜ ନିକଟରେ ଶନିବାର ପୂର୍ବାହ୍ନରେ କୌଣସି ଏକ ଗାଡ଼ି ଧକ୍କାରେ ଏକ ହରିଣର ମୃତ୍ୟୁ ଘଟିଛି। ଦିଗପହଣ୍ଡି ସେକ୍ସନ ବନପାଳ ସନ୍ତୋଷ ବିଷୋୟୀ ରତ୍ନ ଏବଂ ବନବିଭାଗ କର୍ମଚାରୀ ପହଞ୍ଚି ହରିଣର ମୃତଦେହକୁ ଜବତ କରି ଦିଗପହଣ୍ଡି ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିବା ଜଣାପଡିଛି। ହରିଣଟି ମାଈ ପ୍ରଜାତିର ହୋଇଥିବା ବେଳେ ବୟସ ପାଖାପାଖି ୩ ବର୍ଷ ହେବ ବୋଲି ରେଞ୍ଜର କହିଛନ୍ତି।

# ଗଞ୍ଜାମ ଜିଲାରେ ଅଙ୍ଗନୱାଡି କେନ୍ଦ୍ର କାମଚଳା

ଛତ୍ରପୁର,୨୬।୮ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଅଙ୍ଗନୱାଡି କେନ୍ଦ୍ରଗୁଡିକ ଏକପ୍ରକାର କାମଚଳାରେ ଚାଲିଛି। କେଉଁଠି ଅଙ୍ଗନୱାଡି କର୍ମୀ ନାହାନ୍ତି ତ ଆଉ କେଉଁଠି ସହାୟିକା ନାହାନ୍ତି। ଏପରିକି ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠାନାହିଁ । ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ଯତ୍ନ ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଅଙ୍ଗନୱାଡି କେନ୍ଦ୍ର କାମ କରିଥାଏ । ଜିଲାର ୨୨ଟି ବ୍ଲକ, ୧୬ ଏନ୍ଏସି, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ବ୍ରହ୍ମପୁର ମହାନଗର ନିଗମରେ ମୋଟ ୫୧୬୧ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ଏକ ସମୀକ୍ଷା ବୈଠକରୁ ଜଣାଯାଇଛି ଯେ, ଜିଲାର ୫୧୨୪ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଅଛନ୍ତି। ୩୭ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଛି । ବ୍ରହ୍ମପୁର ମହାନଗର ନିଗମରେ ୩ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ରହିଥିବା ବେଳେ ଭଞ୍ଜନଗର, ବୁଗୁଡା, ଛତ୍ରପୁର,ସାନଖେମୁଣ୍ଡି, ଜଗନ୍ନାଥପ୍ରସାଦ ଓ ସୋରଡା ବ୍ଲକରେ ୩ଟି ଲେଖାଏ ଅଙ୍ଗନୱାଡି କର୍ମୀ ଖାଲି ରହିଛି । ସେହିପରି ଧରାକୋଟ, ଦିଗପହଣ୍ଡି, କବିସୂର୍ଯ୍ୟନଗର, କୋଦଳା, କୁକୁଡାଖଣ୍ଡି, ପୋଲସରା ଓ ରଙ୍ଗେଇଲୁଣ୍ଡା ବ୍ଲକରେ ଗୋଟିଏ ଲେଖାଏ ଏବଂ ଖଲ୍ଲିକୋଟ ବ୍ଲକରେ ୯ଟି ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଛି । ଉକ୍ତ କେନ୍ଦ୍ରଗୁଡିକ କାମଚଳାରେ ଚାଲିଛି । ସେହିପରି ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ୫୬ ସହାୟିକା ପଦବୀ ମଧ ଖାଲି ରହିଛି । ଜିଲାରେ ଥିବା ୫୧୬୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୩୫୪୪ କେନ୍ଦ୍ରର ନିଜସ୍ୱ ବିଲଡିଂ ଅଛି । ଅନ୍ୟଗୁଡିକ କୋଠଘର କିମ୍ବା ସ୍କୁଲରେ ଚାଲିଛି । ଦୈନିକ ଅଙ୍ଗନୱାଡି କେନ୍ଦ୍ରଗୁଡିକର ମନିଟରିଂ କରାଯାଉଥିବା କୁହାଯାଇଛି । ସମୀକ୍ଷାରୁ ଜଣାଯାଇଛି ଯେ ଦୈନିକ ୯୫ ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ର ଖୋଲୁଛି । ୭୪ ପ୍ରତିଶତ ଶିଶୁ (୩ରୁ୬ ବର୍ଷ) ଉପସ୍ଥିତ ରହୁଛନ୍ତି। ୯୮ ପ୍ରତିଶତ ଶିଶୁଙ୍କୁ ଖାଦ୍ୟ ଦିଆଯାଉଥିବା ବେଳେ ୮୬ ପ୍ରତିଶତ ଶିଶୁଙ୍କୁ କେନ୍ଦ୍ରରେ ପାଠ ପଢାଯାଉଥିବା ସୂଚନା ଦିଆଯାଇଛି ।

# ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ

## ଥଇଥାନ ଦାବିକଲେ ଉଠା ଦୋକାନୀ



ଜବର ଦଖଲ ଉଚ୍ଛେଦ କରାଯାଉଛି।

ଦାରିଙ୍ଗବାଡ଼ି,୨୬।୮ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କାର୍ଯ୍ୟ ଚାଲିଥିବା ବେଳେ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋର୍‌ଦାର କରାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଥିବା ବେଳେ ଏହା ସମ୍ମୁଖରେ ରହିଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ପୂର୍ବରୁ ଏହି ଉଠା ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଲାଗି ନୋଟିସ କରାଯାଇଥିଲେ ସୁଦ୍ଧା ତାହା କରି ନ ଥିବାରୁ ଶନିବାର ତହସିଲଦାର ଶରତ ଶବରଙ୍କ ସମେତ ବିଡିଓ ଗଦାଧର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଉଚ୍ଛେଦ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିବା ପାଇଁ ଆଇଆଇସି କୌଶିକ ମାଝି ସଦଳବଳ ଉପସ୍ଥିତ ରହିଥିଲେ।

ଚା' ଦୋକାନ ସମେତ ଜଳଖିଆ, ପନିପରିବା ଦୋକାନୀମାନେ ନିଜ ପରିବାର ପ୍ରତିପୋଷଣ କରିବାକୁ ଦାରିଙ୍ଗବାଡ଼ିର ଚାରିଛକଠାରୁ ତିନିଛକ ମଧ୍ୟରେ ଉଠା ଦୋକାନ କରିଛନ୍ତି। ଦୀର୍ଘବର୍ଷ ତଳେ ପଞ୍ଚାୟତ ପକ୍ଷରୁ ଅଗ୍ରିମ ନିଆଯାଇ ଭେଣ୍ଡିଂ ଜୋନ୍ କରି ଥଇଥାନ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ତାହା କରାଯାଇନାହିଁ। ତେଣୁ ଏବେ ଜବରଦଖଲ ଉଚ୍ଛେଦରେ ଲୋକେ ପ୍ରଶାସନକୁ ସହଯୋଗ କରିଥିଲେ ସୁଦ୍ଧା ସେମାନଙ୍କୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ବିଡିଓ ପାତ୍ର କହିଛନ୍ତି, ଉଠା ଦୋକାନୀମାନଙ୍କୁ ପଞ୍ଚାୟତ ଥଇଥାନ କରିବା ଆବଶ୍ୟକ। ସେ ପଞ୍ଚାୟତକୁ ଏନେଇ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

# ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା): ୨୬।୮

ସ୍କୁଲ ଶିକ୍ଷା ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓଡ଼ିଶାର ୧୪ ଟି ସ୍କୁଲକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ ୧୧ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସେଥି ମଧ୍ୟରୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟକୁ ୭୦ ଲକ୍ଷ ଟଙ୍କା ମଞ୍ଜୁର କରାଯିବା ସହ ସ୍କୁଲ ଶିକ୍ଷା ଭିତ୍ତିଭୂମିର ବିକାଶପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତରଫରୁ ସୁଯୋଗ ସୃଷ୍ଟି କରାଯାଇଛି। ମୁଖ୍ୟତଃ ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ ମ ଶ୍ରେଣୀ ପର୍ଯ୍ୟନ୍ତ ୨୮୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ଏଠାରେ ୫ଟି ଶ୍ରେଣୀଗୃହ ଓ ସମ୍ମିଳନୀ କକ୍ଷ ସମେତ




ଶୌଚାଳୟ , ପାନୀୟ ଜଳ, ପାଚେରି, ପ୍ରଧାନଶିକ୍ଷକ କକ୍ଷ ନବୀକରଣ, ସ୍ମାର୍ଟ ଶ୍ରେଣୀଗୃହ, ବିଦ୍ୟୁତକରଣ, ପାଠାଗାର ଏବଂ ଖେଳପଡିଆ ପ୍ରଭୃତିର ବିଶେଷ ଅଭାବ ରହିଛି। ଏହି ଅର୍ଥରେ ଉପରୋକ୍ତ ନିର୍ମାଣ ବ୍ୟବସ୍ଥା କରାଯିବ। ଏଥିପାଇଁ ଛାତ୍ରୀଛାତ୍ର, ଅଭିଭାବକ, ପୁରାତନ ଛାତ୍ର ଏବଂ ଶିକ୍ଷକ ଶିକ୍ଷୟିତ୍ରୀ କେନ୍ଦ୍ର ସରକାର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ଭାଗବତ ପାଢୀ, ବିଚିତ୍ରାନନ୍ଦ ବେବର୍ତ୍ତା, ଲିମାଇଁ ଚରଣ ପରିଛା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ଗନ୍ତାୟତ ପ୍ରମୁଖଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି ।

### ମନ୍ଦିର ପୁନରୁଦ୍ଧାର ୫-ଟି ସଚିବଙ୍କୁ ଭେଟିବେ ଯୁବ ବିଜେଡି ପ୍ରତିନିଧି ଦଳ

ଗଞ୍ଜାମ,୨୬।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ମଧ୍ୟରେ ଥିବା ବିଭିନ୍ନ ମନ୍ଦିର ଗୁଡିକ ଦୀର୍ଘ ବର୍ଷ ହେବମରାମତି ନ ହୋଇ ଅବହେଳିତ ଭାବେ ପଡ଼ିରହିଛି। ବିଶେଷ କରି ବଡ଼ ବଜାରଠାରେ ଥିବା ଜଗନ୍ନାଥ ମନ୍ଦିର ଭଗ୍ନ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ରବିବାର ୫-ଟି ସଚିବ ଆସୁଥିବା ବେଳେ ଏ ନେଇ ଗଞ୍ଜାମ ଏନ୍ଏସି ଯୁବ ବିଜେଡିର ଏକ ପ୍ରତିନିଧି ଦଳ ତଥା ଯୁବ ସଭାପତି ସୁଧୀର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ ଏବଂ ସମସ୍ତ କାଉନିସଲର ଭେଟି ମନ୍ଦିର ପୁନଃ ଉଦ୍ଧାର ସହ ଉନ୍ନତିକରଣ ପାଇଁ ଲିଖିତ ଦାବି ପତ୍ର ପ୍ରଦାନ କରିବେ ବୋଲି ଜଣାପଡିଛି। ପୂର୍ବରୁ ଏନେଇ ଲିଖତ ଭାବେ ବିଧାୟକ ସୁବାସ ବେହେରାଙ୍କ ମାଧ୍ୟମରେ ୫-ଟି ସଚିବଙ୍କୁ ଦାବିପତ୍ର ଦେବା ପାଇଁ ସ୍ଥିର ହୋଇଛି। ସହର ମଧ୍ୟରେ ଥିବା ବଡ଼ ବଜାର ଜଗନ୍ନାଥ ମନ୍ଦିର, ନୃସିଂହ ମନ୍ଦିର, ବାଳଜୀ ମନ୍ଦିର, ପୁଇଁତୋଳା ଗୋପୀନାଥ ମନ୍ଦିର, ଠାକୁରାଣୀ ମନ୍ଦିର, ଭାଗବତୀ ଟୁଙ୍ଗି ଦାମଦୋରପୁର, ସାତଭଉଣୀ ମନ୍ଦିର ଗୁଡିକର ଉନ୍ନତିକରଣ ହେବା ସହ ସହରରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହେବାରେ ଏହା ସହଯୋଗ ହେବ। ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କଲେ ଗଞ୍ଜାମ ସହରବାସୀ ଉପକୃତ ହେବେ ବୋଲି ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ, ଶ୍ରୀକ୍ଷେତ୍ର ପୁରୀରେ ଗୁଣ୍ଡିଚା ଯାତ୍ରା ଭଳି ପ୍ରତି ବର୍ଷ ଏଠାରେ ଯଥା ରୀତିନୀତି ଅନୁସାରେ ରଥଯାତ୍ରା ପାଳିତ ହୋଇ ଆସୁଛି। ଏହାକୁ ଦୃଷ୍ଟିରେ ରଖି ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବଡ଼ ବଜାର ଜଗନ୍ନାଥ ମନ୍ଦିର ପୁନଃ ଉଦ୍ଧାର କରିବେ ବୋଲି ସହରବାସୀ ଆଶାବାଦୀ ଅଛନ୍ତି।

# କେ. ଏମ୍.ଭାଲିଆସାହି ବିଦ୍ୟାଳୟରେ ସଂସ୍କୃତ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଆର.ଉଦୟଗିରି,୨୬।୮ (ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଦିବସ ଅବସରରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳଙ୍କ ତତ୍ତ୍ୱାବଧାନ ଏବଂ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଷଣ, ଶ୍ଲୋକ ଓ ସଂଗୀତ ମାଧ୍ୟମରେ ସଂସ୍କୃତ ଭାଷା ପ୍ରତି ଥିବା ସେମାନଙ୍କ ରୁଚି ଓ ଆଗ୍ରହକୁ ସଭା ସଦଗଣ ଆଗରେ ଅବଗତ କରାଇଥିଲେ। ସଂସ୍କୃତ ଦିବସ ଉପଲକ୍ଷେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇ ଉକ୍ତ ବୈଠକର ପରିସମାପ୍ତି କରାଯାଇଥିଲା।

# ଘୁମୁସର ଜିଲା ଭାଜପା ଭୋଟର ସଚେତନତା

କବିସୂର୍ଯ୍ୟନଗର, ୨୬।୮ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରରେ ଭାଜପାର ଭୋଟର ସଚେତନ ମହାଅଭିଯାନ କାର୍ଯ୍ୟକ୍ରମ ଶନିବାର ଗୁଡ଼ିଆଲିସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ଭାଜପା ପକ୍ଷରୁ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୁଥ୍‌ସ୍ତରୀୟ ଭୋଟର ସଚେତନତା ଶିବିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରତାପ ନାୟକଙ୍କ ସଂଯୋଜନା ଏବଂ ଦୀନବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଥିବା ୪୩ ପଞ୍ଚାୟତରେ ଭାଜପାର ଦକ୍ଷତା ବୃଦ୍ଧି ପାଇଁ ପଞ୍ଚାୟତ ଓ ବୁଥ୍‌ସ୍ତରରେ ଜୋର୍‌ଦାର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନରେନ୍ଦ୍ର ମୋଦିଙ୍କ ଯୁଗାନ୍ତକାରୀ


ଭୋଟର ସଚେତନତା କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା।

ପଦକ୍ଷେପ ଯୋଗୁ ଆଜି ଭାରତ ବିଶ୍ୱ ଦରବାରରେ ପରିଚିତ ହୋଇପାରିଛି । ଭ୍ରଷ୍ଟାଚାରୀ ରାଜ୍ୟ ସରକାର ଦୂରେଇ ସ୍ୱଚ୍ଛ ଭାଜପା ସରକାର ଗଠନ ପାଇଁ ପ୍ରତାପ ନାୟକ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ଅନିଲ ପଣ୍ଡା, ଆସିକା ସଂସଦୀୟ ନେତ୍ରୀ ଅନିତା ଶୁଭଦର୍ଶନୀ, ଅରୁଣ ପଣ୍ଡା, ରଞ୍ଜିତା ସେଠୀ, ନୀଳମାଧବ ପାତ୍ର, ବିନାୟକ ତ୍ରିପାଠୀ, ରତନ ବିଶୋଇ, ପୃଥ୍ୱୀରାଜ ମହାପାତ୍ର, ଶିଶିର ମିଶ୍ର, ଶ୍ରୀକାନ୍ତ ମହାପାତ୍ର, ଶିବରାମ ପଣ୍ଡା, ପୀତାମ୍ବର ସେନାପତି, ଶିବପ୍ରସାଦ ପାଣିଗ୍ରାହୀଙ୍କ ସମେତ ବହୁ କର୍ଯ୍ୟକର୍ତ୍ତା, ମହିଳା, ଯୁବକ ଓ କର୍ମୀ ଯୋଗଦେଇଛନ୍ତି ।

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ ୨୨।୮ ( ଦ୍ୱିତୀକୃଷ୍ଣ ପଣ୍ଡା )

ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବାଳକୃଷ୍ଣପୁର ଗ୍ରାମରେ ଶନିବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିତ୍ରସେନ ଚୌଧୁରୀ (୫୬)। ସେ ବିଲକୁ ଧାନ ଚାଷ କାମ କରିବାକୁ ଯାଇଥିବା ସମୟରେ ବିଷାକ୍ତ ସାପ କାମୁଡାରେ ତଳେ ପଡିଯାଇଥିଲେ। ପାଖ ବିଲରେ କାମ କରୁଥିବା ଅନ୍ୟମାନେ ଚିତ୍ରସେନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୧୭/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ହରଭଙ୍ଗା ଜଳସେଚନ ପ୍ରକଳ୍ପ ସମୀକ୍ଷା



ଶେରଗଡ,୨୬।୮ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକର ୨୭ ଗ୍ରାମ ଓ ଆସିକା ବ୍ଲକର ୫ ଗ୍ରାମରେ ଭୂତଳ ପାଇପ ଯୋଜନା ଜରିଆରେ ପାଣି ଯୋଗାଣ ଆରମ୍ଭ ହୋଇଛି। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରକଳ୍ପରୁ ପାଣି ଯୋଗାଣ କରାଯାଇଛି। ଶନି ମନ୍ଦିର ଠାରେ ଗୋବିନ୍ଦପୁର ପର୍ଯ୍ୟନ୍ତ ପାଇପ ଜରିଆରେ ପାଣି ଯୋଗାଣ କରାଯାଇଛି। ଏହାର ସ୍ଥିତି ଓ ପାଣି ଯୋଗାଣରେ ପରିଚାଳନା ଦେଖିବାକୁ ହରଭଙ୍ଗା ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତ, ସହକାରୀ ଯନ୍ତ୍ରୀ ଆଲୋକ ପ୍ରଧାନ, ଯନ୍ତ୍ରୀ ରାଜ କୁମାର ପ୍ରଧାନ ପ୍ରମୁଖ ପ୍ରକଳ୍ପ ବୁଲି ଦେଖିଥିଲେ। ଉକ୍ତ ପରିଦର୍ଶନ ସମୟରେ ଏଲସିସି ପ୍ରାଇଭେଟ ଲିମିଟେଡର ସଲିମ ରାଠୋଡଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ୨ ଗୋରୁ ମୃତ, ବାଛୁରି ଆହତ

ଖଜୁରିପଡ଼ା,୨୬।୮ (ବିଦୁର ବେହେରା)

ଶୁକ୍ରବାର ବିଳମ୍ବିତ ରାତିରେ ଫୁଲବାଣୀଠାରୁ ରାଜଧାନୀ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଖଜୁରିପଡ଼ା ଲ୍ୟାମ୍ପ୍ ଶେଷ ସାମ୍ନା ୫୭ ନଂ. ଜାତୀୟ ରାଜପଥ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ବାଛୁରୀ ଆହତ ହୋଇଛି। ଶନିବାର ସକାଳେ ରାସ୍ତା ଉପରେ ଗୋରୁଙ୍କ ମୃତଦେହ ପଡ଼ିଥିବା ଦେଖି ଏହା ଦୁର୍ଘଟଣା ଯୋଗୁ ହୋଇଥିବା ଜଣାପଡ଼ିଛି। ମାଲିକମାନେ ନିଜର ଆବଶ୍ୟକତା ପୂରଣ ଲାଗି ଗୋରୁଙ୍କୁ ବ୍ୟବହାର କରୁଛନ୍ତି। ପରେ ସେମାନଙ୍କୁ ଏଣେ ତେଣେ ଛାଡ଼ିଦେଉଥିବାରୁ ବିଶ୍ରାମ ନେବା ସମୟରେ ବେପରୁଆ ଗାଡ଼ି ଚାଳକଙ୍କ ଯୋଗୁ ଦୁର୍ଘଟଣାରେ ଗୋରୁଙ୍କ ମୃତ୍ୟୁ ଘଟୁଛି। ତେଣୁ ଏଥିପ୍ରତି ମାଲିକମାନେ ଗୁରୁତ୍ୱ ଦେବାକୁ ଗ୍ରାମବାସୀ କହିଛନ୍ତି।

# ଗଞ୍ଜାମ ସହରରେ ଝୁଲଣଯାତ୍ରା ଆରମ୍ଭ

ଗଞ୍ଜାମ,୨୬।୮ (ବିଦ୍ୟାଧର ସାହୁ)

## ସାତ ଦିନ ଧରି ଦୋଳିରେ ଝୁଲିବେ ଠାକୁର


ରାଉଳ ସାହି ଗୋପିନାଥ ମନ୍ଦିର।

ବାର ମାସରେ ତେର ପର୍ବ। ସେଥିରୁ ଝୁଲଣ ଯାତ୍ରା ଅନ୍ୟତମ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଗଞ୍ଜାମ ସହର ବିଭିନ୍ନ ସାହିରେ ଥିବା ଗୋପୀନାଥ ମନ୍ଦିରରେ ପବିତ୍ର ଝୁଲଣ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ମନ୍ଦିର ଗୁଡିକ ବିଭିନ୍ନ ଅତ୍ୟାଧୁନିକ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ପୁଇଁତୋଳା ଏବଂ ରାଉଳ ସାହିରେ ଥିବା ଗୋପୀନାଥ ଠାକୁରଙ୍କୁ ଦୋଳିରେ ବିରାଜମାନ କରାଯାଇଛି। ଶ୍ରୀକ୍ଷେତ୍ର ପୁରୀ ଭଳି ଏଠାରେ ମଧ ରୀତିନୀତି ଅନୁଯାଇ ମହା ଆଡମ୍ବରରେ ଏହି ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଯାତ୍ରା ସାତ ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଦିନ ଠାକୁର ଦୋଳିରେ ଝୁଲି ଝୁଲି ପୂଜା ପାଇବେ। ରାଉଳ ସାହି ମନ୍ଦିର ପରିଚାଳନା କମିଟି ସଭାପତି ଅଜୟ କୁମାର ରାଉଳ, ପୂଜକ ଶଶୀ ଶତପଥୀ, ସୁଦର୍ଶନ ପଣ୍ଡା, ହରିହର ପାତ୍ର, ଉଦିଅ ରାଉଳ, କିଶୋର ଚନ୍ଦ୍ର ପଣ୍ଡା, ବିଜୟ ପଣ୍ଡା ପ୍ରମୁଖ ପରିଚାଳନା କରୁଥିବା ବେଳେ ପୁଇଁତୋଳାରେ ପୂଜକ ରାଜେନ୍ଦ୍ର ରଥ ଦେବଶର୍ମା, ସୁଦର୍ଶନ ରାଉଳ, କାଶୀନାଥ ତରାଇ, ଚରଣ ସାହୁ, ବିଦେଶୀ ବିଶ୍ୱାଳ, ସୁବାଷ ତରାଇ, ସନ୍ୟାସୀ ସାହୁ, ସୁବାସ ମହାରଣା ପ୍ରମୁଖ ପରିଚାଳନା କରୁଛନ୍ତି। ସେହିପରି ବାରିକି ସାହିରେ ମଧ ଏହି ଝୁଲଣ ଯାତ୍ରା ପାଳନ ହେଉଥିବା ଜଣାପଡିଛି। ଏହି ଯାତ୍ରା ପାଇଁ ସାମଗ୍ର ସହର ଉତ୍ସବ ମୁଖର ହୋଇ ଉଠିବା ସହ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଜଙ୍ଗଲ ଅଧିକାର, ସୁଶାସନ ପ୍ରକଳ୍ପ ତାଲିମ

ଦାରିଙ୍ଗବାଡ଼ି,୨୬।୮ (ଅରୁଣ ସାହୁ)

## ତ୍ରିଦିବସୀୟ ତାଲିମ ନେଲେ ସ୍ଥାନୀୟ ଲୋକପ୍ରତିନିଧି



କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ପ୍ରତିନିଧି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଜଙ୍ଗଲ ଅଧିକାର ଓ ସୁଶାସନ ପ୍ରକଳ୍ପ ସମ୍ପର୍କରେ ତିନିଦିନିଆ ତାଲିମ ଶିବିର ଜାଗୃତି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ପ୍ରତିନିଧି ତଥା ଉକ୍ତ ବ୍ଲକ ଅଧୀନ ୨୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟମାନଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଥିଲା। ସରକାର ଲୋକଙ୍କ ପାଇଁ ଜଙ୍ଗଲ ଜମି ଅଧିକାରକୁ ନେଇ ଅନେକ ଯୋଜନା କରିଥିବା ବେଳେ ଗୋଷ୍ଠୀ ଜଙ୍ଗଲ ଜମି ଓ ବ୍ୟକ୍ତିଗତ ଜମି ଅଧିକାର ସମ୍ପର୍କରେ ଅଧିକା ଜନସଚେତନ କରିବା ସହ ଏବେ ମୋ ଜଙ୍ଗଲ ଯୋଜନା ରାଜ୍ୟ ସରକାର କରିଛନ୍ତି। ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀ ହେଉକି ଅଣଆଦିବାସୀ ଏହି ଯୋଜନାରେ ବ୍ୟକ୍ତିଗତ ହେଉକି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ରହିଥିବା କୁହାଯାଇଥିଲା। ସେମାନେ ନିଜେ କମିଟି କରି ଜଙ୍ଗଲ ଅଧିକାରରେ କିପରି ସଂଶ୍ଳିଷ୍ଟ ହୋଇପାରିବେ ସେନେଇ ତାଲିମ ଦିଆଯାଇଥିଲା। ରାଜ୍ୟରେ ଯେତେ ବାତ୍ୟା, ବନ୍ୟା ହେଲେ ମଧ୍ୟ କନ୍ଧମାଳରେ ଅତି ସୁନ୍ଦର ଜମି ରହିଥିବାରୁ ଅନେକ ଫାଇଦା ଦେଉଛି। ତେଣୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ପଦକ୍ଷେପ ନେବାକୁ କୁହାଯାଇଥିଲା। ସେହିପରି ଜଙ୍ଗଲର ସୁରକ୍ଷା ପାଇଁ ଅଞ୍ଚଳବାସୀ, ଲୋକପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଜଙ୍ଗଲ ସୁରକ୍ଷା ଦିଗରେ ମହିଳାମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକର ପ୍ରଥମେ ବାଡାବାଙ୍ଗା, ଦନେକବାଡି ଏବଂ ସୋନପୁର ପଞ୍ଚାୟତର ଦାନେକବାଡ଼ି, ବୁଦ୍ରାପାଙ୍କା, କଟାସିଂ, ଗାନାଡିକାମ୍ବା ଜଙ୍ଗଲକୁ କିଭଳି ସୁରକ୍ଷା ପ୍ରଦାନ କରାଯିବ ସେ ନେଇ ଏହି ପ୍ରକଳ୍ପରେ କାର୍ଯ୍ୟ ଆରମ୍ଭ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜାଗୃତି ଆୟୋଜନ କରିଥିବା ବେଳେ ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ସହାୟତା କରାଯାଇଥିଲା। ସୁଶାନ୍ତ କୁମାର ଦଳାଇ ତାଲିମ ପ୍ରଦାନ କରିଥିଲେ।

# ଘୁଷୁରି ଘୁଷୁରି ଯାଉଛନ୍ତି ଶୁକଦେବ

ନୟାଗଡ଼, ୨୬।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବରସାହି ଗାଁର ଶୁକଦେବ ନାୟକ । ବୟସ ୭୦ । ଭିନ୍ନକ୍ଷମ ହୋଇ ଯିବା ପରେ ଦୁର୍ବିସହ ହୋଇ ପଡିଛି ଜୀବନଯାତ୍ରା । ଶୁକଦେବ ଜିଲାପାଳଙ୍କ



ଶୁକଦେବ ନାୟକ

କାର୍ଯ୍ୟାଳୟଠାରୁ ବସଷ୍ଟାଣ୍ଡ ଓ ବସଷ୍ଟାଣ୍ଡରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରୀ ଯାଉଥିବା ଶୁକ୍ରବାର ଦେଖିବାକୁ ମିଳିଥିଲା । ଘୁଷୁରି ଯିବାର କାରଣ ପଚାରିବାରୁ ୩ ଚକିଆ ସାଇକେଲରେ ହାୱା ଦେଇ ନ ପାରିବାରୁ ଘୁଷୁରି ଘୁଷୁରି ଯିବାକୁ ପଡୁଛି । ସାଇକେଲରେ ହାୱା ଦେବାକୁ ସହଯୋଗ ମିଳୁନି । ହାୱା ନ ଦେଲେ ସାଇକେଲରେ ଯିବା ସମ୍ଭବ ନୁହେଁ । ପୁଣି ସାଇକେଲ ଯୋଗେ ନୟାଗଡ଼ ଆସିବା ସମ୍ଭବ ନୁହେଁ । ମୋତେ ପୁଣି କେହି କାହିଁକି ସହଯୋଗ କରିବ । ଏଣୁ ଅଧିକାଂଶ ସମୟରେ ଘୁଷୁରି ଘୁଷୁରି ଯିବାକୁ ପଡୁଛି ବୋଲି କହିଥିଲେ । ଦୁଇ ହାତ ରାସ୍ତାରେ ରଖି ଶରୀର ଘୁଞ୍ଚାଇବାକୁ ପଡୁଛି । ପ୍ରାୟ ୬ ବର୍ଷ ତଳେ ଭିନ୍ନକ୍ଷମ ହୋଇ ଯିବା ପରେ ଏଭଳି ଅବ୍ୟବସ୍ଥାର ଶିକାର ହୋବାକୁ ପଡୁଛି ବୋଲି ସେ କହିଥିଲେ ।

# ନୂଆଗାଁ ବ୍ଲକ କଳାକାରଙ୍କୁ ଅଣଦେଖା




ଦାସକାଠିଆ ମାଧ୍ୟମରେ ଜନ ସଚେତନତା କରାଯାଉଛି ।

## ସ୍ୱାସ୍ଥ୍ୟ ବିଭାଗର ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ନୂଆଗାଁ, ୨୬।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକରେ କରାଯାଇଥିବା ବେଳେ ସ୍ଥାନୀୟ କଳାକାରମାନଙ୍କୁ ସୁଯୋଗ ନ ଦେଇ ଜିଲା ପ୍ରଶାସନ ଅଣଦେଖା କରିଥିବା ଅଭିଯୋଗ ହେଉଛି । ଯକ୍ଷ୍ମାରୋଗ ମୁକ୍ତ ରାଜ୍ୟ ଗଠନ କରିବା ପାଇଁ ସରକାର ଚେଷ୍ଟା ଜାରି ରଖିଛନ୍ତି । ସେଥିପାଇଁ ସରକାର ନାନା ଜନସଚେତନ କାର୍ଯ୍ୟକ୍ରମମାନ କରୁଛନ୍ତି । ଏହିକ୍ରମରେ ନୂଆଗାଁ ବ୍ଲକର ଖାଲମଡା ଏବଂ ଭାତରଙ୍ଗା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଜନ ସଚେତନତା ଟିମ୍ ପହଞ୍ଚି ଯକ୍ଷ୍ମା ରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ଦାସକାଠିଆ ମାଧ୍ୟମରେ ଲୋକମାନଙ୍କୁ ବୁଝାଇ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ନୂଆଗାଁ ବ୍ଲକରେ ପାଲା, ଦାସକାଠିଆ ଆଦି କଳାକାର ରହିଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ଦିଆଯାଇନାହିଁ। ଏହାକୁନେଇ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ବାବଦରେ ଯକ୍ଷ୍ମାରୋଗ ନିରାକରଣ ଦାୟିତ୍ୱରେ ଥିବା ବରିଷ୍ଠ ଚିକିତ୍ସକ ଡା. ବିଶ୍ୱରଞ୍ଜନ ଦଳେଇଙ୍କୁ ପଚାରିବାରେ କଳାକାରମାନେ କଳା ସଂସଦ ତରଫରୁ ଆସିଥିଲେ । ହେଲେ ସେମାନଙ୍କୁ କିଏ ଚୟନ କରିଥିଲେ ସେ ସଂକ୍ରାନ୍ତରେ ମୁଁ କହି ପାରିବି ନାହିଁ ବୋଲି କହିଥିଲେ । ଏହି ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମରେ ଡା. ଦଳେଇଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।

# କାରଣ ଖୋଜିବା ଜିଜ୍ଞାସା ବୈଜ୍ଞାନିକ ହେବାର ଚାବିକାଠି

ଖଣ୍ଡପଡ଼ା, ୨୬।୮ (ଅଜୟ କୁମାର ମହାରଣା)

ଭାରତର ଚନ୍ଦ୍ରଯାନ-୩ ଚନ୍ଦ୍ର ପୃଷ୍ଠରେ ସଫଳ ଅବତରଣ ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏ ନେଇ ଏକ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରତ୍ୟେକ ଘଟଣାର କାରଣ ଖୋଜିବାର ଜିଜ୍ଞାସା ଭବିଷ୍ୟତରେ ବୈଜ୍ଞାନିକ ହେବାର ଚାବିକାଠି ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ଚନ୍ଦ୍ରଯାନ-୩ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୈଜ୍ଞାନିକମାନଙ୍କ ଜୀବନ ଦର୍ଶନ ସଂପର୍କରେ ଛାତ୍ରୀ ଛାତ୍ରଙ୍କୁ ଅବଗତ କରାଇଥିଲେ । ଏ ଅବସରରେ ଛାତ୍ରୀଛାତ୍ରମାନେ ସଫଳତାର ନାୟକ ଇସ୍ରୋର ସମସ୍ତ ବୈଜ୍ଞାନିକ ଓ କର୍ମକର୍ତ୍ତାମାନଙ୍କ ଉଦ୍ଦେଶ୍ୟରେ ତ୍ରିରଙ୍ଗା ଉଡ଼ାଇ ଅଭିନନ୍ଦନ ଜଣାଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଶେଷରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ଦ୍ୱାରା ଚନ୍ଦ୍ରଯାନ-୩ର ସଫଳତା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଅଶୋକ, ଅର୍ଜୁନ ଓ ବଉଳ ଆଦି ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଥିଲା।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ

ଭାପୁର, ୨୬।୮ (ଭରତ କୁମାର ବେହେରା)

ଫତେଗଡ ଥାନା ଭାପୁର ବ୍ଲକ କରବର ପଞ୍ଚାୟତ ମାଣିତ୍ରୀ ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ବିଳମ୍ବିତ ରାତିରେ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଫତେଗଡ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଗୋଟିଏ ରୁମରେ ଶୋଇଥିଲେ। ତାଙ୍କ ବୋହୂ ଓ ଝିଅ ଅନ୍ୟ ଏକ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ପଡୋଶୀ ସୁଦାମ ବେହେରା ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପୂର୍ବରୁ ଥରେ ସେ ଏଭଳି ଉଦ୍ୟମ କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୧୯୦/୨୩) ରୁଜୁ ହୋଇଛି।

# ଗାଡ଼ି ଧକ୍କାରେ ଆମ୍ବୁଲାନ୍ସ ଡ୍ରାଇଭର ଆହତ

ନୟାଗଡ଼, ୨୬।୮ (ଲୋକନାଥ ମିଶ୍ର)

ଇଟାମାଟି ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବିଜିପୁର ଗାଁ ନିକଟରେ ଅଜଣା ଗାଡ଼ି ଧକ୍କାରେ ଆମ୍ବୁଲାନ୍ସ ଡ୍ରାଇଭର ନୟାଗଡ଼ର ନାରାୟଣ ସାଥୁଆ ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ଓଡି୦୨ ବିଏଚ୪୧୩୬ ଆମ୍ବୁଲାନ୍ସ ଶୁକ୍ରବାର ରାତିରେ ଭୁବନେଶ୍ୱରରେ ରୋଗୀ ଛାଡ଼ି ନୟାଗଡ଼ ଫେରୁଥିଲା । ଭୋର ପ୍ରାୟ ୪ଟାରେ ବିଜିପୁର ଛକଠାରେ ଏକ ଅଜଣା ଗାଡ଼ି ସାଇଟ୍ ମାରିଥିଲା । ଏଣୁ ଆମ୍ବୁଲାନ୍ସ ବିଲ ଭିତରକୁ ଖସି ପଡିଥିଲା । ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି।

# ତମ୍ପସାପ କାମୁଡ଼ିବା ପରେ ଦୁର୍ବିସହ ଜୀବନ

ନୟାଗଡ଼, ୨୬।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ଥାନା ଆଡିପଡା ଗାଁର ସଂଗ୍ରାମ ସେଠୀଙ୍କୁ ତମ୍ପ ସାପ କାମୁଡ଼ି ଦେବା ପରେ ବଦଳି ଯାଇଛି ଜୀବନଧାରା । ମରୁ ମରୁ ବଞ୍ଚି ଯାଇଛନ୍ତି ସଂଗ୍ରାମ । ଶନିବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସଂଗ୍ରାମଙ୍କ ସୂଚନା ଅନୁସାରେ ଗତ ଜୁଲାଇ ୨୭ରେ ଖଟ ତଳୁ ତେଲ କାଚ ଆଣିବାକୁ ଯାଇଥିଲି। ତେଲ କାଚ ଆଣୁଥିବାବେଳେ ମୋର ବାମ ହାତଟିକୁ କିଏ କାମୁଡ଼ି ଦେଇଥିବା ଅନୁଭବ କଲି । ଦେଖିବା ବେଳକୁ ହାତରୁ ରକ୍ତ ବାହାରୁଛି। ହାତଟି ଭିଡି ଆଣିବା ବେଳେ ଏକ ତମ୍ପ ସାପ ମୋ ହାତ ସହ ଚାଲି ଆସିଥିଲା । ଭୟରେ ହାତ ଛିଞ୍ଚାଡିବାରୁ ସାପଟି ଘର ବାହାରକୁ ପଡି ଚାଲି ଯାଇଥିଲା । ସାପ କାମୁଡ଼ିଥିବା ପରେ ବାମ ହାତଟି ଧିରେ ଅକାମି ହୋଇ ପଡ଼ିଥିଲା । ସଙ୍ଗେ ସଙ୍ଗେ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲି । କିଛି ଦିନ ରହିବା ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏବେ ମୋର ହାତଟି ଧିରେ ଧିରେ ସୁସ୍ଥ ହୋଇ ଆସୁଛି । ହେଲେ ମୁଁ ପୁରା ଫିଟ ହୋଇ ନାହିଁ । ପ୍ରାୟ ୧ମାସ ହେଲା ଅଭିଶପ୍ତ ଜୀବନଯାପନ କରୁଛି । ମୋ ବାମ ହାତ ଠିକରେ କାମ କରୁନି । ମରୁ ମରୁ ବଞ୍ଚିଗଲି ବୋଲି କହି ସେ କାନ୍ଦି ପକାଇଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
Tel.06766-258094 (O), Mail: eerwl_kjr@yahoo.com
"e" Procurement Notice for Road Works
Identification No.Online NCB-04/2023-24

No.O-768:1. Name of the work : 02 Nos. Road Works. 2. Total Number of Work : 02 Nos. 3.Estimated cost : Rs.19.83 lakhs to Rs. 38.14 lakhs. 4.Class of contractor: D, C and B Class. 5. Period of completion : As per Annexure of e-Procurement Notice No.04/2023-24. 6. Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o.S.E.R.W. Division-I, Keonjhar |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.04 | Dt.29.08.2023 at 11.00 A.M. | Dt.07.09.2023 upto 5.00 P.M. | Dt.05.09.2023 upto 5.00 PM | Dt.08.09.2023 at 11.00 A.M. |

Further details can be seen from the Website www.tenderorissa.gov.in.
Sd./- Superintending Engineer
R.W.Division-I, Keonjhar
OIPR-25110/11/0010/2324

BHUBANESWAR DEVELOPMENT AUTHORITY
AKASH SHOVA BUILDING
SACHIVALAYA MARG, BHUBANESWAR - 751001
PABX No. 0674-2392801/0998/6437, Fax No. 0674-2390633/085
Visit us at: http://www.bda.gov.in/
Invitation for Bids
Bid Identification No.962/EM/BDA Date: 25.08.2023
No.CAD-1855:- Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| | | | |
|---|---|---|---|
| 1. | Nature of works | : | Lake Zone Development |
| 2. | Total No. of works | : | 03 (three) Nos. |
| 3. | Amount put to tender | : | i) Rs.11.92 Crore<br>ii) Rs.14.30 Crore<br>iii) Rs.13.51 Crore |
| 4. | Class of Contractor | : | 'A' Class & 'Special' Class |
| 5. | Period of Completion | : | i) 09 (Nine) Calendar months<br>ii) 09 (Nine) Calendar months<br>iii) 09 (Nine) Calendar months |
| 6. | Cost of Bid Documents | : | Rs. 10,000.00 + 18% GST= Rs. 11,800.00 |
| 7. | Earnest Money Deposit (EMD) | : | 1% of estimated cost put to tender. |
| 8. | Availability of Tender | : | From 29.08.2023 to 5.00 PM of 11.09.2023 in the website |
| 9. | Date & time of opening of Tender | : | Dt. 14.09.2023 at 11.30 AM |
| 10. | Place of opening of Tender | : | O/o - Engineer Member, BDA, Bhubaneswar. |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Engineer Member,
BDA, Bhubaneswar
OIPR-13033/11/0268/2324

PANCHAYAT SAMITI OFFICE, HEMGIR, DIST- SUNDARGARH
TENDER CALL NOTICE 01/2023-24
No. 1897/Date: 25.08.2023
No.i-334:- Tender is hereby invited vide Tender Call Notice No. 03 of 2023-24 from eligible contractors for the following work. The details documents will be downloaded from district website www.sundergarh.nic.in w.e.f. 25.08.2023 to 02.09.2023.

| Sl. No. | Name of the Work | Amount put to Tender in ₹. (Excluding GST) | Cost of Tender paper (Non-refundable) in ₹. | Bid security/ EMD (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Transformation and Infrastructure Development work at Vesaja Patel Degree College, Duduka G.P., Hemgir Block. | 29,66,103/- | 6,000/- | 29,661/- | Two Months | 'C' Class |
| 2 | Transformation and Infrastructure Development work at Panchayat Samiti Higher Secondary School, Hemgir G.P., Hemgir Block. | 25,42,400/- | 6,000/- | 25,424/- | Two Months | 'C' Class |

1. Date and time for download Tender Paper: From Dt.25.08.2023 to 02.09.2023. 2. Last Date of Receipt of Tender Paper: Dt.02.09.2023 (5.00 P.M.). 3. Date of Opening of Tender Paper: Dt.05.09.2023 (11.30 A.M.).
OIPR-19104/11/0007/2324 Sd./- Block Development Officer, Hemgir

GOVERNMENT OF ODISHA No.O-776
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT/PO- Nayabazar, Cuttack-753004, Tel No. 0671-2444488, Email-serw_kpd@yahoo.com
Letter No.2965 2nd Corrigendum Notice Date:- 25.8.23
2nd Corrigendum to Bid Identification No. Tender Online RCK-25/23 invited this office Letter No.-2757, Dt.-08.08.2023
The changes as detailed below are hereby made in the above N.I.T.:-
1 Clause No.-06 of NIT modified below:-

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | | Date & Time of opening of tender | | | |
|---|---|---|---|---|---|---|---|---|---|
| | | To | | | | Technical Bid | | Financial Bid | |
| 1 | 2 | 4 | | 5 | | 6 | | 7 | |
| | | Previously Fixed on | Presently Modified on | Previously Fixed on | Presently Modified on | Previously Fixed on | Presently Modified on | Previously Fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-25/23 | 01.09.2023 to 05.30 P.M. | 05.09.2023 to 05.30 P.M. | 01.09.2023 upto 02.00 P.M. | 05.09.2023 upto 2.00 P.M. | 02.09.2023 at 11.30 A.M. | 07.09.2023 at 11.30 A.M. | Will be intimated later | 12.09.2023 at 11.30 A.M. |

All other conditions of NIT remain unaltered.
OIPR-25129/11/0030/2324 Sd./- Chief Construction Engineer, Rural Works Circle, Kendrapara-Jajpur

OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
No. B-765 Email: eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SEDKL (R&B), 17/2023-24
Invitation for Bids

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Single Cover System in ONLINE MODE only, for Construction of Building Work & Electrical Work as detailed below. | | |
| 2. | Nature of Work | : | Civil (Building) Works |
| 3. | No. of Work | : | 01 No. |
| 4. | Bid Cost | : | Rs.6,000/- |
| 5. | Class of Contractor | : | 'C' & 'D' Class |
| 6. | Availability of Bid Documents in the website | : | From 10.00 A.M. of 28.08.2023 to 5.00 P.M. of 11.09.2023 |
| 7. | Date of Opening of Bid | : | Dt.12.09.2023 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division
OIPR-34016/11/0017/2324

Government of Odisha
Office of the Executive Engineer,
Rural Works Division-II, Nabarangpur, Umerkote
email:eerwukt@gmail.com & eerwukt@ymail.com
Letter No.2738 e-Procurement Notice Date:22.08.2023
No.O-760:1. Name of the Work: Road Works. 2. Total No. of Works: 3 (Three) Nos. 3. Approx. Estimated Cost: Varies from 53.13 Lakhs to 75.63 Lakhs. 4. Class of Contractor: "B" Class of Contractor. 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last date & time seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W.Division-II, Nabaranpur, Umerkote | Online Tender/02/RWD-UKT/2023-24 | 29.08.2023 at 11.00 A.M. | 11.09.2023 upto 5.00 PM | 08.09.2023 at 01.00 PM | 12.09.2023 at 11.00 A.M. | To be intimated separately |

Further details can be seen from the Government website www.tendersodisha.gov.in.
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25103/11/0004/2324

OFFICE OF THE CHIEF CONSTRUCTION ENGINEER No. O-763
RURAL WORKS CIRCLE, BARIPADA
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
"e"-Procurement Notice for Bridge Work | Identification No. Online Tender-Bridge N.C.B. No. 304 for 2023-24
Letter No. 4068/Date: 24.08.2023
1. Name of the work :- Bridge work under Biju Setu Yojana in the District of Mayurbhanj. 2. Total No. of works :- 02 Nos. (Two). 3. Estimated Cost :- Rs.410.41 lakhs to Rs.412.37 lakhs (approximately). 4. Eligible Class of Contractor :- As per annexure. 5. Period of Completion :- As per annexure.
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.,R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.304 | Dt.28.08.2023 at 11.00 A.M. | Dt.11.09.2023 up to 5.00 P.M. | Dt.08.09.2023 up to 5.00 P.M. | Dt.12.09.2023 at 11.00 A.M. | Will be intimated later |

• Further details can be seen from the website www.tendersorissa.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0030/2324 Sd./- Er.S.K. Rout, Chief Construction Engineer, R.W. Circle, Baripada

GOVERNMENT OF ODISHA
OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR
Letter No, Dated. Email i.d.: crew_bbsr@yahoo.com
"e" Procurement Notice for bridge works in Odisha
(Online-05 (Bridge) / 2023-24 dt. 23.08.2023)
No.O-775:1. Name of the work : Construction of bridge work. 2. Total No. of works : 19 (Nineteen) nos. 3.Estimated cost : Rs 1043.00 lakh to Rs 4488.00 lakh. 4.Class of contractor: A Class, Special Class & Super Class as applicable. 5. Period of completion : 15(Fifteen), 18 (Eighteen), 20 (Twenty) & 30 (Thirty) calendar months. (As mentioned in Clo. 7 of TCN Annexure.) 6. Other details :

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha,Bhubaneswar | Online-05 (Bridge)/ 2023-24 | 19 (Nineteen) Nos. | 29.08.2023 at 11.00 A.M. | 13.09.2023 upto 5.00 P.M. |

Other details can be seen in the bidding documents, which will be available in website www.tendersorissa.gov.in.
Sd./- Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25123/11/0022/2324

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-765
"e" Procurement Notice for Road Work
Identification No. Online Tender - Road NCB No. 28 for 2023-24
Letter No. 3636 Date: 21.08.2023
1. Name of the Work : Special Assistance to States Capital Investment (SACI)
2. Total No. of Work : 06 Nos. of Work.
3. Estimated Cost : From Rs.398.51 lakhs to Rs.620.70 lakhs (Approximately)
4. Eligible Class of Contractor : As per Annexure
5. Period of Completion : (As per Annexure)
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 28 | 28.08.2023 at 11.00 A.M. | 12.09.2023 upto 5.00 P.M. | 11.09.2023 upto 5.00 P.M. | 13.09.2023 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
OIPR-25105/11/0028/2324 Sd./- Chief Construction Engineer, R.W. Circle, Balasore

E-Mail Id.- se.hdc@rediffmail.com No.A-470:
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
HIRAKUD HEAD WORKS & ADDITIONAL SPILLWAY,BURLA
E-Procurement notice No.- HHW & ASC-01/2023-24

| | | | |
|---|---|---|---|
| 1 | Type of the work | : | Road Work as per DTCN |
| 2 | No. of works | : | 01 (One) No. |
| 3 | Class of contractor | : | "A" & "B " class |
| 4 | Bid identification No. | : | HHW & ASC-01/2023-24 |
| 5 | Estimated cost | : | Rs. 169.98 Lakhs (Approx.) (Excluding GST) |
| 6 | Period of completion | : | 11 (Eleven) Calendar Months |
| 7 | Date and time of availability of bid documents in the portal | : | Dt.28.08.2023 at 11.00 AM to Dt. 13.09.2023 up to 5.00 PM. |
| 8 | Last date/ time for receipt of bids in the portal | : | Dt.13.09.2023 upto 5.00PM. |
| 9 | Date of opening of Technical Bid (Cover-I) | : | Dt.14.09.2023 at 11.30 AM, O/o Additional Chief Engineer, Hirakud Head Works and Additional Spillway, Burla |
| 10 | Date of opening of Financial Bid (Cover-I I) | : | To be intimated later |
| 11 | Name and Address of the Officer inviting Bid | : | Additional Chief Engineer, Hirakud Head Works and Additional Spillway, Burla ,768017 Email Id: se.hdc@rediffmail.com |

Bid Identification no.- HHW & ASC-01/2023-24
1. Any addendum/corrigendum/ cancellation/ erratum of tender can also be seen in the said Website.
2. Further details can be seen from Government Website- http://tenderodisha.gov.in.
Sd/-
ADDITIONAL CHIEF ENGINEER,
HIRAKUD HEAD WORKS &
ADDITIONAL SPILLWAY, BURLA
OIPR-32494/11/0001/2324

Government of Odisha
Office of the Chief Construction Engineer
Rural Works Circle, Sambalpur
E-mail Id:serwcirclesbp@yahoo.com
Bid Identification No. Road tender Online RWCSBP-24 No:2163, Dated: 24.08.2023
No.O-756:The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 05 (Five) Nos. of Road work under CMRL & SACI.
1.Name of work : Road works under CMRL & SACI. 2. No. of works: 05 (Five) Nos. of Road Work Details as per DTCN. 3. Estimated cost: Approximately Cost Rs.224.83 lakhs to Rs.645.73 lakhs. 4.Class of Contractor : 'B', "A" and 'Special' Class. 5.Cost of tender paper and mode of deposit : Rs.10,000/- per set.( to be deposited On-line) in favour of concerned Superintending Engineer. 6.Mode of submission of tender : Tender should be submitted only Online in website www.tendersorissa.gov.in. (https//tendersodisha.gov.in). 7.EMD and mode of deposit : 1% of estimated cost of the work to be remitted online as mentioned in DTCN.
8. Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-24/2023-24 | 31.08.2023 at 11.00 A.M. | 14.09.2023 upto 5.00 P.M. | 12.09.2023 upto 5.00 P.M. | 15.09.2023 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in) * Subsequent modification/ corrigendum/Addendum if required shall appear in website only. * The amount put to bid is exclusive of GST. * Bidder should inspect the road before bidding and quote his rate accordingly.
Sd./- Chief Construction Engineer,
Rural Works Circle, Sambalpur
OIPR-25091/11/0038/2324

GOVERNMENT OF ODISHA No.O-770:
OFFICE OF THE EXECUTIVE ENGINEER
RURAL WORKS DIVISION, NIMAPARA
Mail Id:ee_nimapara@yahoo.co.in
No.Tender Online-Divn.NPR-05/2022-23 Date: 22.08.2023
e-Procurement Notice
1. Name of the Work : Building Work for the year 2022-23. 2. Total No. of Projects: 5 (Five) Nos. 3. Estimated Cost of Projects: Varies from Rs.80.34 lakh to Rs.88.65 lakh. 4. Class of Contractor: B Class (of Odisha PWD) or equivalent Class of other licensing authorities. 5. Time for completion: 06 Months.

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Nimapara | Tender Online-Divn. NPR-05/2023-24 | 28.08.2023 At 11.00 A.M. | 04.09.2023 upto 5.00 P.M. | 04.09.2023 upto 11.00 A.M. | 05.08.2023 at 11.00 A.M. Office of the S.E.R.W. Division, Nimapara | Will be intimated to the qualified Bidders through the Website later |

Further details can be seen from the website www.tendersorissa.gov.in.
Sd./- Superintending Engineer, Rural Works Division, Nimapara
OIPR-25099/11/0004/2324

# ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳକୁ ସ୍ୱର୍ଣ୍ଣ

**ବର୍ମିଂହାମ୍, ୨୬।୮ (ପି.ଟି.)**

ଭାରତୀୟ ଦୃଷ୍ଟି ବାଧିତ ମହିଳା କ୍ରିକେଟ ଦଳ ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରିଛି। ଭାରତ ପ୍ରଥମେ ଅଷ୍ଟ୍ରେଲିଆକୁ ନିର୍ଦ୍ଧାରିତ

## ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସ

୨୦ ଓଭରରେ ୧୧୪/୮ରେ ସୀମିତ କରିଦେଇଥିଲା। ମାତ୍ର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ୪୨ ରନର ବିଜୟ ଲକ୍ଷ୍ୟକୁ ୩.୩ ଓଭରରେ ୧ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ ୱାର୍ଲ୍ଡ ଗେମ୍ସ (ଆଇବିଏସ୍ଏ)ରେ ପ୍ରଥମ ଥର ଦୃଷ୍ଟିବାଧିତ କ୍ରିକେଟକୁ ସାମିଲ କରାଯାଇଛି। ୱାର୍ଲ୍ଡ ଗେମ୍ସର ଏହା ଥିଲା ପ୍ରଥମ ଫାଇନାଲ।


ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳ।

ଟୁର୍ନାମେଣ୍ଟରେ ଭାରତୀୟ ଦଳ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳି ଆସିଛି। ଅଗଷ୍ଟ ୨୦ରେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫୯/୬ରେ ସୀମିତ କରିଦେବା ପରେ ବିଜୟ ଲକ୍ଷ୍ୟକୁ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ପରେ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉକେଟ ବିନିମୟରେ ବିଶାଳ ୨୬୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗଙ୍ଗୱା ଏଚ୍ ଆକର୍ଷଣୀୟ ବ୍ୟାଟିଂ କରି ୬୦ ବଲ୍‌ରୁ ୧୧୭ ରନ କରିଥିଲେ। ଇଂଲଣ୍ଡ ଏହି ମ୍ୟାଚ ୧୮୫ ରନରେ ହାରିଯାଇଥିଲା। ଭାରତ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଗତ ବୁଧବାର ଅଷ୍ଟ୍ରେଲିଆକୁ ୧୬୩ ରନରେ ପରାସ୍ତ କରିଥିଲା।

# ଆହାନ ମିଶ୍ରଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୬।୮ (ସରୋଜ ଜେନା)**

ରାଜ୍ୟର ପ୍ରତିଭାବାନ ଟେନିସ୍ ଖେଳାଳି ଆହାନ ମିଶ୍ର ମେଣ୍ଢାଶାଳରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍‌ରେ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି। ଉଭୟ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଆହାନ ଟାଇଟଲ ହାସଲ କରିଛନ୍ତି। ବାଳକ ସିଙ୍ଗଲ୍ସ ଫାଇନାଲରେ ସେ ୬-୧ ଓ ୬-୦ରେ ଅଂଶୁମାନ ଆଚାର୍ଯ୍ୟଙ୍କୁ ପରାସ୍ତ କରିଛନ୍ତି। ସେହିପରି ବାଳକ ଡବଲ୍ସରେ ସେ ସ୍ୱୟମ୍ ସାହୁଙ୍କ ସହ ମିଶି ଟାଇଟଲ ହାସଲ କରିଥିଲେ। ଆହାନ-ସ୍ୱୟମ ଯୋଡି ଫାଇନାଲରେ ସୁତବ୍ୟ କୁମାର ଓ ଜଗତ ପତିଙ୍କୁ ୬-୩ ଓ ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ଓଡ଼ିଶା ଟେନିସ ଏକାଡେମୀରେ ପ୍ରଶିକ୍ଷିତ ଆହାନଙ୍କ ଖେଳ ଦିନକୁ ଦିନ ଉନ୍ନତ ହେବାରେ ଲାଗିଛି। ଆଗାମୀ ଦିନରେ ସେ ଆହୁରି ଉନ୍ନତି କରିବେ ବୋଲି କୋଚ୍ ସନ୍ତୋଷ କୁମାର ମଲିକ୍ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଜିଏସ୍‌ଟି ଡେପୁଟି କମିଶନର ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ



ଆହାନ ମିଶ୍ର

ଯୋଗ ଦେଇ ଚାମ୍ପିୟନ ଓ ରନର ଅପ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରେଫରି ଭାବରେ ସିଦ୍ଧାର୍ଥ ଦାସ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ବେଙ୍ଗାଲୁରୁରେ କ୍ୟାମ୍ପ କରିବ ନେଦରଲାଣ୍ଡ୍ସ


ଫେୟାର ବ୍ରି ତ୍ରିରାଷ୍ଟ୍ରୀୟ ସିରିଜ୍ ବିଜୟୀ ନେଦରଲାଣ୍ଡ୍ସ ଦଳ।

**ବେଙ୍ଗାଲୁରୁ, ୨୬।୮ (ପି.ଟି.)**

ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ନେଦରଲାଣ୍ଡ୍ସ। ଦଳ ଆଗୁଆ ଭାରତ ଗସ୍ତ କରିବା ସହିତ ଅଧିକରୁ ଅଧିକ ପରିମାଣରେ ଅଭ୍ୟାସ ମ୍ୟାଚ୍ ଖେଳିବା ଉପରେ ଗୁରୁତ୍ୱ ଦେଇଛନ୍ତି କୋଚ୍ ର୍ୟାନ୍ କୁକ୍। ସେପ୍ଟେମ୍ବର ଅଧାରୁ ତଥା ବିଶ୍ୱକପର ୧୫ ଦିନ ଆଗରୁ ଦଳ ଭାରତ ଗସ୍ତ କରି ଏଠାକାର ପରିବେଶ ସହିତ ଅଭ୍ୟସ୍ତ ହେବାକୁ ପ୍ରୟାସ କରିବ। ଏହା ସହିତ ଅଷ୍ଟ୍ରେଲିଅ ଓ ଭାରତ ପରି

## ଦିନିକିଆ ବିଶ୍ୱକପ୍

ଶକ୍ତିଶାଳୀ ଦଳକୁ ଅଭ୍ୟାସ ମ୍ୟାଚ୍‌ରେ ଭେଟିବାକୁ ଥିବା ବେଳେ ଏହା ଦଳର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବେଙ୍ଗାଲୁରୁରେ କ୍ୟାମ୍ପ ସମୟରେ ନେଦରଲାଣ୍ଡ୍ସ ଏକାଧିକ ସ୍ଥାନୀୟ ଦଳଙ୍କ ସହିତ ମ୍ୟାଚ୍ ଖେଳିବ ବୋଲି ଜଣାପଡିଛି। ଜୁଲାଇ ମାସରେ ନେଦରଲାଣ୍ଡ୍ସ ଦଳ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଭାରତରେ ଦଳ ୧୯୯୬ ଓ ୨୦୧୧ ସଂସ୍କରଣର ବିଶ୍ୱକପ ମ୍ୟାଚ୍ ଖେଳିଥିଲେ ମଧ୍ୟ ବିଶେଷ ସଫଳ ହୋଇନାହିଁ। ତେବେ ଭାରତରେ ଆଗୁଆ କ୍ୟାମ୍ପ କରିବା ଦଳ ପାଇଁ ଲାଭଦାୟକ ରହିବ ବୋଲି ଅଧିନାୟକ ସ୍କଟ୍ ଏଡୱାର୍ଡସ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଆମେ ପାକିସ୍ତାନ ଓ ଶ୍ରୀଲଙ୍କା ସହିତ ଦ୍ୱିପାକ୍ଷିକ ସିରିଜ୍ ଖେଳିଛୁ। ଏହା ଆମକୁ ବିଶ୍ୱକପରେ ସହାୟକ ହେବ ବୋଲି ଏଡୱାର୍ଡସ କହିଛନ୍ତି। ଶନିବାର ଥାଇଲାଣ୍ଡ ଓ ସ୍କଟଲାଣ୍ଡକୁ ନେଇ ଖେଳା ଯାଇଥିବା ଫେୟାର ବ୍ରି ତ୍ରିରାଷ୍ଟ୍ରୀୟ ସିରିଜ୍ ବିଜୟୀ ହେବା ପରେ ଏଡୱାର୍ଡସ୍ ଏହା ପ୍ରକାଶ କରିଥିଲେ।

# ଏସିଆନ ଗେମ୍ସ କ୍ୟାମ୍ପରେ ପ୍ରଜ୍ଞାନନ୍ଦ, ଗୁକେଶ

**କୋଲକାତା, ୨୬।୮ (ପି.ଟି.)**

ଏସିଆନ ଗେମ୍ସରେ ଭାଗ ନେବାକୁଥିବା ଭାରତୀୟ ଚେସ୍ ଦଳ ପାଇଁ କୋଲକାତାରେ ଅଗଷ୍ଟ ୩୦ରୁ ଏକ ୪ଦିନିଆ କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିରେ ବିଶ୍ୱକପ୍ ରୌପ୍ୟ ବିଜେତା ଗ୍ରାଣ୍ଡମାଷ୍ଟର ରମେଶବାବୁ ପ୍ରଜ୍ଞାନନ୍ଦ ଏବଂ ଅନ୍ୟ ୩ଜଣ କ୍ୱାର୍ଟରଫାଇନାଲିଷ୍ଟ ରହିଛନ୍ତି। ହାଙ୍ଗଝୋ ଗସ୍ତ କରିବାକୁ ଥିବା ପୁରୁଷ ଦଳରେ ଗ୍ରାଣ୍ଡମାଷ୍ଟର ଭିଦିତ ଗୁଜରାଠୀ, ଅର୍ଜୁନ ଏରିଗିଆସି, ଆର୍. ଗୁକେଶ ଏବଂ ଭେଟେରାନ ପେଣ୍ଟାଲା ହରେକ୍ରିଷ୍ଣା ପ୍ରମୁଖ ସ୍ଥାନ ପାଇଛନ୍ତି। କିମ୍ବଦନ୍ତୀ ଗ୍ରାଣ୍ଡମାଷ୍ଟର ବୋରିସ ଗେଲ୍‌ଫାଣ୍ଡ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଶ୍ରୀନାଥ ନାରାୟଣନ କୋଚ୍ ଏବଂ ବୈଭବ ସୁରି ଓ ଅର୍ଜୁନ କଲ୍ୟାଣ ସହକାରୀ କୋଚ୍ ରହିଛନ୍ତି। ବର୍ତ୍ତମାନ ଚାଲିଥିବା ମହିଳା କୋଚିଂ କ୍ୟାମ୍ପ ମଙ୍ଗଳବାର ଶେଷ ହେବ। ଏଥିରେ କୋନେରୁ ହମ୍ପି, ହାରିକା ଦ୍ରୋଣାଭାଲି, ବୈଶାଳୀ ରମେଶବାବୁ, ଭାନ୍ତିକା ଅଗ୍ରୱାଲ ଓ ସବିତା ଶ୍ରୀ. ବି ପ୍ରମୁଖ ଯୋଗ ଦେଇଛନ୍ତି। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ଏଠାରେ ଟାଟା ଷ୍ଟିଲ୍ ଇଣ୍ଡିଆ ରାପିଡ୍ ଓ ବ୍ଲିଜ୍ ଟୁର୍ନାମେଣ୍ଟର ୫ମ ସଂସ୍କରଣ ହେବାକୁ ଥିବାବେଳେ ସେ ସମୟରେ କ୍ୟାମ୍ପ ଅନୁଷ୍ଠିତ ହେବ। ଏସିଆନ ଗେମ୍ସରେ ଭାଗ ନେବାକୁ ଥିବା ଭାରତୀୟ ଦଳର ସମସ୍ତ ସଦସ୍ୟ ଏଥିରେ ଭାଗ ନେବେ। ପୂର୍ବତନ ବିଶ୍ୱ ବ୍ଲିଜ୍ ଚାମ୍ପିୟନ ମାକ୍ସିମ ଭାଚିର ଲାଗ୍ରେଭ୍ ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ୱେନ୍‌ଜୁନ୍ ଜୁ ଏଥିରେ ଭାଗ ନେବେ।

# ଗ୍ରାଁ. ପ୍ରି. ବ୍ୟାଡ୍‌ମିଣ୍ଟନ ଲିଗ୍ ସିଜନ-୨ ସ୍ଥଗିତ

**ବେଙ୍ଗାଲୁରୁ, ୨୬।୮ (ପି.ଟି.)**

ଗ୍ରାଁ. ପ୍ରି. ବ୍ୟାଡ୍‌ମିଣ୍ଟନ ଲିଗ୍ (ଜିପିବିଏଲ୍)ରୁ ବହୁ ଖେଳାଳି ଓହରିଯିବାରୁ ରବିବାରଠାରୁ ଆରମ୍ଭ ହେବାକୁଥିବା ଏହି ପ୍ରତିଯୋଗିତାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଛି। ଲିଗ୍ କମିଶନର ପ୍ରଶାନ୍ତ ରେଡ୍ଡୀ ଶନିବାର ଏ ବିଷୟରେ ସୂଚନା ଦେଇଛନ୍ତି। ଲିଗ୍‌ର ଆୟୋଜନ ପାଇଁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଆବଶ୍ୟକ ଅନୁମତି ପ୍ରଦାନ କରି ନ ଥିଲା। 'ବାଇ'କୁ ବୁଝାଇବା ଲାଗି ଆମର ସମସ୍ତ ପ୍ରୟାସ ବିଫଳ ହୋଇଥିଲା। ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ ହେବ। ଜିପିବିଏଲ୍ ଏକ ବଡ଼ ଆକାରରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରେଡ୍ଡୀ ପ୍ରକାଶ କରିଛନ୍ତି। ଶୁକ୍ରବାର କର୍ନାଟକ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ୍ ଜିପିବିଏଲ୍ ଆୟୋଜନ ସପକ୍ଷରେ ରାୟ ଦେଇଥିଲେ। ମାତ୍ର 'ବାଇ' ଶୁକ୍ରବାର ବିଳମ୍ବିତ ରାତିରେ ଅଗଷ୍ଟ ୨୨ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଆଧାରରେ ଏକ ସର୍କୁଲାର ଜାରି କରିଥିଲା। ଖେଳାଳି, କୋଚିଂ ଓ ଟେକ୍‌ନିକାଲ ଷ୍ଟାଫ୍ କୌଣସି ଅଣସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟ କିମ୍ବା ଲିଗ୍‌ରେ ଭାଗ ନେଇପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। କର୍ନାଟକ ହାଇକୋର୍ଟ ପିଟିଶନଟିର ଉଚିତ ବିଚାର କରି ନାହାନ୍ତି। ମାମଲାର ଚୂଡ଼ାନ୍ତ ଶୁଣାଣି ସେପ୍ଟେମ୍ବର ୧୨କୁ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ୧୨ ରାୟ ଯଦି ଜିପିବିଏଲ୍ ଏବଂ ଏହାର ଆୟୋଜକଙ୍କ ବିପକ୍ଷରେ ଯାଏ ତେବେ ଖେଳାଳି ଓ ଅନ୍ୟ ଷ୍ଟାଫ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଟୁର୍ନାମେଣ୍ଟରେ ମିଥୁନ ମଞ୍ଜୁନାଥ ଓ ବି. ସାଇ ପ୍ରଣିଥଙ୍କ ସମେତ ଦେଶର କେତେଜଣ ଟପ୍ ଖେଳାଳି ଅଂଶଗ୍ରହଣ କରିଥାନ୍ତେ। ଅଗଷ୍ଟ ୫ରେ ହୋଇଥିବା ଖେଳାଳି ନିଲାମିରେ ମିଥୁନଙ୍କୁ ଚେନ୍ନାଇ ସୁପରଷ୍ଟାର୍ଜ ୧୪.୫ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ପ୍ରଣିଥଙ୍କୁ ନର୍ଥଇଷ୍ଟ ରାଇନୋଜ୍ ୧୦ଲକ୍ଷ ଟଙ୍କାରେ ନେଇଥିଲା।







# ଅମନ, ଆକାଶଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା

**ପଟିଆଲା, ୨୬।୮ (ପି.ଟି.):** ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସ ପଟିଆଲାରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ଗ୍ରୀକୋ ରୋମାନ ଫର୍ମାଟରେ ସମୁଦାୟ ୨୦ ଜଣ ଖେଳାଳି ଯୋଗ୍ୟତା ଅର୍ଜନ କରିଥିଲେ। ଦ୍ୱିତୀୟ ଦିନରେ ଅଲିମ୍ପିକ୍ସ ପଦକ ବିଜେତା ଦୀପକ ପୁନିଆ ଓ ବଜରଙ୍ଗ ପୁନିଆ ଟ୍ରାଏଲ୍ସରେ ଯୋଗ ଦେଇ ନ ଥିବା ବେଳେ ଅମନ ଶେରାୱତ ଓ ଆକାଶ ଦହିୟା ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୭ କିଗ୍ରା ବର୍ଗରେ

## ରେସ୍‌ଲିଂ ଟ୍ରାଏଲ୍ସ

ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମନ ଫାଇନାଲରେ ଆକାଶ ତୋଡକରଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୬୧ କିଗ୍ରା ଫାଇନାଲରେ ଆକାଶ ନୀରଜ କୁମାରଙ୍କୁ ପରାସ୍ତ କରିଛନ୍ତି। ୬୫ କିଗ୍ରା ଓଜନ ବର୍ଗରୁ ବଜରଙ୍ଗ ପୁନିଆ ଓହରି ଯାଇଥିବା ବେଳେ ଅନୁଜ କୁମାର ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ବଜରଙ୍ଗ ନୁହନ୍ତି ବରଂ ଯନ୍ତର ମନ୍ତରରେ ଧାରଣାରେ ବସିଥିବା ଜିତେନ୍ଦର କିନ୍‌ହା, ସାକ୍ଷୀ ମଲିକଙ୍କ ସ୍ୱାମୀ ସତ୍ୟବ୍ରତ କାଡିୟାନ୍ ମଧ୍ୟ ଏହି ଟ୍ରାଏଲ୍ସରେ ଭାଗ ନେଉନାହାନ୍ତି।

ଅନ୍ୟପକ୍ଷରେ ଏସିଆନ୍ ଗେମ୍ସ ଟ୍ରାଏଲ୍ସ ବିଜେତା ବିଶାଳ କାଳୀରମଣଙ୍କୁ ଶକ୍ତ ଧକ୍କା ଲାଗିଛି। ଏସିଆନ୍ ଟ୍ରାଏଲ୍ସ ବିଜୟୀ ହୋଇଥିବା



୫୭ କିଗ୍ରା ଓଜନ ବର୍ଗରେ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ଅର୍ଜନ କରିଥିବା ଅମନ ଶେରାୱତ (ମଝି)।

ବେଳେ ବଜରଙ୍ଗଙ୍କୁ ଚୟନ କରାଯାଇ ତାଙ୍କୁ ସବ୍‌ଷ୍ଟିଚ୍ୟୁଟ ଭାବରେ ରଖାଯାଇଥିଲା। ବର୍ତ୍ତମାନ ଅନୁଜଙ୍କଠାରୁ ପରାଜିତ ହୋଇ ବିଶାଳଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣ ଉପରେ ମଧ୍ୟ ଆଶଙ୍କା ଦେଖାଦେଇଛି। ୭୦ କିଗ୍ରା ଓଜନ ବର୍ଗରେ ମୁଲାୟମ ଯାଦବ ବିଶ୍ୱ ଚାମ୍ପିୟନଶିପ୍ ଟିକେଟ ହାସଲ କରିଥିବା ବେଳେ ୭୪ କିଗ୍ରା ଇଭେଣ୍ଟରେ ନବୀନ ଯୋଗ୍ୟତା ହାସଲ କରିଛନ୍ତି। ୭୯ କିଗ୍ରା ଇଭେଣ୍ଟରେ ରୋହିତ ଗୁଲିୟାଙ୍କୁ ପରାସ୍ତ କରି ସଚିନ ମୋରେ ଯୋଗ୍ୟତା ହାସଲ କରିଛନ୍ତି। ୮୬ କିଗ୍ରା ବର୍ଗରେ ଦୀପକଙ୍କ ଅନୁପସ୍ଥିତିରେ ସନ୍ଦୀପ ସିଂ, ୯୨ କିଗ୍ରା ବର୍ଗରେ ପୃଥ୍ୱୀରାଜ ପାଟିଲ ଓ ୯୭ କିଗ୍ରା ବର୍ଗରେ ସାହିଲ ବିଜୟୀ ହୋଇଛନ୍ତି। ୧୨୫ କିଗ୍ରା ଓଜନ ବର୍ଗରେ ସୁମିତ ମଲିକ ବିଜୟୀ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ସର୍ବିୟାର ବେଲଗ୍ରେଡରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜିତ ହେବ। ଭାରତୀୟ ରେସ୍‌ଲିଂ ମହାସଂଘ ଉପରେ ବ୍ୟାନ ଲାଗିଥିବାରୁ ଭାରତୀୟ ଖେଳାଳିମାନେ ନ୍ୟୁଟ୍ରାଲ ଖେଳାଳି ଭାବେ ଅଂଶଗ୍ରହଣ କରିବେ। ବିଦେଶରେ ପ୍ରଶିକ୍ଷଣ ନେବା ପାଇଁ ଦୁଇ ଅଲିମ୍ପିଆନ୍ ବଜରଙ୍ଗ ପୁନିଆ ଓ ଦୀପକ ପୁନିଆ ଟ୍ରାଏଲ୍ସରୁ ଓହରି ଯାଇଛନ୍ତି। ବଜରଙ୍ଗ ଏସିଆନ ଗେମ୍ସ ପ୍ରସ୍ତୁତି ପାଇଁ ଓହରିଥିବା ବେଳେ ସେ କିର୍ଗିଜସ୍ତାନରେ ଅଭ୍ୟାସ କରିବେ। ଅନ୍ୟପକ୍ଷରେ ଦୀପକ ରୁଷିଆରେ ଅଭ୍ୟାସ କରୁଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ